

## ନୋବେଲ୍ ମାଗୁଛନ୍ତି ଟ୍ରମ୍ପ

ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

## ମନଇଚ୍ଛା ଫି' ବୃଦ୍ଧି ଉପରେ ଅଙ୍କୁଶ

ଭୁବନେଶ୍ୱର, ୮।୧୦ (ସଂଚାର ବ୍ୟୁରୋ)ଃ ରାଜ୍ୟର ଘରୋଇ ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ ଓ ମେଡିକାଲ କଲେଜଗୁଡ଼ିକରେ ବେଲଗାମ ଫି' ଆଦାୟ ଓ ମନଇଚ୍ଛା ଫି' ବୃଦ୍ଧି ଉପରେ ଶେଷରେ ଲଗାମ ଲଗାଇଛନ୍ତି ରାଜ୍ୟ ସରକାର। ଇଞ୍ଜିନିୟରିରୁ ମେଡିକାଲ ଓ ପ୍ରଫେସନାଲ ଶିକ୍ଷା ବ୍ୟବସ୍ଥାକୁ ସ୍ୱଚ୍ଛ, ନିୟନ୍ତ୍ରିତ ଓ ସୁବିଧାଜନକ କରିବା ସହ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଆର୍ଥିକ ଶୋଷଣରୁ ମୁକ୍ତି ଦେବା ପାଇଁ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ୨୦୨୬-୨୭ରୁ ୨୦୨୮-୨୯ ଶିକ୍ଷା ବର୍ଷ ମଧ୍ୟରେ ଡିପ୍ଲୋମା, ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ, ଫାର୍ମାସୀ ଓ ମେଡିକାଲ ପାଠ୍ୟକ୍ରମରେ ରାଜ୍ୟର ଘରୋଇ କଲେଜଗୁଡ଼ିକରେ ନାମ ଲେଖାଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ସେମାନଙ୍କ ଶିକ୍ଷା ସମାପ୍ତ ହେବା ପର୍ଯ୍ୟନ୍ତ ଏହି ଦେୟ ଅପରିବର୍ତ୍ତିତ ରହିବ। କେବଳ ପାଠ୍ୟକ୍ରମ ବାବଦ ଫି' ନୁହେଁ, ଇଚ୍ଛାଧୀନ ଖର୍ଚ୍ଚ ତାଲିକା ଉପରେ ମଧ୍ୟ ଅଙ୍କୁଶ ଲାଗିଛି।

Vol. 34 | ISSUE 198 ଭାଗ ୩୪ | ସଂଖ୍ୟା ୧୯୮
Friday 9 October 2026 | Page 8 Rs. 5.00
ଭୁବନେଶ୍ୱର ଶୁକ୍ରବାର, ୯ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

# ଆଉ ନାହାନ୍ତି ନାନା



- ସ୍ୱତନ୍ତ୍ର ଡାଇଲଗ୍ ଡେଲିଭରି ପାଇଁ ଥିଲେ ଅନନ୍ୟ
- ହିନ୍ଦୀ ଓ ମରାଠୀ ଫିଲ୍ମ ଜଗତର ବଡ଼ କ୍ଷତି

ମୁମ୍ବାଇ,୮।୧୦ଃ ଏକ ଅଭାବନୀୟ ଘଟଣାକ୍ରମରେ ଆଜି ଭେଟେରାନ୍ ଅଭିନେତା ନାନା ପାଟେକରଙ୍କର ୭୫ ବର୍ଷ ବୟସରେ ପରଲୋକ ଘଟିଛି। ଗୁରୁବାର ଭୋର ସମୟରେ ଗୋଆସ୍ଥିତ ତାଙ୍କ ବାସଭବନରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ଗୋଆର ଡୋନା ପାଉଲାସ୍ଥିତ ଘରେ ନାନା ପାଟେକରଙ୍କୁ ଅଚେତ ଅବସ୍ଥାରେ ପାଇଥିଲେ ପରିବାର ଲୋକେ। ତାଙ୍କୁ ତୁରନ୍ତ ହସ୍ପିଟାଲ୍ ନିଆଯାଇଥିବା ବେଳେ ଡାକ୍ତରମାନେ ପ୍ରାୟ ୪୫ ମିନିଟ୍ ଧରି ସିପିଆର୍ ଦେଇ ତାଙ୍କ ଜୀବନ ରକ୍ଷା କରିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଶେଷରେ ସବୁ ଚେଷ୍ଟା ବ୍ୟର୍ଥ ଯାଇଥିଲା। ନାନା ପାଟେକରଙ୍କ ପୁଅ ମଲହାର ପାଟେକର ମଧ୍ୟ ତାଙ୍କ ପିତାଙ୍କ ମୃତ୍ୟୁ ଖବରକୁ ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଯେ ନାନାଙ୍କ ମୃତ୍ୟୁ ପ୍ରାକୃତିକ କାରଣରୁ ହୋଇଛି।

୧୯୭୮ରେ 'ଗମନ' ଚଳଚ୍ଚିତ୍ରରୁ ଅଭିନୟ ଜୀବନ ଆରମ୍ଭ କରିଥିବା ନାନା ପାଟେକର ପରବର୍ତ୍ତୀ ସମୟରେ ନିଜର ନିଆରା ଅଭିନୟ ଶୈଳୀ ଓ ସ୍ୱତନ୍ତ୍ର ଡାଇଲଗ୍ ଡେଲିଭରି ପାଇଁ ଘରେ ଘରେ ପରିଚିତ ହୋଇଥିଲେ। 'ଅଙ୍କୁଶ', 'ପରିନ୍ଦା', 'ପ୍ରହାର', 'ତିରଙ୍ଗା', 'କ୍ରାନ୍ତିବୀର', 'ଖାମୋଶୀ', 'ୟଶୱନ୍ତ' ଓ 'ୱେଲକମ୍' ଭଳି ଅନେକ ଚଳଚ୍ଚିତ୍ରରେ ତାଙ୍କ ଅଭିନୟ ଦର୍ଶକଙ୍କ ମନରେ ଗଭୀର ଛାପ ଛାଡ଼ିଥିଲା। ଗମ୍ଭୀର ଚରିତ୍ରଠାରୁ ଆରମ୍ଭ କରି ଖଳନାୟକ ଓ କମେଡି ପ୍ରାୟ ସବୁ ଭୂମିକାରେ ସେ ନିଜର ଅନନ୍ୟ ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ଅଭିନୟରେ ଥିବା ତୀବ୍ରତା ଓ ସଂଳାପ ପରିବେଷଣର ଅନନ୍ୟ ଶୈଳୀ ତାଙ୍କୁ ଅନ୍ୟ ଅଭିନେତାଙ୍କଠାରୁ ଭିନ୍ନ କରିଥିଲା। ହିନ୍ଦୀ ସହ ମରାଠୀ ସିନେମାରେ ମଧ୍ୟ ନାନା ନିଜର ଦକ୍ଷତାର ଛାପ ଛାଡ଼ିଥିଲେ। ଜାତୀୟ ପୁରସ୍କାର ସହ ଅନେକ ସମ୍ମାନରେ ସମ୍ମାନିତ ହୋଇଥିବା ଏହି କଳାକାରଙ୍କୁ ପଦ୍ମଶ୍ରୀ ମଧ୍ୟ ପ୍ରଦାନ କରାଯାଇଥିଲା। ବୟସ ବଢ଼ିଥିଲେ ମଧ୍ୟ ଅଭିନୟ ପ୍ରତି ତାଙ୍କ ଭଲପାଇବା କମିନଥିଲା। ➪ପୃଷ୍ଠା-୬

## ସାମାଜିକ କ୍ଷେତ୍ରର ସମସ୍ୟା ସମାଧାନ ପାଇଁ 'ପ୍ରୟାସ'

# ଶିକ୍ଷା, ସ୍ୱାସ୍ଥ୍ୟ ଓ ଶିଶୁ କଲ୍ୟାଣ ଜରିଆରେ ବିକାଶ ଲକ୍ଷ୍ୟ

- ତୃଣମୂଳ ସ୍ତରରେ ସମସ୍ୟା ଚିହ୍ନଟ କରି ସମାଧାନ ଉପରେ ଗୁରୁତ୍ୱ
- 'ସୁପୋଷିତ ଓଡ଼ିଶା' ଗଠନ ପାଇଁ ଅଭିଯାନ ଜୋରଦାର କରିବାକୁ ନିର୍ଦ୍ଦେଶ
- ପ୍ରାଥମିକ ସ୍ତରରୁ ହିଁ ଶିକ୍ଷାର ମାନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ)ଃ ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟର ସାମାଜିକ କ୍ଷେତ୍ରର ସମସ୍ୟା ସମାଧାନ ଓ ଉନ୍ନତି ନିମନ୍ତେ ଏକ ଉଚ୍ଚସ୍ତରୀୟ 'ପ୍ରୟାସ' (ପ୍ରୋଆକ୍ଟିଭ ଗଭର୍ଣ୍ଣାନ୍ସ ଆଟେମ୍ପେଟ ଫର ୟିଲ୍ଡିଂ ରେଜଲ୍ଟସ ଆଣ୍ଡ ଆଡଭାନ୍ସିଂ ସୋସିଆଲ ସେକ୍ଟର) ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସାମାଜିକ କ୍ଷେତ୍ରର ବିଭିନ୍ନ ଜଟିଳ ସମସ୍ୟାଗୁଡ଼ିକୁ ତୃଣମୂଳ ସ୍ତରରେ ଅନୁଧ୍ୟାନ କରି ସେଗୁଡ଼ିକର ସ୍ଥାୟୀ ତଥା ତ୍ୱରିତ ସମାଧାନ ପାଇଁ ଏକ ସୁଦୃଢ଼ ଓ ଗଠନମୂଳକ ପ୍ଲାଟଫର୍ମର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ମୁଖ୍ୟତଃ ୩ଟି ପ୍ରମୁଖ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକାରିତାକୁ ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଓ ଗୁଣାତ୍ମକ ଶିକ୍ଷା- ଏହି ୩ଟି କ୍ଷେତ୍ର ମାଧ୍ୟମରେ ହିଁ ଏକ ମଜବୁତ ସମାଜ ଗଠନ ହୋଇପାରିବ ବୋଲି ମତ ବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗଗୁଡ଼ିକୁ ଅଧିକ ତତ୍ପର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ସହ ଜଡ଼ିତ ଏହି କ୍ଷେତ୍ରଗୁଡ଼ିକର କାର୍ଯ୍ୟଦକ୍ଷତାକୁ ଆହୁରି ଉନ୍ନତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

ବୈଠକରେ ମାତୃ ମୃତ୍ୟୁ ହାରକୁ ସର୍ବନିମ୍ନ ସ୍ତରକୁ ଆଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଦୃଢ଼ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ଶିଶୁ ମୃତ୍ୟୁ ହାର ତଥା ନବଜାତ ଶିଶୁ ମୃତ୍ୟୁ ହାର କମାଇବାର ଲକ୍ଷ୍ୟକୁ ଏକ ଅଭିଯାନ ସ୍ୱରୂପ ଗ୍ରହଣ କରି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦେଇଛନ୍ତି। ବିଶେଷକରି ପ୍ରସୂତି ଓ ନବଜାତ ଶିଶୁମାନଙ୍କୁ ଗ୍ରାମାଞ୍ଚଳ ତଥା ଦୂରଦୂରାନ୍ତ ଅଞ୍ଚଳରେ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇବା, ସ୍ୱାସ୍ଥ୍ୟକର୍ମୀଙ୍କ ଦାୟିତ୍ୱବୋଧ ବୃଦ୍ଧି କରିବା ଓ ମେଡିକାଲଗୁଡ଼ିକରେ ଜରୁରୀକାଳୀନ ସେବାକୁ ଅଧିକ ସୁଦୃଢ଼ ➪ପୃଷ୍ଠା-୬

## ସାହିତ୍ୟରେ କାର୍ସନଙ୍କୁ ନୋବେଲ୍



ଷ୍ଟକହୋମ୍,୮।୧୦ଃ ସାହିତ୍ୟ ଲାଗି ୨୦୨୬ର ନୋବେଲ ପୁରସ୍କାର ପାଇବାକୁ କାନାଡ଼ା ଲେଖିକା ଆନ୍ କାର୍ସନଙ୍କ ନାମ ଘୋଷଣା କରାଯାଇଛି। ତାଙ୍କୁ ତାଙ୍କର 'ଶାସ୍ତ୍ରୀୟ ପରମ୍ପରା ସହ ସୃଜନଶୀଳ ଆଲୋଚନାରେ ସାମିଲ ହେବା ସହିତ ସମସାମୟିକ ସାହିତ୍ୟ ପାଇଁ ନୂତନ ରୂପ ଗଢ଼ିବାରେ ତାଙ୍କର ସାହସୀ ଏବଂ କଳ୍ପନାଶୀଳ ସାହିତ୍ୟିକ ଲେଖନୀ' ଲାଗି ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ନୋବେଲ କମିଟି ଅନୁଯାୟୀ, ସାହସିକ ଶୈଳୀ ଓ ଅଭିନବ ପରୀକ୍ଷଣ ପାଇଁ କାର୍ସନଙ୍କ ସାହିତ୍ୟ ସ୍ୱତନ୍ତ୍ର। ସେ ଶାସ୍ତ୍ରୀୟ ସାହିତ୍ୟିକ ପରମ୍ପରାକୁ ଆଧୁନିକ ଲେଖା ସହ ମିଶ୍ରଣ କରି ସାହିତ୍ୟ ପ୍ରକାଶନର ନୂତନ ରୂପ ଓ ଧାରାକୁ ବିକଶିତ କରିଛନ୍ତି। କାର୍ସନ କାନାଡାର ପ୍ରମୁଖ ସମସାମୟିକ ଲେଖିକାଙ୍କ ମଧ୍ୟରୁ ଅନ୍ୟତମ। ତାଙ୍କ ରଚନାରେ କବିତା, ଅନୁବାଦ, ଶାସ୍ତ୍ରୀୟ ➪ପୃଷ୍ଠା-୬

# ଓଡ଼ିଶା ବନ୍ଦ୍ ଶାନ୍ତିପୂର୍ଣ୍ଣ

- ସାଧାରଣ ଜୀବନଯାତ୍ରା ପ୍ରଭାବିତ
- କିଛି ସ୍ଥାନରେ ଯାତ୍ରୀ-ବିକ୍ଷୋଭକାରୀ ଉତ୍ତେଜନା
- ଫୁଲ ଦେଇ ବନ୍ଦକୁ ସମର୍ଥନ ଅପିଲ୍
- ଅପରାହ୍ନ ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପ ବନ୍ଦ
- ଅଟୋ ଚଳାଚଳ ପ୍ରଭାବିତ



ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ)ଃ ସକାଳ ୭ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ରାଜଧାନୀ ସମେତ ବିଭିନ୍ନ ସ୍ଥାନରେ ବନ୍ଦର ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। କାଁଭାଁ ଉତ୍ତେଜନା ସହ ବନ୍ଦ ସାରା ରାଜ୍ୟରେ ଶାନ୍ତିପୂର୍ଣ୍ଣ ଭାବେ ପାଳିତ ହୋଇଛି। ରାଜଧାନୀ ଭୁବନେଶ୍ୱରରୁ ଆରମ୍ଭ କରି କଟକ ପର୍ଯ୍ୟନ୍ତ ରାସ୍ତାରେ ଦେଖିବାକୁ ମିଳିଛି ବନ୍ଦ୍‌ର କିଛି କିଛି ପ୍ରଭାବ। ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ରେଳ ଷ୍ଟେସନରେ କଂଗ୍ରେସ ଓ ଇଣ୍ଡି ମେଣ୍ଟର କର୍ମୀ ବିକ୍ଷୋଭ ସହ ପିକେଟିଂ କରିଥିଲେ। ଫାୟାର ଷ୍ଟେସନ୍ ଛକରେ ଗାଡ଼ି ଅଟକାଇ ପ୍ରତିବାଦ କରିଛନ୍ତି ଆନ୍ଦୋଳନକାରୀ। ଫାୟାର ଷ୍ଟେସନ୍ ଛକରୁ ବରମୁଣ୍ଡା ଦିଗକୁ ଗାଡ଼ି ଅଟକି ରହିଥିବାରୁ ଯାତାୟାତ ପ୍ରଭାବିତ ହୋଇଥିଲା।

ବରମୁଣ୍ଡା ବସଷ୍ଟାଣ୍ଡରୁ ବସ୍ ଚଳାଚଳ ସ୍ୱାଭାବିକ ଥିଲା। ଯାତ୍ରୀଙ୍କୁ ନେଇ ବସ୍‌ଗୁଡ଼ିକ ବାହାରିଥିଲେ। ହେଲେ ଫାୟାର ଷ୍ଟେସନ୍ ଛକରେ ପହଞ୍ଚିବା ପରେ ଅଟକିଥିଲା ଯାତ୍ରୀବାହୀ ବସ୍। ଫଳରେ ➪ପୃଷ୍ଠା-୬

**କୁଚିଣ୍ଡାରେ 'ନୂଆଁଖାଇ ଭେଟଘାଟ'ରେ ସାଂସଦ**

## ନୂଆଁଖାଇ ଆତ୍ମୀୟତା ଓ ଏକତାର ପ୍ରତୀକ



କୁଚିଣ୍ଡା,୮।୧୦(ସଂଚାର ବ୍ୟୁରୋ)ଃ ନୂଆଁଖାଇ ଆତ୍ମୀୟତା, ପରମ୍ପରା ଓ ଏକତାର ପ୍ରତୀକ ବୋଲି ଗୁରୁବାର ସମ୍ବଲପୁର କୁଚିଣ୍ଡାରେ ଆୟୋଜିତ 'ନୂଆଁଖାଇ ଭେଟଘାଟ-୨୦୨୬' ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। କଳା ପରିଷଦ, କୁଚିଣ୍ଡା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ନୂଆଁଖାଇ ଭେଟଘାଟ ପର୍ବର ପବିତ୍ରତା, ଭାଇଚାରା ଓ ଆତ୍ମୀୟତାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। କୁଚିଣ୍ଡାର ସାଂସ୍କୃତିକ ଐତିହ୍ୟକୁ ପ୍ରଶଂସା କରି କହିଥିଲେ ଯେ କୁଚିଣ୍ଡା ଓଡ଼ିଶାର ଏକ ପ୍ରମୁଖ ସାଂସ୍କୃତିକ କେନ୍ଦ୍ର। ଆଜିକୁ ପ୍ରାୟ ୭୦ ବର୍ଷ ପୂର୍ବେ ୧୯୫୫ରେ କୁଚିଣ୍ଡା କଳା ପରିଷଦ ଗଠନ ହୋଇଥିଲା। ଏହା ଅଞ୍ଚଳର କଳା, ସାହିତ୍ୟ ଓ ସଂସ୍କୃତି ପ୍ରତି ଥିବା ଗଭୀର ନିଷ୍ଠାର ଏକ ଜ୍ୱଳନ୍ତ ପ୍ରମାଣ। ସେ ଆହୁରି ମଧ୍ୟ ସ୍ମରଣ କରାଇଥିଲେ ଯେ ସ୍ୱାଧୀନତା ଆନ୍ଦୋଳନ, ଓଡ଼ିଶା ଗଠନ ଓ ଓଡ଼ିଆ ଭାଷା ➪ପୃଷ୍ଠା-୬



## କାନ ଡେରିଥା

ଆଶ୍ୱିନ ମାସରେ ପିତୃପକ୍ଷ ଶ୍ରାଦ୍ଧ
ଶ୍ରଦ୍ଧା ମଧ୍ୟେ ଶ୍ରାଦ୍ଧ ଦାନ
ଶ୍ରଦ୍ଧା ସୁମନରେ ପିତାଙ୍କୁ ପୂଜିଲେ
ତୋଷିବ ପିତାଙ୍କ ମନ
ପୂର୍ବ ଘଟଣା ବି ଜାଣ...
ବୃଦ୍ଧାଶ୍ରମେ ନେଇ ଛାଡ଼ିଥିବା ପୁଅ
ମାନିବ ଏହି ନିୟମ
ମଲା ପିଣ୍ଡେ ଦେବ ପ୍ରାଣ ।

*ଦେବାଶିଷ*

# ପୁଣି ଆନ୍ତର୍ଜାତିକ ମଞ୍ଚରେ ପାଣ୍ଡିଆନ୍



- ହାର୍ଭାର୍ଡ କେନେଡି ସ୍କୁଲରେ ଭିକେ
- ରାଜ୍ୟ ଶାସନ ଓ ବିପର୍ଯ୍ୟୟ ପରିଚାଳନା ମଡେଲ ନେଇ ଆଲୋଚନା

ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ)ଃ ହାର୍ଭାର୍ଡ କେନେଡି ସ୍କୁଲରେ ଗତ ମଙ୍ଗଳବାର ପୂର୍ବତନ ଓଡ଼ିଶା କ୍ୟାଡର୍ ଆଇଏଏସ ଅଧିକାରୀ ଭିକେ ପାଣ୍ଡିଆନ ଏକ ଘଣ୍ଟା ଧରି ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି। ପ୍ରଫେସର ଜେଫ୍ରି ଲିବ୍‌ମ୍ୟାନଙ୍କ ସହ ଏହି ଆଲୋଚନା ଅନୁଷ୍ଠିତ ହୋଇଥିଲା। 'ଭିକେ ପାଣ୍ଡିଆନ ଓ ପ୍ରଫେସର ଜେଫ୍ରି ଲିବମ୍ୟାନ' ଶୀର୍ଷକରେ ଏହି ଅଧିବେଶନ ଅପରାହ୍ନ ୩ଟାରୁ ୪ଟା ପର୍ଯ୍ୟନ୍ତ ଲିଟାୱାର ଏଲ-୩୨୪ର ଫେନ୍‌ସୋଡ୍ ରୁମ୍‌ରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଇଣ୍ଡିଆ କନଫରେନ୍ସ ଆଟ୍ ହାର୍ଭାର୍ଡ ଓ ଟବ୍‌ମ୍ୟାନ୍ ସେଣ୍ଟର ଫର ଷ୍ଟେଟ ଆଣ୍ଡ ଲୋକାଲ ଗଭର୍ଣ୍ଣମେଣ୍ଟ ଉପସ୍ଥାପନ କରିଥିଲେ।

ପ୍ରଫେସର ଲିବମ୍ୟାନ ଜଣେ ଖ୍ୟାତନାମା ପବ୍ଲିକ ପଲିସି ବିଶେଷଜ୍ଞ ଓ ଟବମ୍ୟାନ ସେଣ୍ଟରର ନିର୍ଦ୍ଦେଶକ। ଏହି କେନ୍ଦ୍ର ରାଜ୍ୟ ଓ ସ୍ଥାନୀୟ ଶାସନ ଓ ସରକାରୀ କାର୍ଯ୍ୟଦକ୍ଷତା ବୃଦ୍ଧି ଉପରେ ଧ୍ୟାନ ଦେଇଥାଏ। ଆଲୋଚନାରେ ଭାରତରେ ସରକାରୀ ସେବା, ଶାସନ ବ୍ୟବସ୍ଥା ଏବଂ ସରକାର ଭିତରେ କାର୍ଯ୍ୟ କରିବାର ଅନୁଭବ ଉପରେ ଖୋଲା ଆଲୋଚନା ହୋଇଥିଲା। ଏହି ଘଟଣା ପାଣ୍ଡିଆନଙ୍କୁ ପୁନର୍ବାର ଆନ୍ତର୍ଜାତିକ ମଞ୍ଚରେ ଆଲୋଚନାର କେନ୍ଦ୍ରବିନ୍ଦୁ କରିଛି। ଗତ ଜୁଲାଇରେ ସେ ଭୂମିକମ୍ପ ପ୍ରଭାବିତ ଭେନେଜୁଏଲା ଯାତ୍ରା କରିଥିଲେ ଓ ସେଠାକାର ରାଷ୍ଟ୍ରପତି ଡେଲସି ରୋଡ୍ରିଗ୍‌ଜଙ୍କୁ ଭେଟିଥିଲେ। ସେଠାରେ ସେ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ ସମ୍ପର୍କରେ ନିଜର ଅନୁଭବ ବାଣ୍ଟିଥିଲେ। ଉଦ୍ଧାର, ପୁନରୁଦ୍ଧାର, ପୁନର୍ବାସ ଓ ଦୀର୍ଘକାଳୀନ ବିପର୍ଯ୍ୟୟ ପ୍ରଶମନ ଉପରେ ଆଲୋଚନା ହୋଇଥିଲା। ଓଡ଼ିଶାର ଜିରୋ-କାଜୁଆଲିଟି ବିପର୍ଯ୍ୟୟ ପରିଚାଳନା ପଦ୍ଧତି ବିଶେଷ ଭାବେ ଆଲୋଚନାର ବିଷୟ ହୋଇଥିଲା।

ଭିକେ ପାଣ୍ଡିଆନ ୨୦୦୦ ବ୍ୟାଚ୍‌ର ଆଇଏଏସ ଅଧିକାରୀ। ସେ ଓଡ଼ିଶାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦବୀରେ କାର୍ଯ୍ୟ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ➪ପୃଷ୍ଠା-୬

# ଅବଢ଼ା ଯୋଜନା ସମ୍ପ୍ରସାରଣକୁ ମଞ୍ଜୁରୀ

- ଅତିରିକ୍ତ ୧୦୦.୮୩ କୋଟି ଟଙ୍କା ବରାଦ କଲେ ମୁଖ୍ୟମନ୍ତ୍ରୀ
- ପ୍ରକଳ୍ପ ମୂଲ୍ୟ ୫୫୭.୧୯ରୁ ୬୫୮.୦୩ କୋଟିକୁ ବୃଦ୍ଧି
- 'ଜଗନ୍ନାଥ ବଲ୍ଲଭ ପିଲ୍‌ଗ୍ରିମ୍ ସେଣ୍ଟର'ରେ ହେବ ମଲ୍ଟି ପର୍ପୋଜ୍ ହଲ୍
- ମହାପ୍ରଭୁଙ୍କ ଧାମର ବିକାଶ ପାଇଁ ଆବଶ୍ୟକ ଅର୍ଥ ଦିଆଯିବ



ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ)ଃ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅବଢ଼ା ଯୋଜନା ଅଧିନରେ ପୁରୀରେ କାର୍ଯ୍ୟକାରୀ ହେଉଥିବା ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ମାର୍କେଟ କମ୍ପ୍ଲେକ୍ସ, ଶ୍ରୀସେତୁ ତଥା ମୁସା ନଦୀର ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ୬୫୮.୦୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାଦ୍ୱାରା ପ୍ରକଳ୍ପ ପାଇଁ ପୂର୍ବ ଅପେକ୍ଷା ଅଧିକ ୧୦୦.୮୩ କୋଟି ଟଙ୍କା ବିନିଯୋଗ ହେବ। ଏହି ଅର୍ଥ ମଞ୍ଜୁର କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାପ୍ରଭୁଙ୍କ ଧାମର ବିକାଶ ପାଇଁ ଯେତେ ଅର୍ଥ ଆବଶ୍ୟକ ନିଶ୍ଚୟ ଦିଆଯିବ। ଏଥିପାଇଁ ଅର୍ଥର ଅଭାବ ହେବ ନାହିଁ। ସୂଚନାଯୋଗ୍ୟ ଯେ ପୁରୀରେ ଅବଢ଼ା ଯୋଜନାରେ ଜଗନ୍ନାଥ ବଲ୍ଲଭ ପିଲ୍‌ଗ୍ରିମ୍ ସେଣ୍ଟର, ମାର୍କେଟ କମ୍ପ୍ଲେକ୍ସ, ଶ୍ରୀସେତୁ ଓ ➪ପୃଷ୍ଠା-୬

## ସିଇସିଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ, ୮।୧୦ଃ ମୁଖ୍ୟ ନିର୍ବାଚନ କମିସନର୍ ଜ୍ଞାନେଶ କୁମାରଙ୍କ ସମେତ ନିର୍ବାଚନ କମିସନର୍ ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କ ନିଯୁକ୍ତିକୁ ଆଜି ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଆବେଦନକାରୀ ସୂରୀ ପାୟଲାଙ୍କ ପକ୍ଷରୁ ସମ୍ବିଧାନର ଧାରା ୩୨ ଅନୁଯାୟୀ ଏହି ରିଟ୍ ପିଟିସନ ଦାଖଲ ହୋଇଛି। ୨୦୨୩ରେ ପ୍ରଣୀତ ମୁଖ୍ୟ ନିର୍ବାଚନ କମିସନର୍ ଓ ଅନ୍ୟ ନିର୍ବାଚନ କମିସନର୍ ନିଯୁକ୍ତି, ସେବା ସର୍ତ୍ତ ଓ କାର୍ଯ୍ୟକାଳ ଆଇନରେ ଥିବା ପ୍ରକ୍ରିୟା ଅନୁସରଣ କରାଯାଇ ନଥିବା ଆବେଦନରେ ଅଭିଯୋଗ କରାଯାଇଛି। ଆବେଦନରେ ଜ୍ଞାନେଶ କୁମାର, ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କ ବିରୋଧରେ 'କ୍ୱୋ ୱାରେଣ୍ଟୋ' ରିଟ୍ ଜାରି କରିବାକୁ ଦାବି କରାଯାଇଛି।

## ବଦଳିଲେ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ

ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ)ଃ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଭାବେ କାର୍ଯ୍ୟରତ ବରିଷ୍ଠ ଓଏଏସ ଅଧିକାରୀ ତ୍ରିଲୋଚନ ମହାନ୍ତିଙ୍କ ବଦଳି ହୋଇଛି। ତାଙ୍କୁ ରାଜ୍ୟ ସରକାର ସ୍ଥାନୀୟ ରୋଟି (ମଧୁସୁଦନ ଦାସ ରିଜିଓନାଲ ଏକାଡେମୀ ଅଫ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ଆଣ୍ଡ ରିଜିଓନାଲ ଟ୍ରେନିଂ ଇନଷ୍ଟିଚ୍ୟୁଟ)ର ଯୁଗ୍ମ ନିର୍ଦ୍ଦେଶକ ଭାବେ ନୂତନ ନିଯୁକ୍ତି ଦେଇଛନ୍ତି।ସାଧାରଣ ପ୍ରଶାସନ ଓ ପେନସନ ଅଭିଯୋଗ ବିଭାଗ ପକ୍ଷରୁ ହୋଇଥିବା ଓଏଏସ୍‌ସ୍ତରୀୟ ଅଦଳବଦଳ ପ୍ରକ୍ରିୟାରେ ତାଙ୍କୁ ଏହି ନୂଆ ଦାୟିତ୍ୱ ମିଳିଛି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ପରେ ତ୍ରିଲୋଚନ ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୁଗ୍ମ ସଚିବ ଭାବେ ନିଯୁକ୍ତ କରାଯାଇଥିଲା। ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ରୋଟିର ଯୁଗ୍ମ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ହୋଇଛନ୍ତି। ବିଜ୍ଞପ୍ତି ଅନୁଯାୟୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଥିବା ଓଏଏସ୍ (ଏସ୍‌ଭି) ଗୀତାଞ୍ଜଳି ନାୟକଙ୍କୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ସଚିବ ତଥା ବାଲେଶ୍ୱରସ୍ଥିତ ଫକୀର ➪ପୃଷ୍ଠା-୬

# ଭକ୍ତଙ୍କୁ ଅଡୁଆରେ ପକାଉଛି ବିଜେଡି ରାଜନୀତି

- ମେଣ୍ଟକୁ ନେଇ ଦ୍ୱନ୍ଦ୍ୱରେ ରାଜ୍ୟ କଂଗ୍ରେସ
- ସମାଲୋଚନା କରୁଛନ୍ତି ଦଳୀୟ କର୍ମୀ




ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ)ଃ ବିଜେଡି ଦିଲ୍ଲୀଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ରାଜନୀତିର ଯେଉଁ ଗୋଟି ଚଳାଉଛି ତାହା ଏବେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କୁ ଅଡୁଆରେ ପକାଇଛି। ରାଜ୍ୟସଭା ନିର୍ବାଚନ ବେଳେ ବିଜେଡି ସହ ଭକ୍ତ ଯୋଡ଼ିହୋଇ ଯାଇଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ବିଜେଡି ସମଦୂରତା ଅବଲମ୍ବନ କରିଥିଲା। ଏବେ ଦିଲ୍ଲୀରେ ଇଣ୍ଡି ମେଣ୍ଟ ର୍‍ୟାଲିରେ ବିଜେଡି ସାଂସଦମାନେ ସାମିଲ ହେବା ପରେ ଓଡ଼ିଶା ବନ୍ଦକୁ ବିଜେଡି ସମର୍ଥନ କରିବ ବୋଲି ଭକ୍ତ ଆଶା କରିଥିଲେ। ହେଲେ ବିଜେଡି ପୁଣି ସମଦୂରତା କଥା କହି ଭକ୍ତଙ୍କୁ ନିରାଶ କରିଛି।

ରାଜ୍ୟରେ ଶାସକ ବିଜେପି ଦଳକୁ ଏକାକୀ ମୁକାବିଲା କରିବା ସମ୍ଭବ ନୁହେଁ ବୋଲି ଭକ୍ତ ଭଲ ଭାବେ ଜାଣିଛନ୍ତି। ତେଣୁ ମୁଖ୍ୟ ବିରୋଧୀ ଦଳ ବିଜେଡି ସହ ମିଶି ବିଜେପିର ମୁକାବିଲା ପାଇଁ ଉଦ୍ୟମ ଚଳାଇଛନ୍ତି। ଗତ ରାଜ୍ୟସଭା ନିର୍ବାଚନ ବେଳେ ଭକ୍ତ ଏହି ଉଦ୍ୟମରେ ସଫଳ ହୋଇଥିଲେ। ବିଜେଡି ସହ ହାତ ମିଳାଇ ରାଜ୍ୟସଭା ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଜିଣାଇବାକୁ ଅଣ୍ଟା ଭିଡ଼ିଥିଲେ ଭକ୍ତ। ହେଲେ ଖୋଦ କଂଗ୍ରେସ ବିଧାୟକମାନେ ଏହାକୁ ବିରୋଧ କରି ତିନି ତିନି ଜଣ କ୍ରସ୍‌ଭୋଟିଂ କରିଦେଲେ। ବିଜେଡିରେ ବି ଏହାକୁ ଜୋରଦାର ବିରୋଧ ହେଲା ଓ ଆଠ ଜଣ କ୍ରସଭୋଟିଂ କଲେ। ଏହାର ପୂରା ଫାଇଦା ବିଜେପିକୁ ମିଳିଲା।

ତେବେ ଭକ୍ତ ଭାବିଥିଲେ ରାଜ୍ୟସଭା ପରେ ବି ବିଜେଡି କଂଗ୍ରେସ ସହ ରହିବ। ହେଲେ ପାଠ୍ୟପୁସ୍ତକଠାରୁ ଆରମ୍ଭ କରି ଏମ୍‌ଏମ୍‌ଡିଆର୍ ପର୍ଯ୍ୟନ୍ତ ଅନେକ ପ୍ରସଙ୍ଗରେ ବିଜେଡି ଆଉ ଧରାଛୁଆଁ ଦେଲା ନାହିଁ। ଦୁଇ ଦଳ ଅଲଗା ଅଲଗା ହୋଇ ବିଜେପିକୁ ବିରୋଧ କଲେ। ତେବେ ହଠାତ୍ ମୁଖ୍ୟ ନିର୍ବାଚନ କମିଶନଙ୍କ ବିରୋଧରେ କଂଗ୍ରେସ ନେତୃତ୍ୱରେ ନୂଆଦିଲ୍ଲୀରେ ଇଣ୍ଡି ମେଣ୍ଟ ଯେଉଁ ପ୍ରତିବାଦ କଲା, ସେଥିରେ ବିଜେଡି ସାମିଲ ହେଲା। ଏହାର ଦିନକ ପରେ କଂଗ୍ରେସ ଓଡ଼ିଶା ବନ୍ଦ ଡାକରା ଦେଇଥିବାରୁ ଭକ୍ତ ଭାବିଥିଲେ ବିଜେଡି ଏଥିରେ ବି ସାମିଲ ହେବ।

ହେଲେ ବିଜେଡି ପୁଣିଥରେ ସମଦୂରତା କଥା କହି ବନ୍ଦ ପାଳନରୁ ଦୂରେଇ ରହିଲା। ବିଜେଡିର ଏଭଳି ମନୋଭାବ ଏବେ ଭକ୍ତଙ୍କୁ ଏକପ୍ରକାର ଅକଳରେ ପକାଇ ଦେଇଛି। କାରଣ ସିଏ ଭଲଭାବେ ଜାଣିଛନ୍ତି ଯେ ବିଜେଡିକୁ ବାଦ୍ ଦେଇ ବିଜେପିକୁ ମୁକାବିଲା କରିବା କଷ୍ଟକର ବ୍ୟାପାର। କାରଣ ଗତ ବିଧାନସଭା ନିର୍ବାଚନରେ ବିଜେପି କ୍ଷମତାକୁ ଆସିଥିଲେ ମଧ୍ୟ ବିଜେଡି ଶାସକ ଦଳଠାରୁ ୨ ଲକ୍ଷରୁ ଅଧିକ ଭୋଟ ପାଇଥିଲା।

ଭକ୍ତଙ୍କର ବିଜେଡି ପ୍ରୀତିକୁ କିନ୍ତୁ ଦଳ ଭିତରେ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି। ଏଥିପାଇଁ ତିନି ତିନି ଜଣ ବିଧାୟକ ଦଳ ବାହାରେ ଥିବା ବେଳେ କର୍ମୀମାନେ ବି ରାଜଧାନୀରୁ ଗାଁ ପର୍ଯ୍ୟନ୍ତ ବିଜେଡି ସହ ହାତ ଧରାଧରି ହୋଇ ଚାଲିବାକୁ ରାଜି ନୁହଁନ୍ତି। ତେଣେ ଦିଲ୍ଲୀରୁ ବିଜେଡି ସହ ସମ୍ପର୍କ ନେଇ କୌଣସି ସ୍ପଷ୍ଟ ନିର୍ଦ୍ଦେଶ କଂଗ୍ରେସ ଶିବିରକୁ ଆସୁନାହିଁ। ତେଣୁ ହଁ, ନାଁ ଭିତରେ ଭକ୍ତ ଏବେ ରହିଛନ୍ତି। ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଏ ନେଇ ଭକ୍ତ ସ୍ପଷ୍ଟ ନ କଲେ କଂଗ୍ରେସ କ୍ଷତି ସହିବ ବୋଲି କର୍ମୀମାନେ ଖୋଲା ଆଲୋଚନା ଚଳାଇଛନ୍ତି।

## ଡିସେମ୍ବରରେ ତୀବ୍ରହେବ ଏଲ୍-ନିନୋ

- ଚେତାଇଲା ଜାତିସଂଘ

ଜେନେଭା, ୮।୧୦ଃ ଡିସେମ୍ବର ମାସରେ ଶୀର୍ଷରେ ପହଞ୍ଚିବା ପୂର୍ବରୁ ଏଲ୍ ନିନୋର ପ୍ରଭାବ ଆହୁରି ଅଧିକ ତୀବ୍ର ହେବ ବୋଲି ଜାତିସଂଘ ପକ୍ଷରୁ ଗୁରୁବାର ଏକ ବଡ଼ଧରଣର ଚେତାବନୀ ଜାରି କରାଯାଇଛି। ୧୯୫୦ ମସିହା ପରଠାରୁ ଦେଖାଯାଇଥିବା ସବୁଠାରୁ ଶକ୍ତିଶାଳୀ ଏଲ୍ ନିନୋ ପରିସ୍ଥିତି ମଧ୍ୟରୁ ଏହା ଅନ୍ୟତମ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଜାତିସଂଘର ପାଣିପାଗ ଓ ଜଳବାୟୁ ଏଜେନ୍ସିର ସୂଚନା ଅନୁଯାୟୀ, ପ୍ରାକୃତିକ ଭାବରେ ଘଟୁଥିବା ଏହି ପାଣିପାଗ ବିପର୍ଯ୍ୟୟ ପୃଥିବୀର ଅଧିକାଂଶ ସ୍ଥାନରେ ତାପମାତ୍ରା ବୃଦ୍ଧି କରିବା ସହ ମାନବ ନିର୍ମିତ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଆହୁରି ଦ୍ରୁତ କରିବ। ଏହାର ପ୍ରଭାବରେ ବର୍ଷାର ସ୍ୱାଭାବିକ ଢାଞ୍ଚା ଓଲଟପାଲଟ ହୋଇଯିବ ଏବଂ ବିଭିନ୍ନ ଅଞ୍ଚଳରେ ଭୀଷଣ ମରୁଡ଼ି ସହିତ ଅପ୍ରତ୍ୟାଶିତ ବନ୍ୟା ଆଶଙ୍କା ବୃଦ୍ଧି ପାଇବ।

ସାଧାରଣତଃ କେନ୍ଦ୍ରୀୟ ଓ ପୂର୍ବ ବିଷୁବରେଖା ପ୍ରଶାନ୍ତ ମହାସାଗରରେ ସମୁଦ୍ର ପୃଷ୍ଠର ତାପମାତ୍ରା ବୃଦ୍ଧି ପାଇବା ଦ୍ୱାରା ଏଲ୍ ନିନୋ ସୃଷ୍ଟି ହୋଇଥାଏ, ଯାହା ସାରା ବିଶ୍ୱରେ ପବନ, ବାୟୁମଣ୍ଡଳୀୟ ଚାପ ଏବଂ ବର୍ଷାର ମାର୍ଗକୁ ବଦଳାଇ ଦିଏ। ପ୍ରତି ଦୁଇରୁ ସାତ ବର୍ଷ ଭିତରେ ଘଟୁଥିବା ଏହି ପ୍ରକ୍ରିୟା ପ୍ରାୟ ନଅରୁ ବାର ମାସ ପର୍ଯ୍ୟନ୍ତ ସକ୍ରିୟ ରହିଥାଏ।

**ମହାକାଳପଡ଼ାରେ ଓଡ଼ିଶା ବନ୍ଦର ପ୍ରଭାବ**

# ୩ ଶହରୁ ଊର୍ଦ୍ଧ୍ୱ କର୍ମୀଙ୍କ ପିକେଟିଂ, ଯାନବାହନ ଚଳାଚଳ ବନ୍ଦ




**ମହାକାଳପଡ଼ା, ୮।୧୦ (ସଂଚାର ବ୍ୟୁରୋ):** ଓଡ଼ିଶାର ସ୍ୱାର୍ଥ, ସ୍ୱାଭିମାନ ଓ ହକ୍ ସହ ଆଦିବାସୀଙ୍କ ଅଧିକାର ରକ୍ଷା ଦାବିରେ ଦିଆଯାଇଥିବା 'ଓଡ଼ିଶା ବନ୍ଦ' ଡାକର ପ୍ରଭାବ ମହାକାଳପଡ଼ାରେ ପରିଲକ୍ଷିତ ହୋଇଛି। କଂଗ୍ରେସ ଓ 'ଇଣ୍ଡି' ମେଣ୍ଟର ସହଯୋଗୀ ଦଳର ନେତା ଓ କର୍ମୀମାନେ ରାସ୍ତାକୁ ଓହ୍ଲାଇ ପିକେଟିଂ କରିବା ସହ ବନ୍ଦ ପାଳନ କରିଥିଲେ। ସକାଳ ୬ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମହାକାଳପଡ଼ା ଅଞ୍ଚଳରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ବ୍ୟାଙ୍କ, ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ମଧ୍ୟ ବନ୍ଦ ରହିଥିଲା। ତେବେ ଆମ୍ବୁଲାନ୍ସ, ରୋଗୀ ବାହନ, ପରୀକ୍ଷାର୍ଥୀଙ୍କ ଯାନ ଓ ଦୁଗ୍ଧ ଯୋଗାଣ ଭଳି ଜରୁରୀ ସେବାକୁ ବନ୍ଦରୁ ବାଦ୍ ଦିଆଯାଇଥିଲା। ମାର୍ଶାଘାଇ-ଜମ୍ବୁ ରାସ୍ତାର ମହାକାଳପଡ଼ା ଛକରେ ଶତାଧିକ କଂଗ୍ରେସ କର୍ମୀ ଓ 'ଇଣ୍ଡି' ମେଣ୍ଟର ସହଯୋଗୀ ଦଳର ନେତାମାନେ ରାସ୍ତାରୋକ କରିଥିଲେ। ପରେ ବ୍ଲକ, ତହସିଲ ଓ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ପିକେଟିଂ କରି ବନ୍ଦ ପାଳନରେ ସାମିଲ ହେବାକୁ ନିବେଦନ କରିଥିଲେ। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଗୁପ୍ତାଙ୍କ ବରଖାସ୍ତ, ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ-୨୦୨୬ ପ୍ରତ୍ୟାହାର, ଶିକ୍ଷା ବିଭାଗର ବିଫଳତା ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ପ୍ରପୀଡ଼ିତଙ୍କୁ ତୁରନ୍ତ ସହାୟତା ଦାବିରେ ଏହି ବନ୍ଦ ଡାକରା ଦିଆଯାଇଥିଲା। ପ୍ରଦେଶ କଂଗ୍ରେସ କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସଙ୍କ ନିର୍ଦ୍ଦେଶକ୍ରମେ ଏବଂ ବରିଷ୍ଠ କଂଗ୍ରେସ ନେତା ତଥା ଶିକ୍ଷାବିତ୍ ବେଣୁଧର ସାହୁଙ୍କ ତତ୍ତ୍ୱାବଧାନରେ ବନ୍ଦ ପାଳନ ହୋଇଥିଲା। ମହାକାଳପଡ଼ା ବ୍ଲକ କଂଗ୍ରେସ ସଭାପତି ଚିତ୍ତରଞ୍ଜନ ତରାଇ, ଜିଲ୍ଲା କଂଗ୍ରେସ ସମ୍ପାଦକ ପ୍ରମୋଦ ଚନ୍ଦ୍ର ସ୍ୱାଇଁ, ପ୍ରବୀଣ ନାୟକ, ସିପିଆଇ(ଏମ୍) ନେତା ନରୋତ୍ତମ ପାର୍ଥସାରଥୀ, ତନ୍ମୟ ମହାପାତ୍ର, ସୁବ୍ରତ ସେଠୀଙ୍କ ସମେତ ୩ ଶହରୁ ଊର୍ଦ୍ଧ୍ୱ କର୍ମୀ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ।

**ଛାତ୍ର ସଂସଦ ନିର୍ବାଚନ ଦାବି**

# ମହିଳା କଲେଜ ଛାତ୍ରୀଙ୍କ ଆନ୍ଦୋଳନ

**ପଟ୍ଟାମୁଣ୍ଡାଇ,୮।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଓଡିଶାର ସମସ୍ତ କଲେଜରେ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ଘୋଷଣା କରିବା ସହିତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ମାତ୍ର କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜରେ ନିର୍ବାଚନ ପ୍ରକ୍ରିୟାରୁ ବାଦ ପଡିଛି । ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜ ଛାତ୍ରୀମାନେ ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ଦାବୀ କରି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନନେବାରୁ ଆଜି ମହିଳା କଲେଜ ଛାତ୍ରୀମାନେ କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନକୁ ଓହ୍ଲାଇବା ସହିତ ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରିବାକୁ ଦାବୀ କରି କଲେଜ ସମ୍ମୁଖରେ ଧାରଣା ଦେଇଥିଲେ ଏହି ଆନ୍ଦୋଳନରେ ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜର



ଛାତ୍ରୀ ରୋଜାଲିନ ସାହୁ. ଲିତାଲି ଲେଙ୍କା. ସ୍ୱପ୍ନରାଣୀ ମଲିକ. ଶ୍ରଦ୍ଧାଞ୍ଜଳି ପାତ୍ର. ଅର୍ପିତା ପ୍ରଧାନ. ଉପାସନା ବାରିକ. ସୁପ୍ରିୟା ମକିକ. ପ୍ରିୟଙ୍କା ରାଉତ. ଲିପିକା ବେହେରା. ଅର୍ପିତା ପୃଷ୍ଟି. ରୋଜାଲିନ ପ୍ରଧାନ. ରୁପାଲୀ ଗିରି. କଲ୍ୟାଣୀ ପରିଡା ବହୁ ଛାତ୍ରୀ ସାମିଲ ହୋଇ କଲେଜ ସମ୍ମୁଖରେ ଧାରଣା ଆନ୍ଦୋଳନ କରିଥିଲେ। ପୂର୍ଣ୍ଣ ଅନୁଦାନରୁ ବଞ୍ଚିତ କଲେଜ ଗୁଡିକରେ ନିର୍ବାଚନ ଅନୁଷ୍ଠିତ ହେବ ନାହିଁ ବୋଲି ରାଜ୍ୟ ସରକାରଙ୍କ ନୂତନ ନୂତନ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି । ତଦନୁଯାୟୀ ପୂର୍ଣ୍ଣ ଅନୁଦାନରୁ ବଂଚିତ ଥିବା ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜ ନିର୍ବାଚନ ପ୍ରକ୍ରିୟାରୁ ବାଦ ପଡିଛି । ଆଜି ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜ ଛାତ୍ରୀମାନେ ଆନ୍ଦୋଳନ ପାଇଁ ରାସ୍ତାକୁ ଓହ୍ଲାଇ ଥିବାରୁ ଜିଲ୍ଲା ପ୍ରଶାସନ ଶେଷ ଛାତ୍ରୀଙ୍କ ଦାବୀ ନିକଟରେ ମୁଣ୍ଡ ନୁଆଁଇଛି । ସରକାରୀ ନିର୍ଦ୍ଦେଶନାମାକୁ ବାଦ ଦେଇ କିଛି କରିବା ସମ୍ଭବ ହେଉ ନଥିବାରୁ ଶେଷରେ ଛାତ୍ରୀ ପ୍ରତିନିଧି ନିର୍ବାଚନ ନୁହେଁ ସର୍ବସମ୍ମତିକ୍ରମେ ମନୋନୟନ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପ୍ରତିଶୃତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି ।

# ମଦ ଜବତ, ୧୪ ଅଭିଯୁକ୍ତ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା,୮।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶ କ୍ରମେ ଓ ଅବକାରୀ ଅଧୀକ୍ଷକ, କେନ୍ଦ୍ରାପଡ଼ା ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜକନିକା, କେନ୍ଦ୍ରାପଡ଼ା ଟାଉନ, ସଦର, ଡେରାବିଶ ଓ ଜମ୍ବୁ ମେରାଇନ୍ ଥାନା ଅଧୀନ ବିଭିନ୍ନ ସ୍ଥାନରେ



ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ପ୍ରଭାକରପୁର ଗ୍ରାମର ଦୀନବନ୍ଧୁ ରାଉତ (୩୫)ଙ୍କ ନିକଟରୁ ୨୭ ଲିଟର ଦେଶୀ ରନ୍ଧା ମଦ, ପ୍ରତାପ ଖିଲାର (୩୪)ଙ୍କଠାରୁ ୭୨୦ ଲିଟର ଗୁଡ଼ପୋଚ ଓ ବଚନ ଖିଲାର (୩୫)ଙ୍କଠାରୁ ୫୮୦ ଲିଟର ଗୁଡ଼ପୋଚ ଜବତ କରାଯାଇଥିଲା। ସେହିପରି ସାନ୍ତସାହୁ ଗ୍ରାମର ସନ୍ଦୀପ ସୁବ୍ରମଣ୍ୟାମ (୨୪)ଙ୍କ ନିକଟରୁ ୧୦ ଲିଟର ଦେଶୀ ରନ୍ଧା ମଦ, ଶ୍ୟାମସୁନ୍ଦରପୁର ଗ୍ରାମର ଭିମ୍ବରା ମଳିକ (୬୦)ଙ୍କ ନିକଟରୁ ୧୯ ଲିଟର ବିଦେଶୀ ମଦ, ଏଣ୍ଡରା ଗ୍ରାମର ଶ୍ରୀଧର ସାହୁ (୩୮)ଙ୍କଠାରୁ ୧୮ ଲିଟର ଦେଶୀ ମଦ, ଚାଲୁଣିଆ ଗ୍ରାମର ଦେବେନ୍ଦ୍ର ରାୟ (୫୭)ଙ୍କ ନିକଟରୁ ୨୬ ଲିଟର ଦେଶୀ ମଦ, ଅଛୁତପୁର ଗ୍ରାମର ଶଶୀଧର ମଳିକ (୬୦)ଙ୍କଠାରୁ ୧୩ ଲିଟର ବିଦେଶୀ ମଦ ଓ ଆଳି ଗ୍ରାମର କାର୍ତ୍ତିକ ମଳିକ (୬୨)ଙ୍କଠାରୁ ୨୭ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ଏଥିସହ ବାଘିଲୋ ଗ୍ରାମର ଅକ୍ଷୟ କୁମାର ମଳିକ (୩୧)ଙ୍କଠାରୁ ୧୮ ଲିଟର ବିଦେଶୀ ମଦ, ବୈଧର ମଳିକ (୩୨)ଙ୍କଠାରୁ ୨୫ ଲିଟର ବିଦେଶୀ ମଦ, ନେମ୍ବରା ଗ୍ରାମର ଶିବନାରାୟଣ ଲେଙ୍କା (୩୬)ଙ୍କଠାରୁ ୧୯ ଲିଟର ଦେଶୀ ମଦ, ସଂଗ୍ରାମପୁର ଶାସନ ଗ୍ରାମର ସୁଲୋଚନ ସାହୁଙ୍କଠାରୁ ୨୯ ଲିଟର ବିଦେଶୀ ମଦ ଓ ଏଣ୍ଡର ଗ୍ରାମର ପ୍ରମିଳା ଲେଙ୍କା (୩୧)ଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ କରାଯାଇଥିଲା।

# ଜ୍ଞାନେଶଙ୍କ ଇସ୍ତଫା ଦାବିରେ କେନ୍ଦ୍ରାପଡ଼ା ଅଚଳ

## ଇଣ୍ଡିଆ ବ୍ଲକର ବନ୍ଦ ଡାକରେ ରାସ୍ତାରେ ଥମିଲା ଚକା, ପ୍ରଭାବିତ ହେଲା ଜନଜୀବନ



**କେନ୍ଦ୍ରାପଡ଼ା,୮।୧୦(ସଂଚାର ବ୍ୟୁରୋ):** ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ସହ ଏମ୍‌ଏମ୍‌ଡିଆର ସଂଶୋଧିତ ଆଇନ ରଦ୍ଦ କରିବାକୁ ଦାବି ଜଣାଇ ଇଣ୍ଡିଆ ବ୍ଲକ ପକ୍ଷରୁ ଡାକରା ଦିଆଯାଇଥିବା ଓଡ଼ିଶା ବନ୍ଦର ପ୍ରଭାବ କେନ୍ଦ୍ରାପଡ଼ା ଜିଲ୍ଲାରେ ସ୍ପଷ୍ଟ ଭାବେ ପରିଲକ୍ଷିତ ହୋଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ, ଧାରଣା ଓ ବିକ୍ଷୋଭ ଫଳରେ ଯାତାୟାତ ବ୍ୟବସ୍ଥା ବ୍ୟାହତ ହୋଇଥିବାବେଳେ ସାଧାରଣ ଜନଜୀବନ ମଧ୍ୟ ପ୍ରଭାବିତ ହୋଇଛି। ବନ୍ଦକୁ ସମର୍ଥନ କରୁଥିବା ଦଳଗୁଡ଼ିକ ଏହାକୁ ସଫଳ ବୋଲି ଦାବି କରିଛନ୍ତି। ସକାଳୁ କେନ୍ଦ୍ରାପଡ଼ା ସହର ପ୍ରବେଶ ପଥ ତିନିମୁହାଣୀ ନିକଟରେ କଂଗ୍ରେସ, ସିପିଆଇ ଓ ସିପିଆଇ(ଏମ) ସମେତ ଇଣ୍ଡିଆ ବ୍ଲକର ନେତା ଓ କର୍ମୀମାନେ ରାସ୍ତା ଅବରୋଧ କରି ଧାରଣା ଦେଇଥିଲେ। କଟକ- ଚାନ୍ଦବାଲି ମୁଖ୍ୟ ସଡ଼କରେ ଶହ ଶହ ଭାରୀ ଓ ହାଲୁକା ଯାନବାହନ ଅଟକି ରହିଥିବାରୁ ଯାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆନ୍ଦୋଳନକୁ ନେତୃତ୍ୱ ଦେଇ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ହଳଧର ସେଠୀ କହିଥିଲେ ଯେ, ଏସ୍‌ଆଇଆର ପ୍ରକ୍ରିୟା ମାଧ୍ୟମରେ ଦେଶର କୋଟି କୋଟି ବୈଧ ଭୋଟରଙ୍କ ନାମ ତାଲିକାରୁ ବାଦ ଦିଆଯାଇଛି। ଏହା ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଏକ ଗୁରୁତର ଆଘାତ ବୋଲି ସେ ଅଭିଯୋଗ କରିଥିଲେ। ଭୋଟଦାନ ଅଧିକାରକୁ ସୁରକ୍ଷା ଦେବା ପାଇଁ ସୁପ୍ରିମକୋର୍ଟ ଓ ବିଭିନ୍ନ ହାଇକୋର୍ଟରେ ମାମଲା ଚାଲିଥିବା ସତ୍ତ୍ୱେ ନିର୍ବାଚନ କମିଶନ ଏହାକୁ ଗୁରୁତ୍ୱ ଦେଉନଥିବା ସେ କହିଥିଲେ। ରାଜ୍ୟ କଂଗ୍ରେସର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ କହିଥିଲେ, ଭୋଟର ତାଲିକା ସମ୍ପର୍କିତ ବିବାଦ ପାଇଁ ମୁଖ୍ୟ ନିର୍ବାଚନ କମିଶନର ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦେବା ଉଚିତ। ଏହା ସହିତ ଖଣି ଓ ଖଣିଜ (ବିକାଶ ଓ ନିୟମାବଳୀ) ସଂଶୋଧନ ଆଇନ-୨୦୨୬ ରଦ୍ଦ, ପାଠ୍ୟପୁସ୍ତକ ଯୋଗାଣରେ ଅବ୍ୟବସ୍ଥା ପାଇଁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା, ବନ୍ୟା କ୍ଷତିଗ୍ରସ୍ତଙ୍କୁ ଯଥୋଚିତ କ୍ଷତିପୂରଣ, କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା, ଘୋଷିତ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ଆରମ୍ଭ ଏବଂ ଜିଲ୍ଲାର ଜରାଜୀର୍ଣ୍ଣ ସଡ଼କଗୁଡ଼ିକର ମରାମତି ଦାବି କରାଯାଇଥିଲା।

## ଜିଲ୍ଲାର ୩ ବ୍ଲକରେ ନୂଆ ବିଡ଼ିଓ ନିଯୁକ୍ତ

**କେନ୍ଦ୍ରାପଡ଼ା,୮।୧୦(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା, ମାର୍ଶାଘାଇ ଓ ରାଜନଗର ବ୍ଲକରେ ନୂତନ ବିଡ଼ିଓଙ୍କୁ ନିଯୁକ୍ତି କରାଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକର ନୂତନ ବିଡ଼ିଓ ଭାବେ ମନୋଜ କୁମାର ନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ଶ୍ରୀ ନାୟକ ପୂର୍ବରୁ ରଣପୁର ବ୍ଲକର ବିଡିଓ ଥିଲେ । ମାର୍ଶାଘାଇ ବ୍ଲକ୍‌ର ନୂତନ ବିଡ଼ିଓ ଭାବେ ଲାବଣ୍ୟେନ୍ଦୁ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି । ଶ୍ରୀ ମହାନ୍ତି ଗଣିଆ ବ୍ଲକର ବିଡିଓ ଥିଲେ । ସେହିପରି ରାଜନଗର ବ୍ଲକ୍‌ର ନୂତନ ବିଡ଼ିଓ ଭାବେ ପ୍ରମୋଦ କୁମାର ବେହେରାଙ୍କୁ ନିଯୁକ୍ତ କରାଯାଇଛି । ଶ୍ରୀ ବେହେରା ମାଥିଲି ବ୍ଲକର ବିଡ଼ିଓ ଭାବେ କାର୍ଯ୍ୟରତ ଥିଲେ । ଏହି ୩ଟି ବ୍ଲକରେ ଦୀର୍ଘ ଦିନ ଧରି ସ୍ଥାୟୀ ବିଡ଼ିଓ ନଥିବାରୁ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟରେ ଅନେକ ସମସ୍ୟା ସୃଷ୍ଟି ହେଉଥିଲା ।

## ଇଣ୍ଡିଆ ମେଣ୍ଟର ୧୨ଘଣ୍ଟିଆ ବନ୍ଦ ଡାକରାରେ ନୀଳଗିରି ଉପଖଣ୍ଡରେ ବନ୍ଦର ପ୍ରଭାବ



**ନୀଳଗିରି, ୮।୧୦(ସଂଚାର ବ୍ୟୁରୋ ):** ଇଣ୍ଡିଆ ମେଣ୍ଟ ର ୧୨ଘଣ୍ଟିଆ ବନ୍ଦଡାକରା ରେ ସମଗ୍ର ଓଡିଶା ବନ୍ଦ ହେଉଥିବା ବେଳେ ଏହାର ପ୍ରଭାବ ନୀଳଗିରିର ଉପଖଣ୍ଡ ରେ ପଡ଼ିଛି। ଇଣ୍ଡିଆ ମେଣ୍ଟ ପକ୍ଷରୁ କଂଗ୍ରେସ, ସିପିଆଇ, ସିପିଆଇ(ଏମ) ନେତା କର୍ମୀମାନେ ନୀଳଗିରି ବାଇପାଶ ଛକ ନିକଟରେ ୧୯ନମ୍ବର ରାଜ୍ୟ ରାଜପଥ ଉପରେ ରାସ୍ତା ଅବରୋଧ କରିବା ଯୋଗୁଁ ନୀଳଗିରି ସହର ବନ୍ଦ ପ୍ରଭାବପିଡ଼ିବା ଯୋଗୁଁ ସାଧାରଣ ଜୀବନ ଯାତ୍ରା ସମ୍ପୂର୍ଣ ଠପ ହୋଇ ଯାଇଛି।ଫଳରେ ରାସ୍ତା ଉଭୟ ପାର୍ଶ୍ୱ ରେ ଘଣ୍ଟା ଘଣ୍ଟା ଧରି ବହୁ ଛୋଟ ବଡ଼ ଯାନବାହନ ଛିଡା ହୋଇଥିଲା।ଅପରପକ୍ଷରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଶତାଧିକ ନେତା, କର୍ମୀ ମାନେ ହାତରେ ପତକାଧରିସରକାରୀକାର୍ଯ୍ୟଳୟ, ବେସରକାରୀ କାର୍ଯ୍ୟ ଳୟ, ବିଭିନ୍ନ ଶିକ୍ଷାନୁଷ୍ଠାନ, ତେଲ ଟାଙ୍କି, ବ୍ୟାଙ୍କ, ଦୋକାନ ବଜାର ବନ୍ଦ ଯୋଗୁଁ ଦୀର୍ଘ ୧୨ଘଣ୍ଟା ଧରି ସମଗ୍ର ନୀଳଗିରି ଉପଖଣ୍ଡରେ ଏହାର ପ୍ରଭାବ ରେ ସକାଳ ଓଳି ବନ୍ଦ ହୋଇଥିବା ବେଳେ ଅପରାହ୍ନ ୪ଘଣ୍ଟାଠାରୁ ସ୍ୱାଭାବିକ ଭାବରେ ଦୁକାନ ବଜାର ଖୋଲା. ଯାଇଥିବା ଦେଖି ବାକୁ ମିଳିଛି।ନୀଳଗିରି ବାଇ ପାସ ବସଷ୍ଟାଣ୍ଡ ଠାରେ କଂଗ୍ରେସ ର ନୀଳଗିରି ବ୍ଲକ ସଭାପତି ତପନ ରାଉତ, ସିପିଆଇ(ଏମ)ରୁ ଜିଲ୍ଲା ସଦସ୍ୟ ବିଜୟ ପାତ୍ର, ସିପିଆଇ ରାଜ୍ୟ କମିଟି ସଦସ୍ୟ ନିରଞ୍ଜନପ୍ରସାଦ ବାରିକ ଙ୍କ ନେତୃତ୍ୱ ରେ ରାସ୍ତା ରୋକ ରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ଜିଲ୍ଲା ଉପସଭାପତି ରାମକୃଷ୍ଣ ଜେନା, ଯଶୋଦା ନନ୍ଦନ ସିଂହ, ନାରୀନେତ୍ରୀ ବୀଣା ପାତ୍ର, ବରିଷ୍ଠ କଂଗ୍ରେସ ବରିଷ୍ଠ ନେତା ସଦାଶିବ ରଥ, ବିଶ୍ୱନାଥ ଦାସ, ନଗର ସଭାପତି ଉପେନ୍ଦ୍ର ବେହେରା, ଔପଦା ବ୍ଲକ କିଶାନ କଂଗ୍ରେସ ସଭାପତି ଉଜ୍ଜଳ କୁମାର ଦେବଗୋସ୍ୱାମୀ, ଛାତ୍ର ନେତା ଅଶ୍ୱିନ କୁମାର ପାତ୍ର, ଆଦିବାସୀ ସେଲ ସଭାପତି ବିଜୁ ଦନାକ, ରଜନୀ ମହାପାତ୍ର, ସୁରେନ୍ଦ୍ର ଦାସ, ରବୀନ୍ଦ୍ର ନାୟକ, ନିରଞ୍ଜନ ବେହେରା, ସିପିଆଇ(ଏମ)ରୁ ଯୋଗାନନ୍ଦ ଦାସ, ଜ୍ୟୋତିର୍ମୟ ରାଉତ, ଉମାକାନ୍ତ ଷଡ଼ଙ୍ଗୀ, ଅମରେନ୍ଦ୍ର ନାୟକ, ସିପିଆଇ ରୁ ବିଜୟ କୁମାର ସ, ଗାୟତ୍ରୀ ପଣ୍ଡା ପ୍ରମୁଖ ଏହି ରାସ୍ତା ରୋକ ରେ ସାମିଲ ଥିଲେ।

## ପଟ୍ଟାମୁଣ୍ଡାଇ କଂଗ୍ରେସ ଓ ଇଣ୍ଡିଆ ବ୍ଲକ ପକ୍ଷରୁ ବନ୍ଦ ପାଳନ, ଜନଜୀବନ ପ୍ରଭାବିତ



**ପଟ୍ଟାମୁଣ୍ଡାଇ,୮।୧୦ (ସଂଚାର ବ୍ୟୁରୋ):** ଓଡିଶା ପ୍ରଦେଶ କଂଗ୍ରେସ କମିଟି ଓ ଇଣ୍ଡିଆ ବ୍ଲକ୍ ଆହ୍ୱାନରେ ପାଳିତ ଓଡିଶା ବନ୍ଦର ପ୍ରଭାବ ପଟ୍ଟାମୁଣ୍ଡାଇ ଅଂଚଳରେ ଦେଖିବାକୁ ମିଳିଥିଲା। ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ କମିଟି ପକ୍ଷରୁ ପଟ୍ଟାମୁଣ୍ଡାଇ ସହର ସମେତ ପୌରାଞ୍ଚଳରେ ବନ୍ଦ ପାଳନ କରାଯାଇଥିଲା। ନଗର କଂଗ୍ରେସ କମିଟି ସଭାପତି ଯୁବନେତା ତପନ ପାତ୍ରଙ୍କ ନେତୃତ୍ୱରେ କଂଗ୍ରେସ ନେତା ଓ କର୍ମୀମାନେ ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରି ଦୋକାନବଜାର ଓ ଅନ୍ୟାନ୍ୟ ସରକାରୀ ବେସରକାରୀ ପ୍ରତିଷ୍ଠାନ ବନ୍ଦ କରିବା ପାଇଁ ସ୍ଲୋଗାନ ଦେଇ ଏମ ଏମ ଡି ଆର ଆକ୍ଟ ପ୍ରତ୍ୟାହାର ଏସ ଆଇ ଆର ସଂଶୋଧନ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସମେତ ବିଭିନ୍ନ ଦାବୀ ନେଇ ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ଏଥିରେ ଜିଲ୍ଲା କଂଗ୍ରେସର ସାଙ୍ଗଠନିକ ଉପସଭାପତି ସତ୍ୟପ୍ରିୟ ସାମଲ, ପୂର୍ବତନ ପିସିସି ସଦସ୍ୟ ମଲୟ ଦାସ, ବରିଷ୍ଠ ନେତା ରାମକାନ୍ତ ଦାଶ,ପ୍ରଭାତ ସେଠୀ, କୁଳମଣି ମଲ୍ଲିକ, ଦିଲୀପ ସେଠୀ, ଅଶ୍ୱିନୀ ପାତ୍ର, ସ୍ନେହଲତା ରାୟ ଚୌଧୁରୀ ବିଶ୍ୱନାଥ ସାହୁ,ନକୁଳ ଦାସ ରାଜକିଶୋର ବେହେରା, ପ୍ରିନ୍ସ ଜେନା ବିଶ୍ୱନାଥ ସାମନ୍ତରାୟ, ସିଦ୍ଧାର୍ଥ ଜେନା, ଟାପନ ମଲ୍ଲିକ ଓ ପ୍ରକାଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ କଂଗ୍ରେସ ନେତା କର୍ମକର୍ତ୍ତା ଓ କର୍ମୀମାନେ ସାମିଲ ପଟ୍ଟାମୁଣ୍ଡାଇ ବାଇପାସ ସମେତ ସହର ଓ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ବନ୍ଦ ସଫଳ ପାଇଁ ପିକେଟିଙ୍ଗ କରିଥିଲେ । ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ସହିତ ସି ପି ଆଇ ନେତା ବାବାଜୀ ଧଳ ଓ ବିଜୟ ଦାସ ସି ପି ଏମ ନେତା ଅଭୟ ଦାସ ସି ପି ଆର ଏମ ଏଲ ନେତା ଶ୍ରୀକାନ୍ତ ଲେଙ୍କା ନବ ନିର୍ମାଣ କୃଷକ ସଂଗଠନର ଦାଶ ରଥୀ ସାହୁ ଓ ସମାଜବାଦୀ ପାର୍ଟି ର ଅମରେଶ ପାତ୍ର ପ୍ରମୁଖ ବିଭିନ୍ନ ବିରୋଧୀ ରାଜନୈତିକ ଦଳ ଓ ଗଣ ସଂଗଠନ ସାମିଲ ହୋଇ ଓଡିଶା ବନ୍ଦକୁ ସମର୍ଥନ ଜଣାଇ ଥିଲେ ।

# ଜିଲ୍ଲାରେ ମାତୃ ଓ ଶିଶୁସ୍ୱାସ୍ଥ୍ୟସପ୍ତାହ ପାଳନ

**କେନ୍ଦ୍ରାପଡ଼ା,୮।୧୦(ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ୧ ରୁ ୭ ଅକ୍ଟୋବର କୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସପ୍ତାହ ଭାବେ ପାଳନ କରିବା ପାଇଁ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ଶ୍ରୀମତୀ ଅନୁ ଗର୍ଗ, ଆଇ.ଏ .ଏସ ଙ୍କ ନିର୍ଦ୍ଦେଶ ସହିତ କମିଶନର ତଥା ସ୍ୱାସ୍ଥ୍ୟ ସଚିବ ଶ୍ରୀମତୀ ଅସ୍ୱତୀ. ଏସ, ଭା. ପ୍ର.



ସେ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ଚିଠି ଅନୁସାରେ କେନ୍ଦ୍ରାପଡା ଜିଲ୍ଲାରେ ଜିଲ୍ଲାପାଳ ଶ୍ରୀ ରଘୁରାମ.ଆର୍. ଆୟର, ଭା. ପ୍ର. ସେ ଙ୍କ ଚିଠି ମାଧ୍ୟମରେ ଏହି ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ପାଳନ କରାଯାଇଥିଲା ଏଥିରେ ଅକ୍ଟୋବର ମାସରେ ସମ୍ଭାବ୍ୟ ପ୍ରସବ ତାରିଖ ଥିବା ଗର୍ଭବତୀ ମହିଳା ୮୭୮ ଓ ସେମାନଙ୍କ ମଧ୍ୟରୁ ୩୩୮ ଜଣ ବିପଦ ସଙ୍କୁଳ ଗର୍ଭବତୀ (୩୮.୫ ପ୍ରତିଶତ) ଏବଂ ସେପ୍ଟେମ୍ବର ମାସରେ ପ୍ରସୂତୀ ମାଆ ୧୪୯୫ ଜଣଙ୍କୁ ଗୃହ ପରିଦର୍ଶନ କରି ସେମାନଙ୍କର ସ୍ୱାସ୍ଥ୍ୟ ପରିସ୍ଥିତିକୁ ସମୀକ୍ଷା 'ଓ ଡି କେ ଟୁଲକୀଟ' ମାଧ୍ୟମରେ ଗୃହ ପରିଦର୍ଶନ କରି ଉଭୟ ମାଆ ଓ ଶିଶୁ ସୁରକ୍ଷା ଓ ବିପଦ ଲକ୍ଷଣ ଚିହ୍ନଟ କରାଯାଇ ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା। ଏହି ସପ୍ତାହରେ ଅତିଶୟ ବିପଦପୂର୍ଣ୍ଣ ମାଆ ଯେଉଁ ମାନଙ୍କ ହିମୋଗ୍ଲୋବିନ୍ ସ୍ତର ୭ ଗ୍ରାମ ରୁ କମ ଏପରିକି ୪ ଗ୍ରାମ ରୁ ବି କମ ସେମାନଙ୍କୁ କେନ୍ଦ୍ରାପଡା ପୁରୁଣା ମେଡିକାଲ ରେ ସ୍ଥିତ ବ୍ଲଡ ବ୍ୟାଙ୍କ୍ ରୁ ୨୨ ଜଣ ଙ୍କୁ ରକ୍ତ ପ୍ରଦାନ କରାଯାଇଥିଲା ( ଏ + ଗ୍ରୁପ୍ -୪, ବି + ଗ୍ରୁପ୍ -୯, ଏ ବି + ଗ୍ରୁପ୍ - ୩, ଓ + ଗ୍ରୁପ୍ - ୪ ଏବଂ ଓ - ଗ୍ରୁପ୍ - ୨) ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ସ୍ତରରେ ବହୁମୁଖୀ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ସୁପରଭାଇଜର ମାନେ ଘରକୁଘର ଯାଇ ଗର୍ଭବତୀ, ପ୍ରସୂତୀ, ନବଜାତ ମାନଙ୍କର ସ୍ୱାସ୍ଥ୍ୟ ସମୀକ୍ଷା କରିଥିଲେ ଉଭୟ ଜିଲ୍ଲା ଓ ବ୍ଲକ୍ ସ୍ତରରୁ ଅଧିକାରୀମାନେ ତଦାରଖ କରିଥିଲେ।

## ଡାକ୍ତରଙ୍କୁ 'ଆଚାର୍ଯ୍ୟ ହରିହର' ସମ୍ମାନରେ ସମ୍ମାନିତ କଲା ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ




**କେନ୍ଦ୍ରାପଡ଼ା, ୮।୧୦(ସଂଚାର ବ୍ୟୁରୋ):** ସାରା ଓଡ଼ିଶାରେ କର୍କଟ ରୋଗ ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାରେ କର୍କଟ ରୋଗୀଙ୍କ ପାଇଁ ଆଶ୍ୱସ୍ତିର କାରଣ ପାଲଟିଛି କେମୋଥେରାପି ସେବା। କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରତି ଗୁରୁବାର କେମୋଥେରାପି ସେବା ଯୋଗାଇ ଦିଆଯାଉଥିବାରୁ ଜିଲ୍ଲାର ଅନେକ କର୍କଟ ରୋଗୀଙ୍କୁ ଚିକିତ୍ସା ପାଇଁ ଅନ୍ୟ ଜିଲ୍ଲାକୁ ଯିବାକୁ ପଡୁନାହିଁ। ଏହି ଗୁରୁତ୍ୱପୂର୍ଣ୍ଣ ରୋଗୀସେବାରେ ନିୟୋଜିତ ଡାକ୍ତର ଶ୍ରୀକାନ୍ତ ସ୍ୱାଇଁ ନିଜର ସହନଶୀଳ ବ୍ୟବହାର, ସୁମଧୁର କଥାବାର୍ତ୍ତା ଓ ଚିକିତ୍ସା ପ୍ରତି ନିଷ୍ଠା ପାଇଁ ରୋଗୀ ଓ ସମ୍ପର୍କୀୟଙ୍କ ଆସ୍ଥା ହାସଲ କରିଛନ୍ତି। କେମୋଥେରାପି ସମୟରେ ରୋଗୀଙ୍କୁ ମାନସିକ ଭାବେ ସାହସ ଦେବା ସହ ଚିକିତ୍ସା ଯୋଗାଇ ଦେଉଥିବାରୁ ତାଙ୍କ ପ୍ରତି ସାଧାରଣରେ ପ୍ରଶଂସା ପ୍ରକାଶ ପାଇଛି। ଡାକ୍ତର ଶ୍ରୀକାନ୍ତ ସ୍ୱାଇଁ କହିଛନ୍ତି ଯେ ସେ ଆଚାର୍ଯ୍ୟ ହରିହରଙ୍କ ମହାନ ରୋଗୀସେବା ଓ ତ୍ୟାଗରୁ ଅନୁପ୍ରାଣିତ। କର୍କଟ ରୋଗୀଙ୍କ ସେବା କରିବା ତାଙ୍କ ପାଇଁ କେବଳ ଚାକିରି ନୁହେଁ, ବରଂ ଏକ ମାନବୀୟ ଦାୟିତ୍ୱ ବୋଲି ସେ ମତ ପ୍ରକାଶ କରିଛନ୍ତି। ଏହି ମହତ୍ କାର୍ଯ୍ୟକୁ ସମ୍ମାନ ଜଣାଇ କେନ୍ଦ୍ରାପଡ଼ାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍କଟ ବିଭାଗରେ ପହଞ୍ଚି ଡାକ୍ତର ଶ୍ରୀକାନ୍ତ ସ୍ୱାଇଁଙ୍କୁ 'କେନ୍ଦ୍ରାପଡ଼ା ଜିଲ୍ଲାର ଆଚାର୍ଯ୍ୟ ହରିହର' ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କୁ ସମ୍ମାନ ଫଳକ, ଉପଢୌକନ ଓ ମହାପ୍ରଭୁଙ୍କ ବାନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଟ୍ରଷ୍ଟ ସଭାପତି ଦମନ ମହାନ୍ତି, ପରାମର୍ଶଦାତା ନିମାଇଁ ଚରଣ କର, ଗୁରୁଜନ ନିତ୍ୟାନନ୍ଦ ସୁଆର, ମୁଖପାତ୍ର ପ୍ରମୋଦ ନାୟକ, ପ୍ରାଧ୍ୟାପକ ରାଜେନ୍ଦ୍ର ସୁଆର, ମେଡିକାଲ ନର୍ସ ଅଞ୍ଜନା ଦିଦି, ସୌମ୍ୟରଞ୍ଜନ ସେଠୀ ଓ ଚନ୍ଦନ କୁମାର ସେଠୀ ଉପସ୍ଥିତ ଥିଲେ।

# ଦୁଷ୍କର୍ମର ଶିକାର ଗର୍ଭବତୀ ନାବାଳିକାର ମୃତ୍ୟୁ

**ପଟ୍ଟାମୁଣ୍ଡାଇ, ୮।୧୦ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଂଚଳରେ ଜନୈକା ଭିନ୍ନକ୍ଷମ ନାବାଳିକାକୁ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଦୁଷ୍କର୍ମର ଶିକାର ହୋଇ ସମ୍ପୃକ୍ତ ନାବାଳିକା ଗର୍ଭବତୀ ହୋଇ ମେଡିକାଲରେ ମୃତ୍ୟୁ ହୋଇଥିବା ନେଇ ସଂଗୀନ ଅଭିଯୋଗ ଆସିଛି । ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଲିକଣା ପଂଚାୟତ ସାନଗରା ଗ୍ରାମର ଡି ସ୍ୱାଇଁ ନାମକ ଜନୈକ ଯୁବକ ସେହି ଗ୍ରାମର ଜନୈକା ଭିନ୍ନକ୍ଷମ ନାବାଳିକା ସହିତ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିବା ପରେ ନାବାଳିକା ଜଣକ ଗର୍ଭବତୀ ହୋଇଥିଲା । ପରିବାର ଲୋକମାନେ ପେଟରେ ଟ୍ୟୁମର ଭାବି କଟକ ବଡ଼ ମେଡିକାଲ ନେଇ ପରୀକ୍ଷା କରିବା ପରେ ସେ ୫ମାସର ଗର୍ଭବତୀ ଥିବା ଜଣାପଡିଥିଲା । ସେଠାରେଗର୍ଭ ବତୀ ନାବାଳିକା ଜଣକଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଏ ସମ୍ପର୍କରେ ସମ୍ପୃକ୍ତା ନାବାଳିକାର ଅଜା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏତଲା ଦେବା ପରେ ସ୍ଥାନୀୟ ପୋଲିସ ଥାନା କେଶ ନଂ ୪୨୨/୨୦୨୬ ରେ ମୋକଦମା ରୁଜୁ କରି ଅଭିଯୁକ୍ତ ଯୁବକକୁ ଗିରଫ କରିବା ସହିତ ପଟ୍ଟାମୁଣ୍ଡାଇ ହସ୍ପିଟାଲରେ ଡାକ୍ତରୀ ମାଇନା କରିଛି । ମୃତା ଗର୍ଭବତୀ ନାବାଳିକାର ଶବ ଜବତ କରି ବ୍ୟବଛେଦ ପାଇଁ ପଠାଇବା ସହିତ ମାମଲାର ଜୋରଦାର ତଦନ୍ତ ଚଳାଇଛି । ଏହି ଘଟଣା ସମଗ୍ର ପଟ୍ଟାମୁଣ୍ଡାଇ ଅଂଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି ।

**ଚଳିତ ବର୍ଷ ଜମିବ କଳିଙ୍ଗ ବାଲିଯାତ୍ରା**

# ଟ୍ରାଫିକ୍, ଇଣ୍ଟରନେଟ୍, ଖାଦ୍ୟ ନିରାପତ୍ତା ଓ ବେବି କେୟାର୍ ଉପରେ ଗୁରୁତ୍ୱ

**ପାରାଦୀପ, ୮।୧୦ (ସଂଚାର ବ୍ୟୁରୋ):** ନୌବାଣିଜ୍ୟ ତଥା କଳିଙ୍ଗର ସାହସିକ ଗୀତିଗାଥାକୁ ବହନ କରୁଥିବା ପ୍ରସିଦ୍ଧ କଳିଙ୍ଗ ବାଲିଯାତ୍ରା ଚଳିତ ବର୍ଷ

**ନଭେମ୍ବର ୨୩ରୁ ଆରମ୍ଭ, ୨୯ରେ ଉଦ୍‌ଯାପିତ**

ନଭେମ୍ବର ୨୩ ତାରିଖରୁ ଆରମ୍ଭ ହୋଇ ୨୯ ତାରିଖରେ ଉଦ୍‌ଯାପିତ ହେବ। ଏନେଇ ଆଜି ପାରାଦୀପ ଅଫିସର୍ସ କ୍ଲବ ପରିସରରେ ଜଗତସିଂହପୁର ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟି ଅଧ୍ୟକ୍ଷ ଜେ. ସୋନୁଓ୍ୱାଲଙ୍କ ଅଧ୍ୟକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।



ବୈଠକରେ ଏସ୍‌ପି ଅଙ୍କିତ କୁମାର ବର୍ମା, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ଡ. ବିଭୁ ପ୍ରସାଦ ତରାଇ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ଏଡିଏମ୍ ନିରଞ୍ଜନ ବେହୁରା, ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଜିତ ପଣ୍ଡାଙ୍କ ସମେତ ସିଡିଓ ଅକ୍ଷୟ ପିଲେ, କୁଜଙ୍ଗ ତହସିଲଦାର ଓ ବିଡିଓ ପ୍ରମୁଖ ଯୋଗଦେଇଥିଲେ। ଚଳିତ ବର୍ଷ ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଐତିହାସିକ ବାଲିଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରର ନାମୀଦାମୀ କଳାକାରମାନେ ଯୋଗଦେଇ ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନ କରିବେ। ଏଥିସହ ସ୍ଥାନୀୟ କଳାକାରଙ୍କ ପାଇଁ ମଧ୍ୟ ସୁଯୋଗ ରହିବ। କବିତା ପାଠ ଓ କବି ସମ୍ମିଳନୀ ଭଳି କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ। ବାଲିଯାତ୍ରାକୁ ସୁରକ୍ଷିତ ଓ ସୁବ୍ୟବସ୍ଥିତ କରିବା ଉପରେ ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଟ୍ରାଫିକ୍ ବ୍ୟବସ୍ଥା, ଇଣ୍ଟରନେଟ୍ ସେବା, ଖାଦ୍ୟର ନିରାପତ୍ତା ଓ ଗୁଣାତ୍ମକ ମାନ ଯାଞ୍ଚ ସହିତ ମହିଳା ଓ ଶିଶୁଙ୍କ ସୁବିଧା ପାଇଁ ବାଲିଯାତ୍ରା ପଡ଼ିଆରେ ବେବି କେୟାର୍ ଷ୍ଟଲ୍ ନିର୍ମାଣ କରାଯିବ।

## ବାଇକ ସହ କେନାଲ ବୁଡି ଯୁବକଙ୍କ ମୃତ୍ୟୁ

**ବାରିପଦା,୮।୧୦ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ଚାନ୍ଦୁଆ ଥାନା ଅନ୍ତର୍ଗତ ହାତୀମଡା ଗ୍ରାମର ପଙ୍କଜ ବେହେରା (୨୮) ଗତକାଲି ବିଳମ୍ବିତ ରାତ୍ରୀରେ ନିଜର ବାଇକ ଯୋଗେ ଘରକୁ ଫେରୁଥିବା ସମୟରେ ବାଇଗଣବଡ଼ିଆ ଛକ ନିକଟରେ ହଳଡିଆ ବନ୍ଧ କେନାଲ ରେ ଭରସାମ୍ୟ ହରାଇ ବାଇକ ସହ ପଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ଆଜି ସକାଳୁ ସ୍ଥାନୀୟ ଲୋକେ ଦେଖି ପୋଲିସ କୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶ୍ରମ ବାହିନୀ ସହାୟତାରେ ମୃତକ କୁ ଉଦ୍ଧାର କରି ବାରିପଦା ପଣ୍ଡିତ ରଘୁନାଥ ମେଡିକାଲ କଲେଜ ଓ ହସ୍ପିଟାଲରେ ଶବ ବ୍ୟବଛେଦ କରି ପରିବାରବର୍ଗ ଙ୍କୁ ହସ୍ତାନ୍ତର କରିଅଛି। ଏ ବାବଦରେ ଚାନ୍ଦୁଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଅଛି।

# ପବନ ଶକ୍ତି କ୍ଷେତ୍ରରେ ଓଡ଼ିଶାକୁ 'ୱିଣ୍ଡ ଇଣ୍ଡିଆ ୨୦୨୬' ପୁରସ୍କାର




ଭୁବନେଶ୍ୱର, ୮।୧୦ (ସଂଚାର ବ୍ୟୁରୋ): ଓଡ଼ିଶାର ସ୍ୱଚ୍ଛ ଶକ୍ତି ଅଭିଯାନ ଓ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ବିପୁଳ ସଫଳତା ସ୍ୱରୂପ ରାଜ୍ୟକୁ 'ୱିଣ୍ଡର୍ଜି ଇଣ୍ଡିଆ ୨୦୨୬' ସମ୍ମିଳନୀରେ ସମ୍ମାନଜନକ 'ୱିଣ୍ଡ ଇଣ୍ଡିଆ ୨୦୨୬: ଲିଡରସିପ୍ ଇନ୍ ୱିଣ୍ଡ ଏନର୍ଜି ଡି-ରିସ୍କିଂ' ପୁରସ୍କାରରେ ସମ୍ମାନିତ କରାଯାଇଛି। ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଡଃ ସତ୍ୟପ୍ରିୟ ରଥ, କେନ୍ଦ୍ର ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କଠାରୁ ବିଶିଷ୍ଟ ଶିଳ୍ପପତି ଓ ସରକାରୀ ପଦାଧିକାରୀଙ୍କ ଉପସ୍ଥିତିରେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ସଫଳତା ପାଇଁ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଖୁସି ବ୍ୟକ୍ତ କରିବା ସହ କହିଛନ୍ତି ଯେ ଏହି ସମ୍ମାନ ଓଡ଼ିଶା ଅକ୍ଷୟ ଶକ୍ତି ନୀତି ଅଧୀନରେ ରାଜ୍ୟରେ ସ୍ୱଚ୍ଛ ଶକ୍ତି ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା, ପୁଞ୍ଜିନିବେଶ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ସଂକଳ୍ପକୁ ପ୍ରତିଫଳିତ କରୁଛି। ୱିଣ୍ଡର୍ଜି ଇଣ୍ଡିଆ ୨୦୨୬ ଅବସରରେ ଓଡ଼ିଶାର ପବନ ଶକ୍ତିର ବିପୁଳ ସମ୍ଭାବନାକୁ ବିଶ୍ୱ ଓ ଦେଶର ନିବେଶକଙ୍କ ଆଗରେ ଉପସ୍ଥାପନ କରିବା ପାଇଁ 'ଓଡ଼ିଶା: ଇଣ୍ଡିଆଜ୍ ନେକ୍ସଟ୍ ୱିଣ୍ଡ ଡେଷ୍ଟିନେସନ୍' ଶୀର୍ଷକ ଏକ ସ୍ୱତନ୍ତ୍ର ରାଜ୍ୟ ଅଧିବେଶନ ଆୟୋଜିତ ହୋଇଥିଲା। ଏହି ଅଧିବେଶନରେ ଡଃ ସତ୍ୟପ୍ରିୟ ରଥ ଓଡ଼ିଶାର ପବନ ଶକ୍ତିର କ୍ଷମତା ଓ ଏହାକୁ ସଫଳ ପ୍ରକଳ୍ପରେ ରୂପାନ୍ତରିତ କରିବା ପାଇଁ ଆବଶ୍ୟକ ନୀତିଗତ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ଭାବନାରୁ ପୁଞ୍ଜିନିବେଶ ପ୍ରସଙ୍ଗ ଉପରେ ଆଧାରିତ ଏହି ଆଲୋଚନାରେ ପବନ ଶକ୍ତିର ଆକଳନ, ଜମି ଓ ସାଇଟ୍ ପ୍ରସ୍ତୁତି, ଗ୍ରୀଡ୍ ସଂଯୋଗୀକରଣ, ଟର୍ବାଇନ୍ ପରିବହନ ଓ ସୁଦୃଢ଼ ନୀତିଗତ ସ୍ଥାୟିତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବିଶେଷ ସମ୍ମାନ ଓ ଶିଳ୍ପପତିମାନଙ୍କର ଉତ୍ସାହଜନକ ଭାଗୀଦାରୀ ଓଡ଼ିଶାକୁ ଦେଶର ଅନ୍ୟତମ ଅଗ୍ରଣୀ ଅକ୍ଷୟ ଶକ୍ତି ନିବେଶ ଗନ୍ତବ୍ୟସ୍ଥଳ ଭାବେ ପ୍ରତିଷ୍ଠିତ କରିଛି।

# ପାଠ୍ୟପୁସ୍ତକ ଉତ୍ପାଦନ ଓ ବିପଣନ କାର୍ଯ୍ୟାଳୟରେ ପୁଣି ସ୍କାମ୍!

## ଚାକିରି ପାଇଁ ବୟସ ଜାଲିଆତି ଅଭିଯୋଗ




ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ): ଓଡ଼ିଶା ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିପଣନ କାର୍ଯ୍ୟାଳୟ (ଟିବିପିଏମ୍)ରେ ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ବେସରକାରୀ ଭାବେ କାମ କରିବା ପରେ ୨୦୧୪ରେ ଟେକ୍ସଟ୍ ବୁକ୍ ପ୍ରିଣ୍ଟିଂ ପ୍ରେସ୍ ମଜଦୁର ସଂଘ ସେମାନଙ୍କୁ ସରକାରୀ ବେତନ ସହ ନିୟମିତ କରିବାକୁ ହାଇକୋର୍ଟରେ ପିଟିସନ୍ ଦାଖଲ କରିଥିଲା। ପରେ ହାଇକୋର୍ଟ ଉକ୍ତ କର୍ମଚାରୀଙ୍କୁ ନିୟମିତ କରିବାକୁ ରାୟ ଶୁଣାଇଥିଲେ। ସେହି ସମୟରେ ହିଁ ବେସରକାରୀ ଭାବେ କାର୍ଯ୍ୟରତ କର୍ମଚାରୀମାନେ ବୟସରେ ଜାଲିଆତି କରିବା ସହ ସରକାରୀ ଚାକିରିର ବୟସର ସୀମା ବଢ଼ାଇ ତଞ୍ଚକତା କରିଥିବା ଅଭିଯୋଗ ହୋଇଛି। ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ସରକାରୀ କର୍ମଚାରୀ ଭାବେ ବେତନ ପାଉଥିବା ତଥା ପଦୋନ୍ନତି ପାଉ ନ ଥିବା କିଛି ଅସନ୍ତୁଷ୍ଟ ଏହି ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଟିବିପିଏମରେ କାର୍ଯ୍ୟରତ କିଛି କର୍ମଚାରୀଙ୍କ ବୟସରେ ହୋଇଥିବା ଜାଲିଆତିକୁ ନେଇ ପାଠ୍ୟ ପୁସ୍ତକ ଛପା ମଜଦୁର ସଂଘର କିଛି ଅସନ୍ତୁଷ୍ଟ କର୍ମଚାରୀ ପ୍ରଶ୍ନ ଉଠାଇଛନ୍ତି। ୨୦୧୪ରେ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବେସରକାରୀ (ଡିଏଲଆର) କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ଭାବେ ନିୟମିତ କରାଯାଇଥିଲା। ସେହି ସମୟରେ ଅନେକ କର୍ମଚାରୀ ନିଜ ବୟସ କମ୍ ଦର୍ଶାଇ ନିଯୁକ୍ତି ନେଇଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ସେମାନେ ଚାକିରିର ଅବସର ବୟସ ସୀମାକୁ ବଢ଼ାଇ ବିଳମ୍ବରେ ଅବସର ନେବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି। ଏହା ଏକ ସୁଚିନ୍ତିତ ଅପରାଧ ବୋଲି ଅସନ୍ତୁଷ୍ଟମାନେ ଦର୍ଶାଇବା ସହ ମାମଲାର ପୂର୍ଣ୍ଣ ତଦନ୍ତ ଦାବି କରିଛନ୍ତି।

ଟିବିପିଏମ କାର୍ଯ୍ୟାଳୟରେ ପ୍ରାୟ ୪୦ରୁ ୪୫ ବର୍ଷ ଧରି କାର୍ଯ୍ୟ କରୁଥିବା କର୍ମଚାରୀ ମଧ୍ୟ ରହିଛନ୍ତି। ପାଠ୍ୟ ପୁସ୍ତକରେ ମାଳ ମାଳ ତ୍ରୁଟି ସାମ୍ନାକୁ ଆସିବା ପରଠାରୁ ଟିବିପିଏମ ବର୍ଷତମାମ ଚର୍ଚ୍ଚାରେ ରହି ଆସିଛି। ଏପରିକି ଏଯାବତ ସ୍କୁଲ୍‌କୁ ସଂଶୋଧିତ ପୁସ୍ତକ ମଧ୍ୟ ପଠାଯାଇପାରିନାହିଁ। ତେବେ ଏହି ବୟସ ଜାଲିଆତି ଅଭିଯୋଗ, ଟିବିପିଏମରେ କାର୍ଯ୍ୟରତ କର୍ମଚାରୀଙ୍କ ଦକ୍ଷତା ଓ କାର୍ଯ୍ୟପନ୍ଥାକୁ ନେଇ ପ୍ରଶ୍ନ ସାମ୍ନାକୁ ଆଣିଥିବା ବେଳେ ଟିବିପିଏମ୍ ସହ ଜଡ଼ିତ ବିଭିନ୍ନ ବିବାଦ ପୂର୍ବରୁ ମଧ୍ୟ ସାମ୍ନାକୁ ଆସିଛି। ଏନେଇ ଟିବିପିଏମ୍‌ର ବରିଷ୍ଠ ପ୍ରଶାସକଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବା ବେଳେ ଏହି ଅଭିଯୋଗ ପରେ ସରକାର କିମ୍ବା ଉଚ୍ଚ ଅଧିକାରୀ ସ୍ତରରେ କ'ଣ ତଦନ୍ତ ହେଉଛି, ତା' ଉପରେ ନଜର ରହିଛି।

## ନାନା ପାଟେକରଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ): ଭାରତୀୟ ସିନେମା ଜଗତର ବରିଷ୍ଠ ଅଭିନେତା ନାନା ପାଟେକରଙ୍କ ୭୫ ବର୍ଷ ବୟସରେ ଦେହାନ୍ତ ହୋଇଛି। ତାଙ୍କ ବିୟୋଗରେ ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସ୍ୱର୍ଗତଃ ପାଟେକରଙ୍କ ଦେହାନ୍ତରେ ଏକ ଯୁଗର ଅନ୍ତ ହୋଇଛି। ବଲିଉଡ୍‌ରେ ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶକଙ୍କୁ ମନୋରଞ୍ଜନର ଏକ ଖୋରାକ୍ ଯୋଗାଇଥିଲା ତାଙ୍କ ଅଭିନୟ। ସ୍ୱର୍ଗତଃ ପାଟେକରଙ୍କ ବିୟୋଗ ଚଳଚ୍ଚିତ୍ର ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରୀ ସାମଲ କହିଛନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତଃ ପାଟେକରଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗ ପ୍ରତି ଶ୍ରୀ ସାମଲ ସମବେଦନା ଜ୍ଞାପନ କରିଛନ୍ତି।

## ୮ ବର୍ଷ ପରେ ନିର୍ବାଚନ, ବଢ଼ୁଛି ଉଷ୍ମତା



କଟକ, ୮।୧୦ (ସଂଚାର ବ୍ୟୁରୋ): ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ରେଭେନ୍ସା ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ବିଭିନ୍ନ ଛାତ୍ର ସଂଗଠନ ସକ୍ରିୟ ହୋଇପଡ଼ିଥିବାବେଳେ ପ୍ରାର୍ଥୀ ଘୋଷଣା ହୋଇନଥିଲେ ମଧ୍ୟ ହ୍ୱାଟସ୍‌ଆପ୍ ଗ୍ରୁପ, ସୋସିଆଲ ମିଡିଆ ପେଜ୍ ଏବଂ ରିଲ୍ସ ମାଧ୍ୟମରେ ପ୍ରଚାର ଜୋରଦାର ହୋଇଛି। ରେଭେନ୍ସାର ଛାତ୍ର ରାଜନୀତିର ଏକ ସ୍ୱତନ୍ତ୍ର ଗୁରୁତ୍ୱ ରହିଥିବାରୁ ଏଥରର ନିର୍ବାଚନ ଉପରେ ବିଭିନ୍ନ ରାଜନୈତିକ ଦଳ ଓ ପୂର୍ବତନ ଛାତ୍ରନେତାଙ୍କ ନଜର ରହିଛି। ଛାତ୍ର ବିଜେଡି ନାମାଙ୍କନ ଦାଖଲ ଦିନ ପ୍ରାର୍ଥୀଙ୍କ ନାମ ଘୋଷଣା କରିବାକୁ ଯୋଜନା କରିଥିବାବେଳେ ଛାତ୍ର କଂଗ୍ରେସ ପ୍ରଶ୍ନପତ୍ର ଲିକ୍ ଓ କ୍ୟାମ୍ପସ ସମସ୍ୟାକୁ ଆଧାର କରି ପ୍ରଚାର ଆରମ୍ଭ କରିଛି। ସେହିପରି ଏବିଭିପି ମଧ୍ୟ ୮ ବର୍ଷ ପରେ ନିର୍ବାଚନ ଅବସରରେ ନିଜର ଭୂମିକା ଏବଂ 'ନେସନ୍ ଫାଷ୍ଟ' ନାରାକୁ ନେଇ କ୍ୟାମ୍ପସରେ ସଂଗଠନ ମଜଭୁତ କରିବାରେ ଲାଗିଛି। ଚୂଡ଼ାନ୍ତ ପ୍ରାର୍ଥୀ ଘୋଷଣା ଓ ନାମାଙ୍କନ ପରେ ଏହି ଲଢ଼େଇ ଆହୁରି ରୋମାଞ୍ଚକର ହେବା ସମ୍ଭାବନା ରହିଛି।

## ଜଗତପୁରରେ ଓଡ଼ିଶା ବନ୍ଦର ପ୍ରଭାବ



କଟକ, ୮।୧୦ (ସଂଚାର ବ୍ୟୁରୋ): ଜଗତପୁରଠାରେ ଓଡ଼ିଶା ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା ଓ ବ୍ଲକ କଂଗ୍ରେସ ସଭାପତି ଅଲେଖ ଚନ୍ଦ୍ର ବେହେରା ବନ୍ଦ ପାଳନର ନେତୃତ୍ୱ ନେଇଥିଲେ। ସିପିଆଇ ନେତା ଉଦୟ କେଶରୀ ବର୍ମା ମଧ୍ୟ ଏକ ପଦଯାତ୍ରାରେ ଆସି ଜଗତପୁର ଗୋଲେଇ ଛକରେ ପହଞ୍ଚି କଂଗ୍ରେସ ସହିତ ସାମିଲ ହୋଇଥିଲେ। ଉଭୟ କଂଗ୍ରେସ ଓ ସିପିଆଇ ଇଣ୍ଡିଆ ମେଣ୍ଟ ପକ୍ଷରୁ ବଜାର ପରିକ୍ରମା କରି ବନ୍ଦକୁ ସଫଳ କରିବାକୁ ନିବେଦନ କରିଥିଲେ। ଏହି ବନ୍ଦ ପାଳନ ସମୟରେ ଜଗତପୁର ଅଞ୍ଚଳରେ ପ୍ରାୟ ସମସ୍ତ ଦୋକାନ ବଜାର, ଗାଡ଼ିମୋଟର, ଶିକ୍ଷାନୁଷ୍ଠାନ, ବନ୍ଦ ରହିବା ସହ କୌଣସି ଜାଗାରେ ଅପ୍ରୀତିକର ପରିସ୍ଥିତି ଘଟିନଥିବା ଦେଖାଯାଇଥିଲା।

## କଂଗ୍ରେସ ପକ୍ଷରୁ କଟକରେ ବନ୍ଦ ପାଳନ



କଟକ, ୮।୧୦ (ସଂଚାର ବ୍ୟୁରୋ): କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏହାର ପ୍ରଭାବରେ କଟକର ପ୍ରମୁଖ ଛକମାନଙ୍କରେ ଆନ୍ଦୋଳନକାରୀ ପିକେଟିଂ କରିଛନ୍ତି। ଗାଡ଼ି ଅଟକାଇବା ସହ ରାସ୍ତାରୋକ କରିଛନ୍ତି। ବସ୍ ଯାତାୟାତ ବନ୍ଦ ରହିଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମେତ ଇଣ୍ଡି ମେଣ୍ଟର ଦଳଗୁଡ଼ିକ ସକାଳ ୬ଟାରୁ ରାସ୍ତାକୁ ଓହ୍ଲାଇଥିଲେ। କଟକରେ ନେତାଜୀ ବସ୍ ଟର୍ମିନାଲରେ ଘରୋଇ ବସ୍ ସେବା ଏକପ୍ରକାର ଠପ ହୋଇଯାଇଥିଲା। ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଜଣାପଡ଼ିଛି।

## ଅବକାରୀ ବିଭାଗର ବଡ଼ ଚଢ଼ାଉ, ୫ ମାମଲା

କଟକ, ୮।୧୦ (ସଂଚାର ବ୍ୟୁରୋ): ଅବକାରୀ ବିଭାଗ ପକ୍ଷରୁ କଟକ ସଦରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବେଆଇନ ମଦ କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କଟକ ସଦର ରେଞ୍ଜ ପକ୍ଷରୁ ନ୍ୟାସନାଲ ଲ' ୟୁନିଭର୍ସିଟି ନିକଟସ୍ଥ ଅଞ୍ଚଳ ଓ ବିଜୁ ପଟ୍ଟନାୟକ ପାର୍କ ଛକ ନିକଟରେ ଚଢ଼ାଉ କରାଯାଇ ୫ଟି ମାମଲା ରୁଜୁ କରାଯାଇଛି। ଏହି ଚଢ଼ାଉ ସମୟରେ ୩୨ ଲିଟର ଦେଶୀ ମଦ, ୬୦ ଲିଟର ଚୋରା ଦେଶୀ ମଦ ଜବତ କରାଯିବା ସହ ଏକ ସ୍କୁଟି ଜବତ କରାଯାଇଛି। କଟକ ସଦର ରେଞ୍ଜର ଅବକାରୀ ଇନ୍ସପେକ୍ଟର କମଳ ଲୋଚନ ପାଇକରାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିବା ବେଳେ ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅଭିଯାନଟି ପରିଚାଳିତ ହୋଇଥିଲା।



# ସରକାରୀ ଜମିର ସୁରକ୍ଷା ନେଇ ରାଜସ୍ୱ ପର୍ଷଦର ଦୃଢ଼ ଆଭିମୁଖ୍ୟ

- ଚାଷ ପାଇଁ ସରକାରୀ ଜମି ଲିଜ୍ ନେଇଥିଲେ ଓଏଏସ୍ ଅଫିସର୍
- ବ୍ୟକ୍ତିଗତ ନାମରେ ରେକର୍ଡ ଆବେଦନ ଖାରଜ
- ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ କରିବ ତଦନ୍ତ



ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ): ସରକାରୀ ଜମିର ସୁରକ୍ଷା ନେଇ ଏକ ରିଭିଜନ୍ ମାମଲାର ଶୁଣାଣି କରି ସଦସ୍ୟ, ରାଜସ୍ୱ ପର୍ଷଦ ସତ୍ୟବ୍ରତ ସାହୁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ସରକାରୀ ଜମି ବ୍ୟକ୍ତିଗତ ନାମରେ ରେକର୍ଡ ଆବେଦନକୁ ଖାରଜ କରି ରାଜସ୍ୱ ବିଭାଗକୁ ଘଟଣାର ତଦନ୍ତ ନିମନ୍ତେ ରାଜସ୍ୱ ପର୍ଷଦଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଖୋର୍ଦ୍ଧା ଜିଲ୍ଲାର ଜଟଣୀ ତହସିଲ ଅଧୀନସ୍ଥ ଓଗାଳପଡ଼ା ମୌଜାର ସରକାରୀ ଜମିକୁ ନେଇ ଏକ ରୋଚକ ଘଟଣା ରାଜସ୍ୱ ପର୍ଷଦଙ୍କ ଦୃଷ୍ଟିଗୋଚର ହୋଇଥିଲା। ଏହି ଜମି ଭୁବନେଶ୍ୱର-ଖୋର୍ଦ୍ଧା ଜାତୀୟ ରାଜପଥ ସଂଲଗ୍ନ। ପ୍ରାୟ ୪.୨୪ ଏକରରୁ ଅଧିକ ଏହି ସରକାରୀ ଜମିର ବର୍ତ୍ତମାନର ମୂଲ୍ୟ ୧୦୦ କୋଟି ଟଙ୍କାରୁ ଅଧିକ। ରାଜସ୍ୱ ରେକର୍ଡରେ ଜମି ସରକାରଙ୍କ ନାମରେ ଥିବାବେଳେ, ଏହାର ମାଲିକାନା, ଲିଜ୍ ଓ ପରବର୍ତ୍ତୀ ହସ୍ତାନ୍ତରକୁ ନେଇ ଉଠିଛି ଅନେକ ପ୍ରଶ୍ନ।

ଘଟଣା ଟି ଆରମ୍ଭ ହେଉଛି ୧୯୬୮ ମସିହାର ଏକ ଦାବିରୁ। ମାମଲାରେ ଦର୍ଶାଯାଇଥିବା ତଥ୍ୟ ଅନୁସାରେ, ସେତେବେଳେ ଏହି ସରକାରୀ ଜମି ଜଣେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କ ନାମରେ ଲିଜ୍ ମାଧ୍ୟମରେ ଦିଆଯାଇଥିଲା। ପରେ ସେହି ଜମି ବିକ୍ରି ହୋଇ ଅନ୍ୟ ବ୍ୟକ୍ତିଙ୍କ ହାତକୁ ଯାଇଥିବା ଦଲିଲରୁ ଜଣାପଡ଼ିଥିଲା। ସେ ଅଧିକାରୀ ସେତେବେଳେ ବନ୍ଦୋବସ୍ତ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସରକାରୀ ଜମି ଜଣେ ଅଧିକାରୀଙ୍କ ନାମରେ ଲିଜ୍ ହୋଇ, ଲିଜ୍ ହୋଇଥିବା ଜମି ପରେ ବିକ୍ରି ହେବା ସମ୍ପର୍କରେ ରାଜସ୍ୱ ପର୍ଷଦ ପ୍ରଶ୍ନ କରିଥିଲେ।

ଓଗାଳପଡାର ଏହି ଜମିକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଣେ ଓଡ଼ିଶା ପ୍ରଶାସନିକ ଅଧିକାରୀ କେଉଁ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇ ଏହି ଜମି ପାଇଥିଲେ ? କେଉଁ ଯୋଗ୍ୟତା ଆଧାରରେ ତାଙ୍କ ଆବେଦନ ଗ୍ରହଣ ହୋଇଥିଲା ? ଏହି ସବୁ ପ୍ରଶ୍ନର ଉତ୍ତର ମୂଳ ଲିଜ୍ ଫାଇଲ୍‌ରେ ଥିବା ନେଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତେବେ, ଏହି ମୂଳ ରେକର୍ଡ ବର୍ତ୍ତମାନ ଜଟଣୀ ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ ନାହିଁ ବୋଲି ଜଟଣୀ ତହସିଲଦାର ଅଦାଲତରେ ଦାଖଲ କରିଥିବା ରିପୋର୍ଟରୁ ଜଣାପଡ଼ିଛି। ଏହି ରେକର୍ଡର ଅନୁପସ୍ଥିତି ଜମିର ମୂଳ ଉତ୍ସ ଓ ଲିଜ୍ ପ୍ରକ୍ରିୟାକୁ ନେଇ ସନ୍ଦେହକୁ ଆହୁରି ଘନୀଭୂତ କରିଛି। ଆଉ ଯଦି ଲିଜ୍ ପାଇଥିବା ବ୍ୟକ୍ତି ନିଜେ ରାଜସ୍ୱ ପ୍ରଶାସନର ଜଣେ ଅଧିକାରୀ ଥିଲେ, ତେବେ ତାଙ୍କ ଆବେଦନ କେଉଁ ପ୍ରକ୍ରିୟାରେ ବିଚାର ହୋଇଥିଲା ? ତାଙ୍କ ସରକାରୀ ପଦବୀ ଓ ଜମି ପାଇବାର ଯୋଗ୍ୟତା ମଧ୍ୟରେ କୌଣସି ସମ୍ପର୍କ ଥିଲା କି ? ନା ସେ ଅନ୍ୟ ସାଧାରଣ ଆବେଦନକାରୀଙ୍କ ଭଳି ସମାନ ପ୍ରକ୍ରିୟାରେ ଜମି ପାଇଥିଲେ ? ଏହା ମଧ୍ୟ ତଦନ୍ତରେ ସ୍ପଷ୍ଟ ହେବାକୁ ଥିବା ମୁଖ୍ୟ ଦିଗ।

ଜମିର ପୁରୁଣା ରେକର୍ଡ, ନକ୍ସା ଓ କ୍ଷେତ୍ର ଯାଞ୍ଚ ରିପୋର୍ଟରେ ମଧ୍ୟ ଜମିର ପରିମାଣକୁ ନେଇ ଅସଙ୍ଗତି ଥିବା ଜଣାପଡ଼ିଛି । ଲିଜ୍‌ରେ ପ୍ରକୃତରେ କେତେ ଜମି ଦିଆଯାଇଥିଲା, ପରେ କେତେ ଜମି ହାତବଦଳ ହେଲା ଏବଂ ରେକର୍ଡ ଓ ନକ୍ସାରେ ଏହି ଫରକ କାହିଁକି ରହିଛି, ଏ ନେଇ ତଦନ୍ତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ପାରିବାରିକ କଳହରୁ ହତ୍ୟାକାଣ୍ଡ!

# ସ୍ତ୍ରୀ, ପୁଅ ଓ ନାବାଳିକା ଝିଅ ଅଟକ






ଆଳି,୮।୧୦(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଥାନା ଅନ୍ତର୍ଗତ ମାଳପାଟଣା ଗ୍ରାମରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ବେଳେ ଘଟଣାରେ ତାଙ୍କ ସ୍ତ୍ରୀ, ପୁଅ ଓ ନାବାଳିକା ଝିଅଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରୁଛି ପୁଲିସ। ମୃତକ ଜଣଙ୍କ ହେଲେ ମାଳପାଟଣା ଗ୍ରାମର ନିରଞ୍ଜନ ସାହୁ। ମିଳିଥିବା ସୂଚନାନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ନିରଞ୍ଜନ ଘରକୁ ଫେରିବା ପରେ ପରିବାର ସଦସ୍ୟଙ୍କ ସହ ତାଙ୍କର ବଚସା ହୋଇଥିଲା। ପରେ ସେ ଶୋଇ ପଡ଼ିଥିଲେ। ଏହାପରେ କୌଣସି କାରଣରୁ ତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଆଜି ସକାଳେ ନିରଞ୍ଜନଙ୍କ ମୃତଦେହ ଘର ବାହାରେ ପଡ଼ିଥିବା ଦେଖି ପଡ଼ୋଶୀମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ଖବର ପାଇ ଆଳି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଫୋରେନ୍‌ସିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରୁ ବିଭିନ୍ନ ତଥ୍ୟ ଓ ପ୍ରମାଣ ସଂଗ୍ରହ କରିଛି। ଘଟଣାକୁ ନେଇ ମୃତକଙ୍କ ସ୍ତ୍ରୀ ମନୋରମା ସାହୁ ଗଣମାଧ୍ୟମ ସମ୍ମୁଖରେ କିଛି ସ୍ୱୀକାରୋକ୍ତି ଦେଇଥିବା ଚର୍ଚ୍ଚା ହେଉଥିବା ବେଳେ ପୁଲିସ ଏହାର ସତ୍ୟତା ଯାଞ୍ଚ କରୁଛି। ଘଟଣାରେ ମନୋରମାଙ୍କ ସହ ତାଙ୍କ ପୁଅ ଓ ନାବାଳିକା ଝିଅଙ୍କୁ ଅଟକ ରଖି ପୁଲିସ୍ ପଚରାଉଚରା କରୁଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ରିପୋର୍ଟ ଆସିବା ପରେ ନିରଞ୍ଜନଙ୍କ ମୃତ୍ୟୁର ସଠିକ୍ କାରଣ ସ୍ପଷ୍ଟ ହେବ। ପୁଲିସ ତତ୍ତ୍ୱାବଧାନରେ ମୃତକଙ୍କ ପୁଅ ବାପାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରିଛନ୍ତି।

## ଦ୍ୱିତୀୟ ଥର ପ୍ରେସ କାଉନସିଲ୍‌ର ସଦସ୍ୟ ହେଲେ ପ୍ରସନ୍ନ ମହାନ୍ତି



ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ): ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି ଦ୍ୱିତୀୟ ଥର ପାଇଁ ପ୍ରେସ କାଉନସିଲ ଅଫ୍ ଇଣ୍ଡିଆର ସଦସ୍ୟ ମନୋନୀତ ହୋଇଛନ୍ତି। ଏହି ମର୍ମରେ ଗତକାଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ୫ ଜଣ ସମ୍ପାଦକ ଓ ୬ ଜଣ କର୍ମଜୀବୀ ସାମ୍ବାଦିକଙ୍କ ନାମ ସ୍ଥାନ ପାଇଛି। ସାମ୍ବାଦିକ ଶ୍ରୀ ମହାନ୍ତି ଉଭୟ ଖବରକାଗଜ ଓ ବୈଦ୍ୟୁତିକ ମିଡିଆରେ ଦୀର୍ଘ ଦିନ ଧରି କାର୍ଯ୍ୟ କରିଛନ୍ତି। ଜଣେ ରାଜନୈତିକ ସମୀକ୍ଷକ ଭାବେ ସେ ବେଶ୍ ଜଣାଶୁଣା। ଓଡ଼ିଶା ସାମ୍ବାଦିକ ୟୁନିୟନର ସଭାପତି ଦାୟିତ୍ୱରେ ଥିବା ଶ୍ରୀ ମହାନ୍ତି ପୂର୍ବରୁ ଦୁଇ ଥର ନ୍ୟାସନାଲ ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟର ଜାତୀୟ ମହାସଚିବ ଥିଲେ। ପୂର୍ବ କାର୍ଯ୍ୟକାଳ ସମୟରେ ସେ ସାମ୍ବାଦିକଙ୍କ ସୁରକ୍ଷା ଓ କଲ୍ୟାଣ ବାବଦରେ ଅନେକ ଦାବି ଉପସ୍ଥାପନା କରିବା ସହ ପ୍ରେସ କାଉନସିଲକୁ ସୁପାରିସ କରିଥିଲେ। ଏଭଳି ସମ୍ମାନଜନକ ପଦବୀକୁ ମନୋନୟନ ଲାଗି ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି।

## ଆରବିଆଇ ମୁଦ୍ରାନୀତିକୁ ବିଜେପିର ସ୍ୱାଗତ

# ଦରଦାମ ବୃଦ୍ଧି ନିୟନ୍ତ୍ରଣ ଓ ବିକାଶକୁ ସୁରକ୍ଷା ଦେବ: ସତ୍ୟବ୍ରତ

ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ): ଦରବୃଦ୍ଧିରୁ ସାଧାରଣ ଲୋକଙ୍କ ଆୟ ଓ ସଞ୍ଚୟକୁ ସୁରକ୍ଷା ଦେବା ପାଇଁ ଗତକାଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ନେଇଥିବା ମୁଦ୍ରାନୀତି ପଦକ୍ଷେପକୁ ଓଡ଼ିଶା ବିଜେପି ସ୍ୱାଗତ କରିଛି। ରେପୋ ହାରକୁ ୦.୨୫ ପ୍ରତିଶତ ବଢ଼ାଇ ୫.୫୦ ପ୍ରତିଶତ କରିବା ଏବଂ ମାପିଚୁପି ମୁଦ୍ରାନୀତି କଠୋର କରିବାର (କାଲିବ୍ରେଟେଡ୍) ଆଭିମୁଖ୍ୟ ଗ୍ରହଣ କରିବା ଏକ ପ୍ରତିରୋଧାତ୍ମକ ଆଗୁଆ ନିଷ୍ପତ୍ତି। ଦରଦାମ ଅନିୟନ୍ତ୍ରିତ ହେବା ପୂର୍ବରୁ ପଦକ୍ଷେପ ନେବା ଦାୟିତ୍ୱଶୀଳ ଅର୍ଥନୈତିକ ପରିଚାଳନାର ପରିଚୟ ବୋଲି ଏକ ପ୍ରେସ୍ ବିବୃତିରେ ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ଶ୍ରୀ ପଣ୍ଡା କହିଛନ୍ତି ଯେ ଆର୍‌ବିଆଇର ନିଜସ୍ୱ ପୂର୍ବାନୁମାନରେ ଅଗଷ୍ଟର ମୁଦ୍ରାସ୍ଫୀତି ୪.୮୨ ପ୍ରତିଶତ ଥିଲା ବେଳେ ବର୍ଷ ଶେଷକୁ ତାହା ୫.୨ ପ୍ରତିଶତ ଛୁଇଁପାରେ। ଏପରି ଆକଳନ ପରେ ରିଜର୍ଭ ବ୍ୟାଙ୍କର ନିଷ୍କ୍ରିୟତା ଆଦୌ ଉଚିତ ନ ଥିଲା। ସୁଧହାର ଏକାକୀ ଖାଦ୍ୟ ଉତ୍ପାଦନ କରିବ ନାହିଁ କିମ୍ବା ଇନ୍ଧନର ଯୋଗାଣ ବଢ଼ାଇବ ନାହିଁ। କିନ୍ତୁ ଦରବୃଦ୍ଧିର ଚାପ ବ୍ୟାପକ ଓ ସ୍ଥାୟୀ ହେବାର ବିପଦ କମାଇପାରିବ। ଦ୍ରୁତ ଅଭିବୃଦ୍ଧି ହାର, ଶ୍ରମ ବଜାରର ଦୃଢ଼ତା, ବ୍ୟାଙ୍କିଂ ବ୍ୟବସ୍ଥାର ଉତ୍ତମ ସ୍ୱାସ୍ଥ୍ୟ, ସ୍ଥାୟୀ ପୁଞ୍ଜି ଗଠନ ଓ ଭିତିଭୂମି କ୍ଷେତ୍ରରେ ନିବେଶର ଉନ୍ନତି ସମ୍ଭାବ୍ୟ ଦରଦାମ ବୃଦ୍ଧି ବିରୋଧରେ ରିଜର୍ଭ ବ୍ୟାଙ୍କକୁ ଏପରି ସମୟୋଚିତ ନୀତି ନିର୍ଦ୍ଧାରଣ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିପାରିଛି।

## ଉଦ୍‌ଯାପିତ ହେଲା 'କଟକ ନାଟ୍ୟୋତ୍ସବ-୨୦୨୬'




କଟକ, ୮।୧୦ (ସଂଚାର ବ୍ୟୁରୋ): ଜିଲ୍ଲା ପ୍ରଶାସନ ପକ୍ଷରୁ ନେତାଜୀ ସଂସ୍କୃତି ଭବନଠାରେ ଆୟୋଜିତ 'କଟକ ନାଟ୍ୟୋତ୍ସବ- ୨୦୨୬' ଆଜି ଉଦଯାପିତ ହୋଇଯାଇଛି। ଚାରିଦିନ ବ୍ୟାପୀ ଚାଲିଥିବା ନାଟ୍ୟୋତ୍ସବରେ ପରିବେଶ ସୁରକ୍ଷା, ନାରୀଶକ୍ତି, କଟକର ଐତିହାସିକ ବାଲିଯାତ୍ରା, ମାନବୀୟ ସମ୍ପର୍କ ଭଳି ବିଭିନ୍ନ ବିଷୟକୁ ନେଇ ପ୍ରସ୍ତୁତ ନାଟକଗୁଡ଼ିକ ଦର୍ଶକଙ୍କ ମନ ଜିଣିଥିଲା। ଉଦଯାପନୀ ଦିବସର ପ୍ରଥମ ପ୍ରଦର୍ଶନରେ ଇନଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସି ଆଣ୍ଡ ଟେକ୍ନୋଲୋଜି, ସାଲେପୁର ପକ୍ଷରୁ 'ଶକ୍ତି ସ୍ୱରୂପିଣୀ' ନାଟକ ପରିବେଷଣ କରାଯାଇଥିଲା। ପରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଫେରିଆ ବୋଇତ ସପନ ନେଇ' ନାଟକ ପରିବେଷଣ କରାଯାଇଥିଲା। ସେହିପରି ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ 'ବୋଉ' ନାଟକ ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା। ଉଦଯାପନୀ ଦିବସର ଶେଷ ପ୍ରଦର୍ଶନରେ ଜେ.କେ.ବି.କେ. ମହାବିଦ୍ୟାଳୟ ପକ୍ଷରୁ 'ଛବିଟା ସତ ନଥିଲା' ନାଟକ ପରିବେଷଣ କରାଯାଇଥିଲା। ଚାରିଦିନ ଧରି ଚାଲିଥିବା "କଟକ ନାଟ୍ୟୋତ୍ସବ- ୨୦୨୬"ରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ନାଟ୍ୟଦଳ ଅଂଶଗ୍ରହଣ କରି ନିଜର ଅଭିନୟ, ନିର୍ଦ୍ଦେଶନା, ସଂଳାପ, ସଙ୍ଗୀତ ଓ ମଞ୍ଚସଜ୍ଜାର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ପର୍ଯ୍ୟାୟରେ ମୋଟ ୧୩ଟି ଦଳ ସେମାନଙ୍କ ନାଟ୍ୟ ପ୍ରତିଭା ପ୍ରଦର୍ଶନ କରିଥିଲେ। ନାଟ୍ୟ ବିଶେଷଜ୍ଞ ତଥା ବିଚାରକମଣ୍ଡଳୀଙ୍କ ଦ୍ୱାରା ନାଟକଗୁଡ଼ିକର ମୂଲ୍ୟାୟନ କରାଯାଇ ୧୦ ଟି ଦଳକୁ ପରବର୍ତ୍ତୀ ପର୍ଯ୍ୟାୟକୁ ଚୟନ କରାଯାଇଛି।

# ବନ୍ଦ ପାଳନ ବିଫଳ, ହିଂସାତ୍ମକ ଆଚରଣ ନିନ୍ଦନୀୟ

## ଆଉ ଲୋକେ ଚୋରଙ୍କୁ ଭୋଟ ଦେଉନାହାନ୍ତି



ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ): ଆଜି କଂଗ୍ରେସ ଓ ବାମ ଦଳ ଦ୍ୱାରା ହୋଇଥିବା ବନ୍ଦ ପାଳନ ସମ୍ପୂର୍ଣ୍ଣ ଭାବେ ଓଡ଼ିଶା ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ ହୋଇଛି। ସାରା ଓଡ଼ିଶାରେ ଜନଜୀବନ ସମ୍ପୂର୍ଣ୍ଣ ସ୍ୱାଭାବିକ ଥିଲା। ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଏହି ବନ୍ଦ ପାଳନ ପ୍ରମାଣିତ କରୁଛି ଯେ ଯେଉଁ ପ୍ରସଙ୍ଗରେ ସେମାନେ ରାସ୍ତାକୁ ଓହ୍ଲାଇଥିଲେ ତାହାକୁ ଲୋକେ ସମର୍ଥନ କରିନାହାନ୍ତି। କିନ୍ତୁ ଯେଉଁଭଳି କିଛି ସ୍ଥାନରେ କଂଗ୍ରେସ ଓ ବାମ ଦଳର ଗୁଣ୍ଡାମାନେ ଆତଙ୍କରାଜ କରି ସାଧାରଣ ଲୋକଙ୍କୁ ଭୟଭୀତ କରିଛନ୍ତି, ଏହାକୁ ଓଡ଼ିଶାର ଲୋକେ କେବେବି କ୍ଷମା ଦେବେନାହିଁ। ଗଣମାଧ୍ୟମରେ ପ୍ରକାଶିତ ବିଭିନ୍ନ ଭିଡିଓରୁ ଜଣାପଡୁଛି ଯେ କେଉଁଭଳି ଭାବେ କିଏ ଡାକ୍ତରଖାନା ଯାଉଛି ତାକୁ କଂଗ୍ରେସ କର୍ମୀମାନେ ଅଟକାଇ ଖରାପ ବ୍ୟବହାର ପ୍ରଦର୍ଶନ କରିଛନ୍ତି, କିଏ ନିଜ ପିଲାଙ୍କୁ ସ୍କୁଲରେ ଛାଡ଼ିବାକୁ ଯାଉଛି ତାକୁ ଖରାପ ବ୍ୟବହାର ପ୍ରଦର୍ଶନ କରିଛନ୍ତି। ଏପରିକି ଗର୍ଭବତୀ ମହିଳା ମଧ୍ୟ ଏହି କଂଗ୍ରେସ ଓ ଇଣ୍ଡି ଗଠବନ୍ଧନର ଅସଭ୍ୟ ନେତା ଓ କର୍ମୀମାନଙ୍କର ଅରାଜକତା ଆଚରଣରୁ ବର୍ତ୍ତିନାହାନ୍ତି। ଶାନ୍ତିପୂର୍ଣ୍ଣ ଓଡ଼ିଶା ଲୋକ ଏହାର ଉଚିତ ଜବାବ ଦେବେ ବୋଲି ଏକ ପ୍ରେସ୍ ବିବୃତିରେ ରାଜ୍ୟ ମୁଖପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି।

ଶ୍ରୀ ବିଶ୍ୱାଳ କହିଛନ୍ତି ଯେ ସମ୍ବିଧାନ ବଞ୍ଚାଇବା ନାରା ଦେଇ ରାସ୍ତାରେ ଆନ୍ଦୋଳନ କରୁଥିବା କଂଗ୍ରେସ ଦଳ ସ୍ପଷ୍ଟ କରିବା ଉଚିତ ଯେ ଏହିଭଳି ହିଂସାତ୍ମକ ଆଚରଣ ସମ୍ବିଧାନର କେଉଁ ଧାରାରେ ଉଲ୍ଲେଖ ରହିଛି ? ସୁପ୍ରିମକୋର୍ଟ ଏକ ରାୟରେ କୌଣସି ରାଜନୈତିକ ଦଳ କାହାକୁ ଜୋର୍ ଜବରଦସ୍ତି କରି ବନ୍ଦ ପାଳନ କରିପାରିବେ ନାହିଁ ବୋଲି କହିଛନ୍ତି। ଯଦି ବିରୋଧୀ ଦଳମାନଙ୍କର ସମ୍ବିଧାନ ପ୍ରତି ସମ୍ମାନ ଥାନ୍ତା, ତା'ହେଲେ ଆଜି ସେମାନେ ସୁପ୍ରିମକୋର୍ଟଙ୍କ ରାୟର ବିରୋଧାଚରଣ କରି ନ ଥାନ୍ତେ। ଆଜି ବିରୋଧୀ ଦଳମାନଙ୍କର ଅରାଜକତାର ଭିଡିଓ ସବୁଦିନ ପାଇଁ ଓଡ଼ିଶା ଲୋକଙ୍କ ଆଗରେ ସେମାନଙ୍କ ହିଂସାତ୍ମକ ଆଚରଣର ପ୍ରମାଣ ହୋଇ ରହିଥିବ। ଓଡ଼ିଶାରେ ୦.୧୪% ଭୋଟ ପାଉଥିବା ବାମ ଦଳ କହୁଛି ଯେ ସେମାନଙ୍କ ଭୋଟ ଚୋରି ହୋଇଗଲା ବୋଲି। ୧୯୯୫ ନିର୍ବାଚନ ପରଠାରୁ ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରତ୍ୟାଖ୍ୟାତ ହୋଇ ଆସିଥିବା ତଥା ନିର୍ବାଚନରୁ ନିର୍ବାଚନ ଭୋଟ ପ୍ରତିଶତ ହରାଉଥିବା କଂଗ୍ରେସ ଦଳ କହୁଛି ଯେ ଏସ୍‌ଆଇଆର୍ ପାଇଁ ସେମାନେ ନିର୍ବାଚନ ହାରିଯାଉଛନ୍ତି।

# ଟିବିମୁକ୍ତ ଭାରତ ଗଠନ ଲକ୍ଷ୍ୟ

- ଯୁବଶକ୍ତିକୁ ଅଭିଯାନରେ ସାମିଲ ପାଇଁ 'ଜୋଶ'ର ଜାତୀୟ ଶୁଭାରମ୍ଭ
- ତୃଣମୂଳ ସ୍ତରରେ ଯୁବଶକ୍ତିଙ୍କ ଭାଗୀଦାରୀ ବୃଦ୍ଧି କରିବାକୁ ଗୁରୁତ୍ୱ



ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ): ଭାରତକୁ ଯକ୍ଷ୍ମାମୁକ୍ତ କରିବା ଦିଗରେ ଜନଭାଗୀଦାରୀକୁ ଆହୁରି ସୁଦୃଢ଼ କରିବା ସହ ଦେଶର ଯୁବଶକ୍ତିକୁ ଟିବି ନିରାକରଣ ଅଭିଯାନରେ ସକ୍ରିୟ ଭାବେ ସାମିଲ କରିବା ଉଦ୍ଦେଶ୍ୟରେ ଆଜି ନୂଆଦିଲ୍ଲୀରେ 'ଜୋଶ' (ଜଏଣ୍ଟ ସ୍କ୍ୱାଡ୍ ଫର ହେଲ୍‌ଥ)ର ଜାତୀୟ ଶୁଭାରମ୍ଭ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା, କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡ. ମନସୁଖ ମାଣ୍ଡଭିୟ, ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ ଓ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସମେତ ବହୁ ବରିଷ୍ଠ ମନ୍ତ୍ରୀ, ସାଂସଦ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆଭାସୀ ମାଧ୍ୟମରେ ଯୋଗଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୧ଟି ରାଜ୍ୟର ୫୫ଟି ଜିଲ୍ଲାରେ 'ଜୋଶ ଦଳ'ର କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ଟିମ୍‌ଗୁଡ଼ିକ ମାଧ୍ୟମରେ ଯୁବପିଢ଼ିଙ୍କ ଶକ୍ତି, ଉତ୍ସାହ ଓ ସାମାଜିକ ସଂଯୋଗକୁ ଟିବି ନିରାକରଣ ଅଭିଯାନରେ ବ୍ୟବହାର କରାଯିବ। ଜୋଶ ଦଳରେ ବରିଷ୍ଠ ଅଧିକାରୀ, ମାଇଁ ଭାରତ ଭଲ୍ୟୁଣ୍ଟର୍ ଓ ଏନସିସି କ୍ୟାଡେଟଙ୍କୁ ସାମିଲ କରାଯିବ। ଏହି ଟିମ୍‌ଗୁଡ଼ିକ ବ୍ଲକ, ୱାର୍ଡ ସ୍ତରରେ କାର୍ଯ୍ୟ କରି ଟିବି ସମ୍ପର୍କରେ ଲୋକଙ୍କୁ ସଚେତନ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଟିବି ନିରାକରଣ ଅଭିଯାନରେ ଜନଭାଗୀଦାରୀକୁ ଏକ ପ୍ରମୁଖ ଆଧାର ଭାବେ ଗ୍ରହଣ କରାଯାଇଛି। ସ୍ଥାନୀୟ ନେତୃତ୍ୱ, ଯୁବପିଢ଼ି, ସ୍ୱାସ୍ଥ୍ୟକର୍ମୀ, ନିର୍ବାଚିତ ପ୍ରତିନିଧି ଓ ସାଧାରଣ ଜନତାଙ୍କ ସମ୍ମିଳିତ ପ୍ରୟାସ ଦ୍ୱାରା ଟିବି ମୁକାବିଲାକୁ ଏକ ଜନଆନ୍ଦୋଳନର ରୂପ ଦିଆଯାଉଛି।

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶୁକ୍ରବାର ୯ ଅକ୍ଟୋବର ୨୦୨୬, ଭୁବନେଶ୍ୱର
Friday 9 October 2026, Bhubaneswar


# ଫ୍ରାନ୍ସରେ ରାଜନୈତିକ ଅସ୍ଥିରତା

ଫ୍ରାନ୍ସ କେବଳ ଏକ ଦେଶ ନୁହେଁ; ଏହା ୟୁରୋପର ହୃଦୟ ଏବଂ ଜୀବନରେଖା। ଏହାର ଅର୍ଥନୀତି, ସାଂସ୍କୃତିକ ପ୍ରଭାବ, ପରମାଣୁ ଶକ୍ତି ଏବଂ ୟୁରୋପୀୟ ସଂଘରେ ନେତୃତ୍ୱ ଭୂମିକା ୟୁରୋପକୁ ଏକତ୍ର ରଖିଛି। କିନ୍ତୁ ଆଜି ଏହି ଜୀବନରେଖା ଗଭୀର ରାଜନୈତିକ ଓ ସାମାଜିକ ଅଶାନ୍ତିର ସମ୍ମୁଖୀନ। ଛାତ୍ରଛାତ୍ରୀମାନଙ୍କ ବିଦ୍ରୋହ ଦେଶବ୍ୟାପୀ ଆନ୍ଦୋଳନରେ ପରିଣତ ହୋଇଛି। ଶିକ୍ଷକ ଅଭାବ, ଜରାଜୀର୍ଣ୍ଣ ବିଦ୍ୟାଳୟ, ଅତ୍ୟଧିକ କ୍ଲାସ୍ ଏବଂ ଅବହେଳିତ ଶିକ୍ଷା ବ୍ୟବସ୍ଥା ବିରୋଧରେ ହଜାର ହଜାର ଛାତ୍ର ଛାତ୍ରୀ ବାଟ ଅବରୋଧ କରିଛନ୍ତି। ବହୁ ସଂଗଠନ ଏହି ଆନ୍ଦୋଳନରେ ଯୋଗ ଦେଇଛନ୍ତି। ପୁଲିସ୍ ସହ ସଂଘର୍ଷ, ଗ୍ୟାସ ଗୋଳା, ଆହତ ଏବଂ ହଜାର ହଜାର ଗିରଫଦାରୀ ଦେଖାଯାଉଛି। ଏହା କେବଳ ଶିକ୍ଷା ସମସ୍ୟା ନୁହେଁ; ଏହା ଦେଶର ଋଣ ସଙ୍କଟ, ବଜେଟ୍ ଅସମତା ଏବଂ ୨୦୨୭ ରାଷ୍ଟ୍ରପତି ନିର୍ବାଚନ ଆଗରୁ ରାଜନୈତିକ ଅନିଶ୍ଚିତତାର ପ୍ରତିଫଳନ। ଫ୍ରାନ୍ସର ସାର୍ବଜନୀନ ଋଣ ଜିଡିପିର ପ୍ରାୟ ୧୧୯ ପ୍ରତିଶତରେ ପହଞ୍ଚିଛି। ବଜେଟ୍ ଘାଟି ନିୟନ୍ତ୍ରଣ ବାହାରେ। ବଣ୍ଡ ମାର୍କେଟ୍ ଅସ୍ଥିର। ଏହି ସଙ୍କଟ ୟୁରୋଜୋନକୁ ପ୍ରଭାବିତ କରିପାରେ। ଫ୍ରାନ୍ସ ଯଦି ଦୁର୍ବଳ ହୁଏ, ତେବେ ଜର୍ମାନୀ ସହ ମିଳିତ ଭାବେ ୟୁରୋପର ଆର୍ଥିକ ସ୍ଥିରତା ବିପଦରେ ପଡ଼ିବ। ଏହା ହିଁ ଫ୍ରାନ୍ସକୁ ୟୁରୋପର ଜୀବନରେଖା କରେ। ଏହାର ପତନ ସମଗ୍ର ମହାଦେଶକୁ ଦୁର୍ବଳ କରିବ।




ଏହି ସମୟରେ ଆମେରିକା ଏହି ଅଶାନ୍ତିକୁ ନିଜ ରାଜନୈତିକ ଲାଭ ପାଇଁ ବ୍ୟବହାର କରିବାକୁ ଚେଷ୍ଟା କରୁଛି। ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆନ୍ଦୋଳନକୁ ଶିକ୍ଷା ସମସ୍ୟା ନୁହେଁ, ବରଂ "ଅନିୟନ୍ତ୍ରିତ ଅଭିବାସନ ଏବଂ ଇସଲାମ" ସହ ଯୋଡ଼ିଛନ୍ତି। ସେ କୌଣସି ପ୍ରମାଣ ବିନା ଏହାକୁ ବଡ଼ ଆଖିରେ ଦେଖାଇ ନିଜ ଦେଶର ମଧ୍ୟବର୍ତ୍ତୀ ନିର୍ବାଚନ ପାଇଁ ରାଜନୈତିକ ପୁଞ୍ଜି ଗଢ଼ୁଛନ୍ତି। MAGA ସମର୍ଥକମାନେ ଏହାକୁ ୟୁରୋପର "ସତର୍କତା ସଙ୍କେତ" ଭାବେ ପ୍ରଚାର କରୁଛନ୍ତି। ଏହା କେବଳ ମତପ୍ରକାଶ ନୁହେଁ; ଏହା ୟୁରୋପର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପର ପ୍ରୟାସ। ଆମେରିକା ଇତିମଧ୍ୟରେ ଶକ୍ତି ଖାଦ୍ୟ ସମ୍ପଦରେ ଫ୍ରାନ୍ସ ଓ ୟୁରୋପ ଉପରେ ଚାପ ପକାଉଛି। ଡିଜେଲ ଭଣ୍ଡାର ମୁକ୍ତ କରିବାକୁ ବାଧ୍ୟ କରିବାର ପ୍ରୟାସ ଦେଖାଯାଉଛି। ରାଜନୈତିକ ଭାବେ ମଧ୍ୟ ଆମେରିକା ୟୁରୋପରେ ନିଜ ପକ୍ଷର ଶକ୍ତିଗୁଡ଼ିକୁ ସମର୍ଥନ କରି ଇଉରୋପୀୟ ଏକତାକୁ ଦୁର୍ବଳ କରିବାକୁ ଚାହୁଁଛି।

ଫ୍ରାନ୍ସର ସଙ୍କଟକୁ ଆମେରିକା ନିଜ ଆନ୍ତର୍ଜାତିକ ପ୍ରଭାବ ବୃଦ୍ଧି ପାଇଁ ବ୍ୟବହାର କରୁଛି ଯେତେବେଳେ ୟୁରୋପର ମୁଖ୍ୟ ଶକ୍ତି ଦୁର୍ବଳ ହୁଏ, ଆମେରିକା ନିଜକୁ ଏକମାତ୍ର ସ୍ଥିର ଶକ୍ତି ଭାବେ ପ୍ରଦର୍ଶନ କରିପାରେ। ଋଣ ବଜାରରେ ଫ୍ରାନ୍ସର ଅସ୍ଥିରତା ଯୁକ୍ତରାଷ୍ଟ୍ରର ବଣ୍ଡକୁ ସୁରକ୍ଷିତ ଆଶ୍ରୟ କରି ଦେଉଛି। ଏହା ଆମେରିକାକୁ ଆର୍ଥିକ ଲାଭ ଦେଉଛି। ଏହା ସହିତ ରାଜନୈତିକ ଭାବେ ୟୁରୋପର ସ୍ୱାଧୀନ ନୀତିକୁ ନିୟନ୍ତ୍ରଣ କରିବାର ପ୍ରୟାସ ଚାଲିଛି।

ଫ୍ରାନ୍ସକୁ ଏହି ସଙ୍କଟରୁ ବାହାରିବାକୁ ହେବ। ଶିକ୍ଷା ବ୍ୟବସ୍ଥାରେ ବିନିଯୋଗ, ଋଣ ନିୟନ୍ତ୍ରଣ ଏବଂ ରାଜନୈତିକ ସ୍ଥିରତା ଆବଶ୍ୟକ। କିନ୍ତୁ ବାହ୍ୟ ଶକ୍ତି ଏହାକୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରିବା ଉଚିତ ନୁହେଁ। ୟୁରୋପକୁ ନିଜ ସମସ୍ୟା ନିଜେ ସମାଧାନ କରିବାକୁ ଦେବା ଉଚିତ। ଫ୍ରାନ୍ସ ଯଦି ଦୁର୍ବଳ ହୁଏ, ୟୁରୋପ ଦୁର୍ବଳ ହେବ। ଆମେରିକା ଯଦି ଏହାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହେଁ, ତେବେ ଏହା ବହୁଧ୍ରୁବୀୟ ବିଶ୍ୱର ସନ୍ତୁଳନକୁ ବିଗିଡ଼ କରିବ।

ୟୁରୋପର ଜୀବନରେଖାକୁ ରକ୍ଷା କରିବା ଫ୍ରାନ୍ସର ଦାୟିତ୍ୱ। ବାହାରର ହସ୍ତକ୍ଷେପ ଏହାକୁ ଆହୁରି ଦୁର୍ବଳ କରିବ। ସମୟ ଆସିଛି ଫ୍ରାନ୍ସ ନିଜ ଗୃହ ସମସ୍ୟା ସମାଧାନ କରି ୟୁରୋପକୁ ନୂତନ ଶକ୍ତି ଦେବାକୁ। ଆମେରିକାର ରାଜନୈତିକ ଲାଭଲୋଭ ବଦଳରେ ସହଯୋଗ ଆବଶ୍ୟକ। ନଚେତ ୟୁରୋପର ଭବିଷ୍ୟତ ଅନିଶ୍ଚିତ ହୋଇପାରେ।

# ଓଡ଼ିଶା ଓ ସେମିକଣ୍ଡକ୍ଟର: ବିକାଶର ନୂଆ ଉଡ଼ାଣ

**ଶୁଭ୍ରଜିତ୍ ଦାଶ**



ଏକ ସମୟ ଥିଲେ ସେତେବେଳେ ଓଡ଼ିଶା କୁ କେବଳ ଖଣି , ଜଳସମ୍ପଦ ଓ ଧାନ ଚାଷ ପାଇଁ ଦେଶର ଲୋକ ଜାଣିଥିଲେ କିନ୍ତୁ ଆଜି ସମୟର ପରିବର୍ତ୍ତନ ଘଟିଛି। ଆଜି ସେହି ଓଡ଼ିଶା ନିଜର ପରିଚୟ କୁ ଏକ ନୂଆ ଢଙ୍ଗ ରେ ବିଶ୍ୱ ଦରବାର ରେ ଉପସ୍ଥାପନ କରିବା ପାଇଁ ଯାଉଛି।ଶିଳ୍ପାୟନ , ପ୍ରଯୁକ୍ତିବିଦ୍ୟା , ସେମିକଣ୍ଡକ୍ଟର ପରି ଭବିଷ୍ୟତ ଦିଗରେ ମଧ ନୂଆ ଓଡ଼ିଶା ଆଜି ନିଜର ସ୍ଥାନ ତିଆରି କରିବା ପାଇଁ କାର୍ଯ୍ୟ କରୁଛି। ସେମିକଣ୍ଡକ୍ଟର ଆଜିର ଡିଜିଟାଲ ଯୁଗରେ ମୌଳିକ ଆବଶ୍ୟକତା ହୋଇଯାଇଛି। ସାଧାରଣ ମୋବାଇଲ ଫୋନ ଠାରୁ ଆରମ୍ଭ କରି ବିଦ୍ୟୁତ୍ ଚଳିତ ଗାଡ଼ି ପର୍ଯ୍ୟନ୍ତ , ମେଡିକାଲ ଉପକରଣ , କୃତିମ୍ ବୁଦ୍ଧିମତା ସବୁଥିରେ ଏହି ଚିପ୍ସ ର ଗୁରୁତ୍ୱ ରହିଛି। ଅତେଏବ ଆଗାମୀଦିନରେ ଏହି ସେମିକଣ୍ଡକ୍ଟର ଚିପ୍ସ ର ଗୁରୁତ୍ୱ ଆମେ ଏହିଥିରୁ ଅନୁମାନ କରିପାରୁଥିବା।

ଓଡ଼ିଶାକୁ ଆସୁଥିବା ସୁଯୋଗ ଓ ସମ୍ଭାବନା ଓଡ଼ିଶା ପାଇଁ ଏକ ନୂଆ ଆଶା ଓ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ ର ସ୍ୱପ୍ନ କୁ ଆହୁରି ଦୁଇ ପାଦ ଆଗକୁ ବଢ଼ାଇବାର ସଂକଳ୍ପ ନେଇ ଆସିଛି। କଟକ ନିକଟରେ ଥିବା ନାରାଜ ଠାରେ 'ଓଡିଶା ସିଲିକନ୍ ଭ୍ୟାଲି ' ଓଡ଼ିଶା କୁ ବିକଶିତ କରିବା ତଥା ନୂଆ ଓଡ଼ିଶା ଓ ବିକଶିତ ଓଡ଼ିଶା ଗଠନ ଦିଗରେ ପ୍ରମୁଖ ଭୂମିକା ବହନ କରେ। ଏହା କେବଳ କେବଳ ଏକ ଶିଳ୍ପ ପ୍ରକଳ୍ପ ନୁହେଁ ବରଂ ଏହା ଓଡ଼ିଶାର ଯୁବପିଢ଼ିକୁ ଭବିଷ୍ୟତର ଅର୍ଥନୀତି ତଥା ପ୍ରଯୁକ୍ତିବିଦ୍ୟା ସହିତ ଯୋଡ଼ିବାର ଏକ ସୁଯୋଗ ଓ ସମ୍ଭାବନା। ସେମିକଣ୍ଡକ୍ଟର ଦିଗରେ ବିକାଶ ହେଲେ କେବଳ ନୂଆ ନୂଆ କମ୍ପାନୀ ଖୋଲିବ ତାହା ନୁହେଁ ବରଂ ନୂଆ ଷ୍ଟାର୍ଟ ଅପ୍ , ମଧ୍ୟମ ଉଦ୍ୟୋଗ , ଗବେଷଣା କେନ୍ଦ୍ର ତଥା ରାଜ୍ୟର ପ୍ରଗତି ପାଇଁ ପ୍ରଶିକ୍ଷଣ ପ୍ରାପ୍ତ ଯୁବଶକ୍ତି ମଧ ସୃଷ୍ଟି ହେବ। ଚିପ୍ସ ଡିଜାଇନ୍, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ,ଗବେଷଣା , ନୂଆ ଉଦ୍ଭାବନ ଦିଗରେ ନୂଆ ସୁଯୋଗ ଓଡ଼ିଶାର ତଥା ପୂର୍ବ ଭାରତର ଯୁବକ ମାନଙ୍କ ପାଇଁ ଏକ ନୂଆ ଆଶା , ନୂଆ କିରଣ ତଥା ନୂଆ ସମ୍ଭାବନା ସୃଷ୍ଟି କରିବ। ଏହା ମଧ ଆମେ ରଖିବାକୁ ପଡ଼ିବ ଯେ ସେମିକଣ୍ଡକ୍ଟର କେବଳ ଏକ ଶିଳ୍ପ ନୁହେଁ, ଏହା ଭବିଷ୍ୟତର ରଣନୀତିକ ଶକ୍ତି। ଯେଉଁ ଦେଶ ଚିପ୍ ଓ ଉନ୍ନତ ପ୍ରଯୁକ୍ତିରେ ଆତ୍ମନିର୍ଭର ହେବ, ସେହି ଦେଶ ଆଗାମୀ ଦଶନ୍ଧିରେ ବିଶ୍ୱ ଅର୍ଥନୀତିରେ ଅଧିକ ପ୍ରଭାବଶାଳୀ ହେବ। ଭାରତର 'ଆତ୍ମନିର୍ଭର ଭାରତ' ଓ 'ବିକଶିତ ଭାରତ'ର ଲକ୍ଷ୍ୟରେ ଓଡ଼ିଶା ମଧ ନିଜର ଏକ ମଜବୁତ ଭୂମିକା ନେଇପାରେ।

ଓଡ଼ିଶାର ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ମାନନୀୟ କେନ୍ଦ୍ର ରେଳ, ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶା ତଥା ପୂର୍ବ ଭାରତର ବିକାଶ ପାଇଁ ଓଡ଼ିଶାରେ ସେମି କଣ୍ଡକ୍ଟର ପ୍ରକଳ୍ପ କୁ ଗୁରୁତ୍ୱ ଦେବା ସହ ତାହାର ଉତ୍ଥାନ ଦିଗରେ ଅହରହ କାର୍ଯ୍ୟ କରୁଛନ୍ତି ଯାହାକି ଓଡ଼ିଶା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଓ ସୁବର୍ଣ୍ଣ ସମୟ। ଓଡ଼ିଶାର ବିକାଶ ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସଦା ସର୍ବଦା ତତ୍ପର। ଓଡ଼ିଶାକୁ ବିକଶିତ ଓଡ଼ିଶା ଓ ଭାରତ କୁ ବିକଶିତ ଭାରତ ଗଠନ କରିବାକୁ ହେଲେ ଓଡ଼ିଶାର ଯୁବଶକ୍ତି ଆଗକୁ ଆସିବା ପାଇଁ ପଡିବ। ଆମର ଦୃଢ଼ ବିଶ୍ୱାସ ଯେ ଓଡ଼ିଶା ଅତିଶୀଘ୍ର ଭାରତ ତଥା ବିଶ୍ୱର ସେମି କଣ୍ଡକ୍ଟରର ହବ୍ ଭାବେ ସୁପରିଚିତ ହେବ।

**ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସାମାଜିକ ଗଣମାଧ୍ୟମ ସହ ପ୍ରମୁଖ**
**ରିସର୍ଚ୍ଚ ସ୍କୋଲାର, ଓଡ଼ିଶା**
**ମୋବାଇଲ୍:୯୩୪୮୪୪୧୮୩୪**



# ବ୍ୟକ୍ତି ପୂଜନର ପରାକାଷ୍ଠା

**ରଣେନ୍ଦ୍ର ପ୍ରତାପ ସ୍ୱାଇଁ**



ସମ୍ବିଧାନ ସଭାରେ ଭାରତୀୟ ସମ୍ବିଧାନ ଗୃହିତ ହେବାର ପୂର୍ବ ସନ୍ଧ୍ୟାରେ ଅର୍ଥାତ୍ ୨୫ ନଭେମ୍ବର, ୧୯୪୯ ତାରିଖରେ ବାବା ସାହେବ ଆମ୍ବେଦକର ଏକ 'ବ୍ୟକ୍ତିପୂଜା' ସମ୍ପର୍କିତ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ତାଙ୍କ ବକ୍ତବ୍ୟରେ ସେ କହିଥିଲେ, 'ଭକ୍ତି ବା ବ୍ୟକ୍ତିପୂଜା ଗଣତନ୍ତ୍ରର ଅଧୋଗତି କରିବା ସହିତ ଶେଷରେ ଏକଛତ୍ରବାଦ ଆଡକୁ ବାଟ କଢାଇ ନେଇଥାଏ।' ଏହି ଭାଷଣରେ ସେ ଏକ ମହତ୍ତ୍ୱପୂର୍ଣ୍ଣ ଦିଗ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ତାଙ୍କ ମତରେ ଯଦିଓ ରାଜନୈତିକ କର୍ମୀଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତା ରହିଥାଏ, ଭାରତରେ ଏହା ଏହି ସୀମା ଲଙ୍ଘି ଭକ୍ତିରେ ପରିଣତ ହୋଇଥାଏ। ଧର୍ମୀୟ ଅର୍ଥରେ 'ଭକ୍ତି' ମୋକ୍ଷ ପ୍ରଦାନ କରୁଥିବା ବେଳେ, ରାଜନୀତିରେ ଏହି 'ଭକ୍ତି' ରାଜନେତାଙ୍କର 'ଉତ୍ତରଦାୟିତ୍ୱତାକୁ' ନିଷ୍ପ୍ରଭ କରିଥାଏ। ବାବା ସାହେବଙ୍କ ଏହି ଉକ୍ତି ଆଜିର ରାଜନୀତି ପାଇଁ ସଂପୂର୍ଣ୍ଣ ରୂପେ ପ୍ରଯୁଜ୍ୟ। ଯଦିଓ ଏହାର ଝଲକ ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଦେଖିବାକୁ ମିଳିଥିଲା, ଯେତେବେଳେ ଆସାମର ତତ୍କାଳୀନ ପ୍ରଦେଶ କଂଗ୍ରେସ ମୁଖ୍ୟ କହିଥିଲେ, 'ଓଭୟସବ ସତ୍ମ ଓଭୟସକ୍ଷବ, ଓଭୟସକ୍ଷବ ସତ୍ମ ଓଭୟସବ'। କିନ୍ତୁ, ଆଜି ଯେଉଁ ପ୍ରକାର ଦେଶର ପ୍ରଧାନମନ୍ତ୍ରୀଙ୍କ ପ୍ରତି 'ବ୍ୟକ୍ତି ପୂଜା' ର ପରମ୍ପରା ଆରମ୍ଭ ହୋଇଛି, ତାହା ସ୍ୱାଧୀନ ଭାରତରେ କେବେ ଦେଖାଯାଇ ନ ଥିଲା। ବୋଧହୁଏ, ହିଟଲରଙ୍କ 'ଐବସକ୍ଷ ଐସବ୍ସକ୍ଷରକ୍ସ' ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ସମର୍ଥକମାନେ ସମାନ କିମ୍ବା ତଦୁର୍ଦ୍ଧ 'ଭକ୍ତି' ପ୍ରଦାନ କରୁଛନ୍ତି।

ଶାସକ ଦଳ ପକ୍ଷରୁ ଏହି 'ବ୍ୟକ୍ତି ପୂଜନ' କୁ ଆଉ ଏକ ପାଦ ଆଗକୁ ନେଇ ଗତ କିଛି ବର୍ଷ ହେଲା ପ୍ରଧାନମନ୍ତ୍ରୀଜନ୍ମ ଦିବସରୁ ଏକ ମାସ ବ୍ୟାପୀ 'ସେବା ସଂକଳ୍ପ' ଭାବେ ପାଳନ କରୁଛନ୍ତି। ଏହି ପ୍ରଚାର ପ୍ରସାର ପାଇଁ ସରକାରୀ ଖର୍ଚ୍ଚରେ ବ୍ୟାପକ କାର୍ଯ୍ୟକ୍ରମ କରାଯାଉଛି ଯାହାର ଏକ ଝଲକ ଗତ ସେପ୍ଟେମ୍ବର ୧୭ ତାରିଖରେ ଦେଖିବାକୁ ମିଳିଥିଲା। ଏହି ଦିନ ଦେଶର ବିଭିନ୍ନ ରାଜ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଲକ୍ଷ ଲକ୍ଷ 'ଦୀପଦାନ' କରଯାଇଥିଲା। ଯେତେବେଳେ ଅଧା ବିହାର ବନ୍ୟାରେ ବୁଡି ରହିଥିଲା, ପାଟନାର ମେରାଇନ ଡ୍ରାଇଭରେ ପ୍ରାୟ ୫ଲକ୍ଷ 'ଆଶୀର୍ବାଦର ଦୀପ' ପ୍ରଜ୍ଜ୍ୱଳନ କରଯାଇଥିଲା ସରକାରୀ ଖର୍ଚ୍ଚରେ। ଗତ ପ୍ରାୟ ଦଶ ବର୍ଷ ହେଲା ଏହି ବ୍ୟକ୍ତି ପୂଜନ ପାଗଳାମିର ଏକ ନୂତନ ଶିଖରକୁ ସ୍ପର୍ଶ କରିଛି। ଶୁଣିବାକୁ ମିଳୁଛି ଯେ ବିହାରରେ 'ଭଗବାନ ନରେନ୍ଦ୍ର ମୋଦୀ' ଙ୍କ ଏକ ଭବ୍ୟ ମନ୍ଦିର ପ୍ରତିଷ୍ଠା ହେବାକୁ ଯାଉଛି। କିନ୍ତୁ, ଗଣତନ୍ତ୍ରରେ ଏହାର ବିପଦ ସମ୍ପର୍କରେ ବାବା ସାହେବ ଚେତାଇ ଦେଇ କହିଥିଲେ ଯେ ଗଣତନ୍ତ୍ରରେ-(କ) ବ୍ୟକ୍ତି ପୂଜନ ସ୍ୱାଧୀନ, ଯୁକ୍ତିଯୁକ୍ତ ଚିନ୍ତାଧାରାକୁ ଅନ୍ଧ ପ୍ରଶଂସାରେ ବଦଳାଇ ଦିଏ।ନାଗରିକମାନେ ନେତାମାନଙ୍କୁ ପ୍ରଶ୍ନ କରିବା କିମ୍ବା ଭୁଲ ପାଇଁ ସେମାନଙ୍କୁ ଉତ୍ତରଦାୟୀ କରିବା ବନ୍ଦ କରି ଦିଅନ୍ତି (ଖ) ଯେତେବେଳେ ଲୋକମାନେ ଜଣେ ବ୍ୟକ୍ତିଙ୍କୁ ଅମୋଘ (ସଭଲବକ୍ଷକ୍ଷସଭକ୍ଷର), ତ୍ରୁଟିଶୂନ୍ୟ ଭାବରେ ବିଚାର କରନ୍ତି, କ୍ଷମତା ସଂସ୍ଥାଗତ ହେବା ପରିବର୍ତ୍ତେ ବ୍ୟକ୍ତିଗତ ହୋଇଯାଏ, ଯାହା ଏକଛତ୍ରବାଦୀ ଶାସନ ପାଇଁ ପଥ ପ୍ରଶସ୍ତ କରେ। (ଗ) ରାଜନୈତିକ ଦାର୍ଶନିକ ଜନ୍ ଷ୍ଟୁଆର୍ଟ ମିଲଙ୍କ ଉକ୍ତିକୁ ଉଦ୍ଧୃତ କରି ଆମ୍ବେଦକର ନାଗରିକମାନଙ୍କୁ ସତର୍କ କରାଇଥିଲେ ଯେ 'କେବେବି ଜଣେ ମହାନ ବ୍ୟକ୍ତିଙ୍କ ପାଦ ତଳେ ସେମାନଙ୍କର ସ୍ୱାଧୀନତା ତ୍ୟାଗ କରନ୍ତୁ ନାହିଁ, କିମ୍ବା ତାଙ୍କ ଉପରେ ଏପରି ଶକ୍ତି ଅନ୍ଧ ପରି ପ୍ରଦାନ କରନ୍ତୁ ନାହିଁ ଯାହା ତାଙ୍କୁ ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକୁ ନଷ୍ଟ କରିବାକୁ କ୍ଷମତା ପ୍ରଦାନକରେ।' (ଘ) ୧୯୪୩ ମସିହାରେ ଏମ୍.ଜି.ରାନାଡେଙ୍କ ଉପରେ ତାଙ୍କ ଭାଷଣରେ, ଆମ୍ବେଦକର ତତ୍କାଳୀନ ଭାରତୀୟ ସାମ୍ବାଦିକତାକୁ ଜନସାଧାରଣଙ୍କ ପାଇଁ ଏକ ସ୍ୱାଧୀନ, ସଂଶୋଧନାତ୍ମକ ସ୍ୱର ଭାବରେ କାର୍ଯ୍ୟ କରିବା ପରିବର୍ତ୍ତେ ଅନ୍ଧ ନାୟକ-ପୂଜାକୁ ଏହାର ପ୍ରାଥମିକ କର୍ତ୍ତବ୍ୟରେ ପରିଣତ କରିଥିବା ଯୋଗୁଁ କଟୁ ସମାଲୋଚନା କରିଥିଲେ।




ବାବା ସାହେବଙ୍କ ଏହି ଟିପ୍ପଣୀ ଓ ଭାଷଣ ପଢିଲା ପରେ ମନେ ହୁଏ ଯେ ସତେ ଯେମିତି ସେ ବର୍ତ୍ତମାନର ଶାସନ ବ୍ୟବସ୍ଥା ଓ ନେତୃତ୍ୱକୁ ଦୃଷ୍ଟିରେ ରଖି ଏହି ଭବିଷ୍ୟବାଣୀ କରିଥିଲେ। ଆଜିର ରାଜନୈତିକ ପରିସ୍ଥିତି ଓ ସାମାଜିକ ବାତାବରଣ ଗଣତାନ୍ତ୍ରିକ ନୁହେଁ ବ୍ୟକ୍ତିବାଦରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକ କାର୍ଯ୍ୟ, ପ୍ରତ୍ୟେକ ଟିପ୍ପଣୀକୁ ସେମାନଙ୍କ ସମର୍ଥକମାନେ ଭଗବାନଙ୍କ ବାଣୀ ପରି ମଣୁଛନ୍ତି, ଗଣମାଧ୍ୟମ ସରକାର ଓ ପ୍ରଧାନମନ୍ତ୍ରୀଙ୍କ ଜନବିରୋଧି ନୀତି ଯେପରିକି ନୋଟବନ୍ଦୀ, ତ୍ରୁଟିପୂର୍ଣ୍ଣ ଜିଏସଟି, ଲକ ଡାଉନ, ଝଓଜ ପରି ନିଷ୍ପତ୍ତିକୁ ସମର୍ଥନ କରି ଏହା ଉପରେ ଯେଉଁମାନେ ପ୍ରଶ୍ନ ଉଠାଉଛନ୍ତି ତାଙ୍କୁ ଦେଶଦ୍ରୋହୀ ଘୋଷିତ କରି ଦେଉଛନ୍ତି। ଆଜି ଯେପରି ରାଜନୈତିକ ପରିସ୍ଥିତି କଳୁଷିତ ହୋଇଯାଇଛି ତାହା ପୂର୍ବରୁ କେବେ ଦେଖାଯାଇ ନ ଥିଲା। ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ରାଜନୈତିକ ଜୀବନର କିଛି ଅଂଶକୁ ଏକଛତ୍ରବାଦ ଭାବେ କୁହାଯାଇଥାଏ। ସେ ଶହ ଶହ ରାଜନୈତିକ ପ୍ରତିଦ୍ୱନ୍ଦୀଙ୍କୁ ଜେଲ ପଠାଇଥିଲେ। କିନ୍ତୁ, ସବୁ ରାଜନୈତିକ ମତଭେଦ ମଧ୍ୟରେ ସେ କେବେ ବି କୌଣସି ବିରୋଧୀଦଳ ନେତାଙ୍କୁ 'ଦେଶଦ୍ରୋହୀ' କି 'ଦିମାଗି ନକ୍ସଲ' କି 'ନାରାଜ ଫୁଫା' ପରି ଅପମାନ ସୂଚକ ଶବ୍ଦ ବ୍ୟବହାର କରି ନ ଥିଲେ। ଆଜି ଏ ସରକାର ଓ ସରକାରଙ୍କ ନୀତିକୁ ବିରୋଧ କରୁଥିବା ଛାତ୍ରଙ୍କୁ 'ଅରାଜକ', ଚାଷୀଙ୍କୁ 'ଖାଲିସ୍ଥାନୀ', ବିରୋଧୀ ସ୍ୱରକୁ 'ଦିମାଗି ନକ୍ସଲ', ବୁଦ୍ଧିଜୀବିଙ୍କୁ 'ଦେଶଦ୍ରୋହୀ'ର ଆଖ୍ୟା ଦିଆଯାଇ ବୌଦ୍ଧିକ, ଏପରିକି ଶାରୀରିକ ଭାବେ ପ୍ରତାଡିତ କରାଯାଉଛି।

ରାଜନୈତିକ ବିରୋଧୀଙ୍କୁ ସରକାରୀ ଏଜେନ୍ସି ବ୍ୟବହାର କରି ନିଜ ପକ୍ଷକୁ ଜୋର୍ ଜବରଦସ୍ତି ନିଆ ଯାଉଛି କିମ୍ବା ଜେଲ ହାଜତକୁ ପଠାଇ ଦିଆ ଯାଉଛି। କିନ୍ତୁ, ଚିନ୍ତାଜନକ ବିଷୟ ହେଉଛି ଦେଶର ଗଣତାନ୍ତ୍ରିକ ଅନୁଷ୍ଠାନ ଏଥିପ୍ରତି ଆଖି ବୁଜି ଦେଉଛି, ଚତୁର୍ଥ ସ୍ତମ୍ଭ ଏପରି ଅଗଣତାନ୍ତ୍ରିକ କାର୍ଯ୍ୟକୁ ନିନ୍ଦା କରିବା ପରିବର୍ତ୍ତେ ସରକାର ଓ ପ୍ରଧାନମନ୍ତ୍ରୀଙ୍କ ଗୁଣଗାନରେ ଲୀନ ହୋଇ ଯାଉଛି। ସଦ୍ୟତମ ତଥ୍ୟ ଅନୁସାରେ ଗତ ଦଶ ବର୍ଷରେ ୮,୮୦୦ ଇଡି ମାମଲା ରୁଜୁ ହୋଇଥିବା ବେଳେ, ମାତ୍ର ୬୦ ଟି ମାମଲାରେ ଚୁଡାନ୍ତ ଶୁଣାଣି ହୋଇଛି। ସେହିପରି ୧୯୩ ଗୋଟି ରାଜନୈତିକ ମାମଲା ରୁଜୁ ହୋଇଥିବା ବେଳେ ମାତ୍ର ୨ଟି ମାମଲାରେ ଚୁଡାନ୍ତ ଶୁଣାଣି ହୋଇଛି। କହିବା ବାହୁଲ୍ୟରେ ୯୫ ପ୍ରତିଶତ ମାମଲା ହେଉଛି ରାଜନୈତିକ ବିରୋଧୀଙ୍କ ବିପକ୍ଷରେ ଦାୟର ହୋଇଥିଲା। ବିନା ବିଚାରରେ ରାଜନୈତିକ ପ୍ରତିଦ୍ୱନ୍ଦୀଙ୍କୁ ବର୍ଷ ବର୍ଷ ଧରି ଜେଲରେ ରଖିବା ଏକ ପ୍ରକାର ନୀତି ଦିନିଆ ଅଭ୍ୟାସରେ ପରିଣତ ହୋଇଯାଇଛି, ଏଥିରେ ନ୍ୟାୟଳୟ ବି ସଂପୂର୍ଣ୍ଣ ଭାବେ ଆଖି ବୁଜି ଦେଇଛି। ସରକାରଙ୍କ ସବୁ ଏଜେନ୍ସି ଘଉରଜଞ ଠାରୁ ଆରମ୍ଭ କରି ନିର୍ବାଚନ ଆୟୋଗ ପର୍ଯ୍ୟନ୍ତ ସମସ୍ତେ ମୋଦୀ-ଭକ୍ତିରେ ନିଜକୁ ସଂପୂର୍ଣ୍ଣ ଭାବେ ଉତ୍ସର୍ଗ କରିଦେଇଛନ୍ତି। ବ୍ୟକ୍ତି-ପୂଜନର ଚରମ ନିଦର୍ଶନ ହେଉଛି ଯେତେବେଳେ କ୍ଷମତାସୀନ ଦଳ 'ସରକାର' ଓ 'ରାଷ୍ଟ୍ର' ମଧ୍ୟରେ ଥିବା ସୀମାରେଖାକୁ ମେଟାଇ ଗୋଟେ କରି ଦିଅନ୍ତି। ଏହି ସମୟରେ ସରକାରଙ୍କୁ ବିରୋଧ କରିବାର ମାନେ ହେଉଛି 'ରାଷ୍ଟ୍ର' କୁ ବିରୋଧ କରିବା। ତେଣୁ, ଆଜି ମୋଦୀ ଏବଂ ମୋଦୀ-ସରକାରଙ୍କୁ ପ୍ରତ୍ୟେକ ସମାଲୋଚନାକୁ ଭାରତ-ବିରୋଧୀର ଆଖ୍ୟା ଦିଆଯାଉଛି। ଏହା ଗଣତନ୍ତ୍ର ପ୍ରତି ଶୁଭଂକର ନୁହେଁ, ଗତ ୧୭ ସେପ୍ଟେମ୍ବର ଠାରୁ ଆରମ୍ଭ ହୋଇଥିବା ଏହି ବ୍ୟକ୍ତି-ପୂଜନ ଆଜି ଏକ ନୂତନ ଶିଖର ଛୁଇଁବାକୁ ଯାଉଛି। ଗତ ମଙ୍ଗଳବାର ଦିନ ଆଭାଷୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିବା ସହିତ ସରକାରଙ୍କ ପକ୍ଷରୁ 'ସେବା ଜ୍ୟୋତି ଯାତ୍ରା' ଆରମ୍ଭ କରିଥିଲେ। ଏହାର ବାହାନା ହେଉଛି, ନରେନ୍ଦ୍ର ମୋଦୀଙ୍କର ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀତ୍ୱର ପଚିଶ ବର୍ଷ ପୂରଣ। ତେଣୁ, ବର୍ତ୍ତମାନ ଶାସକ ଦଳର ସଦସ୍ୟ, ସଦସ୍ୟା, ମନ୍ତ୍ରୀ, ସନ୍ତ୍ରୀମାନେ ମା' ଦୂର୍ଗାଙ୍କ 'ଶୋଳ ପୂଜା' କିମ୍ବା 'ନବରାତ୍ର ପୂଜା' ନ କରି ମୋଦୀ-ଭକ୍ତିରେ ଲୀନ ରହିଥିଲେ। ଏ ହେଉଛି, ସାଂପ୍ରତିକ ରାଜନୈତିକ ରାଜନୀତିର ଦୃଶ୍ୟପଟ।

ଅନ୍ୟଭାଷାରେ କହିଲେ ସେହିଦିନ ଠାରୁ 'ମୋଦୀ-ପୂଜନ'ର ଏକ ନୂତନ ଅଧ୍ୟାୟ ଆରମ୍ଭ ହେଲା। ବିଭିନ୍ନ ହିତାଧିକାରୀ ଯେପରିକି ସୁଭଦ୍ରା, ସମୃଦ୍ଧ କୃଷି ଯୋଜନା ପରି ଲାଭାର୍ଥୀଙ୍କୁ ମୋଦୀ-ପୂଜା କରିବା ପାଇଁ ପ୍ରବର୍ତ୍ତା ଯାଇଥିଲା। କହିବା ବାହୁଲ୍ୟ ଯେ ବିଜେପିର ଆଗଧାଡ଼ିର ନେତାମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କିଏ ରାମଙ୍କ ଅଂଶ ତ କିଏ କୃଷ୍ଣଙ୍କ ଅଂଶ ତ କିଏ ମହାଦେବଙ୍କ ଅବତାର ଭାବେ ଅବିହିତ କରୁଛନ୍ତି। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କେବଳ ରାଜନେତା ନୁହନ୍ତି, ଯେତେବେଳେ କାର୍ଯ୍ୟରତ ସୁପ୍ରିମ କୋର୍ଟ ବିଚାରପତିମାନେ ଖୋଲାଖୋଲି ଭାବେ ମୋଦୀ-ଭକ୍ତିରେ ଲୀନ ହୋଇ ଯାଉଛନ୍ତି, ସେତେବେଳେ ବାବା ସାହେବ ୭୬ ବର୍ଷ ତଳେ ବ୍ୟକ୍ତି-ପୂଜନକୁ ନେଇ ଯେଉଁ ଟିପ୍ପଣୀ କରିଥିଲେ ଆଜି ତାହା ଅକ୍ଷରେ ଅକ୍ଷରେ ସତ୍ୟ ସାବ୍ୟସ୍ତ ହେଉଛି। ବ୍ୟକ୍ତି-ପୂଜନର ଏହି ଚରମ ସୋପାନ ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ।

**ବିଧାୟକ, ଆଠଗଡ଼**

# ଗାନ୍ଧୀଙ୍କ ଦୃଷ୍ଟିରେ ଗୋପବନ୍ଧୁ

**ପ୍ରହଲାଦ କୁମାର ସିଂହ**



'ଗୋପବନ୍ଧୁ ଆମ୍ଭମାନଙ୍କୁ ଅପୂର୍ବ ଆଦର୍ଶ ଦେଖାଇ ଯାଇଛନ୍ତି। ସେ ଜଣେ ତ୍ୟାଗୀ ଦେଶସେବକ ଥିଲେ। ଆପଣମାନେ ତାଙ୍କ ଆଦର୍ଶ ଯେତେ ଦେଖିଛନ୍ତି ଓ ଜାଣିଛନ୍ତି ମୁଁ ହୁଏତ ସେତେ ଜାଣିନାହିଁ। ତେବେ ତାଙ୍କର ଧର୍ମନିଷ୍ଠା, ସତ୍ୟନିଷ୍ଠା, ସାଧୁତା, ସରଳତା ଓ ବୀରତ୍ୱର ପ୍ରଭାବ ମୋ ଜୀବନ ଉପରେ ମଧ୍ୟ ପଡ଼ିଛି। ଆଜି ଏ ପୁଣ୍ୟ ଭୂମିରେ ମୁଁ ତାଙ୍କର ଅଭାବ ବେଶୀ ଅନୁଭବ କରୁଛି। ଯେଉଁ ମହତ୍ ମାର୍ଗରେ ସେ ଚାଲି ଯାଇଛନ୍ତି, ପ୍ରତ୍ୟେକ ପ୍ରାଣୀଙ୍କୁ ସେହି ମାର୍ଗରେ ଯିବାକୁ ହିଁ ପଡ଼ିବ। ଏହି ଶରୀର ମରଣଶୀଳ ଓ ଆତ୍ମା ଅମର ବୋଲି ଆମେ ସମସ୍ତେ ଜାଣୁଥାଇଁ। ମୁଁ ବିଶ୍ୱାସ କରୁଛି ଓ ଆପଣମାନେ ବିଶ୍ୱାସ କରନ୍ତୁ ଯେ ତାଙ୍କ ମହତ୍ ଆତ୍ମା ଅମର ହୋଇ ରହିଛି ଓ ଚିରକାଳ ରହିବ। ମୋର ବରାବର ଆଶା ଯେ କେବଳ ଉତ୍କଳ କାହିଁକି ସମଗ୍ର ଭାରତ ସେହି ସ୍ୱର୍ଗୀୟ ପଣ୍ଡିତ ଗୋପବନ୍ଧୁଙ୍କର ତ୍ୟାଗ ମାର୍ଗ ଅନୁସରଣ କରିବ ଏବଂ ତାଙ୍କ ସ୍ମୃତିର ପ୍ରଭାବରେ ନିଜକୁ ଧନ୍ୟ କରିବ'- ୧୯୩୪ ମଇ ୮ ତାରିଖରେ ପୁରୀ ଶ୍ରୀମନ୍ଦିରର ସିଂହଦ୍ୱାର ନିକଟରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଅନାବରଣ କରିବା ଅବସରରେ ଏହା ଥିଲା ମହାତ୍ମା ଗାନ୍ଧୀଙ୍କ ମାର୍ମିକ ବକ୍ତବ୍ୟ। ପରଦିନ ପୁରୀରୁ ହରିଜନ ପଦଯାତ୍ରା ଆରମ୍ଭ କରିଥିଲେ ଗାନ୍ଧୀ। ଏହି ପଦଯାତ୍ରା ସମୟରେ ଗାନ୍ଧୀଜୀ ଅବସ୍ଥାନ କରିଥିଲେ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ସାକ୍ଷୀଗୋପାଳର କାଦୁଆ ଆଶ୍ରମରେ। ସେଠାରେ ଏକ ସଭାରେ ଗାନ୍ଧୀଜୀ କହିଥିଲେ, 'ପ୍ରଥମେ ମୁଁ ଉତ୍କଳକୁ ଆସିଲା ବେଳେ ଆଉ କାହାକୁ ଜାଣିନଥିଲି। ଗୋପବନ୍ଧୁଙ୍କ ଦେଶଭକ୍ତି ଓ ସ୍ୱର୍ଗୀୟ ପ୍ରୀତି ମୋତେ ଏଠିକି ଟାଣି ଆଣିଥିଲା। ମୋର ବଡ଼ ଦୁଃଖ ଯେ ଆଜି ଆଉ ତାଙ୍କୁ ଏଠି ଦେଖୁନାହିଁ..... ଆମେ ଯଦି ତାଙ୍କ ସ୍ମୃତି ରଖିବାକୁ ଚାହୁଁ ତେବେ ତାଙ୍କ ପ୍ରିୟ କାମଗୁଡ଼ିକ ଆମକୁ କରିବାକୁ ହିଁ ହେବ।'

ଗୋପବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଗାନ୍ଧୀଜୀ ପ୍ରଥମ ଓଡ଼ିଶା ଗସ୍ତରେ ଆସିଥିଲେ ୧୯୨୧ ମାର୍ଚ୍ଚ ମାସରେ। ଏଠାରୁ ଫେରିବା ପରେ ସେ ୟଙ୍ଗ ଇଣ୍ଡିଆ ଓ ନବଜୀବନରେ ଗୋପବନ୍ଧୁଙ୍କ ସମ୍ପର୍କରେ ଲେଖିଥିଲେ, "ପ୍ରକୃତିର କ୍ରୋଧ ହେତୁ ଓଡ଼ିଶାର ଲୋକେ ଦୁଃଖ ପାଉଛନ୍ତି। କେତେବେଳେ ବର୍ଷା ଅଭାବରୁ ଫସଲ ହୁଏ ନାହିଁ ତ ଆଉ କେତେବେଳେ ଅତ୍ୟଧିକ ବୃଷ୍ଟିଜନିତ ବନ୍ୟା ଯୋଗୁଁ ଫସଲ ଓ ଘରଦ୍ୱାର ଧୋଇଯାଏ। ଏଠାରେ ଦୁର୍ଭୀକ୍ଷ ଭଳି ଅବସ୍ଥା ତେଣୁ ଲାଗି ରହିଥାଏ। ଏପରି ଏକ ଭଗବାନଙ୍କ ପରିତ୍ୟକ୍ତ ଅଞ୍ଚଳରେ ଜଣେ ପ୍ରକୃତ ନେତା ଅଛନ୍ତି। ସେ ହେଉଛନ୍ତି ଗୋପବନ୍ଧୁ ଦାସ..... ପୂର୍ବେ ଏମାନେ ଖାଦ୍ୟରେ କେତେଟୋପା ଘିଅ ପକାଇ ଖାଉଥିଲେ, ଅସହଯୋଗ ଆନ୍ଦୋଳନ ଆରମ୍ଭ ହେବା ପରଠାରୁ ତାହା ଛାଡ଼ି ଦେଇଛନ୍ତି। ଏ ଦେଶରେ ଆଜି ଏପରି କ୍ୱଚିତ ଲୋକ ଥିବେ ଯିଏ ସ୍ୱେଚ୍ଛାକୃତ ଭାବେ ଏତେ ଦୁଃଖ ଭୋଗି ବଞ୍ଚିଥିବେ। ମୁଁ ପଚାରିଥିଲି ଏଭଳି ଖାଦ୍ୟ ଖାଇ ରହିଲେ ସ୍ୱାସ୍ଥ୍ୟହାନୀ ଘଟିବ ନାହିଁ କି? ଗୋପବନ୍ଧୁ ବାବୁ ଉତ୍ତର ଦେଲେ- ଏ ପ୍ରକାର ଦୈନ୍ୟ ଓ ଅଭାବ ସ୍ୱରାଜ ପାଇଁ ମାନିନେବା କଦ'ଣ ଉଚିତ୍ ନୁହେଁ? ମୁଁ ଚୁପ୍ ହୋଇଗଲି। ଯେତେବେଳେ ଜଣେ କୌଣସି ଦୁଃଖ ଯନ୍ତ୍ରଣାର ସମ୍ମୁଖୀନ ହୁଏ, ସେ ଜାଣିପାରେ ନାହିଁ ଭଗବାନ ତାଙ୍କୁ କିପରି ତାହା ସହିବାର ଶକ୍ତି ଦେଇଛନ୍ତି..... ଏପରି ସାଧୁ କର୍ମୀମାନଙ୍କର ଚେଷ୍ଟାରେ ବର୍ଷକ ଭିତରେ ସ୍ୱରାଜ ମିଳିଯିବ ବୋଲି ମୁଁ ବିଶ୍ୱାସ କରୁଛି। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।" ଗୋପବନ୍ଧୁଙ୍କ ଉତ୍ସର୍ଗୀକୃତ ସେବା, ନେତୃତ୍ୱ, ବ୍ୟକ୍ତିତ୍ୱ, ତ୍ୟାଗ, ସାଧନା, ଯୋଜନା ଆଦି ଗାନ୍ଧୀଜୀଙ୍କୁ ବେଶ୍ ପ୍ରଭାବିତ କରିଥିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୫ବର୍ଷ ପୂର୍ବରୁ ଜାତୀୟ ସ୍ତରରେ ଓଡ଼ିଶାକୁ ସ୍ୱତନ୍ତ୍ର ପରିଚିତି ଦେଇ ଗାନ୍ଧୀଜୀ ଗୋପବନ୍ଧୁଙ୍କ ସଭାପତିତ୍ୱରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଗଢ଼ିବା ସହିତ ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ଦାବିକୁ ଖୋଲା ସମର୍ଥନ ଦେଇଥିଲେ।

୧୯୧୯-୨୦ରେ ପୁରୀ ଜିଲ୍ଲାରେ ଉପୁଜିଥିବା ଦୁର୍ଭୀକ୍ଷ ପ୍ରସଙ୍ଗରେ ଉତ୍କଳମଣି ବିହାର-ଓଡ଼ିଶା ବିଧାନ ପରିଷଦ ଭିତରେ ଓ ବାହାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ବିପନ୍ନ ଲୋକଙ୍କୁ ବଞ୍ଚାଇବାକୁ ମର୍ମସ୍ପର୍ଶୀ ନିବେଦନ କରିଥିଲେ। ଗାନ୍ଧୀଜୀଙ୍କୁ ଏହା ପ୍ରଭାବିତ କଲା। ଠକ୍କର୍ ବାପାଙ୍କୁ ଗୋପବନ୍ଧୁଙ୍କ ନିକଟକୁ ପଠାଇବା ସହ ବିଭିନ୍ନ ଅଞ୍ଚଳରୁ ଅର୍ଥ ସଂଗ୍ରହ କରି ଗାନ୍ଧୀଜୀ ଓଡ଼ିଶାରେ ଚଳାଇଥିଲେ ବ୍ୟାପକ ତ୍ରାଣ କାର୍ଯ୍ୟ। ୧୯୨୫ ଓ ୧୯୨୭ରେ ତାଙ୍କର ଓଡ଼ିଶା ଗସ୍ତ ହୋଇଥିଲା ଗୋପବନ୍ଧୁଙ୍କ ସଂଯୋଜନାରେ। ଗୁଜରାଟର କେତେକ ଅଞ୍ଚଳରେ ପଡ଼ିଥିବା ଦୁର୍ବିପାକ ବେଳେ ଗୋପବନ୍ଧୁ ବି ଓଡ଼ିଆଙ୍କଠାରୁ ସାହାଯ୍ୟ ସଂଗ୍ରହ କରି ପଠାଇଥିଲେ ଗାନ୍ଧୀଜୀଙ୍କ ନିକଟକୁ। ଗୋପବନ୍ଧୁଙ୍କ ମୃତ୍ୟୁର କିଛି ମାସ ପୂର୍ବରୁ ଏକ ପତ୍ରରେ ଗାନ୍ଧୀଜୀ ଉତ୍କଳମଣିଙ୍କୁ ଏକ ପତ୍ରରେ ଲେଖିଥିଲେ, 'ଭୂତର ଆବେଶ ପରି ଓଡ଼ିଶା ମୋ ମନକୁ ଆଚ୍ଛନ୍ନ କରି ରଖିଛି। ଏପରି ଏକ ଗୌରବୋଜ୍ଜ୍ୱଳ ତଥା ବୀରତ୍ୱପୂର୍ଣ୍ଣ ଦେଶ ଦାରିଦ୍ର୍ୟ ପ୍ରପୀଡ଼ିତ। ଏହାର କର୍ମୀମାନେ ସତ୍ ଅଥଚ ଅସହାୟ। ଆପଣ ଏଣେତେଣେ ବୁଲି ନିଜ ଶରୀରର ସ୍ୱାଭାବିକ ଅବସ୍ଥାକୁ ନଷ୍ଟ କରନ୍ତୁ ନାହିଁ। ସରଳ ସ୍ୱାସ୍ଥ୍ୟ ବିଧିଗୁଡ଼ିକ ପାଳନ କରି ନିଜ ସ୍ୱାସ୍ଥ୍ୟର ରକ୍ଷା କରନ୍ତୁ। କ'ଣ ହେଉଛି ଦୟାକରି ମୋତେ ଜଣାଉଥିବେ।' ଉତ୍କଳମଣିଙ୍କ ତିରୋଧାନ ପରେ ୟଙ୍ଗ ଇଣ୍ଡିଆର ୨୧.୦୬.୧୯୨୮ ସଂସ୍କରଣରେ ଗାନ୍ଧୀଜୀ ଲେଖିଥିଲେ, "ଓଡ଼ିଶାର ଶ୍ରେଷ୍ଠ ସୁପୁତ୍ରମାନଙ୍କ ମଧ୍ୟରେ ଗୋପବନ୍ଧୁ ଦାସ ଅନ୍ୟତମ। ସେ ଓଡ଼ିଶା ପାଇଁ ନିଜର ସର୍ବସ୍ୱ ସମର୍ପଣ କରିଦେଇଥିଲେ। ଅସହଯୋଗ ଆନ୍ଦୋଳନରେ ଝାସ ଦେଇ ସତ୍ୟାଗ୍ରହୀ ଗୋପବନ୍ଧୁ ବିହାର-ଓଡ଼ିଶା ବିଧାନ ପରିଷଦ ସଦସ୍ୟ ପଦରୁ ଇସ୍ତଫା ଦେବା ସହିତ ଓକିଲାତି ମଧ୍ୟ ଛାଡ଼ି ଦେଇଥିଲେ। ଏଥିସହ ତାଙ୍କ ହାତଗଢ଼ା ସତ୍ୟବାଦୀ ବନ ବିଦ୍ୟାଳୟକୁ ବି ବିପଦ ମୁହଁକୁ ଠେଲି ଦେଇଥିଲେ।" ଗୋପବନ୍ଧୁଙ୍କ ନିଃଷ୍କଳଙ୍କ ଚରିତ୍ର ଓ ଦୃଢ଼ ନେତୃତ୍ୱ ସମ୍ପର୍କରେ ଗାନ୍ଧୀଜୀ ଉଲ୍ଲେଖ କରିବା ସହିତ ତାଙ୍କ ଅବିଚଳିତ କୀର୍ତ୍ତି ଯୋଗୁଁ ସେ ଅମର ହୋଇ ରହିବେ ବୋଲି ଦର୍ଶାଇଥିଲେ। ଖଣ୍ଡ ବିଖଣ୍ଡିତ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ନେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ସ୍ୱାଧୀନତା ଆନ୍ଦୋଳନ ଏବଂ ସର୍ବୋପରି ଦରିଦ୍ର ଓ ବିପନ୍ନ ଲୋକଙ୍କ ଆର୍ଥିକ ପ୍ରଗତି ଏବଂ ଓଡ଼ିଶା ତଥା ଭାରତର ସାମଗ୍ରୀକ ବିକାଶ ଲାଗି ଗୋପବନ୍ଧୁ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ ତାହା ପୂରଣ କରିବା ଲାଗି ସଙ୍କଳ୍ପବଦ୍ଧ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଗାନ୍ଧୀଜୀ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସେ ଲେଖିଥିଲେ, 'ତାଙ୍କର ମୃତ୍ୟୁରେ ଦେଶ ଆହୁରି ଗରିବ ହୋଇଗଲା। ସେ ସଶରୀରରେ ଆମ ପାଖରେ ନ ଥିଲେ ବି ତାଙ୍କ ଆତ୍ମା ରହିଛି। ସେହି ପୁଣ୍ୟାତ୍ମା ଓଡ଼ିଶାର କର୍ମୀମାନଙ୍କୁ ପଥ ପ୍ରଦର୍ଶନ କରନ୍ତୁ..... ଏହି କର୍ମୀମାନେ ନିଜ ନିଜର ସେବା କାର୍ଯ୍ୟରେ ମିଳିତ ଭାବରେ ପୂର୍ବାପେକ୍ଷା ଅଧିକ ଆତ୍ମତ୍ୟାଗ କରନ୍ତୁ ଏବଂ ତାଙ୍କ ମୃତ୍ୟୁ ଏମାନଙ୍କ ମଧ୍ୟରେ ବେଶୀ ଏକତା ଆଣୁ।' ନବଜୀବନ ପତ୍ରିକାର ୦୧.୦୭.୧୯୨୮ ସଂସ୍କରଣରେ 'ଜଣେ ସଚ୍ଚା ଦେଶସେବକ' ଶିରୋନାମାରେ ଗାନ୍ଧୀଜୀ ଲେଖିଥିଲେ, 'ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମୃତ୍ୟୁରେ ଭାରତ ବିଶେଷ କରି ଉତ୍କଳ ଜଣେ ସଚ୍ଚା ଓ ଶୁଦ୍ଧମନା ସେବକଙ୍କୁ ହରେଇଲା। ସେ ଓଡ଼ିଶାର ରତ୍ନ ଥିଲେ..... ଆମେ ଏହା ହିଁ ଆଶା କରୁଛୁ ଯେ ଓଡ଼ିଶାର ସ୍ୱେଚ୍ଛାସେବକମାନେ ତାଙ୍କର କାର୍ଯ୍ୟକୁ ମୁଣ୍ଡେଇବେ। ସାଧୁ ପୁରୁଷମାନେ ମରିକରି ସୁଦ୍ଧା ବଞ୍ଚିଥାନ୍ତି ଓ ଅସାଧୁ ଲୋକେ ବଞ୍ଚିଥିଲେ ବି ମରିବା ସଙ୍ଗେ ସମାନ। ଗୋପବନ୍ଧୁ ବାବୁଙ୍କ ଭଳି ସାଧୁ ପୁରୁଷଙ୍କ ଦୈହିକ ମୃତ୍ୟୁରେ ଆମେ ସ୍ୱାର୍ଥପରବଶ ହୋଇ ଦୁଃଖ କରୁଥାଇଁ, ମାତ୍ର ଶୁଦ୍ଧ ଦୃଷ୍ଟିରେ ଦେଖିଲେ ଜାଣିବା ଯେ ଈଶ୍ୱର ନିର୍ଦ୍ଦୟ ନୁହଁନ୍ତି, ନ୍ୟାୟବନ୍ତ। ଏହା ବିଶ୍ୱାସ କରୁଥିବା ଲୋକ ପାଇଁ ଏ ବିୟୋଗ ଦୁଃଖଦାୟକ ହେବା ଉଚିତ୍ ନୁହେଁ। ସେ ଜୀବିତ ଥିବା ବେଳେ ଆମେ ତାଙ୍କ ପବିତ୍ର ଜୀବନକୁ ଅନୁକରଣ କରିପାରିନାହୁଁ, ଏବେ ତାଙ୍କର ଗୁଣଗୁଡ଼ିକ ସ୍ମରଣ କରି ଆମେ ନିଜ ଭିତରେ ସେହିପରି କରିବାର ଶକ୍ତି ଜନ୍ମାଇବା ଉଚିତ୍। ଏଭଳି ଘଟିଥିବା ଅନେକ ଦୃଷ୍ଟାନ୍ତ ରହିଛି। ତେଣୁ ମୋହ ରହିତ ହୋଇ ଆମେ ମୃତ୍ୟୁଜନିତ ଶୋକ ଓ ଭୟ ଛାଡ଼ିଦେଇ ଆତ୍ମାର ଅମରତାକୁ ହିଁ ସିଦ୍ଧ କରିବା।'

ବୟସରେ ଉତ୍କଳମଣି ଥିଲେ ମହାତ୍ମା ଗାନ୍ଧୀଙ୍କ ଠାରୁ ୮ ବର୍ଷ ସାନ, କିନ୍ତୁ ଭାରତର ସ୍ୱାଧୀନତା ସଂଗ୍ରାମକୁ ଗାନ୍ଧୀଜୀ ନୂଆ ନେତୃତ୍ୱ ଦେବା ପୂର୍ବରୁ ଗୋପବନ୍ଧୁ ଏହି ଜାତୀୟ ଅଭିଯାନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଖଦି, କୁଟୀର ଶିଳ୍ପଠାରୁ ଆରମ୍ଭ କରି ଲବଣ ଶିଳ୍ପ, ନିଶା ନିବାରଣ, ଅସ୍ପୃଶ୍ୟତା ନିବାରଣ ପର୍ଯ୍ୟନ୍ତ ଯେଉଁସବୁ କଥା ଗାନ୍ଧୀଜୀ ଉଠାଇଲେ ତାହା ଗୋପବନ୍ଧୁ ଢେର୍ ପୂର୍ବରୁ ବିଧାନ ପରିଷଦରେ ଓ ବାହାରେ ଏବଂ ଗଣମାଧ୍ୟମରେ ଉଠାଇବା ସହିତ ଏ କ୍ଷେତ୍ରରେ କାମ ବି କରିଥିଲେ। ସେ ଏମିତି ଏକ ବିରଳ ଦରଦୀ ବ୍ୟକ୍ତିତ୍ୱ ଯାହାଙ୍କ ହୃଦୟ ତୂଳାଠାରୁ ନରମ, ଆଉ ଏମିତି ଜଣେ ନିର୍ଭିକ ସଂଗ୍ରାମୀ ଯାହାଙ୍କ ମନ ଇସ୍ପାତ ଠାରୁ ବି କଠିନ। ଗୋପବନ୍ଧୁଙ୍କ ଭାଷାରେ- 'ଓଡ଼ିଆ ଜାତି କହିଲେ କେବଳ କେତେଜଣ ଶିକ୍ଷିତ ବା ଧନୀବ୍ୟକ୍ତି ନୁହଁନ୍ତି, କେତେକ ରାଜା ବା ଜମିଦାର ନୁହଁନ୍ତି; ହାକିମ, ଅମଲା, ଓକିଲ ମୁକ୍ତାର ନୁହଁନ୍ତି ସମଗ୍ର ଜାତି ମଧ୍ୟରେ ଏମାନଙ୍କ ସଂଖ୍ୟା କେତେ? ଶତକଡ଼ା ଜଣେ ଦୁଇଜଣ ହେବେ କି ନାହିଁ ସନ୍ଦେହ। ଧନୀ, ଗରିବ, ଶିକ୍ଷିତ, ଅଶିକ୍ଷିତ, ରାଜା, ପ୍ରଜା-ସମସ୍ତଙ୍କୁ ଘେନି ଓଡ଼ିଆ ଜାତି।' ଯେଉଁ ପରିସ୍ଥିତି ଦେଇ ଆମ ରାଜ୍ୟ ତଥା ଦେଶ ଗତି କରୁଛି ସେଥିରୁ ଆମ କଷ୍ଟଲବ୍ଧ ସ୍ୱାଧୀନତାର ସୁରକ୍ଷା ତଥା ରାଜ୍ୟର ସାମୂହିକ ସମୃଦ୍ଧି ପାଇଁ ପୁଣି ନୂଆ ଢଙ୍ଗରେ ଗାନ୍ଧୀ-ଗୋପବନ୍ଧୁଙ୍କ ପ୍ରଦର୍ଶିତ ମାର୍ଗ ହିଁ ଏକମାତ୍ର ବିକଳ୍ପ। ଏହି ଲକ୍ଷ୍ୟ ହାସଲ ପାଇଁ ସଙ୍କଳ୍ପବଦ୍ଧ ସମର୍ପିତ କ୍ରାନ୍ତିକାମୀ କର୍ମୀଙ୍କ ଆବଶ୍ୟକତା ଅନୁଭବ କରୁଛି ଆମ ରାଜ୍ୟ ଓ ଦେଶ।

**ମୋବାଇଲ୍:୯୪୩୭୦୧୭୩୯୫**

## ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କ ସଂକ୍ରାନ୍ତରେ ୪୨ ଅବସରପ୍ରାପ୍ତ ବିଚାରପତିଙ୍କ ଖୋଲାଚିଟି

# ବିନା ପ୍ରମାଣରେ ଚୋର କହିବା ଅନୁଚିତ

### ସିଇସିଙ୍କ କାର୍ଯ୍ୟକୁ ନେଇ ଜଷ୍ଟିସ୍ ନରିମନ୍ ଓ ଜଷ୍ଟିସ୍ ଭୂୟାଁଙ୍କ ଚିନ୍ତା



ନୂଆଦିଲ୍ଲୀ, ୮।୧୦ଃ ନିର୍ବାଚନ ଆୟୋଗ ଓ ଅନ୍ୟାନ୍ୟ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ କ୍ଷୁଣ୍ଣ କରିବା ପ୍ରୟାସ ବିରୋଧରେ ଦେଶର ୪୨ ଜଣ ଅବସରପ୍ରାପ୍ତ ବିଚାରପତି ଏକ ଖୋଲା ଚିଠି ଲେଖି କଡ଼ା ଚେତାବନୀ ଦେଇଛନ୍ତି। ଏଭଳି ପ୍ରୟାସ ଜନସାଧାରଣଙ୍କ ଆସ୍ଥାକୁ କ୍ଷୁଣ୍ଣ କରିବ। ଯେତେବେଳେ ମତଦାନର କୌଣସି ଅର୍ଥ ରହିବ ନାହିଁ, ସେତେବେଳେ ରାସ୍ତାଘାଟ ଅରାଜକତାର କେନ୍ଦ୍ର ପାଲଟିବ ବୋଲି ସେମାନେ ମତ ଦେଇଛନ୍ତି। ଅଶାନ୍ତି ଏକ ମିଥ୍ୟା କାହାଣୀରୁ ଆରମ୍ଭ ହୋଇଥାଏ ଏବଂ ପରେ ଅରାଜକ ତଥା ବହିଷ୍କୃତ ଗୋଷ୍ଠୀଗୁଡ଼ିକ ସେହି ସ୍ଥାନ ଦଖଲ କରିନିଅନ୍ତି, ଯାହା ମଧ୍ୟରୁ କେତେକ ଦେଶ ଭିତରୁ ସୃଷ୍ଟି ହୋଇଥିବାବେଳେ ଆଉ କେତେକ ସୀମା ବାହାରୁ ନିୟନ୍ତ୍ରିତ ହୋଇଥାଆନ୍ତି ବୋଲି ଏହି ଦୃଢ଼ ଭାଷାରେ ଲିଖିତ ଚିଠିରେ ଉଲ୍ଲେଖ କରାଯାଇଛି। ମୁଖ୍ୟ ନିର୍ବାଚନ କମିଶନର ଏବଂ ଭୋଟର ତାଲିକା ସଂଶୋଧନକୁ ନେଇ ବିରୋଧୀଙ୍କ ଦ୍ୱାରା ବ୍ୟାପକ ପ୍ରଦର୍ଶନ ଜାରି ରହିଥିବା ସମୟରେ ଏହି ପତ୍ର ସାମ୍ନାକୁ ଆସିଛି।

ନିର୍ବାଚନ ଆୟୋଗ, ନ୍ୟାୟପାଳିକା ଏବଂ ଅନ୍ୟାନ୍ୟ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ଦୁର୍ବଳ କରିବା ପାଇଁ ଚାଲିଥିବା ଅଭିଯାନକୁ ନେଇ ଅବସରପ୍ରାପ୍ତ ବିଚାରପତିମାନେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। କୌଣସି ପ୍ରକାରର ଠୋସ୍ ପ୍ରମାଣ ବିନା 'ଭୋଟ୍ ଚୋରି' ଭଳି ଅଭିଯୋଗ ଅଣାଯିବା ଏବଂ ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କୁ ବାରମ୍ବାର 'ଚୋର' କିମ୍ବା 'ବିକ୍ରି ହୋଇଯାଇଥିବା' ବୋଲି ଅଭିହିତ କରାଯିବା ଘଟଣାକୁ ସେମାନେ ପ୍ରଶ୍ନ କରିଛନ୍ତି। ଏଭଳି ସମୟରେ ନିରବ ରହିବା କୌଣସି ନିରପେକ୍ଷ ନିଷ୍ପତ୍ତି ନୁହେଁ ଏବଂ ଭାରତର ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ କ୍ରମାଗତ ଆକ୍ରମଣର ଶିକାର ହେଉଛନ୍ତି ବୋଲି ଚିଠିରେ ଦର୍ଶାଯାଇଛି। ଦେଶର ନିର୍ବାଚନ ଆୟୋଗ ଏହି ଆକ୍ରମଣର କେନ୍ଦ୍ରବିନ୍ଦୁରେ ରହିଛନ୍ତି ଏବଂ ଏପରିକି ଉଚ୍ଚତମ ନ୍ୟାୟପାଳିକା ଏବଂ ଅନ୍ୟାନ୍ୟ ଆଇନଗତ ସଂସ୍ଥାଗୁଡ଼ିକୁ ମଧ୍ୟ ବାଦ ଦିଆଯାଉନାହିଁ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି।

ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ରୋହିନଟନ ଫଲି ନରିମନ୍ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଶୈଳୀକୁ ନେଇ ଗଭୀର ଚିନ୍ତା ପ୍ରକାଶ କରି କହିଥିଲେ ଯେ ଜନସାଧାରଣଙ୍କ ଭୋଟ୍ ଦେବାର ଅଧିକାର ବର୍ତ୍ତମାନ ଏକ ବଡ଼ ବିପଦର ସମ୍ମୁଖୀନ ହୋଇଛି ଏବଂ ଦେଶରେ ବହୁତ ଅସ୍ୱାଭାବିକ ଘଟଣା ଘଟୁଛି। ଏହି ମାମଲାରେ ସୁପ୍ରିମକୋର୍ଟର ହସ୍ତକ୍ଷେପ ଲୋଡ଼ି ସେ କହିଥିଲେ ଯେ ଏଭଳି ଭାବରେ କାର୍ଯ୍ୟ କରୁଥିବା କିମ୍ବା ବିଫଳ ହେଉଥିବା ନିର୍ବାଚନ ଆୟୋଗ ଦେଶ ପାଇଁ ଗ୍ରହଣୀୟ ନୁହେଁ। ପଶ୍ଚିମବଙ୍ଗ ନିର୍ବାଚନ ସମୟରେ ୯୦ ଲକ୍ଷ ଭୋଟରଙ୍କୁ ମତଦାନରୁ ବଞ୍ଚିତ କରାଯିବା ଏକ ଆଶ୍ଚର୍ଯ୍ୟଜନକ ବିଷୟ ଥିଲା, କିନ୍ତୁ ଏହା ସୁପ୍ରିମକୋର୍ଟକୁ ଏତେଟା ପ୍ରଭାବିତ କଲା ନାହିଁ ଯେ ସେମାନେ ଏହାକୁ ସ୍ଥଗିତ ରଖିବେ ବୋଲି ସେ ମତ ଦେଇଥିଲେ।

ସେହିପରି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ଉଜ୍ଜଳ ଭୂୟାଁ କହିଥିଲେ ଯେ ଯେଉଁ ପ୍ରକ୍ରିୟା ଦ୍ୱାରା ବହୁସଂଖ୍ୟକ ଭାରତୀୟ ନାଗରିକଙ୍କ ମତଦାନ ଅଧିକାର ଛଡ଼ାଇ ନିଆଯାଏ, ତାହା ସାମ୍ବିଧାନିକ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିରୋଧୀ ଅଟେ। କୌଣସି କର୍ତ୍ତୃପକ୍ଷ ଏହା କରିପାରିବେ ନାହିଁ ଏବଂ କୌଣସି ଅଦାଲତ ମଧ୍ୟ ଏହାକୁ ବରଦାସ୍ତ କରିପାରିବେ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

# ନିଜ ବାୟୁ ଯୋଦ୍ଧାଙ୍କୁ ନେଇ ଭାରତ ଗର୍ବିତ



### ବାୟୁସେନା ଦିବସରେ ଭିଡିଓ ଶେୟାର କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୮।୧୦ଃ ଅକ୍ଟୋବର ୮ ତାରିଖ ଭାରତୀୟ ବାୟୁସେନା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ ମିଡିଆ ଏକ୍ସରେ ଏକ ବିଶେଷ ଭିଡିଓ ସେୟାର କରି ଲେଖିଛନ୍ତି, 'ଭାରତ ନିଜର ବାୟୁସେନା ଯୋଦ୍ଧାମାନଙ୍କୁ ନେଇ ଗର୍ବିତ'। ବାୟୁସେନା ଦିବସରେ ଆମେ ଆମର ଆକାଶକୁ ସୁରକ୍ଷା ଦେବାରେ ସେମାନଙ୍କର ସାହସ ଓ ସମର୍ପଣକୁ ସଲାମ କରୁଛୁ। ଭାରତୀୟ ବାୟୁସେନା ୮ ଅକ୍ଟୋବର ୧୯୩୨ ରେ ପ୍ରତିଷ୍ଠିତ ହୋଇଥିଲା। ପ୍ରତିବର୍ଷ ଏହି ଦିନ ଭାରତୀୟ ବାୟୁସେନା ଦିବସ ପାଳନ କରାଯାଇଥାଏ। ଚଳିତ ବର୍ଷ ବାୟୁସେନା ୯୪ ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ସୋସିଆଲ ମିଡିଆ ପୋଷ୍ଟରେ ଲେଖାଯାଇଛି, ଭାରତୀୟ ବାୟୁସେନାର ୯୪ତମ ବାର୍ଷିକୀରେ, ଆମେ ସମସ୍ତ ବୀର ବାୟୁ ଯୋଦ୍ଧାଙ୍କୁ ପ୍ରଣାମ କରୁଛୁ, ଯେଉଁମାନେ ଅବିଚଳିତ, ଅଭେଦ୍ୟ ଏବଂ ସଠିକ ମନୋଭାବ ସହିତ ସାହସ, ବୀରତ୍ୱ ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠାର ସହିତ ରାଷ୍ଟ୍ରକୁ ସୁରକ୍ଷା ଦେବା ପାଇଁ ସର୍ବଦା ପ୍ରସ୍ତୁତ।

'ନଭଃ ସ୍ପୃଶମ୍ ଦୀପ୍ତମ୍' ର ମୂଳମନ୍ତ୍ରକୁ ଗ୍ରହଣ କରି ଭାରତୀୟ ବାୟୁସେନା ଆକାଶ ସୀମା ବାହାରକୁ ଯାଇ ରାଷ୍ଟ୍ରର ସାର୍ବଭୌମତ୍ୱ ଓ ସୁରକ୍ଷା ପ୍ରତି ନିଜର ଅତୁଳନୀୟ କ୍ଷମତା ଏବଂ ପ୍ରତିବଦ୍ଧତା ପ୍ରଦର୍ଶନ କରିଛି। ଭାରତୀୟ ବାୟୁସେନାର ମୂଳମନ୍ତ୍ର, 'ନଭଃ ସ୍ପୃଶମ୍ ଦୀପ୍ତମ୍', ଭଗବଦ୍‌ଗୀତାର ୧୧ତମ ଅଧ୍ୟାୟ (ବିଶ୍ୱରୂପଦର୍ଶନଯୋଗ)ର ୨୪ତମ ଶ୍ଳୋକରୁ ନିଆଯାଇଛି, ଯାହାର ଅର୍ଥ ଗର୍ବରେ ଆକାଶକୁ ସ୍ପର୍ଶ କରିବା କିମ୍ବା ତେଜ ସହିତ ଆକାଶକୁ ସ୍ପର୍ଶ କରିବା।

## ସୀମାପୁରୀ କୋଠା ଭୁଶୁଡ଼ିବା ଘଟଣା

# ମୃତ୍ୟୁସଂଖ୍ୟା ୫କୁ ବୃଦ୍ଧି, ମାଲିକ ଫେରାର୍

ନୂଆଦିଲ୍ଲୀ, ୮।୧୦ଃ ଉତ୍ତର-ପୂର୍ବ ଦିଲ୍ଲୀର ସୀମାପୁରୀ ଅଞ୍ଚଳରେ ଏକ ଚାରିମହଲା କୋଠା ଭୁଶୁଡ଼ି ପଡ଼ିବା ଘଟଣାରେ ଗୁରୁବାର ଆଉ ଦୁଇଜଣଙ୍କ ଶବ ଉଦ୍ଧାର ହେବା ପରେ ମୋଟ ମୃତ୍ୟୁସଂଖ୍ୟା ୫କୁ ବୃଦ୍ଧି ପାଇଛି। ବୁଧବାର ଅପରାହ୍ଣ ପ୍ରାୟ ୩ଟା ୩୦ ମିନିଟ୍ ସମୟରେ ଘଟିଥିବା ଏହି ଦୁର୍ଘଟଣାରେ ମୃତକଙ୍କ ମଧ୍ୟରେ ଜଣେ ୪ ମାସର ଗର୍ଭବତୀ ମହିଳା ଓ ଦୁଇଜଣ ଶିଶୁ ସାମିଲ ଅଛନ୍ତି। ପୁଲିସ, ଏନଡିଆରଏଫ, ଫାୟାର ବ୍ରିଗେଡ୍ ଓ ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣର ମିଳିତ ଟିମ୍ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ପ୍ରାୟ ୭୫ ପ୍ରତିଶତ ଭଗ୍ନାବଶେଷ ହଟାସରିଛି। ତରବରିଆ ଭାବେ ଧ୍ୱଂସାବଶେଷ ତଳେ ଆଉ କେହି ଚାପି ହୋଇ



ରହିଛନ୍ତି କି ନାହିଁ ତାହା ଯାଞ୍ଚ କରାଯାଉଛି। ଅପରପକ୍ଷରେ କୋଠାର ମାଲିକ ଅନଓ୍ୱାର୍ ଘଟଣାପରଠାରୁ ଫେରାର୍ ଥିବାରୁ ତାକୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଚାଲିଛି। ଜିଲ୍ଲା ମାଜିଷ୍ଟ୍ରେଟ୍ ଅଜୟ କୁମାରଙ୍କ ଦ୍ୱାରା ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ମାତ୍ର ୨୫ ବର୍ଗଫୁଟ ଜମିରେ ନିର୍ମିତ ଏହି କୋଠାର ପାର୍ଶ୍ୱବର୍ତ୍ତୀ ବିଲ୍ଡିଂରେ ଚାଲିଥିବା ବେଆଇନ୍ ନିର୍ମାଣ ହଟାଇବା ପ୍ରକ୍ରିୟା ହିଁ ଏହି ବିପର୍ଯ୍ୟୟର ମୁଖ୍ୟ କାରଣ।

## ରୁଷ୍ ସେନାରେ ଭାରତୀୟଙ୍କ ନିଯୁକ୍ତି

# ୬୯ ନାଗରିକଙ୍କ ମୁକ୍ତି ଦାବିକଲା ଭାରତ



ନୂଆଦିଲ୍ଲୀ, ୮।୧୦ଃ ରୁଷ୍ ସେନାରେ କାମ କରୁଥିବା ୬୯ ଜଣ ଭାରତୀୟ ନାଗରିକଙ୍କୁ ମୁକ୍ତି କରିବାକୁ ବିଦେଶ ମନ୍ତ୍ରଣାଳୟ ଦାବି କରିଛି। ବୁଧବାର ବିଦେଶ ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୟସ୍ୱାଲ ଭାରତୀୟମାନଙ୍କୁ ରୁଷ୍ ସେନାରେ ଯୋଗଦେବା ବିରୋଧରେ ଚେତାବନୀ ଦେଇଛନ୍ତି। ଜୟସ୍ୱାଲ କହିଛନ୍ତି, ରୁଷ୍ କର୍ତ୍ତୃପକ୍ଷଙ୍କ ସହିତ କଥାବାର୍ତ୍ତା ପରେ ୧୩୯ ଭାରତୀୟଙ୍କୁ ମୁକ୍ତ କରାଯାଇଛି ଓ ଅନ୍ୟ ଭାରତୀୟଙ୍କ ମୁକ୍ତି ପାଇଁ ଆଲୋଚନା ଚାଲିଛି। ସରକାରଙ୍କ ପାଖରେ ଉପଲବ୍ଧ ସୂଚନା ଅନୁଯାୟୀ, ୨୫୯ ଜଣ ଭାରତୀୟ ନାଗରିକଙ୍କୁ ରୁଷ ସଶସ୍ତ୍ର ବାହିନୀରେ ନିଯୁକ୍ତି ଦିଆଯାଇଥିବା ଜଣାପଡ଼ିଛି। ଭାରତର ପ୍ରୟାସ ପରେ ୧୩୯ ଜଣଙ୍କୁ ମୁକ୍ତ କରାଯାଇଛି, ଅନ୍ୟ ୬୯ ଜଣଙ୍କର ପତ୍ତା ରୁଷୀୟ ଅଧିକାରୀମାନଙ୍କ ଦ୍ୱାରା ଖୋଜା ଚାଲିଛି। ଭାରତୀୟ ନାଗରିକମାନଙ୍କୁ ରୁଷ୍ ସେନାରେ ଯୋଗଦେବା ପାଇଁ ଦିଆଯାଉଥିବା ପ୍ରସ୍ତାବରୁ ଦୂରେଇ ରହିବାକୁ କୁହାଯାଇଛି ବୋଲି ଜୟସ୍ୱାଲ କହିଛନ୍ତି।

## ସାଲ୍ୟୁଟ୍ ବେଳେ ଖସିଲା ଡିଏସପିଙ୍କ ଟୋପି

# ତଳୁ ଉଠାଇ ଦେଲେ ବଢ଼ାଇଦେଲେ ବିଜୟ

ଚେନ୍ନାଇ, ୮।୧୦ଃ ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଅଭିନେତା ସି. ଜୋସେଫ୍ ବିଜୟ (ଥଲପତି ବିଜୟ)ଙ୍କର ଏକ ସାଧାରଣ ତଥା ନମ୍ର ବ୍ୟବହାର ଏବେ ସୋସିଆଲ ମିଡିଆରେ ବେଶ୍ ପ୍ରଶଂସା ସାଉଁଟୁଛି। ଚେନ୍ନାଇ ନିକଟସ୍ଥ ଉନାମଞ୍ଚେରୀ ପୁଲିସ୍ ଏକାଡେମୀରେ ଆୟୋଜିତ ଡିଏସପିମାନଙ୍କର ପାସିଂ ଆଉଟ୍ ପରେଡ୍‌ରେ ଯୋଗଦେବା ଅବସରରେ ଏକ ଘଟଣା ଘଟିଥିଲା, ଯାହାକୁ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ସହଜ ଓ ସମ୍ମାନର ସହ ସମ୍ଭାଳି ନେଇଥିଲେ। ପାସିଂ ଆଉଟ୍ ପରେଡ୍ ପରେ ନୂତନ ଭାବେ ନିଯୁକ୍ତ ଡିଏସପିମାନଙ୍କ ସହ ମୁଖ୍ୟମନ୍ତ୍ରୀ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଫଟୋ ଉଠାଉଥିଲେ। ଫଟୋ ଉଠାଯିବା ପରେ ମୁଖ୍ୟମନ୍ତ୍ରୀ ବିଜୟ ଛିଡ଼ା ହୋଇ ପଛରେ ଥିବା ଅଫିସରମାନଙ୍କୁ ସାଲ୍ୟୁଟ୍ କରିଥିଲେ। ଏହି ସମୟରେ ଜଣେ ମହିଳା ଡିଏସପି ସାଲ୍ୟୁଟ୍ କରିବା ବେଳେ ଭୁଲବଶତଃ ତାଙ୍କ ହାତ ବାଜି ମୁଣ୍ଡରୁ ଟୋପି ତଳେ ଖସିପଡ଼ିଥିଲା।

# ଆହୁରି କଡ଼ାକଡ଼ି ହେଲା ସିଇସିଙ୍କ ସୁରକ୍ଷା




ନୂଆଦିଲ୍ଲୀ, ୮।୧୦ଃ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)ରେ କଥିତ ଗଡ଼ବଡ଼ିକୁ ନେଇ ସାରା ଦେଶରେ ହେଉଥିବା ବିରୋଧ ପ୍ରଦର୍ଶନ ମଧ୍ୟରେ କେନ୍ଦ୍ର ସରକାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଜେଡ୍ ପ୍ଲସ୍ ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିଛନ୍ତି। ତାଙ୍କ ବାସଭବନ, ନିର୍ବାଚନ ଆୟୋଗ କାର୍ଯ୍ୟାଳୟ ଓ ବ୍ୟକ୍ତିଗତ ସୁରକ୍ଷାରେ ମୁତୟନ ଜବାନଙ୍କ ସଂଖ୍ୟା ବଢାଇ ଦିଆଯାଇଛି। ମିଳୁଥିବା ସୂଚନା ଅନୁସାରେ ଦିଲ୍ଲୀ ଓ ଆଗ୍ରା ସ୍ଥିତ ସିଇସିଙ୍କ ବାସଭବନ ବାହାରେ ହୋଇଥିବା ପ୍ରଦର୍ଶନ ପରେ ସୁରକ୍ଷା ଏଜେନ୍ସୀ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି।

ଏହା ପୂର୍ବରୁ ଭାରତୀୟ ଯୁବ କଂଗ୍ରେସ ସେପ୍ଟେମ୍ବର ୨୭ ତାରିଖ ଦିନ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ତାଙ୍କ ବାସଭବନ ସମ୍ମୁଖରେ ପ୍ରଦର୍ଶନ କରିଥିଲା, ଯାହାକୁ ପୋଲିସ ଓ ସୁରକ୍ଷା କର୍ମୀ ତୁରନ୍ତ ଅଟକାଇ ଦେଇଥିଲେ। ଏହା ପରଠାରୁ ସୁରକ୍ଷା ଏଜେନ୍ସୀ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଅଧିକାରୀଙ୍କ ଅନୁସାରେ ନୂଆ ମୋତିବାଗ କଲୋନୀସ୍ଥିତ ଜ୍ଞାନେଶ କୁମାରଙ୍କ ଘର ଭିତର ଓ ବାହାରେ ସୁରକ୍ଷାର କଡ଼ା ବ୍ୟବସ୍ଥା କରାଯାଇଛି। କଲୋନୀ ବାହାରେ ଏକ ବସ୍ ରେ ଅର୍ଦ୍ଧ ସୈନିକ ବଳଙ୍କୁ ମୁତୟନ କରାଯାଇଛି ଓ ଯାତାୟାତ କରୁଥିବା ପ୍ରତ୍ୟେକ ଲୋକଙ୍କ ଉପରେ କଡ଼ା ନଜର ରଖାଯାଉଛି।

# ସିଇସିଙ୍କ ଇସ୍ତଫା ଦାବିରେ ଦେଶବ୍ୟାପୀ ଆନ୍ଦୋଳନ



ମଇଦାନକୁ ଓହ୍ଲାଇଲେ ଧ୍ରୁବ ରାଠୀ ଓ ପ୍ରକାଶ ରାଜ

ନୂଆଦିଲ୍ଲୀ, ୮।୧୦ଃ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଓ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟାରେ ଅନିୟମିତତାକୁ ନେଇ ଦେଶବ୍ୟାପୀ ପ୍ରତିବାଦର ବହ୍ନି ପ୍ରଜ୍ୱଳିତ ହୋଇଛି। ଗୁରୁବାର ଦିନ ବିହାରର ପାଟନା ଓ ତେଲେଙ୍ଗାନାଠାରୁ ଆରମ୍ଭ କରି କର୍ଣ୍ଣାଟକର ବେଙ୍ଗାଲୁରୁ ପର୍ଯ୍ୟନ୍ତ ସବୁଠାରେ ହାଇ-ଭୋଲଟେଜ୍ ରାଜନୈତିକ ଡ୍ରାମା ଓ ବିକ୍ଷୋଭ ଦେଖିବାକୁ ମିଳିଛି। ଆସନ୍ତା ଅକ୍ଟୋବର ୧୦ ତାରିଖରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ହେବାକୁଥିବା ମହାଆନ୍ଦୋଳନ ପୂର୍ବରୁ ଏହି ପ୍ରତିବାଦ ଆହୁରି ତୀବ୍ରରୂପ ନେଇଛି।

ପାଟନାରେ ଇଣ୍ଡି ମେଣ୍ଟ ଦଳଗୁଡ଼ିକ ପକ୍ଷରୁ ସିଇସିଙ୍କ ଇସ୍ତଫା ଦାବି କରି ରାଜଭବନ ଅଭିମୁଖେ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବ, ଭିଆଇପିର ମୁକେଶ ସାହଣୀ ଏବଂ ଆରଜେଡି ସାଂସଦ ମିସା ଭାରତୀ ଏହି ପ୍ରତିବାଦ ଶୋଭାଯାତ୍ରାର ନେତୃତ୍ୱ ନେଉଥିବାବେଳେ ପୁଲିସ ସହିତ ସେମାନଙ୍କର ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ପାଟନାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ବିଭିନ୍ନ ସ୍ଥାନରେ ବ୍ୟାରିକେଡ୍ କରାଯାଇଥିଲା। ପୁଲିସ ତେଜସ୍ୱୀ, ସାହଣୀ ଓ ମିସା ଭାରତୀଙ୍କୁ ଅଟକ ରଖି ପ୍ରତିବାଦ ସ୍ଥଳକୁ ଖାଲି କରିଥିଲା। ଏହି ଅବସରରେ ତେଜସ୍ୱୀ ଯାଦବ କଡ଼ା ଅଭିଯୋଗ କରି କହିଥିଲେ ଯେ ସୁରକ୍ଷାକର୍ମୀମାନେ ଏକେ-୪୭ ବନ୍ଧୁକ ଧରି ମୁତୟନ ହୋଇଛନ୍ତି, ଯାହାକି ଆତଙ୍କବାଦୀଙ୍କ ବିରୋଧରେ ବ୍ୟବହାର ହୋଇଥାଏ, କିନ୍ତୁ କୌଣସି ଗଣତାନ୍ତ୍ରିକ ପ୍ରତିବାଦ ବିରୋଧରେ ନୁହେଁ। ତଥାପି, ଜ୍ଞାନେଶ କୁମାରଙ୍କ ଇସ୍ତଫା ନହେବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନରୁ ପଛକୁ ହଟିବୁ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ତେଲେଙ୍ଗାନାରେ ମଧ୍ୟ ସିଇସିଙ୍କ ବିରୋଧରେ ତୀବ୍ର ଆନ୍ଦୋଳନ ହୋଇଛି ଏବଂ କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀ ପ୍ରତିମୂର୍ତ୍ତିଠାରୁ ସୋମାଜିଗୁଡ଼ା ସ୍ଥିତ ରାଜଭବନ ପର୍ଯ୍ୟନ୍ତ 'ଚଲୋ ଲୋକ ଭବନ' ପଦଯାତ୍ରା ଆୟୋଜନ କରାଯାଇଛି।

ଅନ୍ୟପକ୍ଷରେ, ବେଙ୍ଗାଲୁରୁର ଫ୍ରିଡମ୍ ପାର୍କଠାରେ କାକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ଏକ ବିଶାଳ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସିଜେପି ପ୍ରତିଷ୍ଠାତା ଅଭିଜିତ୍ ଦୀପକେଙ୍କ ଦ୍ୱାରା ଆୟୋଜିତ ଏହି ପ୍ରତିବାଦରେ ପ୍ରସିଦ୍ଧ ୟୁଟ୍ୟୁବର୍ ଧ୍ରୁବ ରାଠୀ ଏବଂ ବରିଷ୍ଠ ଅଭିନେତା ପ୍ରକାଶ ରାଜ ସକ୍ରିୟ ଭାବେ ସାମିଲ ହୋଇ ଆନ୍ଦୋଳନକୁ ଶାଣିତ କରିଛନ୍ତି। ପ୍ରତିବାଦ ସଭାରେ ଉଦବୋଧନ ଦେଇ ଧ୍ରୁବ ରାଠୀ ଏହାକୁ ଗଣତନ୍ତ୍ରକୁ ବଞ୍ଚାଇବାର ନିର୍ଣ୍ଣାୟକ ଲଢ଼େଇ ବୋଲି ଅଭିହିତ କରିଛନ୍ତି। ସାଧାରଣ ନାଗରିକଙ୍କ ମତାଧିକାର କ୍ଷୁଣ୍ଣ ହେବା ଭାରତୀୟ ଗଣତନ୍ତ୍ର ପ୍ରତି ଏକ ବଡ଼ ବିପଦ।

# '୮ ଯୁଦ୍ଧ ଶେଷ କରିଛି, ନୋବେଲ ଶାନ୍ତି ଦିଅ'



ୱାଶିଂଟନ, ୮।୧୦ଃ ନୋବେଲ ଶାନ୍ତି କମିଟି ୨୦୨୬ ପାଇଁ ନୋବେଲ ଶାନ୍ତି ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି। ଏହି ସମୟରେ ଚଳିତ ବର୍ଷ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦିଆଯିବ କି ନାହିଁ ସେ ବିଷୟରେ ପୁଣି ଥରେ ଆଲୋଚନା ଜୋର ଧରିଛି। ଏହି ବିଷୟକୁ ନେଇ ଟ୍ରମ୍ପଙ୍କ ଏକ ବିବୃତି ପ୍ରକାଶ ପାଇଛି। ସେ ନିଜକୁ ଶାନ୍ତି ପୁରସ୍କାର ଯୋଗ୍ୟ ବୋଲି ଘୋଷଣା କରିଛନ୍ତି ଏବଂ ପୁରସ୍କାର ପାଇଁ ନିଜର ପ୍ରାର୍ଥୀତ୍ୱ ଉପସ୍ଥାପନ କରିଛନ୍ତି। ହ୍ୱାଇଟ୍ ହାଉସରେ ତାଙ୍କର କୂଟନୈତିକ ରେକର୍ଡକୁ ଉଦ୍ଧୃତ କରି ଟ୍ରମ୍ପ କହିଛନ୍ତି ଯେ, ସେ ଏପରି କାର୍ଯ୍ୟ କରିଛନ୍ତି ଯାହା ତାଙ୍କ ପୂର୍ବରୁ କୌଣସି ରାଷ୍ଟ୍ରପତି କରିନାହାନ୍ତି। ମୁଁ ଏପରି କାର୍ଯ୍ୟ କରିଛି ଯାହା ଅନ୍ୟ କୌଣସି ରାଷ୍ଟ୍ରପତି କେବେ କରିନାହାନ୍ତି, ଟ୍ରମ୍ପ କହିଛନ୍ତି। ମୁଁ ଗର୍ବ କରୁନାହିଁ, ମୁଁ କେବଳ ତଥ୍ୟ କହୁଛି। କ୍ୱଚିତ୍ ଜଣେ ରାଷ୍ଟ୍ରପତି ଯୁଦ୍ଧ ସମାଧାନ କରିଛନ୍ତି।

### ୟୁରୋପ ସଂସଦରେ ଟ୍ରମ୍ପଙ୍କ ସୁନାର ନଗ୍ନ ମୂର୍ତ୍ତି

ୟୁରୋପ ସଂସଦ ପରିସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ୮.୫ ଫୁଟ୍ ଉଚ୍ଚ ନଗ୍ନ ପ୍ରତିମୂର୍ତ୍ତିକୁ ୨୩ କ୍ୟାରେଟ୍ ସୁନାରେ ଢାଙ୍କି ଷ୍ଟ୍ରାସବର୍ଗରେ ପ୍ରଦର୍ଶିତ କରାଯାଇଛି। ଡେନମାର୍କର କଳାକାର ଜେନ୍ସ ଗାଲସ୍ଚିଓଟ୍ ଏହି ପ୍ରତିମୂର୍ତ୍ତି ତିଆରି କରିଛନ୍ତି। ଏହାର ନାମ ରଖାଯାଇଛି 'ଦ ଅରେଞ୍ଜ ପ୍ଲେଗ୍'। ଏହାକୁ 'କିଂ ଅଫ୍ ଇନ୍‌ଜଷ୍ଟିସ୍' ବୋଲି କୁହାଯାଉଛି। ପ୍ରତିମୂର୍ତ୍ତିରେ ଟ୍ରମ୍ପଙ୍କୁ ଜଣେ ଦୁର୍ବଳ ବ୍ୟକ୍ତିଙ୍କ କାନ୍ଧ ଉପରେ ବସିଥିବା ଦେଖାଯାଇଛି। ଟ୍ରମ୍ପଙ୍କ ହାତରେ ରହିଛି ଏକ ଲମ୍ବା ଗଲ୍ଫ କ୍ଲବ୍ ଓ ନ୍ୟାୟର ତରାଜୁ। ପ୍ରତିମୂର୍ତ୍ତିର ପାଦପୀଠରେ ଏକ ବ୍ୟଙ୍ଗାତ୍ମକ ବାର୍ତ୍ତା ଲେଖାଯାଇଛି, 'ମୁଁ ଜଣେ ବ୍ୟକ୍ତିଙ୍କ ପିଠି ଉପରେ ବସିଛି। ସେ ମୋ ଭାରରେ ତଳକୁ ଯାଉଛନ୍ତି। ତାଙ୍କୁ ସାହାଯ୍ୟ କରିବା ପାଇଁ ମୁଁ ସବୁକିଛି କରିବି। କେବଳ ତାଙ୍କ ପିଠିରୁ ଓହ୍ଲାଇବି ନାହିଁ।'

# ସାଉଦି ବିମାନବନ୍ଦର ଉପରେ ହୁତି ବିଦ୍ରୋହୀଙ୍କ ଆକ୍ରମଣ, ୩ ମୃତ



ରିଆଦ, ୮।୧୦ଃ ସାଉଦି ଆରବର ଦୁଇଟି ବିମାନବନ୍ଦର ଉପରେ ହୁତି ବିଦ୍ରୋହୀଙ୍କ ଦ୍ୱାରା ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣରେ ତିନି ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୩୬ ଜଣ ଆହତ ହୋଇଛନ୍ତି। ପ୍ରଥମ ଆକ୍ରମଣରେ ସାଉଦି ରାଜଧାନୀର କିଙ୍ଗ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜଣେ ସୁଦାନୀ ନାଗରିକଙ୍କ ମୃତ୍ୟୁ ଏବଂ ଆଠ ଜଣ ଆହତ ହୋଇଛନ୍ତି। ସେହିପରି ଆଭା ବିମାନବନ୍ଦରରେ ହୋଇଥିବା ଆକ୍ରମଣରେ ଜଣେ ମୋରୋକ୍କା ଏବଂ ଜଣେ ଆଲଜେରିଆନ୍ ପ୍ରାଣ ହରାଇଛନ୍ତି ଏବଂ ୨୮ ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ଭାରତ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ସାଉଦି ଆରବର ବେସାମରିକ ବିମାନ ଚଳାଚଳ ବିଭାଗ ବିମାନବନ୍ଦରରେ ତିନି ଜଣଙ୍କର ମୃତ୍ୟୁ ନିଶ୍ଚିତ କରିଛି। କିନ୍ତୁ କୌଣସି କାରଣ ପ୍ରଦାନ କରିନାହିଁ। ସାଉଦି ବିମାନବନ୍ଦର ଏବଂ ସାମରିକ ଘାଟି ଉପରେ ବିମାନ ଆକ୍ରମଣ ପାଇଁ ହୁତିମାନେ ଦାୟୀ ବୋଲି ଦାବି କରିଛନ୍ତି। ରଏଟର୍ସ ରିପୋର୍ଟ କରିଛି ଯେ, ୟେମେନରେ ହୁତି ବିଦ୍ରୋହୀମାନେ ବୁଧବାର ସରକାର ଶାସିତ ରାଜଧାନୀ ଆଡେନରେ ଥିବା ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ସାହାଯ୍ୟରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ବିମାନବନ୍ଦରରେ ବିମାନ ଚଳାଚଳ ବାଧାପ୍ରାପ୍ତ କରିଛି। ଏହି ସମୟରେ ୟେମେନର ସରକାରୀ ବାହିନୀ ଏବଂ ହାଉଥି ଲଢ଼ୁଆଙ୍କ ମଧ୍ୟରେ ଭୟଙ୍କର ଲଢ଼େଇ ଚାଲିଛି।

# ଜଣେ ଭାରତୀୟ ବୁଣିଥିଲେ ନୋବେଲ୍ ବିଜୟର ମଞ୍ଜି

ନୂଆଦିଲ୍ଲୀ, ୮।୧୦ଃ ବିଶ୍ୱର ଗଭୀରତମ କୋଣରୁ ଆସୁଥିବା ରହସ୍ୟମୟ କଣିକାଗୁଡ଼ିକୁ ଅନୁଧ୍ୟାନ କରିବା ପାଇଁ ଆଣ୍ଟାର୍କଟିକାର ବରଫ ତଳେ ହଜାର ହଜାର ଆଲୋକ ସେନସର ସ୍ଥାପନ କରାଯିବାର ବହୁବର୍ଷ ପୂର୍ବରୁ ଜଣେ ଭାରତୀୟ ପଦାର୍ଥ ବିଜ୍ଞାନୀ ମହାକାଶ କିରଣରୁ ଅଦୃଶ୍ୟ ଜଗତର ରହସ୍ୟ ଜାଣିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ଏହି ପ୍ରତିଭାବାନ ବୈଜ୍ଞାନିକଙ୍କ ନାମ ଥିଲା ଗୌରାଙ୍ଗ ଭାସ୍କର ଯୋଧ। ୧୯୨୮ ମସିହାରେ ଅହମ୍ମଦାବାଦରେ ଜନ୍ମଗ୍ରହଣ କରିଥିବା ଯୋଧ କଣିକା ପଦାର୍ଥ ବିଜ୍ଞାନର କିଛି ମହାନ ବ୍ୟକ୍ତିବିଶ୍ୱରଙ୍କ ସହ କାମ କରିଥିଲେ, ଭାରତକୁ ଫେରି ମୌଳିକ ଗବେଷଣା ଅନୁଷ୍ଠାନ (ଟି.ଆଇ.ଏଫ୍.ଆର୍.)ରେ ଏକ କଣିକା ପଦାର୍ଥ ବିଜ୍ଞାନ କାର୍ଯ୍ୟକ୍ରମ ଗଠନ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଆଣ୍ଟାର୍କଟିକାର ଆଇସକ୍ୟୁବ୍ ପର୍ଯ୍ୟବେକ୍ଷଣ କେନ୍ଦ୍ର ସୃଷ୍ଟି କରିବାରେ




ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଯୋଧ ମହାକାଶରୁ କ୍ରମାଗତ ଭାବେ ପୃଥିବୀକୁ ଆସୁଥିବା ଅତ୍ୟନ୍ତ ଶକ୍ତିଶାଳୀ କଣିକା ବା ମହାକାଶ କିରଣ ପ୍ରତି ଗଭୀର ଭାବେ ଆକର୍ଷିତ ହୋଇଥିଲେ। ୧୯୭୨ ମସିହାରେ

### ସାତ ଦଶନ୍ଧି ପୂର୍ବରୁ ଆବିଷ୍କୃତ ହୋଇଥିଲା ଆଇସକ୍ୟୁବ୍ ନ୍ୟୁଟ୍ରିନୋ

ସେ ମୌଳିକ ଗବେଷଣା ଅନୁଷ୍ଠାନର ପଦାର୍ଥ ବିଜ୍ଞାନୀ ଯଶ ପାଲ ଓ ଜେମ୍ସ ଟ୍ରେଫିଲ୍‌ଙ୍କ ସହ ମହାକାଶ କିରଣ ତଥ୍ୟ ଉପରେ କାମ କରି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଦର୍ଶାଇଥିଲେ ଯେ ଶକ୍ତି ବୃଦ୍ଧି ସହିତ ପ୍ରୋଟନ୍ ପାରସ୍ପରିକ କ୍ରିୟାର ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ। ସେହି ସମୟରେ ଏହି ଫଳାଫଳକୁ ନେଇ ବିବାଦ ଦେଖାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସିଇଆରଏନର ମାପଚୁପ ଏହି ତଥ୍ୟକୁ ସମର୍ଥନ କରିଥିଲା। ଏହି କାର୍ଯ୍ୟ କଣିକା ପଦାର୍ଥ ବିଜ୍ଞାନ ଏବଂ ମହାକାଶ କିରଣ ଆଷ୍ଟ୍ରୋଫିଜିକ୍ସ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିଥିଲା।

ଏହି ସମଗ୍ର କାହାଣୀରେ ଏକ ଚମତ୍କାର ସଂଯୋଗ ମଧ୍ୟ ରହିଛି। ୨୦୧୯ ଜୁନ୍ ୩ ତାରିଖରେ ଯୋଧଙ୍କର ପରଲୋକ ହୋଇଥିଲା। ଏହାର କିଛି ସପ୍ତାହ ପରେ ଜୁଲାଇ ୨୫ ତାରିଖରେ ତାଙ୍କର ଝିଅ ଜୟା ଯୋଧ ଆମେରିକାର ୱିସକନସିନର ମାଡିସନ୍‌ଠାରେ ଫ୍ରାନସିସ୍ ହାଲ୍‌ଜେନ୍‌ଙ୍କୁ ୨୦୧୯ ମସିହାର 'ଯୋଧ ପୁରସ୍କାର' ପ୍ରଦାନ କରିଥିଲେ। ମହାକାଶ କିରଣ ଗବେଷଣାକୁ ମହତ୍ୱପୂର୍ଣ୍ଣ ଅବଦାନ ଦେଇଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରିବା ପାଇଁ ଗୌରାଙ୍ଗ ଏବଂ ତାଙ୍କ ପତ୍ନୀ କନୱାଲ୍ ୧୯୯୮ ମସିହାରେ ଏହି ପୁରସ୍କାର ପ୍ରତିଷ୍ଠା କରିଥିଲେ। ନିଉଟ୍ରିନୋ ଜ୍ୟୋତିର୍ବିଜ୍ଞାନର ପଥ ପରିଷ୍କାର କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବାରୁ ହାଲ୍‌ଜେନ୍‌ଙ୍କୁ ଏହି ପୁରସ୍କାର ଦିଆଯାଇଥିଲା। ଏହିପରି ଭାବରେ, ଯୋଧଙ୍କର ଅବଦାନକୁ ସେହି ବୈଜ୍ଞାନିକ ସମ୍ମାନିତ କରିଥିଲେ ଯାହାଙ୍କର କାର୍ଯ୍ୟ ପରବର୍ତ୍ତୀ ସମୟରେ ବିଶ୍ୱର ସବୁଠାରୁ ପ୍ରସିଦ୍ଧ ପଦାର୍ଥ ବିଜ୍ଞାନ ପୁରସ୍କାର ଲାଭ କରିଥିଲା।

### ଜିଏସଟି ପରିଷଦ ବୈଠକ, ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିନିଧିତ୍ୱ କଲେ ପୂର୍ତ୍ତ ମନ୍ତ୍ରୀ

# ଜିଏସ୍‌ଟି ବ୍ୟବସ୍ଥାକୁ ସରଳ ଓ ସ୍ୱଚ୍ଛ କରିବାକୁ ପ୍ରସ୍ତାବ

- ଲାଗୁ ହେଉ ସିଷ୍ଟମ-ଆଧାରିତ ପ୍ରୋସେସିଂ ଓ ରିଫଣ୍ଡ ମଞ୍ଜୁରୀ
- ସମାଧାନଯୋଗ୍ୟ ଆର୍ଥିକ ଅପରାଧ ପାଇଁ ହଟିଲା ଗିରଫଦାରୀ
- ସାଧାରଣ ଜରିମାନା ୨୫ରୁ ୧୦ ହଜାରକୁ ହ୍ରାସ ସୁପାରିସ୍

ନୂଆଦିଲ୍ଲୀ,୮।୧୦: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଆଜି ଜିଏସ୍‌ଟି ପରିଷଦର ୫୭ତମ ବୈଠକ ଅନୁଷ୍ଠିତ ହୋଇଛି। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ ତଥା ମନୋନୀତ ମନ୍ତ୍ରୀମାନଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧିତ୍ୱ କରି ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ବୈଠକରେ ଯୋଗଦେଇ ପ୍ରମୁଖ ସଂସ୍କାରଗୁଡ଼ିକ ଉପରେ ଉପସ୍ଥାପନ କରିଥିଲେ।

ବୈଠକରେ ଜିଏସ୍‌ଟିକୁ ଅଧିକ ସରଳ, ଶୀଘ୍ର ଓ ସ୍ୱଚ୍ଛ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା, ଯାହାଦ୍ୱାରା ଏହାର ଅନୁପାଳନ ସହଜ ହୋଇପାରିବ। ଜିଏସ୍‌ଟିର ସରଳୀକରଣ ଦ୍ୱାରା ଦେଶର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ସହ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟକୁ ପୂରଣ କରାଯାଇପାରିବ। କରଦାତାମାନଙ୍କ ପାଇଁ ଜିଏସ୍‌ଟି ପ୍ରକ୍ରିୟାକୁ ଅଧିକ ସରଳ, ଶୀଘ୍ର, ସ୍ୱଚ୍ଛ ଓ ସହଜ କରିବା ପାଇଁ ପରିଷଦ ବିଭିନ୍ନ ପଦକ୍ଷେପ ଉପରେ ବିଚାରବିମର୍ଶ କରିଥିଲା। ପ୍ରସ୍ତାବିତ ସଂସ୍କାରଗୁଡ଼ିକ ମଧ୍ୟରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ଓ ପ୍ରକୃତ କରଦାତାମାନଙ୍କର ଅନୁପାଳନ ସମ୍ବନ୍ଧୀୟ ସମସ୍ୟା ହ୍ରାସ କରିବା ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ।




ଆଲୋଚନା ହୋଇଥିବା ବିଭିନ୍ନ ପ୍ରସ୍ତାବ ମଧ୍ୟରେ ଏକ ପ୍ରମୁଖ ପ୍ରସ୍ତାବ ହେଉଛି, ସିଷ୍ଟମ-ଆଧାରିତ ପ୍ରୋସେସିଂ ଓ ରିଫଣ୍ଡ ସମ୍ପର୍କିତ ମଞ୍ଜୁରୀ। ଏହାଦ୍ୱାରା କରଦାତାମାନଙ୍କର ତଥ୍ୟକୁ ସ୍ୱୟଂଚାଳିତ ଭାବେ ପ୍ରକ୍ରିୟା କରାଯାଇ ସେମାନଙ୍କ ଆବଶ୍ୟକ ରିଫଣ୍ଡକୁ ମଞ୍ଜୁରୀ ମଧ୍ୟ ଦିଆଯାଇପାରିବ। ଏହା ଫଳରେ ପ୍ରକୃତ କରଦାତାମାନେ ଅଧିକ ସ୍ୱଚ୍ଛତା ସହ ଶୀଘ୍ର ରିଫଣ୍ଡ ପାଇପାରିବେ। ଶୂନ୍ୟ ଶୁଳ୍କ ଯୋଗାଣ ପାଇଁ ବ୍ୟବହୃତ ପୁଞ୍ଜିଗତ ସାମଗ୍ରୀ ଉପରେ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ଫେରସ୍ତ ଓ ତା' ସହ ଇନଭର୍ଟେଡ୍ ଡ୍ୟୁଟି ଷ୍ଟ୍ରକଚର ଅଧୀନରେ ସେବା ତଥା ପୁଞ୍ଜିଗତ ସାମଗ୍ରୀ ଉପରେ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ଫେରସ୍ତ ପାଇଁ ଥିବା ପ୍ରସ୍ତାବଗୁଡ଼ିକ ରପ୍ତାନିକାରୀମାନଙ୍କୁ ଲାଭାନ୍ୱିତ କରିବ ଓ ଉତ୍ପାଦନକାରୀମାନଙ୍କୁ ସହଜରେ ୱାର୍କିଂ କ୍ୟାପିଟାଲ୍ ଉପଲବ୍ଧ ହୋଇପାରିବ।

ସୂଚନାଯୋଗ୍ୟ ଯେ ଜିଏସ୍‌ଟି ରିଟର୍ଣ୍ଣ ଦାଖଲ ଏବଂ ଦେୟ ତଥା ଆଇଟିସି ସଂଶୋଧନ ପାଇଁ ଏକ ବିକଳ୍ପ ବ୍ୟବସ୍ଥା ସମ୍ବନ୍ଧୀୟ ସୁପାରିସକୁ 'ଜିଏସ୍‌ଟି ରିଟର୍ଣ୍ଣ ଏବଂ ପ୍ରକ୍ରିୟା ସମ୍ପର୍କିତ କାର୍ଯ୍ୟକାରୀ ଗୋଷ୍ଠୀ' ଦ୍ୱାରା ପ୍ରସ୍ତୁତ କରାଯାଇଛି। ଓଡ଼ିଶାର ଜିଏସଟି ଟିମ୍ ମଧ୍ୟ ଏହାର ସଦସ୍ୟ ଥିଲେ। ଏହି ବିକଳ୍ପ ବ୍ୟବସ୍ଥାରେ ତଥ୍ୟଗତ ଅମେଳ ଓ ଅନାବଶ୍ୟକ ନୋଟିସ୍‌କୁ ହ୍ରାସ ହୋଇପାରିବ। ଏହାବ୍ୟତୀତ ଜିଏସଟି ଆଇନ କମିଟି ମାଧ୍ୟମରେ ଅନ୍ୟାନ୍ୟ ପ୍ରକ୍ରିୟାଭିତ୍ତିକ ସଂସ୍କାରରେ ମଧ୍ୟ ଓଡ଼ିଶା ନିଜର ଯୋଗଦାନ ରଖିଛି।

ଜିଏସ୍‌ଟି ଆଇନ ଅଧୀନରେ ସମାଧାନ ଯୋଗ୍ୟ ଥିବା ଆର୍ଥିକ ଅପରାଧଗୁଡ଼ିକ ପାଇଁ ଗିରଫଦାରୀ ବ୍ୟବସ୍ଥାକୁ ହଟାଇବାର ପ୍ରସ୍ତାବ, ଆଇନ କାର୍ଯ୍ୟକାରିତା ଓ କରଦାତାଙ୍କ ଆତ୍ମବିଶ୍ୱାସ ମଧ୍ୟରେ ସନ୍ତୁଳନକୁ ସୁଦୃଢ଼ କରିବ।

---

- ଏସ୍‌ଇବିସି ପ୍ରତିନିଧିତ୍ୱ ଯାଞ୍ଚ ପାଇଁ କମିସନ

## ଜଷ୍ଟିସ୍ ପ୍ରମଥ ପଟ୍ଟନାୟକ ଅଧ୍ୟକ୍ଷ

କଟକ, ୮।୧୦ (ସଂଚାର ବ୍ୟୁରୋ): ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ରାଜ୍ୟରେ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ (ଏସ୍‌ଇବିସି)ଙ୍କ ରାଜନୈତିକ ପ୍ରତିନିଧିତ୍ୱ ସମ୍ପର୍କରେ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାରେ ଏସ୍‌ଇବିସି ବର୍ଗର ପ୍ରତିନିଧିତ୍ୱ ଓ ରାଜନୈତିକ ପଛୁଆପଣ ଆକଳନ କରିବାକୁ ରାଜ୍ୟ ସରକାର ଏକ କମିସନ ଗଠନ କରିଛନ୍ତି। ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକଙ୍କୁ କମିସନର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଅବସରପ୍ରାପ୍ତ ଆଇଏଏସ୍ ବିଜୟ କୁମାର ପୃଷ୍ଟି ସଦସ୍ୟ ଏବଂ ଏସ୍‌ଟି ଓ ଏସ୍‌ସି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ସୁଜାତା ମିଶ୍ର ସଦସ୍ୟ-ସଚିବ ଭାବେ ଦାୟିତ୍ୱ ତୁଲାଇବେ। ଏନେଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। କମିସନ ରାଜ୍ୟର ବିଭିନ୍ନ ପଞ୍ଚାୟତ ଓ ପୌର ସଂସ୍ଥାରେ ଏସ୍‌ଇବିସି ବର୍ଗର ଜନସଂଖ୍ୟା ଏବଂ ସେହି ଅନୁପାତରେ ରହିଥିବା ରାଜନୈତିକ ପ୍ରତିନିଧିତ୍ୱର ସ୍ଥିତି ଅଧ୍ୟୟନ କରିବ। ବିଶେଷକରି ସ୍ଥାନୀୟ ନିର୍ବାଚିତ ସଂସ୍ଥାଗୁଡ଼ିକରେ ଏହି ବର୍ଗର ଲୋକଙ୍କ ପ୍ରତିନିଧିତ୍ୱ ପର୍ଯ୍ୟାପ୍ତ କି ନୁହେଁ ଏବଂ ସେମାନେ ରାଜନୈତିକ ଭାବେ କେତେ ପଛୁଆ ରହିଛନ୍ତି, ତାହାର ତଥ୍ୟଭିତ୍ତିକ ଆକଳନ କରାଯିବ। ଏହି ଅଧ୍ୟୟନ ଆଧାରରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାରେ ଏସ୍‌ଇବିସି ବର୍ଗକୁ ଉପଯୁକ୍ତ ରାଜନୈତିକ ପ୍ରତିନିଧିତ୍ୱ ଦେବା ସହ ସେମାନଙ୍କ ଅଧିକାର ସୁରକ୍ଷା ଓ ଆବଶ୍ୟକ ବ୍ୟବସ୍ଥା ନେବାରେ ସରକାରଙ୍କୁ ସହାୟତା ମିଳିବ। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପରିପ୍ରେକ୍ଷୀରେ ଏହି କମିସନର ଭୂମିକାକୁ ଗୁରୁତ୍ୱ ଦିଆଯାଉଛି।

## କାଠଯୋଡ଼ି କୂଳରୁ ଯୁବତୀଙ୍କ ମୃତଦେହ ଉଦ୍ଧାର



କଟକ, ୮।୧୦ (ସଂଚାର ବ୍ୟୁରୋ): କଟକ କାଠଯୋଡ଼ି ନଦୀ କୂଳରୁ ଜଣେ ଯୁବତୀଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର ହୋଇଛି। ରାଜାବଗିଚା ନିକଟ ପଠାରୁ ମୃତଦେହ ଉଦ୍ଧାର ପରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତ ଯୁବତୀଙ୍କ ଦେହରେ କ୍ଷତଚିହ୍ନ ଥିବାରୁ ଏହା ଏକ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ତେବେ ଏଯାବତ୍ ଯୁବତୀଙ୍କ ପରିଚୟ ମିଳିପାରିନାହିଁ। ସନ୍ଧ୍ୟା ସମୟରେ ସ୍ଥାନୀୟ ଲୋକେ ନଦୀକୂଳରେ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ସୂଚନା ପାଇ ପୁରୀଘାଟ ଓ ବାଦାମବାଡ଼ି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ନିକଟରୁ ଏକ ମସିଣା, କଡ଼େଇ ଓ କାଗଜ ପ୍ଲେଟ ଆଦି ସାମଗ୍ରୀ ମିଳିଥିବା ଜଣାପଡ଼ିଛି। ଏହି ସାମଗ୍ରୀଗୁଡ଼ିକ ଘଟଣା ସହ କିଭଳି ସମ୍ପର୍କିତ, ତାହା ମଧ୍ୟ ତଦନ୍ତ କରାଯାଉଛି। ଏପଟେ ଘଟଣାର ତଦନ୍ତ ବେଳେ ପୁଲିସ କିଛି ଲୋକଙ୍କୁ ପଚରାଉଚରା କରିଥିବା ସମୟରେ ଜଣେ ଯୁବକ ପୁଲିସକୁ ଚକମା ଦେଇ ଦୌଡ଼ି ପଳାଇଥିବା ସୂଚନା ମିଳିଛି। ପୁଲିସ ତାଙ୍କ ପିଛା କରିଥିଲେ ମଧ୍ୟ ଯୁବକ ଜଣକ ଖସି ପଳାଇବାରେ ସଫଳ ହୋଇଥିବା କୁହାଯାଉଛି। ତେବେ ପଳାତକ ଯୁବକଙ୍କ ପରିଚୟ କିମ୍ବା ମୃତ ଯୁବତୀଙ୍କ ସହ ତାଙ୍କର ସମ୍ପର୍କ ସମ୍ପର୍କରେ ପୁଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଯୁବତୀଙ୍କ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ଯୁବତୀଙ୍କ ପରିଚୟ ଓ ମୃତ୍ୟୁର କାରଣ ଖୋଜିବା ସହ ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ପୁଲିସ ତଦନ୍ତ ଜାରି ରଖିଛି।

---

### ଦୁର୍ଗାପୂଜାରେ ଖାଦ୍ୟ ନିରାପତ୍ତାକୁ ଗୁରୁତ୍ୱ

# ସିସିଟିଭି ନଜରରେ ରହିବ ସବୁ ପୂଜା ମଣ୍ଡପ

### ୧୯୫ ମେଢ଼ ପାଇଁ ଦିଆଯାଇଛି ଅନୁମତି

ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳା ଓ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ବିଏମସି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଚଳିତ ବର୍ଷ ପାର୍ବଣ ଋତୁକୁ ଶାନ୍ତିଶୃଙ୍ଖଳା ଏବଂ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ପାଇଁ ବିଏମସି ଓ ରାଜ୍ୟ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି।

ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୧୯୫ଟି ମଣ୍ଡପକୁ ଅନୁମତି ଦିଆଯାଇଛି। ମଣ୍ଡପଗୁଡ଼ିକୁ ତିନୋଟି କ୍ୟାଟେଗୋରି ଏ, ବି ଓ ସି ଶ୍ରେଣୀଭୁକ୍ତ କରାଯାଇଛି। ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ଲାଇସେନ୍ସ ପ୍ରଦାନ କରାଯାଉଛି। ଚାନ୍ଦି ଓ ସୁନା ମେଢ଼ ଥିବା ମଣ୍ଡପଗୁଡ଼ିକରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଉଛି। କମିଶନରେଟ ପୁଲିସ ପକ୍ଷରୁ ପୂଜାକୁ ଦୃଷ୍ଟିରେ ରଖି ୭ଟି ସ୍ଥାନରେ କଣ୍ଟ୍ରୋଲ ରୁମ୍ ଖୋଲାଯାଉଛି। ରାତି ୧୨ଟା ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା ହେଉଥିଲା। ମାତ୍ର ଚଳିତ ବର୍ଷ ରାତି ୧୨ଟା ପରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା ଜାରି ରହିବ। ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ମଧ୍ୟ ୩ଟି ସେକ୍ଟରରେ ବିଭକ୍ତ କରାଯାଇଛି। ସେକ୍ଟର ଅନୁଯାୟୀ ପାଟ୍ରୋଲିଂ ଓ ଅନ୍ୟାନ୍ୟ ଯାଞ୍ଚ କରାଯିବ। ସବୁ ପୂଜା ପେଣ୍ଡାଲରେ ସିସିଟିଭି ଲାଗିବ। ତେବେ ରାବଣ ପୋଡ଼ି ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବର୍ଷା ହେଲେ ବିସର୍ଜନ ପୁଷ୍କରିଣୀ ରାସ୍ତାରେ ଅସୁବିଧା ହେଉଛି। ଫଳରେ ବହୁ ସମୟ ମେଢ଼ ବିସର୍ଜନ ପାଇଁ ଅପେକ୍ଷା କରିବାକୁ ପଡୁଛି। ଅନ୍ୟ ପକ୍ଷରେ ସେଠାରେ ଝୁଲା ତାରଗୁଡ଼ିକ ବ୍ୟବସ୍ଥିତ କରାଯିବା ସହ ପର୍ଯ୍ୟାପ୍ତ ଆଲୋକୀକରଣ କରାଯିବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି। ପୂଜା ପାଇଁ ସମଗ୍ର ସହରରେ ୩୦୦ ଅଫିସର, ୪୦ ପ୍ଲାଟୁନ ଫୋର୍ସ, ଆଣ୍ଟି ସ୍ନାଚିଂ ଟିମ୍ ମୁତୟନ ରହିବେ। ମହିଳା ଲୁଟେରାଙ୍କୁ ଧରିବା ପାଇଁ ମହିଳା ପୁଲିସ ମଧ୍ୟ ମୁତୟନ ରହିବେ।



ପୂଜା ପ୍ରସ୍ତୁତି ବୈଠକରେ ନିର୍ମାଣ ବର୍ଜ୍ୟ ରାସ୍ତାରୁ ହଟାଇବା, ପଟହୋଲ୍, ରାସ୍ତା ବିଦ୍ୟୁତ୍ ଆଦି ୭ ଦିନ ମଧ୍ୟରେ ମରାମତି କରିବାକୁ ବିଏମ୍‌ସି, ୱାଟକୋ, ଆର୍‌ଆଣ୍ଡବି ଓ ଟିପିସିଡିଓଏଲକୁ ନିର୍ଦ୍ଦେଶ ଦିଆଯାଇଛି। ମଣ୍ଡପଗୁଡ଼ିକ ନିକଟରେ ପରିମଳ ବ୍ୟବସ୍ଥାକୁ ବିଏମସି ପକ୍ଷରୁ କଡ଼ାକଡ଼ି କରାଯିବ। ଏଥିପାଇଁ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ମେଢ଼ ଯିବା ରାସ୍ତାରେ ଥିବା ଗଛଡାଳଗୁଡ଼ିକୁ ତୁରନ୍ତ କାଟିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପୂଜା କମିଟିଗୁଡ଼ିକ ବିସର୍ଜନ ପାଇଁ ଉଦ୍ଦିଷ୍ଟ ଅସ୍ଥାୟୀ ପୁଷ୍କରିଣୀରେ ମୂର୍ତ୍ତି ବିସର୍ଜନ କରିବା ସହ ଫୁଲଗୁଡ଼ିକୁ ସେହି ପୁଷ୍କରିଣୀରେ ପକାଇବେ। ପୂଜା ମଣ୍ଡପ ନିକଟରେ ଭିଡ଼ ନିୟନ୍ତ୍ରଣ, ଛିନତାଇ ଓ ଦୁର୍ବ୍ୟବହାର ଉପରେ ପୁଲିସ କଡ଼ା ନଜର ରଖିବାକୁ କହିଛନ୍ତି ମେୟର। ଏଥିସହ ପୂଜା ସମୟରେ ବିଭିନ୍ନ ମଣ୍ଡପରେ ବିକ୍ରି ହେଉଥିବା ଖାଦ୍ୟ ଉପରେ ବିଏମ୍‌ସିର ନଜର ରହିବ। ଖାଦ୍ୟ ନିରାପତ୍ତା ଉପରେ ଗୁରୁତ୍ୱାରୋପ କରିଛନ୍ତି କମିଶନର।

---

### ନୂଆଦିଲ୍ଲୀରେ ଦୁଇଦିନିଆ ବିଭାଗୀୟ ସମ୍ମିଳନୀ

# ମହିଳା ଓ ଶିଶୁ ବିକାଶ ପାଇଁ ସମନ୍ୱିତ ପଦକ୍ଷେପ ଉପରେ ଆଲୋଚନା




### କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ): ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ଦୁଇଦିନିଆ ବିଭାଗୀୟ ସମ୍ମିଳନୀରେ ଯୋଗଦେଇଛନ୍ତି। ଏହି ଅବସରରେ ସେ କେନ୍ଦ୍ରୀୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ମୃଣାଳିନୀ ଦରସ୍ୱାଲ ମଧ୍ୟ ଏହି ଦୁଇଦିନିଆ ସମ୍ମିଳନୀରେ ଅଂଶଗ୍ରହଣ କରୁଛନ୍ତି। ଆଜି ଓ ଆସନ୍ତାକାଲି ଦୁଇଦିନ ଧରି ଆୟୋଜିତ ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ସହ ଜଡ଼ିତ ବିଭିନ୍ନ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରୁଛନ୍ତି। ବିଶେଷକରି ପୋଷଣ, ପ୍ରାରମ୍ଭିକ ଶିଶୁ ଶିକ୍ଷା, ଶିଶୁ ସୁରକ୍ଷା, ମହିଳା ସୁରକ୍ଷା ଓ ମହିଳା ସଶକ୍ତିକରଣ ଭଳି କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ଓ ସହଯୋଗକୁ ଆହୁରି ସୁଦୃଢ଼ କରିବା ଏହି ସମ୍ମିଳନୀର ପ୍ରମୁଖ ଉଦ୍ଦେଶ୍ୟ।

ସମ୍ମିଳନୀରେ ୪ଟି ପ୍ରମୁଖ ବିଷୟବସ୍ତୁ ଉପରେ ଗୁରୁତ୍ୱ ଦିଆଯାଉଛି। ସେଗୁଡ଼ିକ ହେଲା ଉନ୍ନତ ପୋଷଣ ଓ ପ୍ରାରମ୍ଭିକ ଶିକ୍ଷା ପାଇଁ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ପୁନଃକଳ୍ପନା ଓ ସୁଦୃଢ଼ୀକରଣ, ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା, ସାଂସ୍ଥାନିକ ଓ ଆଇନଗତ ବ୍ୟବସ୍ଥାର ପ୍ରଭାବଶାଳୀ କାର୍ଯ୍ୟକାରିତା ମାଧ୍ୟମରେ ମହିଳାମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ମହିଳା ସଶକ୍ତିକରଣ ପାଇଁ ଗ୍ରହଣ କରାଯାଉଥିବା ପ୍ରମୁଖ ପଦକ୍ଷେପଗୁଡ଼ିକର ପ୍ରଭାବ ଓ ପରିଣାମକୁ ବୃଦ୍ଧି କରିବା।

ସମ୍ମିଳନୀରେ ଓଡ଼ିଶାର ଅଭିନବ ପଦକ୍ଷେପ, ସଫଳ ମଡେଲ୍ ଓ ଶ୍ରେଷ୍ଠ ପ୍ରଥାଗୁଡ଼ିକୁ ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହ ବାଣ୍ଟିବା ସହ ଅନ୍ୟ ରାଜ୍ୟଗୁଡ଼ିକର ସଫଳ ଅଭିଜ୍ଞତାରୁ ଶିଖିବାର ସୁଯୋଗ ମିଳୁଛି ଓ ନୀତି ନିର୍ଦ୍ଧାରଣ ଓ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନରେ ଏଭଳି ଅଭିଜ୍ଞତା ଓ ଜ୍ଞାନର ଆଦାନ-ପ୍ରଦାନ ମାଧ୍ୟମରେ ଅଧିକ ଫଳପ୍ରଦ ଓ ଲୋକାଭିମୁଖୀ ପଦକ୍ଷେପ ଗ୍ରହଣ କରିବା ଲକ୍ଷ୍ୟ ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

---

### କେଏମ୍‌ସିର ସ୍ୱଚ୍ଛ ସମ୍ବର୍ଦ୍ଧନା ଉତ୍ସବ ଓ 'ବଡ଼ାଖାନା' ଉଦ୍‌ଯାପିତ

# ୩ ଦିନରେ ୭୫୦ରୁ ଅଧିକ ସ୍ୱଚ୍ଛ ଯୋଦ୍ଧା ସମ୍ମାନିତ

- ପରିମଳ କର୍ମୀଙ୍କ ସେବା ପାଇଁ ସ୍ୱଚ୍ଛତାରେ କଟକ ଆଗୁଆ: ମେୟର
- ସ୍ୱଚ୍ଛକର୍ମୀ କଟକ ପରିବାରର ଗୁରୁତ୍ୱପୂର୍ଣ୍ଣ ଅଂଶ: କମିଶନର




କଟକ,୮।୧୦(ସଂଚାର ବ୍ୟୁରୋ): କଟକ ମହାନଗର ନିଗମ (କେଏମ୍‌ସି) ପକ୍ଷରୁ ସହରକୁ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ରଖିବାରେ ନିରବଚ୍ଛିନ୍ନ ଭାବେ ସେବା ଯୋଗାଇଆସୁଥିବା ସ୍ୱଚ୍ଛ ଯୋଦ୍ଧାମାନଙ୍କ ସମ୍ମାନାର୍ଥେ ଆୟୋଜିତ ତିନିଦିନିଆ 'ସ୍ୱଚ୍ଛ ସମ୍ବର୍ଦ୍ଧନା ଉତ୍ସବ- ୨୦୨୬' ଓ 'ବଡ଼ାଖାନା' ଆଜି ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ କେଏମସି ଜୋନ୍- ୩ ଓ ଜୋନ୍- ୪ ଅଧୀନରେ କାର୍ଯ୍ୟରତ ୧୫୦ରୁ ଅଧିକ ସ୍ୱଚ୍ଛ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ୩ ଦିନ ମଧ୍ୟରେ ମୋଟ୍ ୭୫୦ରୁ ଅଧିକ ସ୍ୱଚ୍ଛ ଯୋଦ୍ଧାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଛି। କଟକ ସହରର ପ୍ରତ୍ୟେକ ସକାଳ ଯେଉଁମାନଙ୍କ ପରିଶ୍ରମରୁ ସ୍ୱଚ୍ଛତାର ନୂଆ ଆରମ୍ଭ ହୁଏ, ସେହି ସ୍ୱଚ୍ଛ କର୍ମୀଙ୍କ ପ୍ରତି କୃତଜ୍ଞତା, ସମ୍ମାନ ଓ ସ୍ୱୀକୃତି ଜଣାଇବା ଥିଲା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ସଫେଇ କର୍ମୀ, କୁଲି, ଡ୍ରାଇଭର, ଲୋଡର୍, ଘରକୁ ଘର ବୁଲି ଆବର୍ଜନା ସଂଗ୍ରହ କରୁଥିବା କର୍ମୀଙ୍କ ସମେତ ସାନିଟେସନ୍ ଇନ୍ସପେକ୍ଟର ଓ ସାନିଟେସନ୍ ଏକ୍ସପର୍ଟମାନଙ୍କୁ ମଧ୍ୟ ଏହି ଅବସରରେ ସମ୍ମାନିତ କରାଯାଇଛି। ଉଦ୍‌ଯାପନୀ ସମାରୋହରେ କେଏମ୍‌ସି ମେୟର ସୁବାସ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କେଏମସି କମିଶନର କିରନ୍‌ଦୀପ କୌର ସହୋତା କହିଥିଲେ ଯେ ସ୍ୱଚ୍ଛକର୍ମୀମାନେ କେବଳ ଆମ କେଏମସିର ୱାର୍କଫୋର୍ସ ନୁହଁନ୍ତି, ସେମାନେ ଆମ କଟକ ପରିବାରର ଜଣେ ଜଣେ ଗୁରୁତ୍ୱପୂର୍ଣ୍ଣ ଅଂଶ। ସେମାନେ କଟକ ପାଇଁ କେବଳ କାମ କରୁନାହାନ୍ତି, ବରଂ ନିଜ ପରିଶ୍ରମରେ କଟକକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢ଼ି ତୋଳୁଛନ୍ତି। ସେମାନଙ୍କ ପରି ହିରୋମାନଙ୍କୁ ପାଇଁ କେଏମସି ଗର୍ବିତ ବୋଲି ସୁଶ୍ରୀ ସହୋତା କହିଥିଲେ। ସେହିପରି ଶ୍ରୀ ସିଂହ କହିଥିଲେ ଯେ ମହାତ୍ମା ଗାନ୍ଧି ସ୍ୱଚ୍ଛତାକୁ ସ୍ୱାଧୀନତା ସହ ସମାନ ଗୁରୁତ୍ୱ ଦେଇଥିଲେ। ତେଣୁ ସହରର ସ୍ୱଚ୍ଛତା ପାଇଁ ପ୍ରତିଦିନ ନିରବରେ କାମ କରୁଥିବା ସ୍ୱଚ୍ଛ କର୍ମୀମାନେ ହେଉଛନ୍ତି ଆମର ନିରବ ଯୋଦ୍ଧା। ସେମାନଙ୍କ ନିଃସ୍ୱାର୍ଥ ସେବା ଓ ନିଷ୍ଠା ପାଇଁ କଟକ ସ୍ୱଚ୍ଛତା ମାପକାଠିରେ ଦେଶରେ ଅଗ୍ରଣୀ ହେବା ଦିଗରେ ଆଗେଇ ଚାଲିଛି। ହଜାର ବର୍ଷର ଐତିହ୍ୟବାହୀ କଟକ ସେମାନଙ୍କ ପରିଶ୍ରମ ଓ ନିଷ୍ଠା ପାଇଁ ଆଜି ସଗୌରବେ ଆଗେଇ ଚାଲିଛି ବୋଲି ସେ କହିଥିଲେ।

---

# ବଢ଼ିଲା ଶ୍ରମିକଙ୍କ ମଜୁରୀ ହାର

ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ): ଶ୍ରମ ଓ କର୍ମଚାରୀ ରାଜ୍ୟ ବିମା ବିଭାଗ ପକ୍ଷରୁ ଆଜି ବିଭିନ୍ନ ଶ୍ରେଣୀର ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ହାର ବୃଦ୍ଧି କରିଛନ୍ତି। ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ, ଉଚ୍ଚ କୁଶଳୀ ଶ୍ରେଣୀର ଶ୍ରମିକଙ୍କ ସର୍ବନିମ୍ନ ମଜୁରୀରେ ୬ ଟଙ୍କା ବୃଦ୍ଧି କରିଛନ୍ତି। ଫଳରେ ଅଣକୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ୪୭୨ ଟଙ୍କାରୁ ୪୭୮ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରୀ ୫୨୨ରୁ ୫୨୮କୁ, କୁଶଳୀ ଶ୍ରମିକଙ୍କ ମଜୁରୀ ୫୭୨ରୁ ୫୭୮କୁ ଓ ଉଚ୍ଚକୁଶଳୀ ଶ୍ରମିକଙ୍କ ମଜୁରୀ ୬୨୨ରୁ ୬୨୮ଟଙ୍କାକୁ ବୃଦ୍ଧି ପାଇଛି। ଗତ ଅକ୍ଟୋବର ୧ ତାରିଖରୁ ଏହି ପରିବର୍ତ୍ତନୀୟ ମହଙ୍ଗା ଭତ୍ତା ସହ ମଜୁରୀ ଧାର୍ଯ୍ୟ ହୋଇଛି।

# ସିନେ କ୍ରିଟିକ୍ ପକ୍ଷରୁ ନାନାଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୮।୧୦(ସଂଚାର ବ୍ୟୁରୋ): ଭାରତୀୟ ସିନେମା ଜଗତର ପ୍ରଖ୍ୟାତ ଅଭିନେତା ତଥା ନିଜର ନିଚ୍ଛକ ଅଭିନୟ ପାଇଁ ସର୍ବଦା ପରିଚିତ ନାନା ପାଟେକରଙ୍କର ପରଲୋକରେ ଓଡ଼ିଶା ସିନେ କ୍ରିଟିକ୍ ଆସୋସିଏସନ୍ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ବୁଦ୍ଧ ମନ୍ଦିର ସଭା କକ୍ଷରେ ସିନେ କ୍ରିଟିକ୍ ପକ୍ଷରୁ ଏକ ଶୋକସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକସଭାରେ ବରିଷ୍ଠ ସାମ୍ବାଦିକ ତଥା ସିନେ କ୍ରିଟିକ୍‌ର ସମ୍ପାଦକ ଦିଲ୍ଲୀପ ହାଲି ନାନାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ନାନାଙ୍କ ନିଆରା ଜୀବନଶୈଳୀ ଓ ଅଭିନୟର ସ୍ୱତନ୍ତ୍ରତା ଉପରେ କହିଥିଲେ। ପରେ ପରେ ସଭାରେ ଉପସ୍ଥିତ ସିନେପ୍ରେମୀମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସେହିପରି ମହାବୋଧି ସୋସାଇଟି ସମ୍ପାଦକ ଡ. ସୌରେନ୍ ମହାପାତ୍ର, ପ୍ରଯୋଜକ ଲୁଟୁ ମହାନ୍ତି, ଅତୀଶ ରାଉତ, ଶ୍ରୀଧର ମାର୍ଥା, ସଙ୍ଗୀତଜ୍ଞ ରୁଦ୍ର ପ୍ରସାଦ ନାୟକ, ସିନେମାଟୋଗ୍ରାଫର ମଣ୍ଟୁ ସିଂ, ରବୀନ୍ଦ୍ର ବିଶ୍ୱାଳ, ସମାଜସେବୀ ସିଦ୍ଧାର୍ଥ ପଣ୍ଡା ଓ ସିନେ ଗବେଷକ ଡ. ମାଧବ ବେହୁରା ସ୍ୱର୍ଗତଃ ପାଟେକରଙ୍କ ସଂଘର୍ଷମୟ ଅଭିନୟ ଜୀବନ ବିଶେଷକରି 'ପରିନ୍ଦା', 'ତିରଙ୍ଗା', 'କ୍ରାନ୍ତିବୀର' ପରି ଫିଲ୍ମ ଉପରେ ଆଲୋକପାତ କରିଥିଲେ।

---

### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଉ ନାହାନ୍ତି...

ଶେଷ ସମୟ ପର୍ଯ୍ୟନ୍ତ ସେ ସିନେମା ସହ ଜଡ଼ିତ ରହିଥିଲେ। ୨୦୨୫ରେ 'ହାଉସଫୁଲ୍ ୫'ରେ ତାଙ୍କୁ ଦେଖିବାକୁ ମିଳିଥିବା ବେଳେ 'ଓ ରୋମିଓ' ଓ 'ସୁବେଦାର' ଭଳି ପ୍ରୋଜେକ୍ଟରେ ମଧ୍ୟ ତାଙ୍କ ଉପସ୍ଥିତି ରହିଥିଲା। ନାନାଙ୍କ ବିୟୋଗ କେବଳ ଜଣେ ଅଭିନେତାଙ୍କୁ ହରାଇବା ନୁହେଁ, ବରଂ ଭାରତୀୟ ସିନେମାର ଏକ ସ୍ୱତନ୍ତ୍ର ଅଭିନୟ ଅଧ୍ୟାୟର ଅବସାନ ଘଟାଇଛି। ପରଦାରେ ତାଙ୍କ ଦମଦାର ସଂଳାପ, ଆଖିର ଭାବ ଓ ଚରିତ୍ରକୁ ଜୀବନ୍ତ କରିବାର ଶୈଳୀକୁ ଦର୍ଶକ ଦୀର୍ଘଦିନ ମନେ ରଖିବେ। ତାଙ୍କ ପରଲୋକରେ ହିନ୍ଦୀ ଓ ମରାଠୀ ଚଳଚ୍ଚିତ୍ର ଜଗତ ସହ ଅସଂଖ୍ୟ ପ୍ରଶଂସକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ନାନାଙ୍କ ଦେହାନ୍ତ ପରେ ତାଙ୍କର ଏକ ପୁରୁଣା କଥା ଭାଇରାଲ ହେଉଛି, ଯେଉଁଥିରେ ସେ କହିଥିଲେ ଯେ ନିଶ୍ଚୟ ଆସିବ ମୃତ୍ୟୁ। ଏଥିପାଇଁ ସେ ପ୍ରସ୍ତୁତ ଅଛନ୍ତି। ତାଙ୍କ ଶରୀରକୁ ଦାହ ପାଇଁ ୧୨ ଖଣ୍ଡ କାଠର ଆବଶ୍ୟକତା ରହିଛି। ଏଥିପାଇଁ ସେ କାଠ ରଖିସାରିଛନ୍ତି ବୋଲି ପ୍ରକାଶ କରିଥିଲେ।

## ଶିକ୍ଷା, ସ୍ୱାସ୍ଥ୍ୟ ଓ ଶିଶୁ...

କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଶିଶୁମାନଙ୍କ ମଧ୍ୟରେ ଦେଖାଯାଉଥିବା ପୁଷ୍ଟିହୀନତା ଯୋଗୁ ଷ୍ଟଣ୍ଟିଂ ଓ ୱେଷ୍ଟିଂ ପରି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଏହିସବୁ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବେ ଦୂର କରିବା ପାଇଁ 'ସୁପୋଷିତ ଓଡ଼ିଶା' ଅଭିଯାନକୁ ଅଧିକ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହା ଫଳରେ ମା' ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବହୁବିଧ ଉନ୍ନତି ପରିଲକ୍ଷିତ ହୋଇପାରିବ। ଏଥିସହ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ପ୍ରଦାନ କରାଯାଉଥିବା ଖାଦ୍ୟ ଓ ପୁଷ୍ଟିକର ସାମଗ୍ରୀର ମାନ ତଥା ନିରୀକ୍ଷଣ ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଶିକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ପ୍ରାଥମିକ ସ୍ତରରୁ ହିଁ ପିଲାଙ୍କ ମୌଳିକ ଶିକ୍ଷାର ମାନରେ ବୃଦ୍ଧି କରିବା ପାଇଁ ସମସ୍ତ ଚେଷ୍ଟା କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଛନ୍ତି। ଏଥିସହ ଶିକ୍ଷକମାନେ ଶିକ୍ଷାଦାନ ଏବଂ ଶିକ୍ଷାର ମୂଳ କାର୍ଯ୍ୟକ୍ରମଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ଧ୍ୟାନ କେନ୍ଦ୍ରିତ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା ଛାତ୍ରଛାତ୍ରୀମାନଙ୍କର ଶିକ୍ଷାଗତ ମାନ ବୃଦ୍ଧି ପାଇବ ବୋଲି ଆଶା ପୋଷଣ ମଧ୍ୟ କରିଛନ୍ତି। ବୈଠକରେ ରାଜ୍ୟର ବରିଷ୍ଠ ପ୍ରଶାସନିକ ଅଧିକାରୀ ଯୋଗଦେଇ ନିଜ ନିଜ ବିଭାଗର କାର୍ଯ୍ୟପନ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍., ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଏନ୍. ତିରୁମାଲା ନାଏକ ଏବଂ ସମନ୍ୱିତ ଶିଶୁ ବିକାଶ ଓ ସମାଜ କଲ୍ୟାଣର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

## ସାହିତ୍ୟରେ କାର୍ସନଙ୍କୁ...

ସାହିତ୍ୟ ଓ ଆଧୁନିକ ଲେଖା ମଧ୍ୟରେ ସମ୍ବାଦ ଦେଖିବାକୁ ମିଳେ। ୧୯୫୦ରେ କାନାଡାର ଟରଣ୍ଟୋରେ ଜନ୍ମିତ କାର୍ସନ ତାଙ୍କର ସମଗ୍ର ସାହିତ୍ୟିକ ଜୀବନ କବିତା ଲେଖିବା, ଅନୁବାଦ କରିବା ଓ ଶିକ୍ଷାଦାନ କରିବାରେ ବିତାଇଛନ୍ତି। ତାଙ୍କର ଲେଖା ଭାଷାର ଶବ୍ଦର ଗଭୀର ଅନୁସନ୍ଧାନ ଓ ନୂତନ ଅର୍ଥ ଆବିଷ୍କାର କରିବା ପାଇଁ ଜଣେ କବିଙ୍କ ପ୍ରୟାସର ମିଶ୍ରଣ ଉପରେ ଆଧାରିତ। କାର୍ସନ୍ ନିଜେ ବ୍ୟୁତ୍ପତ୍ତିକୁ ତାଙ୍କ ଲେଖାର ଆରମ୍ଭ ବିନ୍ଦୁ ଭାବରେ ବର୍ଣ୍ଣନା କରିଛନ୍ତି। କାର୍ସନ୍ ଶାସ୍ତ୍ରୀୟ ଗ୍ରୀକ୍ ସାହିତ୍ୟକୁ ମଧ୍ୟ ଅନୁବାଦ କରିଛନ୍ତି। ତାଙ୍କର ପ୍ରମୁଖ କୃତିଗୁଡ଼ିକ ମଧ୍ୟରେ ଇରୋସ୍ ଦି ବିଟରସ୍ୱିଟ୍, ଗ୍ଲାସ୍, ଆଇରୋନି ଆଣ୍ଡ୍ ଗଡ୍, ଅଟୋବାୟୋଗ୍ରାଫି ଅଫ୍ ରେଡ୍: ଏ ନୋଭେଲ୍ ଇନ୍ ଭର୍ସ, ଦି ବିଉଟି ଅଫ୍ ଦି ହଜବ୍ୟାଣ୍ଡ, ନକ୍ସ, ଫ୍ଲୋଟ୍ ଓ ରଙ୍ଗ୍ ନର୍ମା ଅନ୍ୟତମ। ନୋବେଲ୍ କମିଟି ଅନୁଯାୟୀ, କାର୍ସନ୍ ଶାସ୍ତ୍ରୀୟ ଓ ଆଧୁନିକ ସାହିତ୍ୟକୁ ପୃଥକ ରଖିବା ପରିବର୍ତ୍ତେ ସେମାନଙ୍କ ମଧ୍ୟରେ ଏକ ସଂଳାପ ସ୍ଥାପନ କରିଥିଲେ। ସେ କବିତା, ଛୋଟ ଗଳ୍ପ, ପ୍ରବନ୍ଧ, ଅନୁବାଦ ଓ ଅନ୍ୟାନ୍ୟ କଳାତ୍ମକ ଧାରାଗୁଡ଼ିକର ସୀମାକୁ ଅଭିନବ ଉପାୟରେ ବ୍ୟବହାର କରିଥିଲେ। ତାଙ୍କ ଲେଖା ସମସାମୟିକ ସାହିତ୍ୟ ପାଇଁ ନୂତନ ରୂପ ଖୋଲିଥିଲା। ତାଙ୍କର ପ୍ରସିଦ୍ଧ କୃତୀ 'ଅଟୋବାୟୋଗ୍ରାଫି ଅଫ୍ ରେଡ୍: ଏ ନୋଭେଲ୍ ଇନ୍ ଭର୍ସ'ରେ ସେ ପ୍ରାଚୀନ ଗ୍ରୀକ୍ କବି ଷ୍ଟେସିକୋରସଙ୍କ ଏକ ପୌରାଣିକ ଚରିତ୍ରକୁ ଆଧୁନିକ ପରିପ୍ରେକ୍ଷୀରେ ପୁନଃକଳ୍ପନା କରିଥିଲେ। ଆନ୍ କାର୍ସନଙ୍କ ଆଉ ଏକ ଅବିସ୍ମରଣୀୟ କୃତି ହେଉଛି 'ନକ୍ସ'। ୨୦୧୦ରେ ପ୍ରକାଶିତ ଏହି ପୁସ୍ତକ ତାଙ୍କ ଭାଇ ମାଇକେଲଙ୍କ ସ୍ମୃତିରେ ଲେଖିଥିଲେ।

## ଓଡ଼ିଶା ବନ୍ଦ୍...

ରାସ୍ତାରେ ପ୍ରାୟ ଦୁଇ ଘଣ୍ଟା ଧରି ଫସିରହିଥିଲେ ଯାତ୍ରୀ। କେବଳ ଭୁବନେଶ୍ୱର ନୁହେଁ, କଟକ ବସଷ୍ଟାଣ୍ଡରୁ ମଧ୍ୟ ବସ୍ ଚଳାଚଳ ପ୍ରଭାବିତ ହୋଇଛି। ବସ୍ ନ ଗଡ଼ିବାରୁ ଯାତ୍ରୀ ହନ୍ତସନ୍ତ ହୋଇଛନ୍ତି। କେଉଁଠି ରାସ୍ତା ଅବରୋଧ କରାଯାଉଛି ତ ଆଉ କେଉଁଠି ଗାଡ଼ି ଚଳାଚଳକୁ ବିରୋଧ କରାଯାଉଛି। ବନ୍ଦ ପାଳନ ବେଳେ ଭୁବନେଶ୍ୱରର ସବୁଠୁ ବ୍ୟସ୍ତବହୁଳ ମାଷ୍ଟର କ୍ୟାଣ୍ଟିନ୍ ଛକରେ ଦେଖିବାକୁ ମିଳିଛି ଭିନ୍ନ ଚିତ୍ର। କଂଗ୍ରେସ କର୍ମୀ ସାଧାରଣ ପଥଚାରୀଙ୍କୁ ଅଟକାଇବା ବେଳେ ରାସ୍ତାରେ ଦେଖିବାକୁ ମିଳିଥିଲା ଘୋର ଅସନ୍ତୋଷ। ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ ବେଳେ ଲୋକଙ୍କ ସହ ଆନ୍ଦୋଳନକାରୀଙ୍କ ଯୁକ୍ତିତର୍କ ହୋଇଥିଲା। ମାଷ୍ଟର କ୍ୟାଣ୍ଟିନରେ କଂଗ୍ରେସ କର୍ମୀମାନେ ହାତରେ ଦଳୀୟ ପତାକା ଓ ଠେଙ୍ଗା ଧରି ରାସ୍ତା ଅବରୋଧ କରିଛନ୍ତି। ପଥଚାରୀଙ୍କ ବାଟ ଓଗାଳିବା ବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ମହିଳା କାର୍ ଚାଳକ ଓ ସ୍କୁଟି ଚାଳକଙ୍କୁ ଅଟକାଇ ଗୋ-ବ୍ୟାକ୍ ନାରାବାଜି କରିଥିଲେ ଆନ୍ଦୋଳନକାରୀ। ଏତିକିବେଳେ ଗାଡ଼ି ଚାଳକ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ କିଛି ସମୟ ଧରି ତୀବ୍ର ଯୁକ୍ତିତର୍କ ଓ ପାଟିତୁଣ୍ଡ ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ, ବରିଷ୍ଠ ନାଗରିକଙ୍କୁ ମଧ୍ୟ ଘେରି ନାକେଦମ୍ କରିଥିଲେ କଂଗ୍ରେସ କର୍ମୀ। ତାଙ୍କ ସ୍କୁଟର ଆଗରେ ବସି ରାସ୍ତା ଅଟକାଇଥିଲେ। ଇଣ୍ଡି ମେଣ୍ଟ ପକ୍ଷରୁ ଆଜି ଦିଆଯାଇଥିବା ବନ୍ଦ ଡାକରାର ପ୍ରଭାବ ମୟୂରଭଞ୍ଜ ଜିଲ୍ଲାରେ ବି ଦେଖିବାକୁ ମିଳିଥିଲା। ଜିଲ୍ଲା ସଦର ମହକୁମା ବାରିପଦା ସହରରେ ବସ୍ ସମେତ ବିଭିନ୍ନ ଯାନବାହନ ଚଳାଚଳ ବନ୍ଦ ରହିଥିବା ବେଳେ ଦୋକାନ ବଜାର ଓ ଶିକ୍ଷାନୁଷ୍ଠାନ ମଧ୍ୟ ବନ୍ଦ ରହିଥିଲା। ବାରିପଦା ସହର ଦେଇ ଯାଇଥିବା ଜାତୀୟ ରାଜପଥ-୧୮ର ପାଲବଣୀ ଓ ଦାମୋଦରପୁର ଛକ ନିକଟରେ ଇଣ୍ଡି ମେଣ୍ଟର କର୍ମୀମାନେ ପିକେଟିଂ କରି ବିଭିନ୍ନ ଯାନବାହନକୁ ଅଟକାଇଥିଲେ। ଫଳରେ ରାସ୍ତା କଡ଼ରେ ଶହ ଶହ ଗାଡ଼ି ଛିଡ଼ାହୋଇ ରହିଥିଲା। ଆଠଗଡ଼ରେ ମଧ୍ୟ ଓଡ଼ିଶା ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ସକାଳୁ ସକାଳୁ ରାସ୍ତାକୁ ଓହ୍ଲାଇ କଂଗ୍ରେସ କର୍ମୀ ଚାନ୍ଦବାଲି ଛକରେ ଜୋରଦାର ବିକ୍ଷୋଭ ସହ ପିକେଟିଂ କରିଥିଲେ। ବନ୍ଦ ପ୍ରଭାବରେ ଆଠଗଡ଼ରେ ଦୋକାନ ବଜାର ବନ୍ଦ ରହିଥିଲା। ଗଞ୍ଜାମରେ ମଧ୍ୟ ବନ୍ଦର କିଛିଟା ପ୍ରଭାବ ଦେଖିବାକୁ ମିଳିଥିଲା। ଆସିକାକୁ ଆସିବାକୁ ଥିବା ବିଜୁ ପଟ୍ଟନାୟକ ଛକ, ପାକଲାପଲ୍ଲୀ ଛକ ଓ ମେଡିକାଲ ଛକଠାରେ କଂଗ୍ରେସ, ସିପିଆଇ ରେଡ୍ ଷ୍ଟାର କର୍ମୀ ଓ ନେତା ଏକାଠି ହୋଇ ରାସ୍ତାରେ ଟାୟାର ଜାଳି ଯାନବାହନ ବନ୍ଦ କରିଥିଲେ। ସେହିପରି ରାଉରକେଲାରେ ଭିନ୍ନ ଢଙ୍ଗରେ ବନ୍ଦ୍ ପାଳନ କରାଯାଇଥିଲା। ବନ୍ଦ୍‌ରେ ଫସିଥିବା ଗାଡ଼ି ଚାଳକଙ୍କୁ ଗୋଲାପ ଫୁଲ ବାଣ୍ଟିଛନ୍ତି ଆନ୍ଦୋଳନକାରୀ। ଜାତୀୟ ରାଜପଥ ୧୪୩ର ଟିସିଆଇ ନିକଟରେ ଶହ ଶହ ଟ୍ରକ୍, ବସ୍ ଓ ଚାରିଚକିଆ ଗାଡ଼ି ଅଟକି ରହିଥିଲା।

## ନୂଆଁଖାଇ ଆତ୍ମୀୟତା...

ଆନ୍ଦୋଳନରେ ବାମଣ୍ଡା ରାଜା ସୁଢ଼ଳ ଦେବ, ସ୍ୱଭାବ କବି ଗଙ୍ଗାଧର ମେହେର ଓ ଚନ୍ଦ୍ରଶେଖର ବେହେରାଙ୍କ ପରି ମହାନ ବ୍ୟକ୍ତିତ୍ୱଙ୍କର ଅତୁଳନୀୟ ଯୋଗଦାନ ରହିଛି। କଳା ପରିଷଦର ସମସ୍ତ କର୍ମକର୍ତ୍ତା ଓ କୁଟିଣ୍ଡାବାସୀଙ୍କୁ ଧନ୍ୟବାଦ ଜଣାଇବା ସହ ଏହି ଅବସରରେ ମନୋରଞ୍ଜନ ଓ ଆତ୍ମୀୟ ଭେଟଘାଟର ପରମ୍ପରା ସମସ୍ତଙ୍କ ମଧ୍ୟରେ ଏକତା ବଜାୟ ରଖିବ ବୋଲି ସାଂସଦ ଶ୍ରୀ ପ୍ରଧାନ ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମୀଣ ବିକାଶ, ପାନୀୟ ଜଳ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଓ ବିଶିଷ୍ଟ ସାଂସ୍କୃତିକ ବ୍ୟକ୍ତିତ୍ୱ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଉପସ୍ଥିତ ଥିଲେ।

## ପୁଣି ଆନ୍ତର୍ଜାତିକ...

ବ୍ୟକ୍ତିଗତ ସଚିବ ଭାବେ ଦୀର୍ଘ ସମୟ ଧରି କାର୍ଯ୍ୟ କରିବା ସହ ଫାଇଭ-ଟିର ଅଧ୍ୟକ୍ଷ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ସ୍ୱେଚ୍ଛାକୃତ ଅବସର ଗ୍ରହଣ କରି ସେ ରାଜନୀତିରେ ଯୋଗ ଦେଇଥିଲେ ଓ ପରେ ସକ୍ରିୟ ରାଜନୀତିରୁ ବାହାରିଯାଇଛନ୍ତି। ହାର୍ଭାର୍ଡର ଏହି ଆଲୋଚନା ଓଡ଼ିଶାର ଶାସନ ଅନୁଭବ ଓ ବିପର୍ଯ୍ୟୟ ପରିଚାଳନା ଦକ୍ଷତାକୁ ବିଶ୍ୱ ମଞ୍ଚରେ ଉପସ୍ଥାପନ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି। ଭେନେଜୁଏଲା ଯାତ୍ରା ପରେ ଏହି ହାର୍ଭାର୍ଡ ଆଲୋଚନା ପାଣ୍ଡିଆନଙ୍କୁ ପୁନର୍ବାର ଆନ୍ତର୍ଜାତିକ ଧ୍ୟାନର କେନ୍ଦ୍ରରେ ରଖିଛି।

## ଅବଢ଼ା ଯୋଜନା...

ଏହା ସହ ମୁସା ନଦୀର ସମ୍ପ୍ରସାରଣ ଆଦି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ପ୍ରାରମ୍ଭିକ ବଜେଟ୍ ଅନୁଯାୟୀ ଏଥିପାଇଁ ୫୫୭.୧୯ ଟଙ୍କା ମଞ୍ଜୁର ହୋଇଥିଲା। ତେବେ ଏହି ପ୍ରକଳ୍ପରେ ଆଉ ଅଧିକ ନିର୍ମାଣ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି। ଜଗନ୍ନାଥ ବଲ୍ଲଭ ପିଲଗ୍ରିମ ସେଣ୍ଟରର ପଞ୍ଚମ ମହଲାରେ ୨ ହଜାର ଆସନ ବିଶିଷ୍ଟ ଏକ ମଲ୍‌ଟି ପର୍ପୋଜ୍ ହଲ୍ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆହୁରି ପ୍ରକଳ୍ପଜନିତ ଅନ୍ୟାନ୍ୟ ଆବଶ୍ୟକତା ଯୋଗୁଁ ଏଥିପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିଲା। ମୁଖ୍ୟମନ୍ତ୍ରୀ ଏହି ଆବଶ୍ୟକତାକୁ ଅନୁଭବ କରି ପ୍ରକଳ୍ପ ମୂଲ୍ୟ ବୃଦ୍ଧି କରି ବର୍ତ୍ତମାନ ଏହି ପ୍ରକଳ୍ପ ପାଇଁ ୬୫୮ କୋଟି ୩ ଲକ୍ଷ ୭୦ ହଜାର ଟଙ୍କା ମଞ୍ଜୁର କରିଛନ୍ତି। ପ୍ରକଳ୍ପ ମୂଲ୍ୟରେ ୧୦୦ କୋଟି ୮୩ ଲକ୍ଷ ୮୫ ହଜାର ଟଙ୍କା ବୃଦ୍ଧି ପାଇଛି।

## ବଦଳିଲେ ମୁଖ୍ୟମନ୍ତ୍ରୀଙ୍କ...

ମୋହନ ବିଶ୍ୱବିଦ୍ୟାଳୟରେ କୁଳସଚିବ ଭାବେ କାର୍ଯ୍ୟରତ ଓଏଏସ୍ (ଏସ୍‌ଭି) ନିବେଦିତା ବିଶ୍ୱାଳଙ୍କ ପୂର୍ବ ବଦଳି ଆଦେଶକୁ ରଦ୍ଦ କରାଯାଇଛି। ଏହା ପରିବର୍ତ୍ତେ ତାଙ୍କୁ ବର୍ତ୍ତମାନ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଅତିରିକ୍ତ ଭାବେ ବାଲେଶ୍ୱରସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ ପଞ୍ଜୀକରଣ ଅଧିକାରୀ ତଥା ନିକଟରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ଯୋଗ ଦେଇଥିବା ଓଏଏସ୍ (ଏସ୍) କୁକୁମିନା ଦାସଙ୍କୁ ବାରିପଦା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପିଡି ନିଯୁକ୍ତ ମିଳିଛି।

ହିଞ୍ଜିଳିରେ ଓଡ଼ିଶା ବନ୍ଦ

# ବିଜେପି- କଂଗ୍ରେସ ନେତା ହାତାହାତି

## ଥାନା ସମ୍ମୁଖରେ କଂଗ୍ରେସର ଧାରଣା

ହିଞ୍ଜିଳିକାଟୁ,୮।୧୦ (ସଂଚାର ବ୍ୟୁରୋ): କଂଗ୍ରେସ ଓ 'ଇଣ୍ଡି' ମେଣ୍ଟ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକର ପ୍ରଭାବ ହିଞ୍ଜିଳିକାଟୁରେ ଦେଖାଦେଇଛି। ସକାଳୁ ସକାଳୁ ରାସ୍ତାକୁ ଓହ୍ଲାଇଥିଲେ କଂଗ୍ରେସ କର୍ମୀ। ଆରଏମସି ଛକରେ ଜୋରଦାର ବିକ୍ଷୋଭ ସହ ପିକେଟିଂ କରାଯାଇଥିଲା। ପିକେଟିଂ ସମୟରେ ଏକ ଗ୍ୟାସ ଗାଡିକୁ ଛାଡିବାକୁ ନେଇ କଂଗ୍ରେସର ଉପସଭାପତି ସୁନାରାମ ସାବତ ଓ ବିଜେପିର ମଣ୍ଡଳ ସଭାପତି ରବୀନ୍ଦ୍ର ପାଣିଗ୍ରାହୀ ମଧ୍ୟରେ ହାତାହାତି ହୋଇଥିଲା। ଦୁଇ ପକ୍ଷ ମଧ୍ୟରେ କଥା କଟାକଟି ପରେ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ସ୍ଥିତି ବିଗିଡ଼ିବା ଆଶଙ୍କାରେ ପୁଲିସ ଘଟଣାସ୍ଥଳରୁ କେବଳ କଂଗ୍ରେସର ସୁନାରାମ ସାବତଙ୍କୁ ଥାନାକୁ ଉଠାଇଆଣିଥିଲା। ଏହା ପରେ ଆକ୍ରମଣ କରିଥିବା ବିଜେପିର ମଣ୍ଡଳ ସଭାପତିକୁ ଗିରଫ କରିବା ଦାବିରେ କଂଗ୍ରେସର ଜିଲ୍ଲା ସଭାପତି ଦଣ୍ଡପାଣି ପାତ୍ର ଓ କଂଗ୍ରେସର ହିଞ୍ଜିଳି ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ପାଢ଼ୀଙ୍କ ସମେତ ବହୁ କର୍ମୀ ଥାନା ସମ୍ମୁଖରେ ନାରାବାଜି ସହ ଧାରଣା ଦେଇଥିଲେ। କିଛି ସମୟ ଧାରଣା ବସିବା ପରେ ଗଞ୍ଜାମ ଏସପି ଓ ଆସ୍କା ଏସଡ଼ିପିଓ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ବିଜେପିର ମଣ୍ଡଳ ସଭାପତିଙ୍କ ନାଁରେ କଂଗ୍ରେସର ଥାନାରେ ଏକ ଭାବେ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ସୁଦ୍ଧା କଂଗ୍ରେସର ସୁନାରାମ ସାବତଙ୍କୁ ଅଟକ ରଖିବା ପୁଲିସ ଏହି ଘଟଣାର ତଦନ୍ତ ଜାରି ରଖିଛି।



# ଚିଠି ଯୋଡୁଥିବା ଡାକ ନିଜେ ବେସାହାରା

## ଦିନକୁ ୪ଥର ସର୍ଭର ଡାଉନ



କାକଟପୁର / ଅସ୍ତରଙ୍ଗ, ୮।୧୦ (ସଂଚାର ବ୍ୟୁରୋ): ଦିଲ୍ଲୀରେ ଡିଜିଟାଲ ଇଣ୍ଡିଆର ନାରା, ପୁରୀ ଜିଲ୍ଲା ଅସ୍ତରଙ୍ଗରେ ଭୁଷୁଡ଼ି ପଡୁଛି ଡାକ ବ୍ୟବସ୍ଥା। ଆଜି ଅକ୍ଟୋବର ୯, ବିଶ୍ୱ ଡାକ ଦିବସ। ଯେଉଁ ଡାକ ବିଭାଗ ଦିନେ ଚିଠି ବାଣ୍ଟି ସମ୍ପର୍କ ଯୋଡୁଥିଲା, ଆଜି ସେ ନିଜେ ବେସାହାରା ହୋଇପଡ଼ିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରୁ ଆସିଛି ଏଭଳି ଏକ ଆଶ୍ଚର୍ଯ୍ୟ ଜନକ ଚିତ୍ର, ଯାହା ସରକାରଙ୍କ ଡିଜିଟାଲ ନାରାକୁ ପ୍ରଶ୍ନ କରୁଛି। ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଉପ-ଡାକଘର ଅଧୀନରେ ୧୫ଟି ପଞ୍ଚାୟତରେ ୯ଟି ଶାଖା ଡାକଘର ରହିଛି। ସେଗୁଡ଼ିକ ହେଲା ଆଳସାହି, ଝାଡଲିଙ୍ଗ, କୁସୁମ୍ବର, ନଗର, ନମାରୋ, ନୂଆଗଡ଼, ପାଟଳଦା, ଶିଶୁଅ ଏବଂ ଉଦୟପୁର। ପ୍ରାୟ ଲକ୍ଷେରୁ ଅଧିକ ଲୋକ ଏହା ଉପରେ ନିର୍ଭରଶୀଳ। ହେଲେ ଆଶ୍ଚର୍ଯ୍ୟର ବିଷୟ ହେଉଛି ମୁଖ୍ୟ ଅସ୍ତରଙ୍ଗ ଉପ-ଡାକଘର ର ନିଜସ୍ୱ ଜମି ନାହିଁ, ନିଜସ୍ୱ କୋଠା ନାହିଁ। ଦୀର୍ଘ ବର୍ଷ ହେଲା ଏକ ଘରୋଇ ଭଡା ଘରର ଦୁଇଟି ଛୋଟ ରୁମରେ ଚାଲିଛି। ଫାଇଲ ଗଦା ହୋଇ ପଡ଼ିଛି, ବସିବାକୁ ଜାଗା ନାହିଁ। ସବୁଠୁ ବଡ ସମସ୍ୟା ହେଉଛି ବିଦ୍ୟୁତ ଓ ଇଣ୍ଟରନେଟ। ଟିକେ ବର୍ଷା ହେଲେ କରେଣ୍ଟ ଯାଉଛି, କରେଣ୍ଟ ଗଲେ ସର୍ଭର ବନ୍ଦ। ଦିନକୁ ୩-୪ ଥର ଲିଙ୍କ ଫେଲ। ଫଳରେ ସ୍ପିଡ ପୋଷ୍ଟ, ରେଜିଷ୍ଟ୍ରି, ମନି ଅର୍ଡର, ସଞ୍ଚୟ ଜମା ସବୁ ଅଟକୁଛି। କର୍ମଚାରୀ କହୁଛନ୍ତି ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ଲେଖିଛୁ, କେହି ଶୁଣୁନାହାନ୍ତି। ଉପ-ଡାକଘର ଠାରୁ ଅଧିକ ଦୟନୀୟ ହେଉଛି ଶାଖା ଡାକଘର ଗୁଡିକର ଅବସ୍ଥା। ପାଟଳଦା ଶାଖା ଚାଲିଛି ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଘରେ, କୁସୁମ୍ବର ଶାଖା ଚାଲିଛି ପ୍ରାଣୀ ଚିକିତ୍ସାଳୟ ଭିତରେ ଗୋଟେ କୋଣରେ। ଯେଉଁଠି ଗୋରୁ ଚିକିତ୍ସା ହେଉଛି, ତା ପାଖରେ ଲୋକେ ଲକ୍ଷ ଲକ୍ଷ ଟଙ୍କା ଜମା କରୁଛନ୍ତି। ବାକି ୭ଟି ଶାଖା ବି କାହା ଦୋକାନ ଘରେ କି ଭଡା ଘରେ। ନା ଅଛି ସାଇନ ବୋର୍ଡ, ନା ଅଛି ନିରାପତ୍ତା। ପ୍ରଶ୍ନ ଉଠୁଛି ଯୁଗ ବଦଳିଲେ ବି ଡାକର ଚାହିଦା କ'ଣ ସରିଛି? ବିଲକୁଲ ନାହିଁ। ଆଜି ବି ରାକ୍ଷୀ ପୂର୍ଣ୍ଣିମାରେ ଡାକଘରେ ଭିଡ, ଚାକିରୀ ଫର୍ମ ପାଇଁ ସ୍ପିଡ ପୋଷ୍ଟରେ ଭିଡ। ଗାଁର ଗରିବ ଲୋକ ଆଜି ବି ସୁକନ୍ୟା ସମୃଦ୍ଧି, ଆରଡି, ପିପିଏଫ, ଜୀବନ ବୀମା ପାଇଁ ଡାକଘର ଉପରେ ଭରସା କରେ। ସରକାର ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଭଳି ବଡ ବଡ ଯୋଜନା କରୁଛନ୍ତି, ହେଲେ ତଳେ ଭିତ୍ତିଭୂମି ନାହିଁ। ଜମାକାରୀ ସୁବୋଧ ମହାନ୍ତି, ଶ୍ରୀଧର ସାହାଣୀଙ୍କ ପ୍ରଶ୍ନ କରିଛନ୍ତି- ଆମ ଟଙ୍କା ସୁରକ୍ଷିତ ତ? ବୁଦ୍ଧିଜୀବୀ ପବିତ୍ର ମୋହନ ଦାସ କହିଛନ୍ତି ଯୋଜନା ନୁହେଁ, ପ୍ରଥମେ କୋଠା ଦରକାର। ତେଣୁ ବିଶ୍ୱ ଡାକ ଦିବସରେ ଅସ୍ତରଙ୍ଗବାସୀଙ୍କ ଦାବୀ - ବ୍ଲକ ପ୍ରଶାସନ ଜମି ଦିଅନ୍ତୁ, ଡାକ ବିଭାଗ ପକ୍କା ଘର ଦିଅନ୍ତୁ।

● ମରଣଯନ୍ତା ପାଲଟିଛି ବିଶ୍ୱନାଥ ମନ୍ଦିର ରାସ୍ତା

## ହମ୍ପସ ନିର୍ମାଣ ପାଇଁ ଜନ ଅସନ୍ତୋଷ



ଯାଜପୁର ରୋଡ୍,୮।୧୦ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରପରିଷଦ ୱାର୍ଡ ନଂ-୧୬ ଉମାପଦା ହାଉସିଂ ବୋର୍ଡ କଲୋନୀ ସ୍ଥିତ ବିଶ୍ୱନାଥ ମହାଦେବ ମନ୍ଦିର ସମ୍ମୁଖ ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ହମ୍ପସ ନଥିବାରୁ ବେପରୁଆ ଗାଡ଼ି ଚାଳକମାନେ ୮୦-୯୦ କି.ମି ବେଗରେ ଗାଡ଼ି ଚଳାଇ ଜନଜୀବନକୁ ବିପଦରେ ପକାଉଛନ୍ତି। ଏହି ରାସ୍ତା କଡ଼ରେ ବିଶ୍ୱନାଥ ମନ୍ଦିର, ମଙ୍ଗଳା ମନ୍ଦିର ଏବଂ ଉମାପଦା ହାଇସ୍କୁଲ ଥିବାରୁ ପ୍ରତିଦିନ ଶହ ଶହ ଛାତ୍ରଛାତ୍ରୀ, ଶ୍ରଦ୍ଧାଳୁ ଏବଂ ସ୍ଥାନୀୟ ଲୋକେ ଯାତାୟାତ କରନ୍ତି। କିନ୍ତୁ ସ୍ପିଡ୍ ନିୟନ୍ତ୍ରଣ ବ୍ୟବସ୍ଥା ନଥିବାରୁ ଉମାପଦା, ମଙ୍ଗଳା ବିହାର, ଶ୍ରୀ ବିହାର, ହାଉସିଂ ବୋର୍ଡ, କେଏନଟିଏ ଅଞ୍ଚଳର ନିରୀହ ଲୋକେ ବାରମ୍ବାର ଦୁର୍ଘଟଣାର ଶିକାର ହେଉଛନ୍ତି। ଜନସାଧାରଣଙ୍କ ଜୀବନ ସୁରକ୍ଷା ପାଇଁ ତୁରନ୍ତ ଏହି ରାସ୍ତାରେ ହମ୍ପସ ନିର୍ମାଣ କରାଯାଉ। ଯଦି ପ୍ରଶାସନ ନୀରବ ରହେ ତେବେ ବଡ଼ ଧରଣର ଅଘଟଣର ଆଶଙ୍କା ରହିଛି ବୋଲି ସ୍ଥାନୀୟ ବାସିନ୍ଦା କଡ଼ା ଭାଷାରେ ଦାବି କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ବ୍ୟାସନଗର ପୌରପରିଷଦ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ଜରୁରୀ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମହଲରୁ ଦାବି ଉଠୁଅଛି।

## ବ୍ଲକ୍ କଂଗ୍ରେସର ପ୍ରତିବାଦ



ବାଲିଅନ୍ତା,୮।୧୦ (ସଂଚାର ବ୍ୟୁରୋ): ଇଣ୍ଡିମେଣ୍ଟ ଆହ୍ୱାନକ୍ରମେ ବାଲିଅନ୍ତା ବ୍ଲକ କଂଗ୍ରେସ ସଂଗଠନ ପକ୍ଷରୁ ଆଜି କରାଯାଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରା ସଫଳ ହୋଇଛି। ଏନେଇ ବାଲିଅନ୍ତା ବ୍ଲକ କଂଗ୍ରେସ ସଭାପତି ଜନ୍ମେଞ୍ଜୟ ସ୍ୱାଇଁ ଏବଂ ବରିଷ୍ଠ ନେତା ବେଣୁଧର ଭୋଇଙ୍କ ନେତୃତ୍ୱରେ କଂଗ୍ରେସ କାର୍ଯ୍ୟକର୍ତ୍ତା ଏବଂ କର୍ମୀମାନେ ସରଦେଇପୁର-ନିମାପଡା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ବାଲକାଟି ସ୍ଥିତ ପୁରୀ କେନାଲ ବସନ୍ତପେଡି ବ୍ରିଜ ଏବଂ ଟଙ୍କପାଣି ବ୍ରିଜ ନିକଟରେ ବାଉଁଶ ବାନ୍ଧି ଏବଂ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସଭାପତି ପ୍ରମୋଦ ସାହୁ, ରବୀନ୍ଦ୍ର ବାରିକ, ମନୋରଞ୍ଜନ ମିଶ୍ର, ଉପେନ୍ଦ୍ର ନାଥ ଶତପଥି, ସୋମନାଥ ବେହେରା, ଇଞ୍ଜିନିୟର ପ୍ରଭାସ ବାରିକ ଜଗତ ଜୀବନ ମହାନ୍ତି, ବିଜୟ ସାହୁ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ସାମିଲ ଥିଲେ।

# ଗୋ ମାଂସ ବିକ୍ରି ଅଭିଯୋଗରେ ୪ ଗିରଫ



ଫୁଲବାଣୀ,୮।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାଶିନୀପଦର ପଞ୍ଚାୟତ ଶିବ ମନ୍ଦିର ନିକଟରେ ଗାଈ କାଟି ମାଂସ ବିକିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଘଟଣା ସ୍ଥଳରେ ଫିରିଙ୍ଗିଆ ପୁଲିସ ପହଁଞ୍ଚି ଚାରି ଜଣକୁ ଗିରଫ କରିଥିବା ବେଳେ ଘଟଣା ସ୍ଥଳରୁ କଟା ଗୋ ମାଂସ, କଟା ଗାଈ ମୁଣ୍ଡ, ଟାଙ୍ଗିଆ ଓ ମାଂସ କଟାରେ ବ୍ୟବହୃତ ଛୁରୀ କୁ ଜବତ କରିଛି। ଫିରିଙ୍ଗିଆ ବ୍ଲକ ଆସିଥିବା ବେଳେ ଶିବ ମନ୍ଦିର ନିକଟରେ ଖୋଲା ଜାଗାରେ ଖୁଲ୍ଲମ ଖୁଲା ନିର୍ଭୟରେ ଗାଈ କୁ ନେଇଁ ମାରି ମାଂସ କାଟିବା ଏବଂ ଏହାକୁ କିଛି ଲୋକଙ୍କ ବିରୋଧ ସତ୍ତ୍ୱେ ଗୋ ମାଂସ କାଟି ବିକ୍ରି କରିବାକୁ ଚେଷ୍ଟା କରିବା କୁ ନେଇଁ ଅଞ୍ଚଳ ରେ ଅସନ୍ତୋଷ ପ୍ରକାଶ ପାଇଛି ସକାଳୁ କାସିନି ପଦର ଗାଁର ଅର୍ଜୁନ ଦିଗାଲ (୪୫) ଲାଲୁ ଦିଗାଲ (୭୫) ଶ୍ରୀକାନ୍ତ ଦିଗାଲ (୨୪) ପ୍ରସନ କୁମାର ଦିଗାଲ (୪୧) ବର୍ଷ ଏମାନେ ଚାରି ଜଣ ଏକ ଗାଈ କୁ ଶିବ ମନ୍ଦିର ନିକଟରେ ଥିବା ଏକ ପଡ଼ିଆରେ ମାରିବା ସହ ମୁଣ୍ଡ ଅଲଗା କରି ବିକ୍ରି ଉର୍ଦ୍ଦେଶ୍ୟ ରେ ମାଂସ କାଟିଥିଲେ ସ୍ଥାନୀୟ ଲୋକେ ଏହା ଦେଖି ବିରୋଧ କରିଥିଲେ ମଧ୍ୟ କାହା କଥା ଶୁଣି ନଥିଲେ ଯାହାଦ୍ୱାରା ଅଞ୍ଚଳ ରେ ଏକ ଅପ୍ରିତିକର ପରିବେଶ ସୃଷ୍ଟି ହୋଇଥିଲା। ଖବର ପାଇ ଫିରିଙ୍ଗିଆ ପୁଲିସ ଘଟଣା ସ୍ଥଳ ରେ ପହଁଞ୍ଚି ଗୋ ମାଂସ କାଟୁଥିବା ସ୍ଥାନରୁ ୪ ଜଣଙ୍କୁ ଗିରଫ କରାଯାଇଛି ଗୋ ମାଂସ, କଟା ମୁଣ୍ଡ, ଗୋଡ଼, ଜବତ କରିବା ସହ ଫିରିଙ୍ଗିଆ ଥାନାକୁ ଆଣିଥିଲେ। ଫିରିଙ୍ଗିଆ ଥାନାରେ ଏହି ଘଟଣା କୁ ନେଇଁ ଏକ ମାମଲା ରୁଜୁ କରିଥିବା ବେଳେ ତୁରନ୍ତ ଚାରି ଜଣଙ୍କୁ କୋର୍ଟ ଚାଲାଣ କରି ଘଟଣା ର ଅଧିକ ତଦନ୍ତ କରୁଥିବା ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀ ଧର ସାହୁ ସୂଚନା ଦେଇଛନ୍ତି।

# ବାରହା ଆକ୍ରମଣରେ ଦୁଇ ଗୁରୁତର



ହିଞ୍ଜିଳିକାଟୁ,୮।୧୦ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ସିକିରି -ରାଳବ ମଝିର ଏକ ବିଲରେ ବାରହା ଆକ୍ରମଣରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଦୁଇ ଜଣ ହେଲେ ରାଳବ ଗ୍ରାମର ମନୋଜ ପୃଷ୍ଟି (୫୧) ଓ ରଞ୍ଜନ ପରିଡ଼ା (୫୦) ସୂଚନା ଅନୁସାରେ, ହିଞ୍ଜିଳି ବ୍ଲକ ଅନ୍ତର୍ଗତ ରାଳବ ଗ୍ରାମର ମନୋଜ ପୃଷ୍ଟି ଓ ରଞ୍ଜନ ପରିଡ଼ା ଆଜି ସକାଳୁ ତାଙ୍କ ସିକିରି -ରାଳବ ଗ୍ରାମର ମଝିରେ ରହିଥିବା ନିଜ ବିଲକୁ ଆସିଥିଲେ। ବିଲରେ କାମ କରୁଥିବା ବେଳେ ସକାଳ ୯ଟା ସମୟରେ ଆତର୍କିତ ଭାବରେ ଗୋଟିଏ ବାରହା ଆସି ଦୁଇ ଜଣକୁ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ମନୋଜ ଓ ରଞ୍ଜନ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗି ମାଂସ ବାହାରି ଯାଇଥିବା ଦେଖିବାକୁ ମିଳିଛି। ଘଟଣା ପରେ ରକ୍ତ ଜୁଡୁବୁଡୁ ହୋଇ ଦୁହେଁ ତଳେ ପଡ଼ି ଚିତ୍କାର କରିବା ସମୟରେ ଅବଶ୍ୟ ବାରହା ସେହି ସ୍ଥାନ ଛାଡ଼ି ଚାଲି ଯାଇଥିଲା। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ୧୦୮ ଯୋଗେ ଆହତମାନଙ୍କୁ ଉଦ୍ଧାର କରି ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ବିଦ୍ୟୁତ ତାର ଲାଗି ବୃଦ୍ଧଙ୍କ ମୃତ୍ୟୁ

ରାଇଘର,୮।୧୦ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଗ୍ରାମରେ ଅଘଟଣ। ବିଦ୍ୟୁତ ତାର ଲାଗି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ୫୫ ବର୍ଷୀୟ ହରିଶ ଚନ୍ଦ୍ର କନ୍ଦା ଗୌଡ଼ା। ଘଟଣାକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଗୁମୁରାପଦର ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ବିଦ୍ୟୁତ ତାର ଲାଗିଯିବାରୁ ବର୍ଷୀୟ ହରିଶ ଚନ୍ଦ୍ର କନ୍ଦ ଗୌଡ଼ଙ୍କ ମୃତ୍ୟୁ ଘଟିଛି। ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବା ପରେ ହରିଶ ଚନ୍ଦ୍ର ଗୁରୁତର ହୋଇପଡ଼ିଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଘଟଣା ପରେ ପରିବାର ଲୋକ ଓ ଗ୍ରାମବାସୀଙ୍କ ମଧ୍ୟରେ ଶୋକର ବାତାବରଣ ଦେଖାଦେଇଛି।

# ବ୍ୟାପକ ଅନିୟମିତତା ଓ ଦୁର୍ନୀତି ନେଇ ବିଜେଡିର ପ୍ରତିବାଦ ସଭା



ନୀଳଗିରି,୮।୧୦(ସଂଚାର ବ୍ୟୁରୋ): ନୀଳଗିରି ବ୍ଲକରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି କୁ ନେଇ ବିଜେଡି ପକ୍ଷରୁ ୭ ତାରିଖ ବୁଧବାର ଅପରାହ୍ନ ୧୧ଘଟିକା ରେ ବ୍ଲକ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ଙ୍କ ନେତୃତ୍ୱରେ ନୀଳଗିରି ସହର ବାଇ ପାଶ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ରେ ବିଜୁ ପ୍ରେମୀ ମାନେ ମାଲ୍ୟାର୍ପଣ କରିଥିଲେ।ପରେ ନବୀନ ପଟ୍ଟନାୟକ ଜିନ୍ଦାବାଦ ଓ ବିଜେପି ବିରୋଧୀ ନାରା ଦେଇ ବଜାର ପରିକ୍ରମା କରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ବ୍ଲକ ସମ୍ମୁଖରେଆୟୋ ଜିତସଭାରେ ନୀଳଗିରିପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ସଭାପତିତ୍ୱକରି ସ୍ଥାନୀୟ ବିଡ଼ିଓ ବିକ୍ରମ କେଶରୀ ପରିଡା, ତାଙ୍କ ସ୍ତ୍ରୀ ତହସିଲଦାର ସୋନମ ଦାସ କିପରି ସରକାରୀ ନିୟମ କୁ ଜଳାଞ୍ଜଳି ଦେଇ ବେଆଇନ, ମନମୁଖୀ କାର୍ଯ୍ୟ କରୁଥିବା ଓ ବିଜେପି ସରକାରଙ୍କ ଶାସନକୁ ସମାଲୋଚନା କରିଥିଲେ।ବିଶେଷ କରିନୀଳଗିରି ବ୍ଲକ ରେ ରାସନ କାର୍ଡ, ଭତ୍ତା, ଜିପି ଏଲ ଏଫ ବିଲିଡିଂ, ଆବାସଘର, ଏସେଏଫ ସି, ଜିଆଇଏ, ବିଜିବିଓ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତାଯୋଜନା, ସୁବିଧା ଗୃହ, ବ୍ଲକ ପରିସରରେ ସୌରଶକ୍ତି ଲଗାଇବା ରେ ବିଡିଓ ସରକାରୀ ନିୟମ କୁ ଜଳାଞ୍ଜଳି ଦେଇ ଦୁର୍ନୀତି ହେଉଛି ବୋଲି ଅଭିଯୋଗ କରିଥିଲେ।କାର୍ଯ୍ୟକ୍ରମ ରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ନିଳଗିରି ବିଡ଼ିଓଙ୍କ ମେରୀ ରାଏ ନୀତିକୁ ସମାଲୋଚନା କରିବା ସହିତ ବିଜେପି ସରକାରକୁ 'ଲୁଟ୍ ସରକାର' ବୋଲି ସମାଲୋଚନା କରି ସ୍କୁଲ ପିଲାଙ୍କ ପୋଷାକରୁ ଶାସକ ଦଳର ବିଧାୟକ ପିସି ନେବାକୁ ପଛାଉନାହାନ୍ତି ବୋଲି ଅଭିଯୋଗ କରିଥିଲେ। ବିଜେଡ଼ି ବରିଷ୍ଠ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁକର୍ମୀଙ୍କୁ ପ୍ରସ୍ତୁତ ହେବାକୁ କହିଥିଲେ। ସେ କହିଥିଲେ 'ବିଜେପି ଶାସନରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେବା ସହ ନାରୀ ଅସୁରକ୍ଷିତ ଏବଂ ଦରଦାମ ବୃଦ୍ଧି ଯୋଗୁଁ ଲୋକେ ହନ୍ତ ସନ୍ତ ହୋଇଛନ୍ତି ବୋଲି କହିଛନ୍ତି।

● ଜୋଶ୍ ଦଳର ଜିଲ୍ଲାସ୍ତରୀୟ ଶୁଭାରମ୍ଭ

## ଯକ୍ଷ୍ମା ମୁକ୍ତ ପଞ୍ଚାୟତର ସରପଞ୍ଚମାନେ ସମ୍ମାନିତ



ମାଲକାନଗିରି,୮।୧୦(ସଂଚାର ବ୍ୟୁରୋ): ଜିଲ୍ଲାରେ ଜନସ୍ୱାସ୍ଥ୍ୟ ସଚେତନତା ଓ ରୋଗ ନିରାକରଣକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାସ୍ତରୀୟ ଜୋଶ୍ ଦଳର ଶୁଭାରମ୍ଭ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଜ ନିଜ ଅଞ୍ଚଳକୁ ଯକ୍ଷ୍ମା ମୁକ୍ତ କରିବାରେ ସଫଳତା ହାସଲ କରିଥିବା ସ୍ଥାନୀୟ ଜନପ୍ରତିନିଧିମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭାର ମଧ୍ୟ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ସିଡିଏମ ଓ ପିଏଚଓ ଡାକ୍ତର ମାନସ ରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ସାଂସଦଙ୍କ ପ୍ରତିନିଧି ବିଜୟ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚରେ ଅନ୍ୟ ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ଏଡିପିଏଚଓ (ପରିବାର କଲ୍ୟାଣ) ଡାକ୍ତର ମିନତୀ ମହାନ୍ତି, ଡିଏମଓ (ଏମଏସ) ତଥା ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ସୁରୁମା ବେହେରା, ଏଡିପିଏଚଓ (କୁଷ୍ଠ) ଡାକ୍ତର ଏନଟିସି ବେହେରା ଏବଂ ଏଡିପିଏଚଓ (ଭିବିଡି/ଟିବି) ଡାକ୍ତର ସୌଭାଗ୍ୟ ରଞ୍ଜନ ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନୂତନ ଅଭିଯାନର ଶୁଭାରମ୍ଭ ଅବସରରେ ସିଡିଏମ ଓ ପିଏଚଓ ଡାକ୍ତର ପଣ୍ଡା କହିଛନ୍ତି ଯେ ମାଲକାନଗିରି ଜିଲ୍ଲାରୁ ଯକ୍ଷ୍ମା ରୋଗର ସମ୍ପୂର୍ଣ୍ଣ ନିର୍ମୂଳ କରିବା ଆମର ମୂଳ ଲକ୍ଷ୍ୟ। ସେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ନବଗଠିତ ଜୋଶ୍ ଦଳ ତୃଣମୂଳ ସ୍ତରରେ ରୋଗୀ ଚିହ୍ନଟ, ପ୍ରାରମ୍ଭିକ ପରୀକ୍ଷା ଏବଂ ବ୍ୟାପକ ସଚେତନତା ସୃଷ୍ଟି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ 'ସେବା ସଙ୍କଳ୍ପ' କାର୍ଯ୍ୟକ୍ରମ

ବୋରିଗୁମ୍ମା,୮।୧୦(ସଂଚାର ବ୍ୟୁରୋ): ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ୨୧ ସେପ୍ଟେମ୍ବର ରୁ ୨୧ଅକ୍ଟବର ମଧ୍ୟରେ ଆଜି ଗୁରୁବାର ଅବସରରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୋରିଗୁମ୍ମା ପକ୍ଷରୁ 'ସେବା ସଙ୍କଳ୍ପ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜନ୍ମଦିନରେ ସେବାର ସଙ୍କଳ୍ପ, ପରିବେଶ ସୁରକ୍ଷାର ବାର୍ତ୍ତା ଦେଇ ସ୍ୱଚ୍ଛ ଭାରତ ଅଭିଯାନ ଓ 'ଏକ ପେଡ୍ ମା' କେ ନାମ' ଅଭିଯାନ ମାଧ୍ୟମରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଦେବଦ୍ୟୁତି ଶତପଥୀ, ସମସ୍ତ ସଫେଇ କର୍ମଚାରୀ, ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦମୟନ୍ତୀ ମୁଦୁଲି, ସଚ୍ଚିଦାନନ୍ଦ ଗୋଲାପ, ବାଲେଶ୍ୱର ନାୟକ, ଓ ଅନ୍ୟାନ୍ୟ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଏନଟିପିସି ଦର୍ଲିପାଲିର ପ୍ରକଳ୍ପ ମୁଖ୍ୟ ଭାବରେ ଆଲୋକ ତ୍ରିପାଠୀଙ୍କ ଦାୟିତ୍ୱ ଗ୍ରହଣ



ସୁନ୍ଦରଗଡ଼,୮।୧୦ (ସଂଚାର ବ୍ୟୁରୋ): ଅକ୍ଟୋବର ୬ ତାରିଖ ଦିନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଲୋକ କୁମାର ତ୍ରିପାଠୀ ଏନଟିପିସି ଦର୍ଲିପାଲିର ପ୍ରକଳ୍ପ ମୁଖ୍ୟ ଭାବରେ ଦାୟିତ୍ୱ ଗ୍ରହଣ କଲେ। ଶ୍ରୀ ତ୍ରିପାଠୀ ଙ୍କର ଏନଟିପିସିରେ ତିନି ଦଶନ୍ଧିରୁ ଅଧିକ ଅଭିଜ୍ଞତା ରହିଛି। ସେ ୧୯୮୯ ମସିହାରେ ଜି.ବି. ପନ୍ତ କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂରେ ବି.ଟେକ୍ ସମାପ୍ତ କରିଥିଲେ ଏବଂ ୧୯୯୧ ମସିହାରେ ପିଏମଆଇ ନୋଏଡାରେ ଏକ କାର୍ଯ୍ୟନିର୍ବାହୀ ପ୍ରଶିକ୍ଷକ ଭାବରେ ଏନଟିପିସିରେ ଯୋଗ ଦେଇଥିଲେ। ସେ ୧୯୯୨ ମସିହାରେ ନିୟମିତ ହୋଇଥିଲେ ଏବଂ ପରବର୍ତ୍ତୀ ସମୟରେ ସିଙ୍ଗରାଉଲିରେ ସି ଏଣ୍ଡ ଆଇ ରକ୍ଷଣାବେକ୍ଷଣରେ କାର୍ଯ୍ୟ କରିଥିଲେ, ତା'ପରେ ବିନ୍ଧ୍ୟଚଳ, କୁଡଗି, ଉଞ୍ଚାହାର ଏବଂ ରାମାଗୁଣ୍ଡମରେ ବୃତ୍ତିଗତ କାର୍ଯ୍ୟ କରିଥିଲେ। ପରିଚାଳନା, ରକ୍ଷଣାବେକ୍ଷଣ ଏବଂ ପ୍ରକଳ୍ପ ପରିବେଶରେ ବ୍ୟାପକ ଅଭିଜ୍ଞତା ଅର୍ଜନ କରିଥିଲେ। ଶ୍ରୀ ତ୍ରିପାଠି ଏନଟିପିସି ଦର୍ଲିପାଲିରେ କାର୍ଯ୍ୟ ଗ୍ରହଣ କରିବା ପୂର୍ବରୁ ଏନଟିପିସି ଉତ୍ତର କରଣପୁରାରେ ପ୍ରକଳ୍ପ ମୁଖ୍ୟ ଭାବରେ ଭୂମିକା ନିର୍ବାହ କରୁଥିଲେ। ପ୍ରମୁଖ ଏନଟିପିସି ପ୍ରକଳ୍ପଗୁଡ଼ିକରେ ତାଙ୍କର ବିବିଧ ଅଭିଜ୍ଞତା ଏବଂ ସଂଗଠନ ସହିତ ତାଙ୍କର ଦୀର୍ଘ ସମ୍ପର୍କ ଦର୍ଲିପାଲି କୁ ମୂଲ୍ୟବାନ ନେତୃତ୍ୱ ଏବଂ ବୈଷୟିକ ବିଶେଷଜ୍ଞତା ଆଣିଥାଏ। ତାଙ୍କ ନେତୃତ୍ୱରେ, ଷ୍ଟେସନ ଏହାର କାର୍ଯ୍ୟକ୍ଷମ ଉତ୍କର୍ଷତା, ତ୍ୱରାନ୍ୱିତ ପ୍ରକଳ୍ପ ବିକାଶ ଏବଂ ସ୍ଥାୟୀ ଅଭିବୃଦ୍ଧିର ଯାତ୍ରା ଜାରି ରଖିବ।

୧୨ ଘଣ୍ଟିଆ ଓଡ଼ିଶା ବନ୍ଦରେ ତାତିଲା ପାରାଦୀପ

# ପୁଲିସ-ଆନ୍ଦୋଳନକାରୀ ମୁହାଁମୁହିଁ; ବିଭିନ୍ନ ସ୍ଥାନରେ ଧସ୍ତାଧସ୍ତି



ପାରାଦୀପ,୮।୧୦ (ସଂଚାର ବ୍ୟୁରୋ): ଇଣ୍ଡିଆ ବ୍ଲକ୍ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦର ପ୍ରଭାବ ବନ୍ଦର ନଗରୀ ପାରାଦୀପ ସମେତ କୁଜଙ୍ଗ ଓ ଏରସମାରେ ଦେଖିବାକୁ ମିଳିଛି। ଗଣତାନ୍ତ୍ରିକ ଅଧିକାର ଓ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା, ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନକୁ ସମ୍ପୂର୍ଣ୍ଣ ରଦ୍ଦ କରିବା, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ କେନ୍ଦ୍ର ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବିରେ ଏହି ବନ୍ଦ ଡାକରା ଦିଆଯାଇଛି। ବନ୍ଦକୁ ସଫଳ କରିବା ପାଇଁ ପାରାଦୀପର ବିଭିନ୍ନ ଅଞ୍ଚଳରେ କଂଗ୍ରେସ ସମେତ ଇଣ୍ଡିଆ ବ୍ଲକ୍‌ର ବିଭିନ୍ନ ସଂଗଠନ ପକ୍ଷରୁ ପିକେଟିଂ କରାଯାଇଥିଲା। ଅଠରବାଙ୍କୀ, ଦୋଛକି, ବଡ଼ପଡ଼ିଆ ଓ ବନ୍ଦରର ବିଭିନ୍ନ ଗେଟ୍ ନିକଟରେ ଆନ୍ଦୋଳନକାରୀମାନେ ବଡ଼ ବଡ଼ ପତାକା ଧରି ସ୍ଲୋଗାନ ଦେଇଥିଲେ। ବିଭିନ୍ନ ସ୍ଥାନରେ ଦୋକାନ ବଜାର, ବ୍ୟାଙ୍କ ଓ ଅନ୍ୟାନ୍ୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ତେବେ ପାରାଦୀପ ବନ୍ଦରର ୪ ନମ୍ବର ଗେଟ୍ ନିକଟରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। କଂଗ୍ରେସ ନେତା ନିରଞ୍ଜନ ନାୟକ ଓ କେଦାର ବିଶ୍ୱାଳ ଗେଟ୍ ନିକଟକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ସିଆଇଏସଏଫ୍ କର୍ମଚାରୀ ସେମାନଙ୍କୁ ବାରଣ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ କଥା କଟାକଟି ସହ ଉତ୍ତେଜନା ସୃଷ୍ଟି ହୋଇଥିଲା। ସେହିପରି କୁଜଙ୍ଗରେ ମଧ୍ୟ ବନ୍ଦ ପାଳନକୁ ନେଇ ପୁଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପିକେଟିଂ କରୁଥିବା ଆନ୍ଦୋଳନକାରୀଙ୍କୁ ପୁଲିସ ହଟାଇବାକୁ ଉଦ୍ୟମ କରିବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଏହାକୁ ନେଇ କିଛି ସମୟ ପାଇଁ କୁଜଙ୍ଗରେ ଉତ୍ତେଜନାମୟ ପରିସ୍ଥିତି ସୃଷ୍ଟି ହୋଇଥିଲା।

● ପୋକ୍ସୋ ମାମଲାରେ ଦୋଷୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ

## ୫ ହଜାର ଟଙ୍କା ଜୋରିମାନା ସହିତ ୧୫ ସାକ୍ଷୀଙ୍କ ବୟାନ ଆଧାରରେ କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ସୁନ୍ଦରଗଡ଼,୮।୧୦(ସଂଚାର ବ୍ୟୁରୋ): ସଦର ଥାନା କନକଜୋରା ଅଞ୍ଚଳରେ ୨୦୨୦ ମସିହା ଅକ୍ଟୋବର ମାସ ୧୬ ତାରିଖରେ ଘଟିଥିଲା ଏକ ଘଟଣା। ଏ ନେଇ ସଦର ଥାନା କେଶ ନମ୍ବର - ୨୭୪/୨୦୨୦ ରେ ମାମଲା ରୁଜୁ ହୋଇଥଲା। ତଦନ୍ତରେ ସଦର ପୋଲିସ ଅଭିଯୁକ୍ତକୁ ଦଫା - ୪୪୮/୩୫୪(ବି )/୩୨୩/୫୦୬ ଆଇପିସି ସହ ୮ ପୋକସୋ ଲଗାଇ ଅଭିଯୁକ୍ତ କୃଷ୍ଣ ମୁଣ୍ଡାଙ୍କୁ କୋର୍ଟ ଚାଲାଣ କରିଥିଲା। ସେହି ମାମଲାରେ ହୋଇଛି କଡ଼ା ରାୟ। ଦୋଷୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜୋରିମାନା। ପୋକ୍ସୋ କୋର୍ଟରେ ଏହି ରାୟ ପ୍ରକାଶ ପାଇଛି। ମାମଲାରେ ଅଭିଯୋଗ ପକ୍ଷରୁ ୧୫ ଜଣ ସାକ୍ଷୀଙ୍କୁ କୋର୍ଟରେ ପରୀକ୍ଷା କରାଯାଇଥିଲା। ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ଘୋଷଣା କରିବା ସହ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ସରକାରୀ ପ୍ରସିକ୍ୟୁଟର ପ୍ରଭାତ କୁମାର ନନ୍ଦ ମାମଲା ପରିଚାଳନା କରୁଥିଲେ।

# କଲେଜ ନିର୍ବାଚନକୁ ନେଇ ତେଜିଲାଣି ରାଜନୈତିକ ତାତି

## ଆଜି ନାମାଙ୍କନ ଦାଖଲ, ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ନେଇ ପୂର୍ବତନ ବିଧାୟକଙ୍କ ଦାବି



ଢେଙ୍କାନାଳ,୮।୧୦ (ସଂଚାର ବ୍ୟୁରୋ): କଲେଜ ଛାତ୍ର ସଂସଦ ନିର୍ବାଚନକୁ ନେଇ ଢେଙ୍କାନାଳ ଜିଲ୍ଲାରେ ରାଜନୈତିକ ତାତି ଧୀରେ ଧୀରେ ବଢ଼ିବାରେ ଲାଗିଛି। ନିର୍ବାଚନ ଘୋଷଣା ପରେ ବିଭିନ୍ନ କଲେଜ ପରିସରରେ ଛାତ୍ରନେତା ଓ ଛାତ୍ର ସଂଗଠନଗୁଡ଼ିକ ନିଜ ନିଜ ପ୍ରାର୍ଥୀଙ୍କୁ ନେଇ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଆଜି ବିଭିନ୍ନ କଲେଜରେ ଛାତ୍ର ପ୍ରତିନିଧିମାନେ ନିଜ ନିଜ ନାମାଙ୍କନପତ୍ର ଦାଖଲ କରିବେ। ନାମାଙ୍କନ ଦାଖଲ ପୂର୍ବରୁ ଛାତ୍ର ରାଜନୀତିରେ ତତ୍ପରତା ବଢ଼ିଥିବା ବେଳେ ବିଭିନ୍ନ ଛାତ୍ର ସଂଗଠନ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ନେଇ ରଣନୀତି ପ୍ରସ୍ତୁତ କରୁଛନ୍ତି। କଲେଜ ନିର୍ବାଚନରେ ଛାତ୍ର ସମର୍ଥନ ହାସଲ କରିବା ପାଇଁ ପ୍ରାର୍ଥୀମାନେ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ସହ ଯୋଗାଯୋଗ ବଢ଼ାଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେଡିର ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ନିର୍ବାଚନକୁ ନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି। ଜିଲ୍ଲାର ସମସ୍ତ କଲେଜରେ ବିଜେଡି ସମର୍ଥିତ ଛାତ୍ର ପ୍ରତିନିଧିମାନେ ବିଜୟୀ ହେବେ ବୋଲି ସେ ଦୃଢ଼ ଦାବି କରିଛନ୍ତି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ପ୍ରତି ଭଲ ସମର୍ଥନ ରହିଥିବା ନେଇ ସେ ଆଶାବାଦୀ ଥିବା କହିଛନ୍ତି। ଆଜି ନାମାଙ୍କନ ଦାଖଲ ପରେ ନିର୍ବାଚନୀ ମାହୋଲ ଆହୁରି ସରଗରମ ହେବାର ସମ୍ଭାବନା ରହିଛି। କିଏ କେଉଁ ପଦବୀ ପାଇଁ ପ୍ରାର୍ଥୀ ହେଉଛନ୍ତି, କେଉଁ ଛାତ୍ର ସଂଗଠନ କାହାକୁ ସମର୍ଥନ କରୁଛି ଏବଂ କ୍ୟାମ୍ପସରେ କାହାର ପ୍ରଭାବ ଅଧିକ ରହିଛି, ତାହା ନାମାଙ୍କନ ପରେ ଅଧିକ ସ୍ପଷ୍ଟ ହେବ। ତେବେ ଛାତ୍ର ନିର୍ବାଚନକୁ ନେଇ ରାଜନୈତିକ ଦଳଗୁଡ଼ିକର ସକ୍ରିୟତା ବଢ଼ିବା ସହ ଢେଙ୍କାନାଳରେ କଲେଜ ନିର୍ବାଚନ ଏବେ କେବଳ କ୍ୟାମ୍ପସ ମଧ୍ୟରେ ସୀମିତ ନରହି ରାଜନୈତିକ ଚର୍ଚ୍ଚାର ପ୍ରମୁଖ ବିଷୟ ପାଲଟିଛି। ଆଜି ନାମାଙ୍କନ ପରେ ନିର୍ବାଚନୀ ଚିତ୍ର କେଉଁ ଦିଗକୁ ଯାଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## କଂଗ୍ରେସ ପକ୍ଷରୁ ଓଡିଶା ବନ୍ଦ ପାଳନ

ରାଇଘର,୮।୧୦(ସଂଚାର ବ୍ୟୁରୋ): ଜାତୀୟ କଂଗ୍ରେସ ଦଳ ପକ୍ଷରୁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ସାରା ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ରାଜ୍ୟରେ ଚାଲିଥିବା ଡବଲ ଇଞ୍ଜିନ ସରକାର ଙ୍କ ଶାସନ ଉପରେ ପ୍ରଶ୍ନ ଉଠାଇଛି କଂଗ୍ରେସ। ମୁଖ ପ୍ରସଙ୍ଗ ମଧୁର ଏମ୍ ଏମ ଡି ଆର୍ ଆଇନ ରଦ୍ଦ କରିବା, କେନ୍ଦ୍ର ମୁଖ୍ୟ ନିର୍ବାଚନ ଅଧିକାରୀ ଗ୍ୟାନେସ କୁମାରଙ୍କ ଇସ୍ତଫା, ତ୍ରୁଟି ପୂର୍ଣ୍ଣ ପାଠ୍ୟ ପୁସ୍ତକ ମୁଦ୍ରଣ ନେଇ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ଇସ୍ତଫା, ବନ୍ୟା ବିପନ୍ନ ଙ୍କୁ ତୁରନ୍ତ ଜରୁରୀ ସହାୟତା, ଡିଜେଲ୍ ପେଟ୍ରୋଲ ଦର ହ୍ରାସ, ରନ୍ଧନ ଗ୍ୟାସ ଦର ବୃଦ୍ଧି ହ୍ରାସ, ବେକାରୀ ସମସ୍ୟା, ଅତିରିକ୍ତ ଟ୍ୟାକ୍ସ ଆଦାୟ, ଶିକ୍ଷା, ସ୍ୱାସ୍ଥ୍ୟସେବା ସମସ୍ୟା ଆଦି ପ୍ରସଙ୍ଗରେ ଶାନ୍ତିପୂର୍ଣ୍ଣ ଭାବେ ରାଇଘର ବ୍ଲକ କଂଗ୍ରେସ ପକ୍ଷରୁ ମୁଖ୍ୟ ରାସ୍ତା ହନୁମାନ ମନ୍ଦିର ଠାରେ ତମ୍ବୁ ମାରି ପୋଷ୍ଟର ବ୍ୟାନର ପ୍ଲାଗ କାର୍ଡ ଧରି ଆନ୍ଦୋଳନ କରିଥିଲେ।

# ପ୍ରଥମ ଥର ପାଇଁ ଓଡ଼ିଶାରେ ଅର୍ବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଳନୀ

- 'ଅତିଥି ଦେବୋ ଭବ' ନୀତିରେ ଆୟୋଜନ ସଫଳ ପାଇଁ ନିର୍ଦ୍ଦେଶ
- ପ୍ରସ୍ତୁତିର ସମୀକ୍ଷା କଲେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ



ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ): ଓଡ଼ିଶାରେ ପ୍ରଥମ ଥର ପାଇଁ ପୂର୍ବ ଭାରତରେ ୧୯ତମ ଅର୍ବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଳନୀ-ସହ ପ୍ରଦର୍ଶନୀ ଓ ଦ୍ୱିତୀୟ ନ୍ୟାସନାଲ ଅର୍ବାନ କନକ୍ଲେଭ୍ ଆୟୋଜିତ ହେବ। ଏହି ଜାତୀୟସ୍ତରୀୟ ଆୟୋଜନକୁ ରାଜ୍ୟ ପାଇଁ ଏକ ସ୍ମରଣୀୟ ଅବସରରେ ପରିଣତ କରିବା ଲକ୍ଷ୍ୟରେ ଆଜି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏହାର ପ୍ରସ୍ତୁତିର ସମୀକ୍ଷା କରିବା ସହ ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟ ରକ୍ଷା କରି କାର୍ଯ୍ୟ ସମ୍ପାଦନ କରିବାକୁ ଗୁରୁତ୍ୱାରୋପ କରିଛନ୍ତି।

ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଏହି ତିନିଦିନିଆ ସମ୍ମିଳନୀ ଅନୁଷ୍ଠିତ ହେବ। କେନ୍ଦ୍ର ସରକାରଙ୍କ ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ କମ୍ପ୍ରିହେନସିଭ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କୁଟ)ର ସହଯୋଗରେ ଏହା ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ ଆଜି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଆୟୋଜନର ଜାତୀୟ ଗୁରୁତ୍ୱକୁ ଦୃଷ୍ଟିରେ ରଖି ସମସ୍ତ ବିଭାଗ ଓ ସଂସ୍ଥା ମଧ୍ୟରେ ନିବିଡ଼ ସମନ୍ୱୟ ରକ୍ଷା କରି ପ୍ରତ୍ୟେକ କାର୍ଯ୍ୟକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସୁଚାରୁ ଭାବେ ସମ୍ପାଦନ କରିବାକୁ ଡ. ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। କେବଳ ସମ୍ମିଳନୀ ସ୍ଥଳ ନୁହେଁ, ସମଗ୍ର ସହରରେ ଅତିଥିମାନଙ୍କ ଅନୁଭୂତିକୁ ସୁନ୍ଦର ଓ ସ୍ମରଣୀୟ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ନଗର ଯାତାୟାତ, ଆତିଥ୍ୟ, ପରିମଳ, ସୌନ୍ଦର୍ଯ୍ୟକରଣ, ଭିତ୍ତିଭୂମି, ସୁରକ୍ଷା, ପ୍ରୋଟୋକଲ୍, ସାଂସ୍କୃତିକ ପ୍ରଦର୍ଶନ ଓ ଅତିଥି ସୁବିଧା ଆଦି ସମସ୍ତ ଦିଗରେ ସମନ୍ୱିତ ପ୍ରସ୍ତୁତି କରିବାକୁ ସେ କହିଥିଲେ।

ପୂର୍ବ ଭାରତରେ ପ୍ରଥମ ଥର ପାଇଁ ଜାତୀୟ ନଗର ସମ୍ମିଳନୀ ଓଡ଼ିଶାରେ ଆୟୋଜିତ ହେବା ରାଜ୍ୟ ପାଇଁ ଏକ ଗୌରବର ବିଷୟ। ନଗର ଯାତାୟାତ ଏହି ଆୟୋଜନର ମୁଖ୍ୟ ଆକର୍ଷଣ ହୋଇଥିବା ବେଳେ ଏହା ମାଧ୍ୟମରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ନୀତି ନିର୍ଦ୍ଧାରକ, ନଗର ବିଶେଷଜ୍ଞ, ପ୍ରତିନିଧି ଓ ଅତିଥିମାନଙ୍କ ସମ୍ମୁଖରେ ନଗର ଉନ୍ନୟନ ଓ ନଗର ଯାତାୟାତ କ୍ଷେତ୍ରରେ ଓଡ଼ିଶାର ଅଗ୍ରଗତି, ପଦକ୍ଷେପ ଓ ଭବିଷ୍ୟତ ଦୃଷ୍ଟିକୋଣକୁ ପ୍ରଦର୍ଶନ କରିବାର ସୁଯୋଗ ମିଳିବ ବୋଲି ସେ କହିଥିଲେ। ଆମର ଅତିଥିମାନେ କେବଳ ଏକ ସୁଚାରୁ ଭାବେ ଆୟୋଜିତ ଜାତୀୟସ୍ତରୀୟ କାର୍ଯ୍ୟକ୍ରମର ଅନୁଭବ ନେଇ ଫେରନ୍ତୁ ନାହିଁ, ବରଂ ଓଡ଼ିଶାର ଆତିଥ୍ୟ ଓ ଜଣେ ଓଡ଼ିଆ ହେବାର ଭାବନାକୁ ମଧ୍ୟ ଅନୁଭବ କରି ଫେରିବା ଉଚିତ। ତେଣୁ 'ଅତିଥି ଦେବୋ ଭବ' ଭାବନା ଆମର ପ୍ରସ୍ତୁତି ଓ ଆତିଥ୍ୟର ମାର୍ଗଦର୍ଶକ ହେବା ଉଚିତ ବୋଲି ସେ କହିଥିଲେ। ନୀତିଗତ ଆଦାନପ୍ରଦାନ, ଜ୍ଞାନ ବିନିମୟ, ପ୍ରଯୁକ୍ତି ପ୍ରଦର୍ଶନୀ, ଶିଳ୍ପ-ସରକାର ଆଲୋଚନା ଏବଂ ବିଭିନ୍ନ ସହରର ଅନୁଭୂତି ଓ ଶ୍ରେଷ୍ଠ ପଦକ୍ଷେପ ବିନିମୟ ପାଇଁ ଏହା ଏକ ଜାତୀୟ ମଞ୍ଚ ଭାବେ କାର୍ଯ୍ୟ କରିବ।

- ଦୁର୍ଗାପୂଜା ପାଇଁ କମିଶନରେଟ ପୁଲିସର ସ୍ପେଶାଲ ଡ୍ରାଇଭ

## ୧୬୨ ୱାରେଣ୍ଟିଙ୍କୁ ଧରିଛି ପୁଲିସ



କଟକ,୮।୧୦(ସଂଚାର ବ୍ୟୁରୋ): ଦୁର୍ଗାପୂଜା ପାଇଁ ସ୍ପେଶାଲ ଡ୍ରାଇଭ ଆରମ୍ଭ କରିଦେଇଛି କମିଶନରେଟ ପୁଲିସ। ଜାମିନବିହୀନ ଗିରଫ ପରୱାନା ତାଲିକାରେ ଥିବା ୧୬୨ ଜଣ ୱାରେଣ୍ଟିଙ୍କୁ ପୁଲିସ ଧରିଥିବା ସୂଚନା ଦେଇଛନ୍ତି କଟକ ଡିସିପି। ପ୍ରସ୍ତୁତ ହୋଇଥିବା ତିନି ଶହରୁ ଊର୍ଦ୍ଧ୍ୱ ତାଲିକା ଭିତରୁ ୧୬୪ ଜଣ ପେସାଦାର ଅପରାଧୀ ଜେଲ ଭିତରେ ଥିବା ସୂଚନା ମିଳିଛି।

ସେହିପରି ନିଶା କାରବାର ଅଭିଯୋଗରେ ୨୨୫ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୧୦ଟି ଏନଡିପିଏସ କେସ ମଧ୍ୟ ରୁଜୁ ହୋଇଥିବା କଟକ ଡିସିପି କହିଛନ୍ତି। ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ସହରରେ ଅଧିକ ସଂଖ୍ୟକ ସିସିଟିଭି ଲଗାଯାଇଛି, ଯାହା ଅପରାଧୀଙ୍କ ଫେସ ଡିଟେକ୍ସନ କରିବାରେ ସହାୟକ ହେବ ବୋଲି ସୂଚନା ମିଳିଛି।

ଅତ୍ୟାଧୁନିକ କଣ୍ଟ୍ରୋଲ ରୁମ ବ୍ୟବସ୍ଥା କରାଯିବ ଓ ଦଶହରା ସହ ଭସାଣୀ ଶୋଭାଯାତ୍ରା ସିସିଟିଭି ନଜରରେ ରହିବ ବୋଲି ସୂଚନା ମିଳିଛି। ଗଣେଶ ପୂଜାରୁ ଏପର୍ଯ୍ୟନ୍ତ ଜୋରଜବରଦସ୍ତି ଚାନ୍ଦା ଆଦାୟ ଅଭିଯୋଗ ନେଇ ସହରର ବିଭିନ୍ନ ଥାନାରେ ମୋଟ ୧୧ଟି ମାମଲା ରୁଜୁ ହୋଇଥିବା ବେଳେ ସେଥିମଧ୍ୟରୁ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ଜବରଦସ୍ତି ଚାନ୍ଦା ଆଦାୟ ଘଟଣା ନଜରକୁ ଆସିଲେ, ହ୍ୱାଟ୍ସଆପ ନମ୍ବର ୮୨୮୦୩୩୮୩୦ରେ ମେସେଜ କରି ଜଣାଇବାକୁ କଟକ ଡିସିପି ଅପିଲ କରିଛନ୍ତି।

## ଗୋ-ମାଂସ ବିକ୍ରି ଅଭିଯୋଗ: ୪ ଗିରଫ




ଫିରିଙ୍ଗିଆ,୮।୧୦(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ କାଶିନୀପଦର ପଞ୍ଚାୟତ ଶିବ ମନ୍ଦିର ନିକଟ ପଡ଼ିଆରେ ଗୋ-ମାଂସ ବିକ୍ରି ଅଭିଯୋଗରେ ୪ ଜଣଙ୍କୁ ଫିରିଙ୍ଗିଆ ପୁଲିସ ଗିରଫ କରିଛି। ଘଟଣାସ୍ଥଳରୁ ଗୋ-ମାଂସ, ଗାଈ ମୁଣ୍ଡ, ଟାଙ୍ଗିଆ ଓ ଛୁରୀକୁ ପୁଲିସ ଜବତ କରିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

ମିଳିଥିବା ସୂଚନାନୁସାରେ, ଆଜି ସକାଳୁ କାସିନି ପଦର ଗାଁର ଅର୍ଜୁନ ଦିଗାଲ (୪୫), ଲାଲୁ ଦିଗାଲ (୭୫), ଶ୍ରୀକାନ୍ତ ଦିଗାଲ (୨୪), ପ୍ରସନ୍ନ କୁମାର ଦିଗାଲ (୪୧) ଏକ ଗାଈକୁ ଶିବ ମନ୍ଦିର ନିକଟରେ ଥିବା ଏକ ପଡ଼ିଆରେ ହତ୍ୟା କରିଥିଲେ। ପରେ ମୁଣ୍ଡ ଅଲଗା କରି ମାଂସ ବିକ୍ରି ଉଦ୍ଦେଶ୍ୟରେ ତାହାକୁ କାଟିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ବିରୋଧ କରିଥିଲେ ମଧ୍ୟ ସେମାନେ କାହା କଥା ଶୁଣି ନ ଥିଲେ। ଫଳରେ ସ୍ଥାନୀୟ ଅଞ୍ଚଳରେ ଏକ ଅପ୍ରୀତିକର ପରିବେଶ ସୃଷ୍ଟି ହୋଇଥିଲା। ଖବର ପାଇ ଫିରିଙ୍ଗିଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୋ-ମାଂସ କାଟୁଥିବା ସ୍ଥାନରୁ ୪ ଜଣଙ୍କୁ ଗିରଫ କରିଛି। ପୁଲିସ୍ ଗୋ-ମାଂସ, କଟା ମୁଣ୍ଡ, ଗୋଡ଼ ଆଦି ଜବତ କରିବା ସହ ଗିରଫ ୪ ଜଣଙ୍କୁ ଥାନାକୁ ଆଣିଥିଲେ। ଫିରିଙ୍ଗିଆ ଥାନାରେ ଏହି ଘଟଣାକୁ ନେଇ ଏକ ମାମଲା ରୁଜୁ କରି ପୁଲିସ୍ ଗିରଫ ଚାରି ଜଣଙ୍କୁ କୋର୍ଟ ଚାଲାଣ କରିବା ସହ ଘଟଣାର ଅଧିକ ତଦନ୍ତ କରାଯାଉଥିବା ଫିରିଙ୍ଗିଆ ଥାନାଧିକାରୀ ମୁରଲୀଧର ସାହୁ ସୂଚନା ଦେଇଛନ୍ତି।

# ପରିବହନ ସେବା ନାଁରେ ସାଇବର ଠକେଇ

- ଆସୁଛି ନକଲି ଇ-ଚାଲାଣ ମେସେଜ୍, ସାରଥୀ ପୋର୍ଟାଲରେ ତଥ୍ୟ ପରିବର୍ତ୍ତନ କରି ଠକେଇ

କଟକ,୮।୧୦(ସଂଚାର ବ୍ୟୁରୋ): ଇ-ଚାଲାଣ ନାମରେ ସାଇବର ଠକେଇରୁ ସାଧାରଣ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ପରିବହନ ବିଭାଗ ପକ୍ଷରୁ ନିରନ୍ତର ଜନସଚେତନତା ସୃଷ୍ଟି କରାଯାଉଛି। ତେବେ ନକଲି ଇ-ଚାଲାଣ ମେସେଜ୍ ପଠାଇ ଲୋକଙ୍କୁ ସନ୍ଦେହଜନକ ଲିଙ୍କ୍‌ରେ କ୍ଲିକ୍ କରାଇ ଟଙ୍କା ଠକିବା ପାଇଁ ହେଉଥିବା ଉଦ୍ୟମ ହେଉ କି ପରିବହନ ସେବା ସମ୍ପର୍କିତ ଡିଜିଟାଲ୍ ତଥ୍ୟର ସନ୍ଦିଗ୍ଧ ଦୁରୁପଯୋଗ ଭଳି ଘଟଣାରେ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଇନ ଅନୁଯାୟୀ କଠୋର ପଦକ୍ଷେପ ନେବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ନକଲି ଇ-ଚାଲାଣ ମେସେଜ୍ ଜରିଆରେ ଠକେଇ ଓ ସାରଥୀ ପୋର୍ଟାଲରେ ଆବେଦନର ତଥ୍ୟରେ ସନ୍ଦିଗ୍ଧ ପରିବର୍ତ୍ତନ ସମ୍ପର୍କିତ ଦୁଇଟି ଘଟଣାରେ ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା କଟକ ସାଇବର ଥାନାରେ ଏତଲା ଦିଆଯାଇଛି। ପ୍ରଥମ ଘଟଣାରେ ଗାଡ଼ି ମାଲିକମାନଙ୍କ ଗାଡ଼ି ନମ୍ବର ଓ ଅନ୍ୟାନ୍ୟ ଗାଡ଼ି ସମ୍ପର୍କିତ ତଥ୍ୟ ଉଲ୍ଲେଖ କରି ହ୍ୱାଟ୍ସଆପ ଓ ଏସଏମଏସ ମାଧ୍ୟମରେ ନକଲି ଇ-ଚାଲାଣ ମେସେଜ୍ ପଠାଯାଉଥିବା ଘଟଣା ଏସଟିଏର ନଜରକୁ ଆସିଛି। ଏହି ମେସେଜରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ, ଏମ-ପରିବହନ ଓ ଇ-ଚାଲାଣର ନାମ ଦୁରୁପଯୋଗ କରାଯାଇ ସନ୍ଦେହଜନକ ଲିଙ୍କ୍ ମାଧ୍ୟମରେ ଚାଲାଣ ପୈଠ କରିବାକୁ କୁହାଯାଉଥିଲା। ଏଭଳି ଏକ ଫେକ୍ ମେସେଜର ଶିକାର ହୋଇ ଜଣେ ଗାଡ଼ି ମାଲିକ ନକଲି ୱେବସାଇଟ୍‌ରେ ଟଙ୍କା ପୈଠ କରି ଆର୍ଥିକ ଠକେଇର ଶିକାର ହୋଇଥିବା ଜଣାପଡ଼ିଛି। ଅନ୍ୟ କେତେକ ଘଟଣାରେ ମଧ୍ୟ ଗାଡ଼ି ନମ୍ବର ଉଲ୍ଲେଖ କରି ଏଭଳି ସନ୍ଦେହଜନକ ମେସେଜ୍ ପଠାଯାଇଥିବା ନଜରକୁ ଆସିଛି। ଏଥିପାଇଁ ଉଭୟ ହ୍ୱାଟ୍ସଆପ ଓ ଏସ୍‌ଏମ୍‌ଏସ୍‌ର ବ୍ୟବହାର କରାଯାଉଛି। ଗାଡ଼ି ନମ୍ବର ଓ ଜରିମାନା ରାଶି ଉଲ୍ଲେଖ କରି ନକଲି ୱେବସାଇଟ ଦିଆଯାଇ ଭ୍ରମିତ କରାଯାଉଛି। ଏଭଳି ନକଲି ଇ-ଚାଲାଣ ମେସେଜ୍‌ରୁ ସୁରକ୍ଷିତ ରହିବା ପାଇଁ ପରିବହନ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ସତର୍କ କରାଯାଇଛି। ଅଜଣା ଲିଙ୍କ୍‌ରେ କ୍ଲିକ୍ ନକରିବା ସହ ଇ-ଚାଲାଣ ସମ୍ପର୍କିତ କୌଣସି ତଥ୍ୟ ଯାଞ୍ଚ କିମ୍ବା ପେମେଣ୍ଟ ପୂର୍ବରୁ କେବଳ ଅଧିକୃତ ସରକାରୀ ପୋର୍ଟାଲ echallan.parivahan.gov.in ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି। ଅନ୍ୟଏକ ଘଟଣାରେ ସାରଥୀ ପୋର୍ଟାଲ ମାଧ୍ୟମରେ ଆଧାର ଇ-କେୱାଇସି ଜରିଆରେ ଲର୍ଣ୍ଣିଂ ଲାଇସେନ୍ସ ପାଇଁ ଆବେଦନ କରିଥିବା ଜଣେ ଆବେଦନକାରୀ ନିର୍ଦ୍ଧାରିତ ଅନଲାଇନ୍ ଲର୍ଣ୍ଣିଂ ଲାଇସେନ୍ସ ପରୀକ୍ଷା ସଫଳତାର ସହ ପାସ୍ କରିବା ପରେ ତାଙ୍କ ଆଧାର-ଯାଞ୍ଚ ହୋଇଥିବା ଇଲେକ୍ଟ୍ରୋନିକ୍ ଆବେଦନର ତଥ୍ୟରେ ସନ୍ଦିଗ୍ଧ ପରିବର୍ତ୍ତନ ହୋଇଥିବା ଜଣାପଡ଼ିଛି। ପ୍ରାଥମିକ ଯାଞ୍ଚରେ ଆବେଦନକାରୀଙ୍କ ନାମ, ପିତାଙ୍କ ନାମ ଓ ଠିକଣା ସମ୍ପର୍କିତ ତଥ୍ୟ ପରିବର୍ତ୍ତନ ହୋଇଥିବା ଏବଂ ପରବର୍ତ୍ତୀ ସମୟରେ ଏହି ପରିବର୍ତ୍ତିତ ତଥ୍ୟ ଲର୍ଣ୍ଣିଂ ଲାଇସେନ୍ସରେ ପ୍ରତିଫଳିତ ହୋଇଛି। ତେବେ ଏହି ପରିବର୍ତ୍ତନ କିପରି ସମ୍ଭବ ହେଲା, ତାହାର ବୈଷୟିକ ଅନୁସନ୍ଧାନ ଜାରି ରହିଛି।

## ମେମୁ ଟ୍ରେନ୍‌ରୁ ପ୍ରିନ୍ସିପାଲଙ୍କ ମୃତଦେହ ଉଦ୍ଧାର

ନୟାଗଡ଼,୮।୧୦(ସଂଚାର ବ୍ୟୁରୋ): ଭୁବନେଶ୍ୱର-ଦଶପଲ୍ଲା ମେମୁ ଟ୍ରେନ୍‌ରୁ ଜଣେ ପ୍ରିନ୍ସିପାଲ୍‌ଙ୍କର ମୃତଦେହ ଉଦ୍ଧାର କରାଯାଇଛି। ଗୁରୁବାର ଶରଣକୁଳ କଲେଜ ପ୍ରିନ୍ସପାଲ ମହେଶ୍ୱର ମହାପାତ୍ର (୫୬)ଙ୍କ ମୃତଦେହ ଉଦ୍ଧାର ହୋଇଛି। ଦଶପଲ୍ଲା ଷ୍ଟେସନରେ ସନ୍ଦେହଜନକ ଅବସ୍ଥାରେ ମୃତଦେହ ଠାବ ହୋଇଥିଲା। ରେଳବାଇ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ମୁତାବକ, ମହେଶ୍ୱରଙ୍କ ଘର ଓଡ଼ଗାଁ ଥାନା ରାବେରା ଗାଁରେ। ମହେଶ୍ୱର ଭୁବନେଶ୍ୱରରୁ ଶରଣକୁଳ କଲେଜକୁ ଟ୍ରେନ୍ ଯୋଗେ ଆସୁଥିଲେ। ସେ ନୟାଗଡ଼ ଟାଉନ ଷ୍ଟେସନରେ ଓହ୍ଲାଇଥାନ୍ତେ। ହେଲେ ଦଶପଲ୍ଲା ଷ୍ଟେସନରୁ ତାଙ୍କର ମୃତହେଦ ଉଦ୍ଧାର ହୋଇଥିଲା।

## ଟ୍ରେନ୍ ଟ୍ରାକ୍‌ରୁ ମିଳିଲା ଯୁବକଙ୍କ ମୃତଦେହ



ବଲାଙ୍ଗୀର,୮।୧୦(ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲାର ଦେଓଗାଁ ଥାନା ଅନ୍ତର୍ଗତ ରାଏପାଲି ଗ୍ରାମ ନିକଟ ଟ୍ରେନ୍ ଟ୍ରାକ୍‌ରୁ ଆଜି ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଲୋଇସିଂହା ଅଞ୍ଚଳର ତେନ୍ତୁଲିଖୁଣ୍ଟି ଗ୍ରାମର ସୁଦର୍ଶନ ପଟେଲ (୨୩) ବୋଲି ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ରେଳ ଟ୍ରାକ୍‌ରୁ ମୃତଦେହ ଉଦ୍ଧାର କରିଛି। ମୃତଦେହକୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ସୁଦର୍ଶନ ବାଇକ୍‌ରେ ଆସି ଦେଓଗାଁ ଥାନାଞ୍ଚଳରେ ରଖିଦେଇ ଟ୍ରେନ୍ ଟ୍ରାକ୍‌କୁ ଯାଇଥିବା ଅନୁମାନ କରାଯାଉଛି। ଦେଓଗାଁ ପୁଲିସ ରାସ୍ତା ଉପରେ ଥୁଆ ହୋଇଥିବା ଏକ ପଲସର୍ ବାଇକ୍‌କୁ ଥାନାକୁ ଆଣି ରଖିଥିବା ବେଳେ ମୃତ ସୁଦର୍ଶନଙ୍କ ପକେଟରୁ ଏକ ବାଇକ୍ ଚାବି ବାହାରିଛି। ଦେଓଗାଁ ପୁଲିସ ଜବତ କରିଥିବା ବାଇକ୍ ସୁଦର୍ଶନଙ୍କର ବୋଲି ଜଣାପଡ଼ିଛି। ତେବେ କେଉଁ ପରିସ୍ଥିତିରେ ସୁଦର୍ଶଙ୍କର ମୃତ୍ୟୁ ହୋଇଛି, ସେନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

- ବାଣ ଭିଡୁଥିବା ବେଳେ ଅଘଟଣ

## ବିସ୍ଫୋରଣରେ ବାପା-ପୁଅ ମୃତ



ଜଗତସିଂହପୁର,୮।୧୦(ସଂଚାର ବ୍ୟୁରୋ): ଘରେ ବାଣ ଭିଡୁଥିବା ବେଳେ ଘଟିଛି ଅଘଟଣ। ବାଣ ବିସ୍ଫୋରଣ ହେବା ଫଳରେ ବାପ-ପୁଅଙ୍କର ମୃତ୍ୟୁ ଘଟିଛି। ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅଧୀନସ୍ଥ ମହିଲ ଗ୍ରାମରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ ମନୋରଞ୍ଜନ ସ୍ୱାଇଁ ଓ ତାଙ୍କ ପୁଅ ସୌମ୍ୟ ସାହିଲ ସ୍ୱାଇଁ। ଏଥିସହ ୩ ଜଣ ଗୁରୁତର ଭାବେ ଆହତ ମଧ୍ୟ ହୋଇଛନ୍ତି। ମହିଲ ଗ୍ରାମର ମନୋରଞ୍ଜନଙ୍କ ଘରେ ବାଣ ଭିଡ଼ା ଚାଲିଥିଲା। ଏହି ସମୟରେ କୌଣସି କାରଣରୁ ବାଣ ବିସ୍ଫୋରଣ ହୋଇଥିଲା। ତେବେ ଏହି ବିସ୍ଫୋରଣ ଏତେ ଜୋର୍‌ରେ ହୋଇଥିଲା ଯେ ଘରର କାନ୍ଥଗୁଡ଼ିକ ଫାଟି ଯାଇଥିବା ବେଳେ ଜିନିଷପତ୍ର ଛିନ୍ନଛତ୍ର ହୋଇଯାଇଥିଲା। ବିସ୍ଫୋରଣରେ ପରିବାର ଲୋକେ ମଧ୍ୟ ଗୁରୁତର ଭାବେ ଆହତ ହୋଇଥିଲେ। ପରେ ସମସ୍ତଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ମନୋରଞ୍ଜନ ଓ ତାଙ୍କ ସୌମ୍ୟ ସାହିଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏଥିସହ ଗୁରୁତର ୩ ଜଣଙ୍କୁ ଜଗତସିଂହପୁର ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

## ୨୨୦ ଔଷଧ ଦୋକାନରେ ଚଢ଼ାଉ

### କେନ୍ଦ୍ରାପଡ଼ାରୁ ୧୦ ଲକ୍ଷର ନିଶା ଇଞ୍ଜେକସନ୍ ଜବତ

ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ): ରାଜ୍ୟବ୍ୟାପୀ ଔଷଧ ଦୋକାନରେ ଚଢ଼ାଉ ଜାରି ରହିଛି। ନିଶାମୁକ୍ତ ଅଭିଯାନ ଅଧୀନରେ ଚଳିତ ମାସ ପହିଲାରୁ ଚଢ଼ାଉ ଆରମ୍ଭ ହୋଇଛି। ପୁଲିସ ଓ ଭେଷଜ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଏହି ଚଢ଼ାଉ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ମୋଟ ୨୨୦ଟି ଔଷଧ ବିକ୍ରି ପ୍ରତିଷ୍ଠାନରେ ଚଢ଼ାଉ କରାଯାଇଛି। ରାଜ୍ୟର ବିଭିନ୍ନ ହୋଲ୍‌ସେଲ୍ ଓ ଖୁଚୁରା ଔଷଧ ବିକ୍ରୟ ପ୍ରତିଷ୍ଠାନରେ ବ୍ୟାପକ ଚଢ଼ଉ ଚାଲିଛି। ଚଢ଼ାଉ ହୋଇଥିବା ଔଷଧ ଦୋକାନ ମଧ୍ୟରେ ୧୩୭ଟି ପ୍ରତିଷ୍ଠାନ ବିରୋଧରେ ଡ୍ରଗ୍ ଏଣ୍ଡ କସ୍‌ମେଟିକ୍ସ ଆଇନ, ୧୯୪୦ ଓ ଏହା ଅଧୀନରେ ପ୍ରଣୀତ ନିୟମାବଳୀର ଉଲ୍ଲଂଘନ ନେଇ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ହୋଇଥିବା ଏକ ଚଢ଼ାଉ ସମୟରେ ୧୧୦୦ ଆମ୍ପୁଲ୍ ପେଣ୍ଟାଜୋସିନ୍ ଇଞ୍ଜେକ୍ସନ୍ ସମେତ ଅନ୍ୟାନ୍ୟ ଔଷଧ ଓ ମେଡିକାଲ୍ ଯନ୍ତ୍ରପାତି ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ। ସେହିପରି ପୁରୀର ଅସ୍ତରଙ୍ଗ ଥାନା, ନୂଆପଡ଼ାର ଜୋଙ୍କ ଥାନା ଓ ଦେବଗଡ଼ର ବିଭିନ୍ନ ଅଞ୍ଚଳରେ ଲାଇସେନ୍ସବିହୀନ ପ୍ରତିଷ୍ଠାନରୁ ପ୍ରାୟ ୨ ଲକ୍ଷ ମୂଲ୍ୟର ଔଷଧ ଜବତ କରାଯାଇଛି। ଏହି ଅଭିଯାନରେ ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର ଓ ଡ୍ରଗ୍ ଇନ୍ସପେକ୍ଟରମାନେ ସାମିଲ ହୋଇଛନ୍ତି। ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଢ଼ାଉ ସମୟରେ ଆଲ୍‌ପ୍ରାଜୋଲାମ୍, ନାଇଟ୍ରାଜେପାମ୍, ପେଣ୍ଟାଜୋସିନ୍, ଟ୍ରାମାଡୋଲ୍ ଭଳି ସାଇକୋଟ୍ରୋପିକ୍ ଔଷଧର କ୍ରୟ ଓ ପଞ୍ଜୀକୃତ ଚିକିତ୍ସକଙ୍କ ବୈଧ ପ୍ରେସ୍‌କ୍ରିପ୍‌ସନ୍ ଆଧାରରେ ଏହାର ବିକ୍ରୟ କରାଯାଇଛି କି ନାହିଁ, ତାହାର ଯାଞ୍ଚ କରାଯାଉଛି।

- ଯାଜପୁରରେ ଛାତ୍ର ସଂସଦ ନିର୍ବାଚନ ହିଂସା

## ବ୍ୟାସନଗର କଲେଜରେ ନିର୍ବାଚନ ସ୍ଥଗିତ




ଯାଜପୁର,୮।୧୦(ସଂଚାର ବ୍ୟୁରୋ): ଆଗାମୀ ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ଗୁରୁବାର ଭୋର ସମୟରେ ଯାଜପୁର ଜିଲ୍ଲାସ୍ଥିତ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବୋମା ଫିଙ୍ଗାଯିବା ଘଟଣାକୁ ନେଇ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଏଥିସହ କଲେଜରେ ସାଇନ୍-ଏ-ଡାଇ ଘୋଷଣା କରାଯାଇଛି ଓ ଏଠାରେ ନିର୍ବାଚନକୁ ସ୍ଥଗିତ ରଖାଯାଇଛି। ସୂଚନାନୁଯାୟୀ, ପ୍ରଥମ ବିସ୍ଫୋରଣଟି ଭୋର ପ୍ରାୟ ସାଢ଼େ ୩ଟା ସମୟରେ କଲେଜ ଅଧ୍ୟକ୍ଷ ଅକ୍ଷୟ ତ୍ରିପାଠୀଙ୍କ ବାସଭବନ ନିକଟରେ ହୋଇଥିଲା। ଏକ ଜୋରଦାର ବିସ୍ଫୋରଣ ଶବ୍ଦ ଶୁଣି ଅଧ୍ୟକ୍ଷ ବାହାରକୁ ଦୌଡ଼ି ଆସିଥିଲେ। ପରେ ଚାରିଆଡ଼ ଧୂଆଁମୟ ହୋଇଯାଇଥିବା ସେ ଦେଖିବାକୁ ପାଇଥିଲେ। ଏହି ଘଟଣାକୁ ନେଇ ଅଧ୍ୟକ୍ଷ ତ୍ରିପାଠୀ ତୁରନ୍ତ ନିଜର ସହକର୍ମୀମାନଙ୍କ ସହ ଯୋଗାଯୋଗ କରି ସ୍ଥିତି ସମ୍ପର୍କରେ ସେମାନଙ୍କୁ ଅବଗତ କରାଇଥିଲେ। ଏହାର କିଛି ସମୟ ପରେ କଲେଜ ପରିସରରେ ଥିବା ପଠାଣି ସାମନ୍ତ ଛାତ୍ରାବାସ ନିକଟରେ ଆଉ ୩ରୁ ୪ଟି ବିସ୍ଫୋରଣ ହୋଇଥିବା ଖବର ମିଳିଥିଲା, ଯାହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଥିଲା। ଅଧ୍ୟକ୍ଷ ତୁରନ୍ତ ଏହି ଘଟଣା ସମ୍ପର୍କରେ ଯାଜପୁର ରୋଡ୍ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ଯାଜପୁର ରୋଡ୍ ଥାନାଧିକାରୀ ଆଶିଷ କୁମାର ସାହୁ ଏକ ପୁଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ କଲେଜ ପରିସରରୁ ଅଫୁଟା ବୋମାଗୁଡ଼ିକୁ ଜବତ କରିଥିବା ଜଣାପଡ଼ିଛି। ଏହି ଘଟଣା ପାଇଁ ଦାୟୀ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଆରମ୍ଭ କରିଛି। ଛାତ୍ର ସଂସଦ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଗୋଟିଏ ଦିନ ପୂର୍ବରୁ ଏହି ବିସ୍ଫୋରଣ ଘଟିଥିବାରୁ କଲେଜ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକାଶ ପାଇଛି। ଏଥିସହ ଅଧ୍ୟକ୍ଷ ଆକ୍ରମଣରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ତୁରନ୍ତ ଗିରଫଦାରୀ ଦାବି କରିଛନ୍ତି।

## ଭିଜିଲାନ୍ସ ଜାଲରେ ଶିକ୍ଷା ଅଭିଯାନ ପ୍ରୋଗ୍ରାମର୍






ଜଗତସିଂହପୁର,୮।୧୦(ସଂଚାର ବ୍ୟୁରୋ): ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଜଗତସିଂହପୁର ଜିଲ୍ଲା ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟର ପ୍ରୋଗ୍ରାମରଙ୍କୁ ମାଡ଼ି ବସିଲା ଭିଜିଲାନ୍ସ। ମିଳିଥିବା ସୂଚନା ମୁତାବକ, ଆଜି ଜଗତସିଂହପୁର ଜିଲ୍ଲା ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟର ପ୍ରୋଗ୍ରାମର ଚନ୍ଦ୍ରକାନ୍ତ ପରିଜା ଏକ ବିଲ୍ କରାଇଦେବା ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ତାଙ୍କୁ ଜଗତସିଂହପୁର ଓ କଟକ ଭିଜିଲାନ୍ସ ଟିମ କାବୁ କରିଛି। ତେବେ ବିଭିନ୍ନ ସ୍କୁଲ୍‌ରେ ପ୍ୟାନେଲ ବୋର୍ଡ ଇନଷ୍ଟଲେସନ ବିଲ୍ କରାଇଦେବା ପାଇଁ ନେଉଥିଲେ ଲାଞ୍ଚ। ଏବେ ତାଙ୍କ ଅଫିସ ଓ ଘର ଗାଲୁପଡ଼ାଠାରେ ଭିଜିଲାନ୍ସ ଚଢ଼ାଉ କରୁଛି। ଶ୍ରୀ ପରିଜାଙ୍କ ଘରେ ଚଢ଼ାଉ ବେଳେ ନଗଦ ୩ ଲକ୍ଷ ୨୧ ହଜାର ଟଙ୍କା ଜବତ ହୋଇଛି। ଡିଜିଟାଲ୍ ବ୍ଲାକ୍ ବୋର୍ଡ ସ୍ଥାପନ ବାବଦରେ ବକେୟା ବିଲ୍ ପାସ୍ କରାଇଦେବା ପାଇଁ ଜଣେ ଠିକାଦାରଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଶ୍ରୀ ପରିଜାଙ୍କୁ ଭିଜିଲାନ୍ସ ଧରିଥିଲା। ଏହାପରେ ତାଙ୍କ ସହ ସମ୍ପୃକ୍ତ ଗୋଟିଏ ସ୍ଥାନରେ ଚଢ଼ାଉ କରାଯାଇ ନଗଦ ଟଙ୍କା ମଧ୍ୟ ଜବତ କରାଯାଇଛି।

## ଲାଞ୍ଚ ନେବା ବେଳେ ପ୍ରିନ୍ସିପାଲ୍‌ଙ୍କୁ ଧରିଲା ସିବିଆଇ



ନୂଆପଡ଼ା,୮।୧୦(ସଂଚାର ବ୍ୟୁରୋ): ଲାଞ୍ଚ ନେଉଥିବା ସମୟରେ ନୂଆପଡ଼ା ଜିଲ୍ଲା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ପ୍ରିନ୍ସିପାଲ ସିବିଆଇ ହାତରେ ଧରାପଡିଛନ୍ତି। ଜଣେ ଏଏନ୍‌ଏମ୍‌ଙ୍କ କାର୍ଯ୍ୟକାଳ ରିନ୍ୟୁଆଲ ପାଇଁ ୧୨ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଗିରଫ ପ୍ରିନ୍ସିପାଲ ଜଣଙ୍କ ହେଲେ କ୍ରିଷ୍ଣମୂର୍ତ୍ତି ନାଇଡୁ। ନୂଆପଡ଼ାସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ କାର୍ଯ୍ୟରତ ଏଏନ୍‌ଏମ୍‌ଙ୍କ ରିନ୍ୟୁଆଲ ପାଇଁ ପ୍ରିନ୍ସିପାଲ ୧୨ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏନେଇ ଏଏନ୍‌ଏମ୍ ଜଣଙ୍କ ସିବିଆଇ ଦ୍ୱାରସ୍ଥ ହୋଇଥିଲେ। ଗତକାଲି ଅଭିଯୋଗକାରୀଙ୍କଠାରୁ ୧୨ ହଜାର ଟଙ୍କା ପ୍ରିନ୍ସପାଲ ଲାଞ୍ଚ ନେଉଥିବା ସମୟରେ ପୂର୍ବରୁ ଛକି ରହିଥିବା ସିବିଆଇ ଟିମ୍ ମାଡ଼ି ବସିଥିଲା। ସିବିଆଇ ଟିମ୍ ତାଙ୍କୁ ଗିରଫ କରିବା ସହ ଅଧିକ ପଚରାଉଚରା ପାଇଁ ଭୁବନେଶ୍ୱର ଆଣିଛି।



## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ଘଟଣାସ୍ଥଳରେ ଦମ୍ପତି ମୃତ

ନୂଆପଡ଼ା,୮।୧୦(ସଂଚାର ବ୍ୟୁରୋ): କାମ ସାରି ବାଇକ୍ ଯୋଗେ ଘରକୁ ଫେରୁଥିଲେ ଦମ୍ପତି। ହଠାତ୍ ପଛରୁ ଧକ୍କା ଦେଲା ଅଜଣା ଗାଡ଼ି। ଘଟଣାସ୍ଥଳରେ ହିଁ ପତିପତ୍ନୀଙ୍କର ମୃତ୍ୟୁ ହୋଇଛି। ଏଭଳି ଅଭାବନୀୟ ଘଟଣା ନୂଆପଡ଼ା ଜାତୀୟ ରାଜପଥ ୩୫୩ ସାନମହେଶ୍ୱର ନିକଟରେ ଘଟିଛି। ସୂଚନାନୁସାରେ, ମୃତ ଦମ୍ପତି କୋମନା ଥାନା ବିରୁନପଦର ଗାଁର। ଖଡ଼ିଆଳ ଥାନା କୋଟିପଦରରୁ ନିଜ ଗାଁକୁ ବାଇକ ଯୋଗେ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ଖଡ଼ିଆଳ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ନ୍ୟାୟ ଦାବିରେ ସ୍ଥାନୀୟ ଲୋକେ ରାଜପଥ ଅବରୋଧ କରିଛନ୍ତି।

- ଦଶହରା ପାଇଁ ଟିପିସିଓଡିଏଲ୍‌ର ସୁରକ୍ଷା ପଦକ୍ଷେପ

# ମଣ୍ଡପ ଓ ଷ୍ଟଲ୍ ପାଇଁ ବୈଧ ବିଦ୍ୟୁତ୍ ସଂଯୋଗ ନେବାକୁ ପରାମର୍ଶ

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ): ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍), ପାର୍ବଣ ସମୟରେ ନିରାପଦ ତଥା ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବା ପାଇଁ ପୂଜା କମିଟି, ଦୋକାନୀ, ବ୍ୟବସାୟୀ ଏବଂ ନାଗରିକଙ୍କୁ ବିଦ୍ୟୁତ୍ ସୁରକ୍ଷା ନିୟମ ପାଳନ କରିବା ସହ ଦଶହରା ସମୟରେ ଅସ୍ଥାୟୀ ବୈଧ ବିଦ୍ୟୁତ୍ ସଂଯୋଗ ନେବାକୁ ନିବେଦନ କରିଛି। ସମଗ୍ର ସେଣ୍ଟ୍ରାଲ ଓଡ଼ିଶାରେ ପୂଜା ମଣ୍ଡପ, ଅସ୍ଥାୟୀ ଦୋକାନ ଏବଂ ଆଲୋକସଜ୍ଜା ହେବାକୁ ଥିବାରୁ କମ୍ପାନୀର ସେକ୍ସନ, ସବ୍‌ଡିଭିଜନ କିମ୍ବା ଡିଭିଜନ କାର୍ଯ୍ୟାଳୟରୁ ଅସ୍ଥାୟୀ ସଂଯୋଗ ନେବାକୁ ଟିପିସିଓଡିଏଲ୍ ଆୟୋଜକମାନଙ୍କୁ ପରାମର୍ଶ ଦେଇଛି। ଏଥିସହ ବେଆଇନ ହୁକିଂ ଓ ଅଣଅଧିକୃତ ସଂଯୋଗ ବିରୁଦ୍ଧରେ ସତର୍କ କରାଇ ଦିଆଯାଇଛି, ଯାହା ବିଦ୍ୟୁତ୍ ଆଘାତ, ଶର୍ଟ ସର୍କିଟ୍, ଅଗ୍ନିକାଣ୍ଡ, ଟ୍ରାନ୍ସଫର୍ମର ଓଭରଲୋଡିଂ ଏବଂ ବିଦ୍ୟୁତ୍ ବିଭ୍ରାଟ ଭଳି ବିପଦ ସୃଷ୍ଟି କରିପାରେ। ବିଦ୍ୟୁତ୍ ଆଘାତରୁ ସୁରକ୍ଷା ପାଇଁ ଲାଇସେନ୍ସପ୍ରାପ୍ତ ବିଦ୍ୟୁତ କର୍ମଚାରୀ ନିୟୋଜିତ କରିବା, ସଠିକ୍ ୱାୟାରିଂ, ଉପଯୁକ୍ତ ଆର୍ଥିଂ ଓ ୩୦ ଏମ୍‌ଏ ଆରସିସିବି ସ୍ଥାପନ ନିଶ୍ଚିତ କରିବାକୁ ପୂଜା କମିଟିଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଆୟୋଜକମାନଙ୍କୁ ଏଲଇଡି ଲାଇଟ୍ ବ୍ୟବହାର କରିବା, ଇଲେକ୍ଟ୍ରିକାଲ ସର୍କିଟ୍ ଏବଂ ସକେଟ୍‌ରେ ଓଭରଲୋଡିଂ ନ ଦେବା, ମାନକ ଗୁଣବତ୍ତା ବିଶିଷ୍ଟ ବୈଦ୍ୟୁତିକ ଉପକରଣ ବ୍ୟବହାର କରିବା ଏବଂ ମଣ୍ଡପରେ ଅଗ୍ନିଶମ ଯନ୍ତ୍ର ମହଜୁଦ ରଖିବାକୁ ମଧ୍ୟ କୁହାଯାଇଛି।

ସାଜସଜ୍ଜା, ବ୍ୟାନର ଓ ପତାକାଗୁଡ଼ିକୁ ଓଭରହେଡ୍ ପାୱାର ଲାଇନ୍ ଓ ବୈଦ୍ୟୁତିକ ଭିତ୍ତିଭୂମିଠାରୁ ଦୂରରେ ରଖିବାକୁ ଟିପିସିଓଡିଏଲ୍ ପକ୍ଷରୁ ଅନୁରୋଧ କରାଯାଇଛି। ବିଦ୍ୟୁତ୍ ଭିତ୍ତିଭୂମି ନିକଟରେ ପତାକା ଧରିବା ପାଇଁ ଧାତବ ରଡ୍ ବ୍ୟବହାର କରାଯିବା ଉଚିତ ନୁହେଁ। ବିଶେଷକରି ଶୋଭାଯାତ୍ରା ଓ ଭସାଣୀ ସମୟରେ ଖୁଣ୍ଟ, ଟ୍ରାନ୍ସଫର୍ମର ଏବଂ ଓଭରହେଡ୍ ଲାଇନ୍‌ଠାରୁ ନିରାପଦ ଦୂରତା ବଜାୟ ରଖିବାକୁ ନାଗରିକମାନଙ୍କୁ ପରାମର୍ଶ ଦିଆଯାଇଛି। କମ୍ପାନୀ ଆହୁରି ମଧ୍ୟ ପରାମର୍ଶ ଦେଇଛି ଯେ ଟ୍ରାନ୍ସଫର୍ମର, ସବ୍-ଷ୍ଟେସନ କିମ୍ବା ଅନ୍ୟାନ୍ୟ ବୈଦ୍ୟୁତିକ ସଂସ୍ଥାପନ ନିକଟରେ ବାଣ ଫୁଟାଯିବା ଉଚିତ ନୁହେଁ। ଖରାପ କିମ୍ବା ଖୋଲା ଥିବା ତାରଗୁଡ଼ିକୁ ତୁରନ୍ତ ବଦଳାଯିବା ଆବଶ୍ୟକ ଓ ପାର୍ବଣ ସମୟରେ ମଣ୍ଡପରେ ଥିବା ବିଦ୍ୟୁତ୍ ସଂଯୋଗଗୁଡ଼ିକୁ ନିୟମିତ ଯାଞ୍ଚ କରାଯିବା ଉଚିତ। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଗଜାନନ ଏସ୍. କାଲେ କହିଛନ୍ତି ଯେ ସମଗ୍ର ଦଶହରା ଉତ୍ସବରେ ନିରାପଦ ଓ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବା ପାଇଁ ଆମେ ପ୍ରତିବଦ୍ଧ। ଆମେ ପୂଜା କମିଟି, ଦୋକାନୀ ଓ ନାଗରିକମାନଙ୍କୁ ବୈଧ ବିଦ୍ୟୁତ୍ ସଂଯୋଗ ନେବାକୁ ଏବଂ ବିଦ୍ୟୁତ ସୁରକ୍ଷା ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଅନୁରୋଧ କରୁଛୁ। ସତର୍କତା ଓ ସାମୂହିକ ଦାୟିତ୍ୱବୋଧ ଦ୍ୱାରା ଏକ ସୁରକ୍ଷିତ ଉତ୍ସବ ନିଶ୍ଚିତ କରିବାରେ ସହାୟକ ହୋଇପାରିବ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୯,୫୭୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୭,୧୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୯,୫୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୭,୧୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୯,୫୭୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୭,୧୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୯,୭୦୦ ଟଙ୍କା ଓ ୨୨ କ୍ୟାରଟେ ୧,୩୭,୨୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୯,୫୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୭,୧୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୯,୫୭୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୭,୧୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୩୫,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# ଆଇଫୋନ ୧୬ର ଦାମ ୧୮ ହଜାର କମିଲା

ନୂଆଦିଲ୍ଲୀ,୮।୧୦: ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ସେଲ୍ ୨୦୨୬ରେ ଆଇଫୋନ କିଣିବାକୁ ଚାହୁଁଥିବା ଗ୍ରାହକଙ୍କ ପାଇଁ ଭଲ ଡିଲ୍ ସାମ୍ନାକୁ ଆସିଛି । Samsung Galaxy S25 Ultra ପରେ ଏବେ ଆଇଫୋନ ୧୬ ଉପରେ ମଧ୍ୟ ବଡ଼ ଅଫର ଘୋଷଣା କରିଛି Amazon। ଲଞ୍ଚ୍ ପ୍ରାଇସ୍ ତୁଳନାରେ ଏହି ସେଲ୍‌ରେ Appleର ଏହି ଫୋନ୍ ଅନେକ କମ୍ ଦାମରେ ମିଳିପାରେ।




ଆଇଫୋନ 17ର ଦାମ ବଢ଼ିବା ପରେ ନୂଆ Apple ଫୋନ୍ କିଣିବା ବଜେଟ୍ ବାହାରେ ହେଉଥିଲେ, ଆଇଫୋନ ୧୬ ଏକ ଭଲ ବିକଳ୍ପ ହୋଇପାରେ। ଏଥିରେ Apple A18 ଚିପସେଟ୍, 48MP କ୍ୟାମେରା ଏବଂ Super Retina XDR OLED ଡିସପ୍ଲେ ଭଳି ଫିଚର୍ ମିଳୁଛି।ଆମାଜନ ସେଲରେ ଆଇଫୋନ ୧୬ର 128GB ଭାରିଆଣ୍ଟର MRP ୮୯,୯୯୦ ଟଙ୍କା ରହିଛି । ତେବେ ବିଭିନ୍ନ ଅଫରକୁ ମିଶାଇ ଏହାର ଇଫେକ୍ଟିଭ୍ ପ୍ରାଇସ୍ ୭୧,୯୯୯ ଟଙ୍କା ପର୍ଯ୍ୟନ୍ତ ଆସିପାରେ । ଅର୍ଥାତ୍ ଗ୍ରାହକଙ୍କୁ ପ୍ରାୟ ୧୮ ହଜାର ଟଙ୍କା ପର୍ଯ୍ୟନ୍ତ ସଞ୍ଚୟର ସୁଯୋଗ ମିଳିପାରେ।

ତେବେ ୭୧,୯୯୯ ଟଙ୍କା ଆଇଫୋନ ୧୬ର ସିଧାସଳଖ ଲିଷ୍ଟେଡ୍ ପ୍ରାଇସ୍ ନୁହେଁ। ଏଥିରେ ବ୍ୟାଙ୍କ ଅଫର୍ ଏବଂ ଅନ୍ୟାନ୍ୟ ଲାଗୁ ଅଫର୍‌କୁ ମିଶାଯାଇଛି। ତେଣୁ ପ୍ରଥମେ ଫୋନ୍‌ର ଦାମ ଅଧିକ ଦେଖାଯାଇପାରେ ଏବଂ ଯୋଗ୍ୟ କୁପନ୍ କିମ୍ବା ବ୍ୟାଙ୍କ ଅଫର୍ ଲାଗୁ କରିବା ପରେ ଇଫେକ୍ଟିଭ୍ ପ୍ରାଇସ୍ ୭୧,୯୯୯ ଟଙ୍କା ପର୍ଯ୍ୟନ୍ତ ହୋଇପାରେ। ସେଲ୍ ସମୟରେ SBI ବ୍ୟାଙ୍କ କ୍ରେଡିଟ୍ କାର୍ଡ ଜରିଆରେ କିଣାକିଣି କଲେ ଅତିରିକ୍ତ ଡିସକାଉଣ୍ଟ ମିଳିପାରେ। ସେହିପରି Amazon Pay ICICI Bank Credit Card ବ୍ୟବହାର କଲେ ଫ୍ଲାଟ୍ ୫ ପ୍ରତିଶତ କ୍ୟାଶବ୍ୟାକ୍ ମିଳିବ।

ଏହା ସହିତ No Cost EMI ଏବଂ Exchange Bonus ଭଳି ଅତିରିକ୍ତ ସୁବିଧା ମଧ୍ୟ ମିଳିପାରେ। ତେବେ ଅଫର୍‌ର ଯୋଗ୍ୟତା ଏବଂ ପ୍ରକୃତ ସଞ୍ଚୟ ଗ୍ରାହକଙ୍କ କାର୍ଡ, ଏକ୍ସଚେଞ୍ଜ କରାଯାଉଥିବା ଡିଭାଇସ୍ ଏବଂ ଲାଗୁ ନିୟମ ଉପରେ ନିର୍ଭର କରିବ। ଆଇଫୋନ ୧୬ରେ ୬.୧ ଇଞ୍ଚର Super Retina XDR OLED ଡିସପ୍ଲେ ଦିଆଯାଇଛି। ଏହାର ରିଜୋଲ୍ୟୁସନ୍ ୧୧୭୯×୨୫୫୬ ପିକ୍ସେଲ୍ ରହିଛି ଏବଂ ପିକ୍ ବ୍ରାଇଟନେସ୍ ୨,୦୦୦ ନିଟ୍ସ ପର୍ଯ୍ୟନ୍ତ ଯାଏ। ପରଫର୍ମାନ୍ସ ପାଇଁ ଏଥିରେ Apple A18 ଚିପସେଟ୍ ଦିଆଯାଇଛି ଏବଂ ଫୋନ୍‌ଟି iOS 26ରେ ଚାଲିଥାଏ। ଫୋନ୍‌କୁ ଧୂଳି ଓ ପାଣିରୁ ସୁରକ୍ଷା ପାଇଁ IP68 ରେଟିଂ ମିଳିଛି। କନେକ୍ଟିଭିଟି ପାଇଁ 5G, 4G LTE, Wi-Fi 6E, Bluetooth, GPS ଏବଂ NFC ଭଳି ବିକଳ୍ପ ରହିଛି। ଏଥିରେ USB Type-C ପୋର୍ଟ ମଧ୍ୟ ଦିଆଯାଇଛି। ଫଟୋଗ୍ରାଫି ପାଇଁ ଆଇଫୋନ ୧୬ର ପଛ ପଟେ ୪୮MP ୱାଇଡ୍ କ୍ୟାମେରା ରହିଛି। ଏହାର ଅପର୍ଚର୍ f/1.6। ଏହା ସହିତ ୧୨MP 2x ଟେଲିଫୋଟୋ ଏବଂ ୧୨MP ଅଲ୍ଟ୍ରାୱାଇଡ୍ କ୍ୟାମେରା ମିଳୁଛି। ସେଲ୍ଫି ଓ ଭିଡିଓ କଲ୍ ପାଇଁ ୧୨MP ଫ୍ରଣ୍ଟ୍ କ୍ୟାମେରା ଦିଆଯାଇଛି। ଫୋନ୍‌ର ଓଜନ ପ୍ରାୟ ୧୭୦ ଗ୍ରାମ। ଏହାର ଲମ୍ବ ୧୪୭.୬ ମିମି, ଚଉଡ଼ା ୭୧.୬ ମିମି ଏବଂ ମୋଟେଇ ୭.୮ ମିମି ରହିଛି। ତେଣୁ କମ୍ ଦାମରେ Appleର ଏକ ଭଲ ଫୋନ୍ କିଣିବାକୁ ଚାହୁଁଥିବା ଗ୍ରାହକଙ୍କ ପାଇଁ Amazon Great Indian Festival Saleରେ ଆଇଫୋନ ୧୬ର ଏହି ଅଫର୍ ଆକର୍ଷଣୀୟ ହୋଇପାରେ।

## ବିଶ୍ୱ ପ୍ରତି 'ଏଆଇ-ତେଲ-ଋଣ'ର ତ୍ରିମୁଖୀ ବିପଦ: ଆଇଏମ୍ଏଫ୍




ସିଙ୍ଗାପୁର,୮।୧୦: କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଦ୍ରୁତ ବିକାଶ, ଦୀର୍ଘ ସମୟ ଧରି ଉଚ୍ଚ ତେଲ ଓ ଇନ୍ଧନ ମୂଲ୍ୟ ଓ ବଢ଼ୁଥିବା ସରକାରୀ ଋଣ ବିଶ୍ୱ ଅର୍ଥନୀତି ପାଇଁ ବଡ଼ ଆହ୍ୱାନ ହୋଇଛି। ଏହି ତିନିଟି ବିପଦକୁ ନେଇ ଦେଶଗୁଡ଼ିକୁ ତୁରନ୍ତ ପଦକ୍ଷେପ ନେବାକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ମୁଖ୍ୟ କ୍ରିଷ୍ଟାଲିନା ଜୋର୍ଜିଭା ଚେତାବନୀ ଦେଇଛନ୍ତି। ଆସନ୍ତା ସପ୍ତାହରେ ବ୍ୟାଙ୍କକରେ ହେବାକୁ ଥିବା ଆଇଏମ୍ଏଫ୍-ବିଶ୍ୱବ୍ୟାଙ୍କ ବାର୍ଷିକ ବୈଠକ ପୂର୍ବରୁ ସିଙ୍ଗାପୁରରେ ଏକ ଭାଷଣରେ ଜୋର୍ଜିଭା ଏହି ଆଶଙ୍କା ପ୍ରକାଶ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଏଆଇ ନିବେଶରୁ ଆର୍ଥିକ ଅଭିବୃଦ୍ଧି ବଢ଼ୁଥିଲେ ମଧ୍ୟ ଏହାର ଲାଭ ଏବେ କେବଳ କିଛି ଦେଶ ମଧ୍ୟରେ ସୀମିତ ରହିଛି। ମଧ୍ୟପ୍ରାଚ୍ୟ ଓ ୟୁକ୍ରେନରେ ଚାଲିଥିବା ସଂଘର୍ଷ ଯୋଗୁ ତେଲ ଓ ଅନ୍ୟାନ୍ୟ ମୁଖ୍ୟ ସାମଗ୍ରୀର ଯୋଗାଣ ଉପରେ ଚାପ ରହିଛି। ଏହି ଶକ୍ତି ସଙ୍କଟ ୨୦୨୭ ପର୍ଯ୍ୟନ୍ତ ଜାରି ରହିପାରେ ବୋଲି ସେ କହିଛନ୍ତି। ଶକ୍ତି ଓ ଖାଦ୍ୟ ମୂଲ୍ୟ ବଢ଼ିବା ଫଳରେ ବିଶ୍ୱରେ ମୁଦ୍ରାସ୍ଫୀତି ଚାପ ଆହୁରି ବଢ଼ିବା ଆଶଙ୍କା ରହିଛି। ଅନ୍ୟପଟେ ବିଶ୍ୱର ମୋଟ ଋଣ ୩୬୫ ଟ୍ରିଲିଅନ ଡଲାରରୁ ଅଧିକ ହୋଇସାରିଛି। ଉଚ୍ଚ ସୁଧହାର ଯୋଗୁ ଅଧିକ ଋଣ କରିଥିବା ଦେଶଗୁଡ଼ିକ ଉପରେ ବଜେଟ୍ ଚାପ ବଢ଼ୁଛି। ବିଶେଷକରି ବିକଶିତ ଦେଶଗୁଡ଼ିକରେ ଏହି ସମସ୍ୟା ଗମ୍ଭୀର ବୋଲି ଜୋର୍ଜିଭା କହିଛନ୍ତି। ଏଆଇର ବ୍ୟାପକ ବିକାଶ ମଧ୍ୟ ନୂଆ ଚାପ ସୃଷ୍ଟି କରୁଛି। ଏଆଇ ଡାଟା ସେଣ୍ଟର ଓ ଅନ୍ୟାନ୍ୟ ଭିତ୍ତିଭୂମିର ବୃଦ୍ଧି ଫଳରେ ବିଦ୍ୟୁତ ଚାହିଦା ବଢ଼ୁଛି। ଏହା ସହିତ ଏଆଇ ଆଧାରିତ ଅର୍ଥନୈତିକ ଲାଭ କେବଳ କିଛି ଦେଶରେ କେନ୍ଦ୍ରୀଭୂତ ହେବାରୁ ବିଶ୍ୱରେ ଆର୍ଥିକ ଅସମାନତା ଆହୁରି ବଢ଼ିପାରେ ବୋଲି ଆଇଏମ୍ଏଫ୍ ମୁଖ୍ୟ ଚେତାଇଛନ୍ତି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକୁ ସତର୍କ ମୁଦ୍ରାନୀତି ଆପଣାଇବାକୁ ଜର୍ଜିଭା ପରାମର୍ଶ ଦେଇଛନ୍ତି। ଅଧିକ ବଜେଟ୍ ନିଅଣ୍ଟ ଓ ଋଣ ଉପରେ ନିର୍ଭରଶୀଳ ଦେଶଗୁଡ଼ିକୁ ଏବେ କଠିନ ଆର୍ଥିକ ନିଷ୍ପତ୍ତି ନେବାକୁ ପଡ଼ିବ ବୋଲି ସେ କହିଛନ୍ତି।

## ଜିଓର ଲକ୍ଷ୍ୟ ସ୍ଥଳରୁ ମହାକାଶ ପର୍ଯ୍ୟନ୍ତ

## ୧, ୬୦୦ ସାଟେଲାଇଟ୍, ୨୩ଟି ଗ୍ରାଉଣ୍ଡ ଷ୍ଟେସନ୍

ନୂଆଦିଲ୍ଲୀ,୮।୧୦: ଭୂଭାଗରେ ମୋବାଇଲ୍ ନେଟୱର୍କ ଓ ଫାଇବର୍ ପରେ ଏବେ ଜିଓର ଲକ୍ଷ୍ୟ ମହାକାଶ ଉପରେ। କମ୍ପାନୀ ପ୍ରାୟ ୧, ୬୦୦ଟି ସାଟେଲାଇଟ୍‌କୁ ନେଇ ଏକ ପ୍ରସ୍ତାବିତ କନ୍‌ଷ୍ଟେଲେସନ୍ ଏବଂ ଭାରତରେ ୨୩ଟି ଗ୍ରାଉଣ୍ଡ ଷ୍ଟେସନ୍ ପ୍ରସ୍ତୁତ କରିବାର ଯୋଜନା ଉପରେ କାମ କରୁଛି। ଲକ୍ଷ୍ୟ ହେଉଛି ସେହି ସବୁ ଅଞ୍ଚଳକୁ କନେକ୍ଟିଭିଟି ପହଞ୍ଚାଇବା, ଯେଉଁଠାରେ ସ୍ଥଳଭିତ୍ତିକ

### ୬ ଲକ୍ଷରୁ ଅଧିକ ଗାଁ, ସମୁଦ୍ର ଓ ସୀମାନ୍ତକୁ ଯୋଡ଼ିବାର ଭିଜନ୍ ପର୍ଯ୍ୟନ୍ତ

ନେଟୱର୍କର ପହଞ୍ଚିବା କଷ୍ଟକର। ଦିଲ୍ଲୀରେ ଚାଲିଥିବା ଇଣ୍ଡିଆ ମୋବାଇଲ୍ କଂଗ୍ରେସ୍ ୨୦୨୬ରେ ଜିଓ ଏହାର ସାଟେଲାଇଟ୍ ଭିଜନ୍ ପ୍ରଦର୍ଶିତ କରିଛି।

ଜିଓ ଏହାକୁ 'ସୋଭରେନ୍ ସାଟେଲାଇଟ୍ କନେକ୍ଟିଭିଟି' ନାମ ଦେଇଛି। ଏହା ଅଧୀନରେ ପ୍ରାୟ ୧, ୬୦୦ଟି ଲୋ ଆର୍ଥ ଅର୍ବିଟ୍ (ଏଲଇଓ) ସାଟେଲାଇଟକୁ ନେଇ ଏକ ପ୍ରସ୍ତାବିତ କନ୍‌ଷ୍ଟେଲେସନ୍ ପ୍ରଦର୍ଶିତ କରାଯାଇଛି। ଡିଜାଇନ୍, ଇଞ୍ଜିନିୟରିଂ, ଇଣ୍ଟିଗ୍ରେସନ୍ ଓ ଟେଷ୍ଟିଂଠାରୁ ଆରମ୍ଭ କରି ଲଞ୍ଚ୍, ସ୍ଥାପନା ଓ ଅପରେସନ୍ ପର୍ଯ୍ୟନ୍ତ ସମଗ୍ର ଶୃଙ୍ଖଳା ଉପରେ ଭାରତରେ ନିୟନ୍ତ୍ରଣ ରଖିବା ହେଉଛି କମ୍ପାନୀର ଭିଜନ୍।




ଏହି ଯୋଜନାରେ ପ୍ରସ୍ତାବିତ ୨୩ଟି ଗ୍ରାଉଣ୍ଡ ଷ୍ଟେସନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହି ଷ୍ଟେସନ୍‌ଗୁଡ଼ିକ ସାଟେଲାଇଟ୍ ନେଟୱର୍କକୁ ଭାରତର ଭୂଭାଗ ସହ ଯୋଡ଼ିବ। ଏଥିସହ ସାଟେଲାଇଟ୍ ନେଟୱର୍କ ଓ ଜିଓର ବର୍ତ୍ତମାନର ସ୍ଥଳଭିତ୍ତିକ ନେଟୱର୍କକୁ ଏକାଠି ଯୋଡ଼ିବାର ଯୋଜନା ରହିଛି। ଜିଓର ଡିସ୍‌ପ୍ଲେରେ ଶତ ପ୍ରତିଶତ ଭୂଭାଗ ଓ ସାମୁଦ୍ରିକ ଅଞ୍ଚଳର କଭରେଜ୍ ସହ ୬ ଲକ୍ଷରୁ ଅଧିକ ଗାଁରେ ପହଞ୍ଚିବାର ଭିଜନ୍ ପ୍ରଦର୍ଶିତ ହୋଇଛି। ଦୁର୍ଗମ ଗାଁ, ଦ୍ୱୀପାଞ୍ଚଳ ଓ ସୀମାନ୍ତ ଅଞ୍ଚଳର ଆଉଟପୋଷ୍ଟଗୁଡ଼ିକ ଏହାର ପ୍ରମୁଖ ଫୋକସରେ ରହିଛି। ଏହା ବ୍ୟତୀତ ଏଣ୍ଟରପ୍ରାଇଜ୍, ରିମୋଟ୍ ସାଇଟ୍, ଏଭିଏସନ୍, ମାରିଟାଇମ୍, ସରକାରୀ ବିଭାଗ ଓ ସଂସ୍ଥା, ପ୍ରତିରକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମଧ ଏହାର ବ୍ୟବହାରର ସମ୍ଭାବନା ଦର୍ଶାଯାଇଛି। ଗ୍ରାମାଞ୍ଚଳ ପାଇଁ ଡାଇରେକ୍ଟ-ଟୁ-ଡିଭାଇସ୍ କଲିଂର ମଧ ଉଲ୍ଲେଖ ରହିଛି। ଏଥର ଇଣ୍ଡିଆ ମୋବାଇଲ୍ କଂଗ୍ରେସ୍‌ର ଥିମ୍ ହେଉଛି 'ସ୍କେଲ୍ ୱିଦାଉଟ୍ ବାଉଣ୍ଡ୍ରିଜ୍'। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଆଇଏମ୍‌ସିର ୧୦ମ ସଂସ୍କରଣର ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଏହି ଥିମ୍ ପାରମ୍ପରିକ ସୀମାକୁ ଅତିକ୍ରମ କରି ଟେକ୍ନୋଲୋଜି ଓ କନେକ୍ଟିଭିଟିକୁ ଆଗକୁ ନେବାର ଚିନ୍ତାଧାରାକୁ ସାମ୍ନାକୁ ଆଣିଛି। ଜିଓର ସାଟେଲାଇଟ୍ ପ୍ଲାନ୍ ଏହି ଚିନ୍ତାଧାରାର ଏକ ବୈଷୟିକ ଉଦାହରଣ ଭାବେ ଦେଖାଯାଉଛି, ଯେଉଁଠାରେ ଟାୱାର୍ ଓ ଫାଇବରର ସୀମା ପରେ ମହାକାଶ ମାଧମରେ ନେଟୱର୍କକୁ ଆହୁରି ଆଗକୁ ବଢ଼ାଇବା ପାଇଁ ପ୍ରସ୍ତୁତି ଚାଲିଛି।

## ବଢୁଛି ଅଶୋଧିତ ତୈଳ ଦର



ନୂଆଦିଲ୍ଲୀ, ୮।୧୦: ଦେଶରେ ଗୁରୁବାର ପେଟ୍ରୋଲ ଏବଂ ଡିଜେଲ ଦରରେ କୌଣସି ପରିବର୍ତ୍ତନ ହୋଇନାହିଁ। ଅର୍ଥାତ ଅକ୍ଟୋବର ୮ରେ ତୈଳ ଦର ଅପରିବର୍ତ୍ତିତ ରହିଛି। ସକାଳ ୬ଟାରେ ସରକାରୀ ତୈଳ କମ୍ପାନୀମାନେ ତୈଳ ଦରର ସମୀକ୍ଷା କରିଛନ୍ତି। ଏହାସହ ଦେଶର ପ୍ରମୁଖ ସହରରେ ଦର ସ୍ଥିର ରହିଛି। ଅନ୍ୟ ଦିଗରେ ଅନ୍ତରାଷ୍ଟ୍ରୀୟ ବଜାରରେ ତୈଳ ଦର ହୁହୁ ହୋଇ ବଢିଚାଲିଛି। ମଧ୍ୟପ୍ରାଚ୍ୟରେ ଜାରି ଉତ୍ତେଜନାର ପ୍ରଭାବ ତୈଳ ଦର ଉପରେ ପଡୁଛି। ଷ୍ଟ୍ରେଟ୍ ଅଫ୍ ହର୍ମୋଜ ଅଶାନ୍ତ ଥିବାରୁ ଇନ୍ଧନ ନେଇ ଆସୁଥିବା ଟ୍ୟାଙ୍କରମାନେ ଅଟକି ରହିଛନ୍ତି। ଯାହା ବୈଶ୍ୱିକ ପରିବହନକୁ ବିଗାଡି ଦେଇଛି।

ତେବେ ଭାରତୀୟ ତୈଳ କମ୍ପାନୀମାନେ ବଢୁଥିବା ଅଶୋଦ୍ଧିତ ତୈଳର ପ୍ରଭାବ ଗ୍ରାହକଙ୍କ ଉପରେ ପଡିବାକୁ ଦେଇ ନାହାଁନ୍ତି। କିନ୍ତୁ ନାଏରା ଭଳି ଘରୋଇ ତୈଳ କମ୍ପାନୀ ଦରରେ ବୃଦ୍ଧି କରିଛନ୍ତି। ନିକଟରେ କମ୍ପାନୀ ପେଟ୍ରୋଲ ଦର ଲିଟର ପିଛା ୫ ଟଙ୍କା ଏବଂ ଡିଜେଲ ପିଛା ୩ ଟଙ୍କା ବୃଦ୍ଧି କରିଥିଲା। ଗୁରୁବାର ନୂଆଦିଲ୍ଲୀରେ ପେଟ୍ରୋଲ ଦର ୧୦୨ ଟଙ୍କା ୧୨ ପଇସା ଥିବା ବେଳେ ଡିଜେଲ ଦର ୯୫.୨୦ ଟଙ୍କା ରହିଛି। ମୁମ୍ବାଇରେ ପେଟ୍ରୋଲ ୧୧୧ ଟଙ୍କା ୨୧ ପଇସା, କୋଲକାତାରେ ୧୧୩.୫୧ ଟଙ୍କା, ଚେନ୍ନାଇରେ ୧୦୭.୭୭ ଟଙ୍କା ନୋଏଡାରେ ୧୦୧.୯୬ ଟଙ୍କା, ଭୁବନେଶ୍ୱରରେ ୧୦୮.୯୭ ଟଙ୍କା ରହିଛି। ଜୟପୁରରେ ପେଟ୍ରୋଲ ଦର ୧୧୨.୬୬ ଟଙ୍କା, ପାଟନାରେ ୧୧୩.୩୭ ଟଙ୍କା ରହିଛି। ସେହିପରି ମୁମ୍ବାଇରେ ଡିଜେଲ ଦର ୯୭.୮୩ ଟଙ୍କା ଥିବା ବେଳେ, କୋଲକାତାରେ ୯୯.୮୨ ଟଙ୍କା, ଚେ଼ନାଇରେ ୯୯.୫୫ ଟଙ୍କା, ନୋଏଡାରେ ୯୫.୪୪ ଟଙ୍କା, ଭୁବନେଶ୍ୱରରେ ୧୦୦.୬୮ ଟଙ୍କା ଏବଂ ଜୟପୁରରେ ଡିଜେଲ ଦର ଲିଟେର ପିଛା ୯୮. ୨୫ଟଙ୍କା ରହିଛି।

## କ୍ରାଶ୍ କରିଗଲା ସେୟାର ବଜାର

## ୧୦୦୦ ପଏଣ୍ଟ ଖସିଲା ସେନସେକ୍ସ

ନୂଆଦିଲ୍ଲୀ, ୮।୧୦ : ସେୟାର ବଜାରରେ ହାହାକାର। ଖସିଲା ସେନସେକ୍ସ ଏବଂ ନିଫ୍ଟି। ଗୁରୁବାର ଭାରତୀୟ ସେୟାର ବଜାରରେ କିଛି ଏମିତି ଚିତ୍ର ଦେଖିବାକୁ ମିଳିଛି। କାରବାର ଆରମ୍ଭରୁ ଅଙ୍କରେ ଅଳ୍ପ ହ୍ରାସ ଦେଖିବାକୁ ମିଳିଥିଲା। କିନ୍ତୁ କିଛି ସମୟ ପରେ ମାର୍କେଟ୍ ବୁଣ୍ଡୁଡି ପଡିଥିଲା। ଦିନ ୧୨ଟା ବେଳକୁ ବିଏସଇର ୩୦ ସେୟାର ବିଶିଷ୍ଟ ସେନସେକ୍ସ ୧୦୦୦ ପଏଣ୍ଟ ଖସିଯାଇଥିଲା। ସେହିପରି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜର ନିଫ୍ଟି ମଧ୍ୟ ୩୫୦ ପଏଣ୍ଟ ଖସିଥିଲା। ନିଫ୍ଟି ୨୨୩୦୦ ଅଙ୍କ ତଳକୁ ଚାଲି ଆସିଥିଲା। ବଜାରରେ ଆସିଥିବା ଏହି ଝଡରେ ରିଲିଆନ୍ସ, ଆଇଟିସି, ଅଦାନୀ ପୋର୍ଟସ, ଇଣ୍ଡିଗୋ ଭଳି ବଡ ସେୟାର ଦାମ୍ ମଧ୍ୟ କମିଛି। ବୁଧବାର ସେନସେକ୍ସ ୭୨୬୩୮ ଅଙ୍କରେ ବନ୍ଦ ହୋଇଥିଲା। ଗୁରୁବାର ଏହା ଖୋଲିବା ପରେ ଅଙ୍କ ହ୍ରାସ ପାଇଥିଲା। ଏପରିକି ଏଥିରେ ୧୦୦୦ ପଏଣ୍ଟ ହ୍ରାସ ଦେଖିବାକୁ ମିଳିଥିଲା। ପଲରେ ସେନସେକ୍ସ ୭୩୬୩୪ ଅଙ୍କକୁ ଚାଲି ଆସିଥିଲା। ୫୦ ସେୟାର ବିଶିଷ୍ଟ ନିଫ୍ଟିରେ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଥିଲା। ବୁଧବାର ନିଫ୍ଟି ୨୨୬୦୩ ଅଙ୍କରେ କାରବାର ବନ୍ଦ କରିଥିଲା। କିନ୍ତୁ ଗୁରୁବାର ଏହା ୨୨୫୯୯ରେ କାରବାର ଆମ୍ଭ କରିଥିଲା। କିଛି ସମୟ ପରେ ଏହା ୩୩୧ ଅଙ୍କ ଖସି




୨୨୨୦୦କୁ ଆସି ଯାଇଥିଲା। କୁହାଯାଉଛି ଯେ, ଅଶୋଦ୍ଧିତ ତୈଳ ଦର ବୃଦ୍ଧି ପାଇବା କାରଣରୁ ବଜାର କ୍ରାଶ୍ କରିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଦ୍ଧିତ ତୈଳ ଦରରେ ୨ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଛି। ଫଳରେ ଦର ବ୍ୟାରେଲ୍ ପିଛା ୧୦୩ ଡଲାରରେ ପହଁଚି ଯାଇଛି। ସେହିପରି ବୁଧବାର ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ବୃଦ୍ଧି କରିଥିଲା। ଯାହା ବଜାର ଉପରେ ପ୍ରଭାବ ପକାଇଥିବା ଅନେକ ବିଶେଷଜ୍ଞ ମତ ଦେଉଛନ୍ତି।

ଛାତ୍ର ସଂସଦ ନିର୍ବାଚନ

# ଜେନ୍-ଜି'ଙ୍କ ହକ୍ ଓ କଲେଜ ସମସ୍ୟାକୁ ନେଇ ହେବ ଲଢ଼େଇ




ନୀଳଗିରି,୮।୧୦ (ସଂଚାର ବ୍ୟୁରୋ): ସରକାର କଲେଜ ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ଏବେ କଲେଜ କ୍ୟାମ୍ପସ ଯେତିକି ସରଗରମ ହୋଇଛି ସେତିକି ବିଭିନ୍ନ ଦଳର ସ୍ଥାନୀୟ ନେତା ପାଇଁ ପ୍ରାର୍ଥୀ ଚୟନ ମୁଣ୍ଡ ବ୍ୟଥା କାରଣ ହୋଇଛି। ନିଜ ନିଜ ଦଳର ସମର୍ଥକଙ୍କୁ ଜିତାଇବା ପାଇଁ ନେତାମାନେ ଦିନ ରାତି ଏକ କରିଦେଇଥିବା ନୀଳଗିରିରେ ଦେଖିବାକୁ ମିଳିଛି।

ବିଜେଡି ସରକାର ଦୀର୍ଘ ୮ ବର୍ଷ ଅର୍ଥାତ ୨୦୧୭ମସିହା ଠାରୁ କଲେଜର ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିଥିଲା । ଛାତ୍ର ନିର୍ବାଚନ କରିବାକୁ ବିଭିନ୍ନ ଛାତ୍ର ସଂଗଠନ କଲେଜ କର୍ତ୍ତୃପକ୍ଷ, ସରକାରଙ୍କଠାରେ ଦାବି କରିଆସୁଥିଲା । ସମ୍ପ୍ରତି ରାଜ୍ୟରେ ଦୁଇ ବର୍ଷ ତଳେ ନୂଆ ସରକାର ଶାସନ ଗାଦିକୁ ଆସିବା ପରେ ଛାତ୍ରଙ୍କ ଦାବିକୁ ସମ୍ମାନ ଜଣାଇ ସରକାର ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ସମୟ ମଧ୍ୟ ବେଶି ଦିନ ନାହିଁ । ମାତ୍ର ହାତଗଣତି ୧୦ ଦିନ ଭିତରେ ସରିବ ଛାତ୍ର ନିର୍ବାଚନ । ଏନେଇ ଛାତ୍ର ଓ ଛାତ୍ରନେତା ସମେତ ବିଭିନ୍ନ ରାଜନୈତିକ ଦଳ ଭିତରେ ଉତ୍ସାହ କହିଲେ ନ ସରେ। ପ୍ରାର୍ଥୀ ହେବାକୁ ଆଶାୟୀ ଖୋଳା ଚାଲିଛି। ଆଶାୟୀମାନେ ମଧ୍ୟ କେଉଁ ଢଙ୍ଗରେ ଏହି ନିର୍ବାଚନ ମଇଦାନ ପାରି ହେବେ ସେନେଇ କୌଶଳ ଆରମ୍ଭକଲେଣି। ଯାହା ସର୍ଭେରେ ପ୍ରାୟତଃ ସବୁ ଦଳର ଗୋଟିଏ ମାତ୍ର ମୁଦ୍ଦା ଜେନ୍-ଜିର ହକ୍ ଓ କଲେଜ ଉନ୍ନତି ବିଶେଷ କରି ନୀଳଗିରି ଉପଖଣ୍ଡରେ ରହିଥିବା ୩ଟି କଲେଜରେ ନିର୍ବାଚନ ପାଇଁ ଏବେ କଲେଜ କ୍ୟାମ୍ପସ ସରଗରମ ହୋଇ ଉଠିଛି।

ନୀଳଗିରି କଲେଜରେ ଏବିଭିପି, ବିସିଜେଡ ଓ ଏନଏସୟୁଆଇ ମଧ୍ୟରେ ଲଢେଇ ହେବାର ଦେଖିବାକୁ ମିଳିଥିବା ବେଳେ ସ୍ୱର୍ଣ୍ଣଚୂଡ଼ କଲେଜ, ମିତ୍ରପୁରରେ ଏବିଭିପି ଓ ବିସିଜେଡ ଏବଂ ଔପଡା କଲେଜରେ ବିସିଜେଡ ଓ ଏବିଭିପି ମଧ୍ୟରେ ପ୍ରାୟତଃ ନିର୍ବାଚନରେ ଲଢେଇ ହେବା ଦେଖାଦେଉଛି। ସୂଚନାଯୋଗ୍ୟ ୧୯୭୮ ମସିହାରେ ସ୍ଥାପିତ ନୀଳଗିରି କଲେଜରେ ଲାଗି ରହିଥିବା ବହୁ ସମସ୍ୟା ଉପରେ ଛାତ୍ର ନେତା ଓ ଦଳୀୟ ନେତାଙ୍କ ଆଖି ପଡ଼ିଛି। ନୀଳଗିରି କଲେଜରେ ବିଭିନ୍ନ ବିଭାଗରେ ୬ରୁ ଊର୍ଦ୍ଧ୍ୱ ଅଧ୍ୟାପକ, ଆସୋସିଏଟ, ଡେମୋନଷ୍ଟ୍ରେଟର ପ୍ରଭୃତି ପଦ ଖାଲି ପଡ଼ିଛି। ସରକାରଙ୍କ ପକ୍ଷରୁ କୌଣସି ପାଣ୍ଠି ଯୋଗାଯାଉ ନଥିବାରୁ କଲେଜ ଉନ୍ନତିରେ ବାଧକ ସୃଷ୍ଟି ହେଉଛି। ଏସବୁ ବିଭିନ୍ନ ସମସ୍ୟାକୁ ମୁକାବିଲା କରିବାକୁ ଛାତ୍ରନେତା ଅଣ୍ଟା ଭିଡ଼ିଛନ୍ତି।

ସେହିପରି ୧୯୭୮ ମସିହାରେ ସ୍ଥାପିତ ମିତ୍ରପୁରସ୍ଥିତ ସ୍ୱର୍ଣ୍ଣ ଚୂଡ଼ କଲେଜରେ ମଧ୍ୟ ଅନୁରୂପ ସମସ୍ୟା ଥିବା କୁହାଯାଉଛି।

ସେପଟେ ବିଭିନ୍ନ ଦଳ ପକ୍ଷରୁ କଲେଜ ସମ୍ମୁଖରେ ପୋଷ୍ଟର ବ୍ୟାନର ମରାଯାଇ ଛାତ୍ର/ଛାତ୍ରୀଙ୍କୁ ଆକର୍ଷିତ କରିବାକୁ ଉଦ୍ୟମ ଚାଲିଛି।

## ଇଣ୍ଡି ମେଣ୍ଟ ପ୍ରତିବାଦରେ କଂଗ୍ରେସ୍‌ର ବିକ୍ଷୋଭ ପ୍ରଦର୍ଶନ




ବାଲିପାଟଣା, ୮।୧୦(ସଂଚାର ବ୍ୟୁରୋ): ଏମ୍‌ଏମ୍‌ଡିଆର୍ ସଂଶୋଧିତ ଆଇନକୁ ସମ୍ପୂର୍ଣ୍ଣ ରଦ୍ଦ କରିବା, ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କୁ ବରଖାସ୍ତ ଓ ଗିରଫ କରିବା, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ବହିଷ୍କାର ଓ ଗିରଫଦାରୀ ସହ ରାଜ୍ୟରେ ବନ୍ୟା ବିପର୍ଯ୍ୟୟ ପରିଚାଳନାରେ ସରକାରୀ ଅବହେଳା ପ୍ରତିବାଦରେ ଇଣ୍ଡି ମେଣ୍ଟ ପକ୍ଷରୁ ଦିଆଯାଇଥିବା ବାଲିପାଟଣା ବ୍ଲକ ବନ୍ଦ ଡାକରା ଶାନ୍ତିପୂର୍ଣ୍ଣ ଭାବେ ସମ୍ପୂର୍ଣ୍ଣ ସଫଳ ହୋଇଯାଇଛି।ବ୍ଲକ କଂଗ୍ରେସ କମିଟି ସଭାପତି ଶୈଳେନ୍ଦୁ ଦାଶଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ କଂଗ୍ରେସ ଓ ସିପିଆଇର ଶତାଧିକ ନେତା ଓ କର୍ମୀ ସକାଳୁ ପିକେଟିଂ କରି ବାଲିପାଟଣା ବ୍ଲକର ପ୍ରମୁଖ ଛକ, ବଜାର, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ସ୍କୁଲ ଓ କଲେଜଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ ରଖିଥିଲେ। ବନ୍ଦ ପ୍ରଭାବରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିବା ବେଳେ ସର୍ବସାଧାରଣ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହି ଆନ୍ଦୋଳନରେ ବରିଷ୍ଠ କଂଗ୍ରେସ ନେତା ରସାନନ୍ଦ ପରିଡ଼ା, ସିପିଆଇ ନେତା ପ୍ରଫୁଲ୍ଲ ଭୋଇ, ଯୁବ ନେତା ତାପସ ସେଠୀ, ଶକ୍ତି ପ୍ରତିହାରୀ, ଜିଲ୍ଲା ଉପସଭାପତି ବଟକୃଷ୍ଣ ରାଉତରାୟ, ଜିଲ୍ଲା ସାଧାରଣ ସମ୍ପାଦକ ସନ୍ତୋଷ ଭୋଲ, ଯୁବ କଂଗ୍ରେସ ସଭାପତି ନିହାର ନାୟକ, ଜିଲ୍ଲା ମହିଳା ସଭାପତି ଅଫସାନା ବେଗମ ଓ ଦୀପାଳି ଭୋଇଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ପ୍ରମୁଖ ସାମିଲ ହୋଇ ସରକାର ବିରୋଧୀ ନାରାବାଜି କରିଥିଲେ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

ବୋରିଗୁମ୍ମା,୧୦।୧୦(ସଂଚାର ବ୍ୟୁର): ଆଜି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଠାରେ ବୋରିଗୁମ୍ମା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବୋରିଗୁମ୍ମା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ସୁବାଷ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ନାୟକଙ୍କ ସମେତ ୧୪ ଗୋଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ସମ୍ମାନିତ ଅତିଥୁ ରୂପେ ଆସନ ଅଳଙ୍କୃତ କରିଥିଲେ। ମୁଖ୍ୟ ଅତିଥ୍ ଶ୍ରୀ ମାଝୀ ଶିଶୁ ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବୋରିଗୁମ୍ମା କ୍ଲଷ୍ଟର ଅନ୍ତର୍ଗତ ୧୪ ଗୋଟି



ବିଦ୍ୟାଳୟର ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ଜଣ ଛାତ୍ରଛାତ୍ରୀ ଏବଂ ୧୫ ଜଣ ଶିକ୍ଷକ/ଶିକ୍ଷୟତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଯେଉଁ ପ୍ରତିଯୋଗୀ ମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ଆଗାମୀ ବ୍ଲକ୍ ସ୍ତରୀୟ ସୁରଭି ରେ ଅଂଶଗ୍ରହଣ କରିବେ ବୋଲି ବୋରିଗୁମ୍ମା ସିଆରସିସି ଆଶିଷ କୁମାର ହୋତା ସୂଚନା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ବୋରିଗୁମ୍ମା କ୍ଲଷ୍ଟର ସିଆର୍‌ସିସି ଶ୍ରୀ ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିବା ବେଳେ ନୁଆଁଗୁଡା ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଚ ପରିଚାଳନା କରିଥିଲେ।

## ଓଡ଼ିଶା ବନ୍ଦର ପ୍ରଭାବ ଓ ରାସ୍ତାରୋକ



ଧାମନଗର,୧୦।୧୦(ସଂଚାର ବ୍ୟୁର): ଜାତୀୟ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟ ପକ୍ଷରୁ ଆହୂତ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦର ପ୍ରଭାବ ଧାମନଗର ବ୍ଲକର ବିଭିନ୍ନ ଅଞ୍ଚଳରେ ପରିଲକ୍ଷିତ ହୋଇଛି। ବ୍ଲକ କଂଗ୍ରେସ୍ ସଭାପତି ଅରବିନ୍ଦ ନାୟକ, ଜିଲ୍ଲା ଉପସଭାପତି ଅଭିଷେକ ରାଉତଙ୍କ ନେତୃତ୍ୱରେ ବନ୍ଦ ପାଳନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପାଳନ ହୋଇଥିବା ବେଳେ ଧାମନଗର ବଜାରରେ ଏହାର ପ୍ରଭାବ ଅଧିକ ଦେଖାଯାଇଥିଲା। ଅଖଚକ ବନ୍ଦ ରହିବା ସହ ଜରୁରୀ ସେବାକୁ ବାଦ୍ ଦେଇ ଅନ୍ୟାନ୍ୟ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ବନ୍ଦ ସମର୍ଥକମାନେ ବାଇକ୍ ରାଲିରେ ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ସହ ଦୋକାନବଜାର, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ସ୍କୁଲ ଓ କଲେଜ ଓ ବେସରକାରୀ ଅନୁଷ୍ଠାନ ବନ୍ଦ କରିଥିଲେ। ଧାମନଗର ବିଜୁ ପଟ୍ଟନାୟକ ଛକରେ କଂଗ୍ରେସ କର୍ମୀମାନେ ରାସ୍ତାରୋକ କରି ଯାନବାହନ ଚଳାଚଳ ବନ୍ଦ କରିଥିଲେ। ଫଳରେ ଧାମନଗର ବଜାରର ଅଧିକାଂଶ ଦୋକାନ ବନ୍ଦ ରହିବା ସହ ସ୍କୁଲ, କଲେଜ, ବ୍ୟାଙ୍କ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ପ୍ରଭାବିତ ହୋଇଥିଲା।

## ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ, ଗୁଡାରିରେ ଅଖଚକ ସବୁ ଜାମ୍

ଗୁଡାରି,୧୦।୧୦(ସଂଚାର ବ୍ୟୁର): ଗୁରୁବାର ଇଣ୍ଡିଆ ମେଣ୍ଟର ଓଡିଶା ବନ୍ଦ ଡାକରା ପ୍ରଭାବ ଗୁଡାରି ସହରରେ ଦେଖିବାକୁ ମିଳିଛି। ସହରର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସମସ୍ତ ଶିକ୍ଷାନୁଷ୍ଠା, ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର, ସମସ୍ତ ବ୍ୟାଙ୍କ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଗୁଡାରିକୁ ସଂଯୋଗ କରୁଥିବା ସମସ୍ତ ବସ ଚଳାଚଳ ବନ୍ଦ ଥିବା ବେଳେ ଅଟୋ ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ରାସ୍ତାଘାଟ ଶୂନଶାନ ରହିଥିଲା। କଂଗ୍ରେସ ଏବଂ ସିପିଆଇ (ଏମ ଏଲ ) ଲିବରସେନ ପକ୍ଷରୁ ଦଳୀୟ କର୍ମୀ ଓ ନେତା ସହରରେ ପିକେଟିଂ କରି ଥିବା ବେଳେ ସରକାରୀ ବିରୋଧୀ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ଏହି ବନ୍ଦ ଡାକରାରେ ସ୍ୱାସ୍ଥ୍ୟ ସେବା, ଆମ୍ବୁଲାନ୍ସ, ରୋଗୀ, ଔଷଧ ଦୋକାନ, ପରୀକ୍ଷାର୍ଥୀ, ଆଦୌ ପ୍ରଭାବିତ ହୋଇନଥିଲେ । ସହରକୁ ବସ ଚଳାଚଳ ବନ୍ଦ ଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ପ୍ରଥମ ଥର ପାଇଁ ବନ୍ଦର ପ୍ରଭାବ ଗ୍ରାମାଞ୍ଚଳରେ ମଧ୍ୟ ଦେଖିବାକୁ ମିଳିଥିଲା।

## ସେବା ଜ୍ୟୋତି ଯାତ୍ରା ଓ ସଂକଳ୍ପ ସଭା




ନବରଙ୍ଗପୁର/ଉମରକଟ,୮।୧୦ (ସଂଚାର ବ୍ୟୁରୋ): ବୁଧବାର ଦିନ ଉମରକଟ ଠାରେ ଏକ ଜିଲ୍ଲାସ୍ତରୀୟ ସେବା ଜ୍ୟୋତି ପଦଯାତ୍ରା ପଳନ ହେବା ସହ ବିକଶିତ ଭାରତର ସଂକଳ୍ପ ସଭା କରାଯାଇଥିଲା। ଏହି ସଭାଯାତ୍ରା ଏକ ବିଶାଳ ରାଲି ମାଧ୍ୟମରେ ଉମରକଟ ଶ୍ରୀଜଗନ୍ନାଥ ମନ୍ଦିର ଠାରୁ ବାହାରି ସହରର ମୁଖ୍ୟରାସ୍ତା ଦେଇ ଉଘକ ପରେଡ ଗ୍ରାଉଣ୍ଡ ଠାରେ ଯାଇ ପହଞ୍ଚିଥିଲା ଏହି ସମାବେଶରେ ୧୦ ଟି ବ୍ଲକରୁ ମଟରସାଇକେଲ ସଭାଯାତ୍ରା ମାଧ୍ୟମରେ ପ୍ରତିନିଧିମାନେ ଆସି ପହଞ୍ଚିଥିଲେ ଏହି ଯାତ୍ରାରେ ବିଭିନ୍ନ ସେବା ସଂସ୍ଥା ଅନୁଷ୍ଠାନରୁ ପ୍ରାୟ ୧୨୦୦୦ ରୁ ଉର୍ଦ୍ଧ୍ୱ ଲୋକ ଅଂଶଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀକ ଜୀବନ ସୁଶାସନ ଓ ଜନସେବର ୨୫ ବର୍ଷ ପୂର୍ତ୍ତି ହେବା ଉପଲକ୍ଷେ ଭାରତୀୟ ଜନତା ପାର୍ଟି ୭ ଅକ୍ଟୋବର ୨୦୨୬ ଦେଶର ବିଭିନ୍ନ ରାଜ୍ୟ ଓ ଜିଲ୍ଲା ମାନଙ୍କରେ ସେବା ଜ୍ୟୋତି ଯାତ୍ରା ପାଳନ କରାଯାଇଛି ଏହି ଅୟଜନ ସେବା ସଙ୍କଳ୍ପ ଅଭିଯାନର ପ୍ରମୁଖ ହିସା ପ୍ରଧନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷ ସେବା ସୁଶାସନ, ଜନକଲ୍ୟାଣ ଏବଂ ରାଷ୍ଟ୍ରର କାର୍ଯ୍ୟ ପ୍ରତ୍ୟେକ ଜନସାଧାରଣଙ୍କ ନିକଟକୁ ପହଞ୍ଚାଇବା ତଥା ବିକଶିତ ଭାରତ ୨୦୪୭ କୁ ସଂକଳ୍ପରେ ସମାଜ ସହିତ ଯୋଡିବା। ଏହି ଯାତ୍ରା କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ମସାଲ ଯାତ୍ରା ବାହାର କରାଯାଇଥିଲା ସମୁହ ବନ୍ଦେମାତରମ ଗାନସହ ପ୍ରଧାମନ୍ତ୍ରୀ ମୋଦିଙ୍କ ଆଭାସି ଭାଷଣ ସିଧାପ୍ରସାରଣ ଦେଖାଯାଇଥିଲା ଏବଂ ରାଷ୍ଟ୍ର ନିର୍ମାଣ ର ସଂକଳ୍ପ ନିଆଯାଇଥିଲା ଓ ବିଭିନ୍ନ ବ୍ଲକ ରୁ ଆସିଥିବା କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି, ଝରିଗାଁ ବିଧାୟକ ନରସିଂଗ ଭତରା, ସହ ଜିଲ୍ଲା ଓ ବିଧାନସଭା କ୍ଷେତ୍ରର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କଂଗ୍ରେସର ୧୨ ଘଣ୍ଟିଆ ବନ୍ଦ ପାଳନ

କାଲିମେଳା,୮।୧୦ (ସଂଚାର ବ୍ୟୁରୋ): ବିଭିନ୍ନ ଦାବୀ ନେଇ ଗୁରୁବାର ଦିନ କଂଗ୍ରେସ ଓ ଇଣ୍ଡିଆ ମେଣ୍ଟ ପକ୍ଷରୁ ସାରା ଓଡ଼ିଶାରେ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିବା ବେଳେ ମାଲକାନଗିରି ଜିଲ୍ଲା କାଲିମେଳାରେ ମଧ୍ୟ ଏହାର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଥିଲା। ଏମଏମଡିଆର ସଂଶୋଧନ ଆଇନ ୨୦୨୬ ପ୍ରତ୍ୟାହାର, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ସ୍କୁଲ ପାଠ୍ୟପୁସ୍ତକରେ ଥିବା ତ୍ରୁଟି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ



ଗଣ୍ଡଙ୍କ ଇସ୍ତଫା, ବନ୍ୟା ପ୍ରଭାବିତଙ୍କୁ ପର୍ଯ୍ୟାପ୍ତ ରିଲିଫ୍ ଓ ସହାୟତା ଯୋଗାଇବା ଦାବୀ କରି କଂଗ୍ରେସ ଏହି ବନ୍ଦ ପାଳନ କରିଛି। ବନ୍ଦ ଯୋଗୁଁ କାଲିମେଳା ସମେତ ବିଭିନ୍ନ ଛକରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସାଧାରଣ ଜନଜୀବନ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଥିଲା। ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ବିରୋଧୀଙ୍କ ଓଡ଼ିଶା ବନ୍ଦ୍‌ର ପ୍ରଭାବ ସଫଳ, ଜିଲ୍ଲାରେ ଚକ ଅଖ ସବୁ ବନ୍ଦ୍

ମାଲକାନଗରି, ୮।୧୦(ସଂଚାର ବ୍ୟୁରୋ): ଇଣ୍ଡିଆ ମେଣ୍ଟ ଓ କଂଗ୍ରେସ୍ ଦଳର ୧୨ ଘଣ୍ଟିଆ ଓଡିଶା ବନ୍ଦ୍ ଡାକରା ର ପ୍ରଭାବ ମାଲକାନଗିରି ଜିଲ୍ଲାରେ ଦେଖିବାକୁ ମିଳିଛି। ସକାଳୁ ସକାଳୁ ଇଣ୍ଡିଆ ମେଣ୍ଟ ଦଳର କର୍ମୀ ପିକେଟିଂ କରି ଏମ ଏମ ଡି ଆର ସଂଶୋଧନ ଆଇନ ପ୍ରତ୍ୟାହାର କରିବା, ଭାରତର




ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ପାଠ୍ୟ ପୁସ୍ତକ ତ୍ରୁଟି ଘଟଣାରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ଙ୍କ ଇସ୍ତଫା ବନ୍ୟା ପ୍ରପିଡିତାଙ୍କୁ ଉପଯୁକ୍ତ ସହାୟତା ଦେବା ଦାବିରେ ବନ୍ଦ ପାଳନ କରାଯାଇଛି। ବନ୍ଦ ଯୋଗୁଁ ବସ୍ ସମେତ ସମସ୍ତ ପ୍ରକାର ଯାନବାହାନ ଚଳାଚଳ ଠପ୍ ହୋଇପଡ଼ିଛି। ଜିଲ୍ଲାର ସମସ୍ତ ଦୋକାନ ବଜାର, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି। କେବଳ ଆନ୍ଦୋଳନ କାରୀମାନେ ଅହିଂସା ଓ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରୁଥିବା ଦେଖିବାକୁ ମିଳିଛି। ତେବେ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ହସ୍ପିଟାଲ, ଆମ୍ବୁଲାନ୍ସ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସେବାଗୁଡ଼ିକୁ ଏହି ବନ୍ଦରୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଛି।

● ସତ୍ୟବାଦୀରେ କଂଗ୍ରେସର ରାସ୍ତା ଅବରୋଧ ଓ ବିକ୍ଷୋଭ

## ଓଡ଼ିଶା ବନ୍ଦ ଡାକରାରେ ସାକ୍ଷୀଗୋପାଳରେ ଦୋକାନ, ବ୍ୟାଙ୍କ ଓ କାର୍ଯ୍ୟାଳୟ ବନ୍ଦ

ସତ୍ୟବାଦୀ, ୮।୧୦ (ସଂଚାର ବ୍ୟୁରୋ): ପ୍ରଦେଶ କଂଗ୍ରେସ କମିଟିର ଓଡ଼ିଶା ବନ୍ଦ ଡାକରା ପରିପ୍ରେକ୍ଷୀରେ ସତ୍ୟବାଦୀ ବ୍ଲକ କଂଗ୍ରେସ ପକ୍ଷରୁ ସାକ୍ଷୀଗୋପାଳରେ ବନ୍ଦ ପାଳନ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ କର୍ମୀମାନେ ବିଭିନ୍ନ ଦୋକାନ ବଜାର, ବ୍ୟାଙ୍କ ଓ କାର୍ଯ୍ୟାଳୟ ବନ୍ଦ କରିବା ସହ ବ୍ଲକ ଛକଠାରେ ରାସ୍ତା ଅବରୋଧ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ସୁବାସ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ଚାରିଦଫା ଦାବି ନେଇ ଏହି ଆନ୍ଦୋଳନ କରାଯାଉଥିବା ସେ କହିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ଏମ୍‌ଏମ୍‌ଡିଆର୍ ବିଲ୍ ପ୍ରତ୍ୟାହାର, ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା, ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରସଙ୍ଗରେ ଓଡ଼ିଶା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ପ୍ରଭାବିତ ଚାଷୀଙ୍କୁ ତୁରନ୍ତ ସହାୟତା ପ୍ରଦାନ ଦାବି ରହିଛି।ବିକ୍ଷୋଭରେ ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନଙ୍କ ପୁଅ ମିଳିନ୍ଦ ହରିଚନ୍ଦନ, ସୁବାସ ମହାପାତ୍ର, ଲିପ୍ତୀ ରଞ୍ଜନ ପ୍ରଧାନ, ଅମୂଲ୍ୟ ଜେନା, ତପନ ବେଜ୍, ପ୍ରସାଦ ନାୟକ, ମହେଶ୍ୱର ଭାରତୀ, ପ୍ରତାପ ପରିଡ଼ା, ଲୋକନାଥ ନାୟକ, ସ୍ୱାଧୀନ ମହାପାତ୍ର ଓ ସୋମନାଥ ମୁଦୁଲିଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ବନ୍ଦ ଓ ବିକ୍ଷୋଭ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶାସନ ଓ ପୁଲିସ ପକ୍ଷରୁ ନଜର ରଖାଯାଇଥିଲା। ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଅର୍ପିତା ସେନାପତି, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଲିକ ସଦଳବଳେ ଉପସ୍ଥିତ ରହିଥିଲେ।

ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ

## ଜୋଶ ଟିମ୍‌ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ

ସୁନ୍ଦରଗଡ଼:୮।୧୦(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନକୁ ଅଧିକ ଗତିଶୀଳ ଓ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ କରିବା ଉଦ୍ଦେଶ୍ୟରେ ଗୁରୁବାର ସ୍ଥାନୀୟ ସଭାବନା ଭବନଠାରେ ଜୋଶ ଟିମର ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦେଶର ୧୧ ଟି ରାଜ୍ୟ ଏବଂ ୫୫ ଟି ଜିଲ୍ଲାରେ ଏହା ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ ହେବ। କାର୍ଯ୍ୟକ୍ରମରେ ଟିବି ରୋଗର ନିରାକରଣ, ପ୍ରାରମ୍ଭିକ ଚିହ୍ନଟ, ନିୟମିତ ଚିକିତ୍ସା, ପୋଷଣ ଓ ଟିବି ସମ୍ପର୍କିତ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷକରି ଯୁବପିଢ଼ିଙ୍କୁ ଟିବି ନିରାକରଣ ଅଭିଯାନରେ ସକ୍ରିୟ ଭାବେ ସାମିଲ କରି ସମୁଦାୟ ସ୍ତରରେ ସଚେତନତା ଓ ଜନଭାଗିଦାରୀ ବୃଦ୍ଧି କରିବା ଉପରେ ଆଲୋଚନା ହୋଇଥିଲା। ଜୋଶ ଟିମ ମାଧ୍ୟମରେ ଯୁବଶକ୍ତି, ସ୍ୱାସ୍ଥ୍ୟକର୍ମୀ,



ସ୍ୱେଚ୍ଛାସେବୀ ଓ ସମୁଦାୟର ମିଳିତ ପ୍ରୟାସକୁ ସୁଦୃଢ଼ କରି ଟିବି ବିରୋଧରେ ଏକ ବ୍ୟାପକ ଜନଆନ୍ଦୋଳନ ସୃଷ୍ଟି କରିବାର ଲକ୍ଷ୍ୟ ରହିଛି। ସମସ୍ତଙ୍କର ସକ୍ରିୟ ସହଯୋଗ ଓ ଜନଭାଗିଦାରୀ ମାଧ୍ୟମରେ ସାରା ଦେଶକୁ ଟିବି ମୁକ୍ତ କରିବା ଦିଗରେ ଜୋଶ ଟିମ ଏକ ଦୃଢ଼ ପଦକ୍ଷେପ ବୋଲି କୁହାଯାଇଛି। ଏହି ଅବସରରେ ଟିବି ମୁକ୍ତ ସୁନ୍ଦରଗଡ଼ ପାଇଁ ଯୁବପିଢ଼ି, ସ୍ୱାସ୍ଥ୍ୟକର୍ମୀ, ସ୍ୱେଚ୍ଛାସେବୀ ସଂଗଠନ, ଏନ୍ ସି ସି କ୍ୟାଡେଟ ଙ୍କୁ ଟିବି ମୁକ୍ତ ଭାରତ ଅଭିଯାନ ରେ ଯୋଡି ହୋଇଛି, ଏହାର ନୂତନ ଆପ ଡାଉନଲୋଡ଼ କରି ଜିଲ୍ଲାରେ ଯକ୍ଷ୍ମା ରୋଗୀ ଚିହ୍ନଟ କରିବା ଏବଂ ସକ୍ରିୟ ଭାବେ ସାମିଲ ହୋଇ ଜିଲ୍ଲାକୁ ମଧ୍ୟ ଟିବି ମୁକ୍ତ ଜିଲ୍ଲା କରିବାର ଆହ୍ୱାନ ଦିଆ ଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସିଡିଏମଓ, ଡିପିଏଚ୍‌ଓ, ଡିପିଏମ, ଏନଏଚ୍‌ଏମ ତଥା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଓ କର୍ମଚାରୀ, ଏନସିସି କ୍ୟାଡେଟ୍, ମାଇ ଭାରତ ସ୍ୱେଚ୍ଛାସେବୀ ଏବଂ ଆଶା କର୍ମୀମାନେ ଯୋଗଦେଇ ଥିଲେ।

## ହନୁମାନ ମନ୍ଦିର ହୁଣ୍ଡି ବାକ୍ସକୁ ବି ଛାଡିଲେନି ଚୋର



ନୀଳଗିରି, ୮।୧୦(ସଂଚାର ବ୍ୟୁରୋ): ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ନୀଳଗିରି ଡାକ୍ତର ଖାନା ନିକଟରେ ଥିବା ହନୁମାନ ମନ୍ଦିର ର ଗେଟ ତାଲା ଭାଙ୍ଗି ହୋଣ୍ଡି ବାକ୍ସ ରୁ ପ୍ରାୟ୧୨ହଜାର ରୁ୧୫ହଜାର ଟଙ୍କା ଚୋରୀ କରିନେଇଛନ୍ତି।ଆଜି ସକାଳେ ମନ୍ଦିର ନିକଟରେ ଦୋକାନି କାଳିଆ ରାଉତ ଗେଟ ତାଲା କଟା ଯାଇଥିବାର ଦେଖି ମନ୍ଦିର ପୂଜକ କୁନା ଷଡ଼ଙ୍ଗୀ ସହିତ କମିଟିର ସଦସ୍ୟ ଜିନା ଖୁଣ୍ଟିଆ, ମୁନା ନାୟକ, ଉମାକାନ୍ତ ନାୟକ, ବିଜୟ ବାରିକ, ପିଣ୍ଟୁ ରାଉତ, ଟିକି ମହାନ୍ତି, ଉମେଶ ମାଣ, ସୂର୍ଯ୍ୟ କାନ୍ତ ବିଶ୍ୱାଳ ପ୍ରମୁଖଙ୍କୁ ଘଟଣା ସମ୍ପର୍କରେ ଡାକି କହିବା ପରେ ଏନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଛି। ଶ୍ରୀହନୁମାନ ମନ୍ଦିର ଠାରୁ ୨୦୦ ମିଟର ଦୂରରେ ନୀଳଗିରି ଥାନା ଥିବା ବେଳେ ମନ୍ଦିର ଗେଟ ଭାଙ୍ଗି ହୋଣ୍ଡି ରେ ଥିବା ଦାନ ଟଙ୍କା ଚୋରି କରିନେବା ପୁଲିସ ର କାର୍ଯ୍ୟ ଦକ୍ଷତା ଉପରେ ପ୍ରସନ୍ନ ବାଚି ସୃଷ୍ଟି ହେଉଛି। ମାତ୍ର ଉକ୍ତଚୋରି ଘଟଣାକୁ ନୀଳଗିରି ପୁଲିସ ଗୁରୁତ୍ୱ ଦେଇ ତଦନ୍ତ ଚଳାଇ ଥିବା ଜଣାପଡ଼ିଛି।

## ବନଖଣ୍ଡର ବନସେବା ସଂଘର ସାଧାରଣ ବୈଠକ



ଫୁଲବାଣୀ,୮।୧୦ (ସଂଚାର ବ୍ୟୁରୋ): ଓଡିଶା ଅଣ ଗେଜେଟେଡ଼ ବନସେବା ସଙ୍ଘଫୁଲବାଣୀର ଫୁଲବାଣୀ ବନଖଣ୍ଡ ର ସାଧାରଣ ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଫୁଲବାଣୀ ବନଖଣ୍ଡ ର କାର୍ଯ୍ୟରତ ପ୍ରାୟ ୭୦ଜଣ ବନରକ୍ଷୀ ଓ ବନପାଳ ଯୋଗଦେଇ ଥିଲେ। ବରିଷ୍ଠ ବନପାଳ ଦିଲୀପ କୁମାର ବିଷୋୟୀ ଉକ୍ତ ବୈଠକ ରେ ସଭାପତିତ୍ୱ କରିଥିଲେ। ଏ ବନଖଣ୍ଡ ଅଧୀନରେ ଚାକିରୀ କରି ମୃତ୍ୟୁ ବରଣ କରିଥିବା କର୍ମଚାରୀ ବା ପୂର୍ବଜଙ୍କ ସ୍ମୃତି ଉଦେଶ୍ୟରେ ତାଙ୍କର ଅମର ଆତ୍ମା ର ସଦଗତି ନିମନ୍ତେ ନିରବ ପାର୍ଥନା କରାଯାଇଥିଲା। ବୈଠକ ରେ କାର୍ଯ୍ୟରତ ତୃଣମୂଳ ସ୍ତରରେ କ୍ଷେତ୍ର କର୍ମଚାରୀ ଅର୍ଥାତ ବନରକ୍ଷୀ ଓ ବନପାଳଙ୍କ ସାଧାରଣ ସମସ୍ୟା ସରକାର ଙ୍କ ଠାରୁ ପ୍ରାପ୍ୟ ଦରମା ଭତ୍ତା ମିଳିବା ରେ ଅନିୟମିତତା ତଥା ଅସୁରକ୍ଷିତ ଜଙ୍ଗଲ ମଧ୍ୟରେ କର୍ତବ୍ ଦ୍ୱିତୀୟ ପର୍ଯ୍ୟାୟରେ ସଙ୍ଘର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇ ଥିଲା। ଉପସ୍ଥିତ ସମସ୍ତ ସଦସ୍ୟଙ୍କ ସର୍ବସମ୍ମତି କ୍ରମେ ସଭାପତି ଭାବେ ଶ୍ରୀ ମନୋଜ କୁମାର ଝା ଙ୍କୁ ଚୟନ କରାଯାଇ ଥିବା ବେଳେ ଉପ ସଭାପତି ଭାବେ ବିଷ୍ଣୁ ପ୍ରସାଦ ରାଓ ଓ ସାଧାରଣ ସମ୍ପାଦକ ଭାବେ ଶ୍ରୀ ପ୍ରେମାନନ୍ଦ ପାତ୍ର, ସହ ସମ୍ପାଦକ ଭାବେ ରାକେଶ ପାତ୍ର କୋଷାଧକ୍ଷ ଭାବେ ଅଚ୍ୟୁତା ନନ୍ଦ ଗଣ୍ଡା, ସେହିପରି ସଙ୍ଘ ନିମନ୍ତେ ମହିଳା କାର୍ଯ୍ୟ କାରିଣୀ ସଦସ୍ୟା ସୁଶ୍ରୀ ସୂର୍ଯ୍ୟକାନ୍ତି ବେହେରା, ଶ୍ରମତୀ ପୁଷ୍ପାଞ୍ଜଳି ପାଢ଼ୀ, ସୁଶ୍ରୀ ଗାୟତ୍ରୀ ଗୌଡ଼, ସୁଶ୍ରୀ ମୋନାଲିସା ମହାପାତ୍ର, ରାଜ୍ୟ ସଙ୍ଘ ପ୍ରତିନିଧି ଭାବରେ ଶ୍ରୀ ଶ୍ରୀଧର ସାହୁ, ପ୍ରଶାନ୍ତ ସାହୁ, ଦିଲୀପ ମହାନ୍ତି, ପ୍ରତାପ ଜୁଣ୍ଡି, ରବୀନ୍ଦ୍ର ନାଥ ପ୍ରଧାନ ଅକ୍ଷୟ କୁମାର ଓ ଉପଦେଷ୍ଟା ଭାବେ ଶ୍ରୀ ଦିଲୀପ କୁମାର ବିଷୋୟୀ, ଶ୍ରୀ ମହେନ୍ଦ୍ର ବିଶ୍ୱାଳ ମନୋନୀତ ହୋଇଥିଲେ।

## ବହୁଚର୍ଚ୍ଚିତ ଅନଲାଇନ ଠକେଇ ଘଟଣାରେ ଅଭିଯୁକ୍ତକୁ ତିନି ବର୍ଷ ସଶ୍ରମ କାରାଦଣ୍ଡ



ନବରଙ୍ଗପୁର,୮।୧୦ (ସଂଚାର ବ୍ୟୁରୋ): ମାନ୍ୟବର ନବରଙ୍ଗପୁର ଉପଖଣ୍ଡିୟ ବିଚାର ବିଭାଗୀୟ ବିଚାରପତି ଶ୍ରୀ ସୌମ୍ୟ ଶଙ୍କର ମହାନ୍ତ ଏକ ଅନ ଲାଇନ ଠକେଇ ଘଟଣା ର ବିଚାରଣା କରି ଅଭିଯୁକ୍ତ ଅଜୟ କୁମାର ପାଉଲ କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିବା ସହ ୧୦, ୦୦୦/-ଟଙ୍କା ର ଅର୍ଥଦଣ୍ଡ ରେ ଦଣ୍ଡିତ କରିଛନ୍ତି ଓ ଏଥି ସହ ଜୋରିମାନା ଅନାଦେୟ ୩ ମାସ ର ଅତିରିକ୍ତ କାରାଦଣ୍ଡ ରେ ଦଣ୍ଡିତ କରିବାକୁ ରାୟ ଦେଇଛନ୍ତି। ସୂଚନା ଅନୁଯାୟୀ, ଗତ ୦୭/୧୧/୨୦୨୫ ତାରିଖ ଦିନ ତେନ୍ତୁଳୀଖୁଣ୍ଟି ଗ୍ରାମର ଭି. ପ୍ରଶାନ୍ତ କୁମାର କଟକ ସ୍ଥିତ ଆରକ୍ଷୀ ଅଧିକ୍ଷକ ଉଓଓ, କ୍ରାଇମ ବ୍ରାଞ୍ଚ ଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ପ୍ରକାରେ କେସ ନମ୍ବର ୩୮/୨୫ ନମ୍ବର ପ୍ରକାରେ ଉକ୍ତ ଘଟଣା ଟି ରେଜିଷ୍ଟର ହୋଇଥିଲା। ସେ କରିଥିବା ଅଭିଯୋଗ ପ୍ରକାରେ, ଗତବର୍ଷ ଅକ୍ଟୋବର ମାସ ର ପ୍ରଥମ ସପ୍ତାହ ରେ ଏକ ଅଜଣା ନମ୍ବର ରୁ ଫୋନ କଲ ଆସିଥିଲା ଓ ଜଣେ ବ୍ୟକ୍ତି ସେୟାର ମାର୍କେଟ ରେ ଅର୍ଥ ବିନିଯୋଗ କରିବା ପାଇଁ ପ୍ରଲୋଭନ ଦେଖାଇଥିଲା। ସେହି ଅଜଣା ବ୍ୟକ୍ତି ଅଭିଯୋଗକାରୀ କୁ ସେୟାର ମାର୍କେଟ ର କଳା କୌଶଳ ଶିଖିବା ପାଇଁ ଅନ୍ୟ ଏକ ବ୍ୟକ୍ତି ସହ ଯୋଗାଯୋଗ କରିବା ପାଇଁ କହିଥିଲେ। ଉକ୍ତ ବ୍ୟକ୍ତି ଜଣକ ଅଭିଯୋଗକାରୀ କୁ ଡିଜିଟାଲ ଡ଼ାଇନାମୋଶ ନାମକ ଏକ ଗ୍ରୁପ ରେ ଯୋଡ଼ିଥିଲେ ଯେଉଁ ଗ୍ରୁପ ରେ ଅଭିଯୋଗକାରୀ ଙ୍କ ସହ ସାତ ଜଣ ମେମ୍ବର ଥିଲେ। ଉକ୍ତ ଗ୍ରୁପ ରେ ସେହି ଅଜଣା ବ୍ୟକ୍ତି ନିଜକୁ ଗ୍ରୁପ ଏଡମିନ ବୋଲି କହି ସେୟାର ମାର୍କେଟ ର କୌଶଳ ଶିଖାଉଥିଲେ ଓ ତାଙ୍କ ପରାମର୍ଶ ଅନୁଯାୟୀ ଅଭିଯୋଗକାରୀ ସମସ୍ତ କାର୍ଯ୍ୟ କରୁଥିଲେ ଓ ଅଭିଯୋଗକାରୀ ଙ୍କ ସମସ୍ତ ଆବଶ୍ୟକୀୟ କାଗଜପତ୍ର ନେଇ ଗ୍ଲୋବିକ୍ସଭଲ୍ଟ ନାମକ ଏକ ଟ୍ରେଡିଙ୍ଗ ପ୍ଲାଟଫର୍ମ ରେ ଯୋଗ ଦେଇ ଆକାଉଣ୍ଟ ତିଆରି କରିଥିଲେ। ପ୍ରଥମ ପର୍ଯ୍ୟାୟ ରେ ଅଭିଯୋଗକାରୀ ଙ୍କୁ ସେମାନେ ୨୫, ୧୦୦/-ଟଙ୍କା ଏବଂ ୩୫, ୦୦୦/- ଟଙ୍କା ନିବେଶ କରାଇଥିଲେ ଏବଂ ଲାଭ ବାବଦରେ ଅଭିଯୋଗକାରୀ ଙ୍କ ଆକାଉଣ୍ଟ ରେ ୮୫୦୦/- ଓ ୬୩, ୦୦୦/- ଟାଙ୍କ ଆକାଉଣ୍ଟ ରେ ଜମା ହୋଇଥିଲା। ଏଥିରେ ଉତ୍ସାହିତ ହୋଇ ଅଭିଯୋଗକାରୀ ସେମାନଙ୍କ ନିର୍ଦ୍ଦେଶ କ୍ରମେ ୧୨/୧୦/୨୦୨୫ ଠାରୁ ୦୪/୧୧/୨୦୨୫ ପର୍ଯ୍ୟନ୍ତ ୧, ୯୪, ୬୨, ୩୧୦/-(ଏକକୋଟି ଚଉରାନବେ ଲକ୍ଷ ବାସଠି ହଜାର ତିନି ଶହ ଦଶ ) ଟଙ୍କା ନିବେଶ କରିଥିଲେ ଏବଂ ଉକ୍ତ ପ୍ଲାଟଫର୍ମ ରେ ନିବେଶ କରି ସେ ମୋଟ ୫, ୧୫, ୧୭, ୯୮୫/- (ପାଞ୍ଚ କୋଟି ପନ୍ଦର ଲକ୍ଷ ସତର ହଜାର ନଅ ଶହ ପଞ୍ଚାଅସୀ) ଟଙ୍କା ର ଲାଭ ଦେଖାଇଥିଲେ।

# ପେଟ ଓ ପରିସ୍ରାରେ ପୋଡ଼ା ସମସ୍ୟାରୁ କିପରି ପାଇବେ ମୁକ୍ତି ?



ପେଟରେ ପୋଡ଼ା ଅନୁଭବ ଏବଂ ପରିଶ୍ରା କରିବା ସମୟରେ ପୋଡ଼ା କିମ୍ବା ଜ୍ୱଳନ ଏକ ସାଧାରଣ ସମସ୍ୟା ପାଲଟିଲାଣି। କିନ୍ତୁ ଏହାକୁ ଅବହେଳା କରିବା ଉଚିତ ନୁହେଁ। ପେଟରେ ପୋଡ଼ା ଅଧିକାଂଶ ସମୟରେ ଏସିଡିଟି, ଗ୍ୟାସ କିମ୍ବା ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ ଯୋଗୁଁ ହୋଇଥାଏ। ସେହିପରି ପରିଶ୍ରାରେ ପୋଡ଼ା ସାଧାରଣତଃ ପାଣିର ଅଭାବ, ମୂତ୍ର ସଂକ୍ରମଣ (UTI), ଅତ୍ୟଧିକ ମସଲାଯୁକ୍ତ ଖାଦ୍ୟ କିମ୍ବା ଅନ୍ୟ କେତେକ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ହୋଇପାରେ। ଯଦି ବାରମ୍ବାର ଏସିଡିଟି କିମ୍ବା ପେଟରେ ଜ୍ୱଳନ ହେଉଛି, ତେବେ ପ୍ରଥମେ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଆଣନ୍ତୁ। ଅତ୍ୟଧିକ ତେଲିଆ, ମସଲାଯୁକ୍ତ ଏବଂ ଭଜା ଖାଦ୍ୟ ଖାଆନ୍ତୁ ନାହିଁ। ଏକାଥରେ ଅଧିକ ଖାଇବା ପରିବର୍ତ୍ତେ ଅଳ୍ପ ଅଳ୍ପ କରି ଦିନକୁ ୪ ରୁ ୫ ଥର ଖାଇବା ଭଲ। ଖାଇ ସାରିବା ପରେ ସଙ୍ଗେ ସଙ୍ଗେ ଶୋଇବା ଉଚିତ ନୁହେଁ। ଅତି କମରେ ୨ ରୁ ୩ ଘଣ୍ଟା ପରେ ଶୋଇବା ଭଲ। ଅଦା, କଦଳୀ, ଓଟସ୍, ଦହି ଭଳି ହାଲୁକା ଖାଦ୍ୟ ପେଟ ପାଇଁ ଉପକାରୀ ହୋଇପାରେ। ଚା, କଫି, ମଦ୍ୟପାନ ଏବଂ ଧୂମପାନ କମ୍ କିମ୍ବା ବନ୍ଦ କରିବା ଉଚିତ, କାରଣ ଏଗୁଡ଼ିକ ଏସିଡିଟି ବଢ଼ାଇପାରେ।

ପରିଶ୍ରା କରିବା ସମୟରେ ପୋଡ଼ା ହେଲେ ସର୍ବପ୍ରଥମେ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଅନ୍ତୁ। ଦିନକୁ ପ୍ରାୟ ୨ ରୁ ୩ ଲିଟର ପାଣି ପିଇଲେ ଶରୀରରେ ପାଣିର ଅଭାବ ଦୂର ହୋଇଥାଏ ଏବଂ ମୂତ୍ରପଥ ସଫା ହୋଇଯାଏ। ନଡ଼ିଆ ପାଣି, ଲେମ୍ବୁ ପାଣି କିମ୍ବା ଅଧିକ ଚିନି ନଥିବା ତରଳ ପାନୀୟ ମଧ୍ୟ ଉପକାରୀ ହୋଇପାରେ।

ବ୍ୟକ୍ତିଗତ ସ୍ୱଚ୍ଛତା ରକ୍ଷା କରିବା ମଧ୍ୟ ଜରୁରୀ। ପରିଶ୍ରାକୁ ଦୀର୍ଘ ସମୟ ଧରି ଅଟକାଇ ରଖିବା ଉଚିତ ନୁହେଁ। ଯଦି ପୋଡ଼ା ସହିତ ବାରମ୍ବାର ପରିଶ୍ରା ଲାଗୁଛି, ଜ୍ୱର ହେଉଛି, ରକ୍ତ ଆସୁଛି କିମ୍ବା ତଳ ପେଟରେ ଅଧିକ ଯନ୍ତ୍ରଣା ଅନୁଭବ ହେଉଛି, ତେବେ ଏହା ମୂତ୍ର ସଂକ୍ରମଣର ଲକ୍ଷଣ ହୋଇପାରେ। ଏପରି ସ୍ଥିତିରେ ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଆବାଶ୍ୟକ। ସୁସ୍ଥ ଜୀବନଶୈଳୀ ଅନେକ ପେଟ ଓ ମୂତ୍ର ସମସ୍ୟାକୁ ରୋକିପାରେ। ପ୍ରତିଦିନ ହାଲୁକା ବ୍ୟାୟାମ କରନ୍ତୁ, ପର୍ଯ୍ୟାପ୍ତ ନିଦ୍ରା ନିଅନ୍ତୁ ଏବଂ ମାନସିକ ଚାପ କମ୍ ରଖନ୍ତୁ। ଅଧିକ ଫଳ, ପନିପରିବା ଏବଂ ଫାଇବରଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ଭଲ ରହିଥାଏ।

ଏଥିସହ ଜାଣିରଖନ୍ତୁ ଯେ, ଯଦି ପେଟରେ ପୋଡ଼ା ବାରମ୍ବାର ହେଉଛି, ଓଜନ କମିଯାଉଛି, ବାନ୍ତିରେ ରକ୍ତ ଆସୁଛି କିମ୍ବା କଳା ରଙ୍ଗର ମଳ ହେଉଛି, ତେବେ ଶୀଘ୍ର ଡାକ୍ତରଙ୍କୁ ଦେଖାନ୍ତୁ। ସେହିପରି ପରିଶ୍ରାରେ ପୋଡ଼ା ୧ରୁ୨ ଦିନରୁ ଅଧିକ ରହିଲେ, ଜ୍ୱର, ଅଧିକ ଯନ୍ତ୍ରଣା କିମ୍ବା ରକ୍ତ ଆସିଲେ ମଧ୍ୟ ଚିକିତ୍ସା ଆବଶ୍ୟକ। ଏହା କେବେ କେବେ ସଂକ୍ରମଣ, କିଡନୀ ଷ୍ଟୋନ୍ କିମ୍ବା ଅନ୍ୟ କୌଣସି ରୋଗର ଲକ୍ଷଣ ହୋଇପାରେ। ପେଟ ଏବଂ ପରିଶ୍ରାରେ ପୋଡ଼ା ଭଳି ସମସ୍ୟାକୁ ହାଲୁକା ଭାବରେ ନେବା ଉଚିତ ନୁହେଁ। ସଠିକ୍ ଖାଦ୍ୟାଭ୍ୟାସ, ପର୍ଯ୍ୟାପ୍ତ ପାଣି ପିଇବା, ସ୍ୱଚ୍ଛତା ରକ୍ଷା ଏବଂ ସୁସ୍ଥ ଜୀବନଶୈଳୀ ଆପଣାଇଲେ ଏହି ସମସ୍ୟାରୁ ଅନେକ ସମୟରେ ମୁକ୍ତି ମିଳିପାରିବ। ଯଦି ଲକ୍ଷଣ ଦୀର୍ଘ ସମୟ ଧରି ରହେ କିମ୍ବା ଗୁରୁତର ହୁଏ, ତେବେ ଡାକ୍ତରଙ୍କ ପରାମର୍ଶ ନେଇ କାରଣ ଜାଣି ଉଚିତ ଚିକିତ୍ସା କରାଇବା ହିଁ ସର୍ବୋତ୍ତମ ପଦକ୍ଷେପ।

# ସକାଳୁ ଉଷୁମ ପାଣି, ଫଳ ଶରୀର ପାଇଁ ଉପକାରୀ

ସକାଳ ସମୟରେ ଆମେ କ'ଣ ଏବଂ କିପରି ଖାଉ ତାହା ସାରା ଦିନ ଆମର ସ୍ୱାସ୍ଥ୍ୟ, ଶକ୍ତି ଏବଂ ପାଚନକୁ ପ୍ରଭାବିତ କରିଥାଏ। ବିଶେଷକରି ସକାଳ ସମୟରେ ଆମ ପେଟ ଖାଲିଥାଏ । ଏହି ସମୟରେ କ'ଣ ଖାଇବା ଉଚିତ କ'ଣ ନଖାଇବା ଉଚିତ ତାହାକୁ ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ରହିଥାଏ। ତେବେ ଆସନ୍ତୁ ଜାଣିବା ସକାଳ ସମୟରେ କେଉଁ ଖାଦ୍ୟ ଖାଇବା ଉଚିତ। ଖାଲି ପେଟରେ କଫି, ଚା, କିମ୍ବା ସାଇଟ୍ରସ୍ ଫଳ ଖାଇବା ଦ୍ୱାରା ଏହା ଆମ ଶରୀରରେ ସମସ୍ୟା ସୃଷ୍ଟି କରିପାରେ।

ସକାଳେ ପ୍ରଥମେ ଏକ ଗ୍ଲାସ୍ ଉଷୁମ ପାଣି ପିଇବା ଦ୍ୱାରା ପେଟ ବିଷମୁକ୍ତ ହୁଏ। ଏଥିରେ ଅଳ୍ପ ଲେମ୍ବୁ ମିଶାଇ ପିଇଲେ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିବା ସହିତ ମେଟାବୋଲିଜିମ୍ ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହା ପାଚନ ତନ୍ତ୍ରକୁ ହାଲୁକା ଏବଂ ସକ୍ରିୟ ରଖେ। ଯାହା ଆପଣଙ୍କୁ ଦିନସାରା କାମ କରିବା ପାଇଁ ଶକ୍ତି ଯୋଗାଇଥାରଏ। ସକାଳେ ଖାଲି ପେଟରେ ତେଲ କିମ୍ବା ଭାରି ଖାଦ୍ୟ ଖାଇବା ଦ୍ୱାରା ଗ୍ୟାସ୍ ବଢ଼ିପାରେ। ଏହି କ୍ଷେତ୍ରରେ ଓଟ୍ସ ଭଳି ହାଲୁକା ଖାଦ୍ୟ ଖାଇବା ହେଉଛି ସର୍ବୋତ୍ତମ ବିକଳ୍ପ। ଏଭଳି ଖାଦ୍ୟରେ ଫାଇବର ପ୍ରଚୁର ପରିମାଣରେ ରହିଥାଏ। ଯାହାକି ପାଚନ କ୍ରିୟାରେ ସାହାଯ୍ୟ କରିଥାଏ। ଯଦି ଆପଣ ସକାଳ ସମୟରେ କିଛି ହାଲୁକା ଏବଂ ଶୀଘ୍ର ଖାଇବାକୁ ଚାହୁଁଛନ୍ତି ତେବେ କଦଳୀ, ସେଓ କିମ୍ବା ଅମୃତଭଣ୍ଡା ଖାଇ ପାରିବେ। ଏହି ଫଳଗୁଡ଼ିକ ସହଜରେ ହଜମ ହୁଏ ଏବଂ ପେଟକୁ ଥଣ୍ଡା ରଖିଥାଏ। ଖାଲିପେଟରେ ପଇଡ଼ ପାଣି ବି ପିଇ ପାରିବେ। ସକାଳେ ଖାଲି ପେଟରେ ରାତିସାରା ଭିଜା ହୋଇଥିବା କିସମିସ୍, ବାଦାମ କିମ୍ବା ଅଖରୋଟ ଖାଇବା ଅତ୍ୟନ୍ତ ଲାଭଦାୟକ। ଏହା କେବଳ ହଜମକୁ ସମର୍ଥନ କରେ ନାହିଁ ବରଂ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହିତ ପେଟ ସମସ୍ୟାକୁ ଦୂର କରିଥାଏ।



# ହାର୍ଟ ଫେଲ୍ୟୁଅର୍ କିପରି ହୋଇଥାଏ ?





ଦ୍ରୁତ ଗତିରେ ବଦଳୁଥିବା ଜୀବନଶୈଳୀ ଏବଂ ବର୍ଦ୍ଧିତ ଚାପ ସହିତ, ହୃଦଘାତ ଆଜି ଏକ ଗମ୍ଭୀର ସମସ୍ୟା ପାଲଟିଛି। ପୂର୍ବରୁ ଏହି ଅବସ୍ଥା କେବଳ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ସୀମିତ ବୋଲି ବିବେଚନା କରାଯାଉଥିଲା । କିନ୍ତୁ ବର୍ତ୍ତମାନ ଯୁବପିଢ଼ି ମଧ୍ୟ ଏହାର ଶିକାର ହେଉଛନ୍ତି। ଏହି ଅବସ୍ଥା ସେତେବେଳେ ଘଟେ ଯେତେବେଳେ ହୃତପିଣ୍ଡ ସାରା ଶରୀରରେ ରକ୍ତ ପମ୍ପ କରିବାର କ୍ଷମତା ହରାଇଦିଏ । ଯାହା ଫଳରେ ଶରୀର ପର୍ଯ୍ୟାପ୍ତ ଅମ୍ଳଜାନ ପହଞ୍ଚି ନପାରି ହୃଦଘାତ ହୋଇଥାଏ ।

## ହୃଦଘାତ କିପରି ହୁଏ ?

ଏହା ସେତେବେଳେ ଘଟେ ଯେତେବେଳେ ହୃଦୟ ମାଂସପେଶୀ ଅତ୍ୟଧିକ କଠିନ କିମ୍ବା ଅତ୍ୟଧିକ ଦୁର୍ବଳ ହୋଇଯାଏ। ଏହା ହେତୁ ହୃତପିଣ୍ଡ ରକ୍ତକୁ ଦକ୍ଷତାର ସହିତ ପମ୍ପ କରିପାରି ନଥାଏ, ଯାହା ଫଳରେ ଶରୀରର ବିଭିନ୍ନ ଅଂଶରେ ତରଳ ପଦାର୍ଥ ଜମା ହୁଏ। ଏହି କାରଣରୁ ଏହାକୁ କେତେକ ସମୟରେ କଞ୍ଜେଷ୍ଟିଭ୍ ହାର୍ଟ ଫେଲ୍ୟୁଅର କୁହାଯାଏ, କାରଣ ରକ୍ତ ଏବଂ ତରଳ ପଦାର୍ଥ ଶରୀରର ଟିସୁଗୁଡ଼ିକରେ ଜମା ହୁଏ। ହୃଦୟର ଡାହାଣ ପାର୍ଶ୍ୱ ଫୁସଫୁସକୁ ରକ୍ତ ପମ୍ପ କରେ, ଯେତେବେଳେ ବାମ ପାର୍ଶ୍ୱ ଫୁସଫୁସରୁ ଶରୀରର ଅନ୍ୟାନ୍ୟ ଅଂଶକୁ ଅମ୍ଳଜାନ ଯୁକ୍ତ ରକ୍ତ ପମ୍ପ କରେ। ଯେତେବେଳେ ଏହି ପ୍ରକ୍ରିୟା ବିଫଳ ହୁଏ, ସେତେବେଳେ ଶ୍ୱାସକ୍ଳାନ୍ତି, ଥକ୍କାପଣ ଏବଂ ଫୁଲା ଭଳି ଲକ୍ଷଣ ଦେଖାଯାଏ।

## ହୃଦଘାତର ଆଶଙ୍କା କାହାର ଅଧିକ ଥାଏ ?

ହୃଦଘାତ ଯେକୌଣସି ବୟସରେ ହୋଇପାରେ, କିନ୍ତୁ ବୟସ୍କ ଲୋକଙ୍କର ବିପଦ ଅଧିକ ଥାଏ। ଏହାର ସାଧାରଣ କାରଣ ହେଉଛି କରୋନାରୀ ଧମନୀ ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ, ସ୍ଥୂଳତା ଏବଂ ଧୂମପାନ। ଏହି ଅବସ୍ଥା ପ୍ରାୟତଃ ଧୀରେ ଧୀରେ ବିକଶିତ ହୁଏ। ଲୋକମାନେ ପ୍ରାୟତଃ ପ୍ରାରମ୍ଭିକ ପର୍ଯ୍ୟାୟରେ କୌଣସି ଲକ୍ଷଣ ଅନୁଭବ କରନ୍ତି ନାହିଁ । କିନ୍ତୁ ସମୟ ସହିତ, ନିଶ୍ୱାସ ନେବାରେ କଷ୍ଟ, ଥକ୍କାପଣ ଏବଂ ଗୋଡ଼ କିମ୍ବା ପେଟ ଫୁଲିବା ବୃଦ୍ଧି ପାଏ।

# ବର୍ଷାଦିନେ କ୍ଷୀର ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ



ବର୍ଷା ଦିନେ କ୍ଷୀର ପିଇବା ପାଇଁ ଘରର ବୟସ୍କ ବ୍ୟକ୍ତିମାନେ ମନା କରିଥାନ୍ତି। କିନ୍ତୁ ଆପଣ କେବେ ଭାବିଛନ୍ତି କି ଏଭଳି କାହିଁକି କୁହାଯାଇଥାଏ। ବର୍ଷା ଦିନେ କ୍ଷୀର ପିଇବା ଦ୍ୱାରା ପେଟ ସମ୍ବନ୍ଧୀୟ ଅନେକ ସମସ୍ୟା ଦେଖାଯାଇଥାଏ। ଏହା ବ୍ୟତୀତ କ୍ଷୀର ଆପଣଙ୍କ ଡାଇଜେଷ୍ଟିଭ ସିଷ୍ଟମକୁ ଖରାପ କରିଥାଏ। କ୍ଷୀର ଫୁଡ ପଏଜନିଙ୍ଗର କାରଣ ହୋଇପାରେ। କ୍ଷୀର ପିଇବା ଦ୍ୱାରା ଏସିଡିଟି ଏବଂ ପେଟ ଖରାପ ହେବାର ସମ୍ଭାବନା ଥାଏ। ଏହି ବର୍ଷା ଦିନରେ କ୍ଷୀର ପିଇବା ଦ୍ୱାରା ଶରୀରକୁ ଅନେକ କ୍ଷତି ପହଞ୍ଚିଥାଏ।

ଆୟୁର୍ବେଦ ଅନୁଯାୟୀ, ବର୍ଷା ଋତୁରେ କ୍ଷୀର ପିଇବା ଉଚିତ ନୁହେଁ କାରଣ ଏହା ଶରୀରକୁ ଅନେକ ପ୍ରକାରର କ୍ଷତି ପହଞ୍ଚାଏ। ତେବେ ବର୍ଷା ଋତୁରେ କୀଟ ପତଙ୍ଗମାନଙ୍କର ମାତ୍ରା ଅଧିକ ବଢ଼ିଯାଏ। ଏପରି ପରିସ୍ଥିତିରେ ଗାଈ ଏବଂ ମଇଁଷି ମାନଙ୍କ ଘାସରେ ବିଷାକ୍ତ କୀଟ ପତଙ୍ଗ ରହିଥାନ୍ତି। ପଶୁ ମାନେ ସେହି ଘାସ ଖାଇବା ପରେ ସେମାନେ ସଂକ୍ରମିତ ହୋଇପାରନ୍ତି। ଯାହା ପରେ ଆପଣ କ୍ଷୀର ପିଇବା ଦ୍ୱାରା ଫୁଡ ପଏଜନିଙ୍ଗର ଶିକାର ହୋଇପାରନ୍ତି। ଏହି ଋତୁରେ କ୍ଷୀର ପିଇବା ଦ୍ୱାରା ଆପଣଙ୍କ ହଜମ ପ୍ରକ୍ରିୟାରେ ସମସ୍ୟା ଦେଖାଯାଇ ପାରେ ଏବଂ ଡାଇଜେଷ୍ଟିଭ ଏନଜାଇମ୍ କୁ କ୍ଷତି ପହଞ୍ଚିଥାଏ। ଏହା ବ୍ୟତୀତ ଶରୀରରେ ଅନେକ ପ୍ରକାରର ପ୍ରତିକ୍ରିୟା ମଧ୍ୟ ହୋଇପାରେ। ଯଦି ଆପଣ କୌଣସି ଜିନିଷ ଖାଉଛନ୍ତି , ତେବେ ଏହା ହଜମ ହେବା ପାଇଁ ସମୟ ଲାଗିଥାଏ ଏବଂ ଏହା ଦ୍ୱାରା ସ୍ଲୋ ମେଟାବୋଲିଜିମ୍ ହୋଇଥାଏ | ବର୍ଷା ଦିନରେ ପଶୁ ମାନଙ୍କୁ ରୋଗ ହେବାର ଆଶଙ୍କା ଅଧିକ ଥାଏ। ଏପରିସ୍ଥିତିରେ କ୍ଷୀର ପିଇବା ଆପଣଙ୍କ ଶରୀର ପାଇଁ ହାନିକାରକ ହୋଇପାରେ। ତେଣୁ ଏହି ଦିନରେ କ୍ଷୀର ପିଇବା ଠାରୁ ଦୂରେଇ ରୁହନ୍ତୁ। କ୍ଷୀର ପିଇବାକୁ ଚାହୁଁଥିଲେ ଏହାକୁ ଭଲ ଭାବେ ଫୁଟାଇବା ପରେ ଏଥିରେ ଅଳ୍ପ ହଳଦୀ ମିଶାଇ ପିଇ ପାରିବେ। ଏହି କ୍ଷୀର ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବ ନାହିଁ।

# ଲାଇଟ୍ ବନ୍ଦ କରି ଶୋଇଲେ ହୃଦୟକୁ ଲାଭ ମିଳେ

ଆମେ ସମସ୍ତେ ଜାଣିଛେ ସୁସ୍ଥ ଶରୀର ପାଇଁ ନିଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଯେତେବେଳେ ଆମେ ଶୋଇଥାଉ, ଆମର ଶରୀର ଆରାମ କରିଥାଏ । ଶାରିରୀକ ଏବଂ ମାନସିକ ସୁସ୍ଥତା ଆସିଥାଏ । ରୋଗ ପ୍ରତିରୋଧକ ଶକ୍ତି ସହ ମସ୍ତିଷ୍କର କାର୍ଯ୍ୟକୁ ଉନ୍ନତ କରେ । ତେବେ ଆମେ କିପରି ଶୋଇବା, କିମ୍ବା କେଉଁ ପରିବେଶରେ ଶୋଇବା, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଆପଣ କ'ଣ ଜାଣନ୍ତି ଯେ ସମ୍ପୂର୍ଣ୍ଣ ଅନ୍ଧାର, ଅଳ୍ପ ଆଲୋକ କିମ୍ବା ଅଧିକ ଲାଇଟ୍ରେ ଶୋଇବା ଆପଣଙ୍କ ହୃଦୟ ଉପରେ ମଧ୍ୟ ପ୍ରଭାବ ପକାଇଥାଏ ? ଆସନ୍ତୁ ଜାଣିବା ଏହି ରିପୋର୍ଟ ବିଷୟରେ ।

**ଡିମ୍ ଆଲୋକ:** ଗବେଷଣାରୁ ଜଣାପଡ଼ିଛି ଯେ, ଡିମ୍ ଆଲୋକ ସହିତ ଶୋଇବା ଦ୍ୱାରା ଶରୀରର ପ୍ରାକୃତିକ ସର୍କାଡିଆନ୍ ବାଧାପ୍ରାପ୍ତ ହୁଏ, ଯାହା ଜୈବିକ ପ୍ରକ୍ରିୟାଗୁଡ଼ିକୁ ନିୟନ୍ତ୍ରଣ କରେ । ଶରୀର ଏହି ପ୍ରାକୃତିକ ଜୈବିକ ଚକ୍ରଗୁଡ଼ିକୁ ବ୍ୟବହାର କରି ହୃଦୟ, ମେଟାବୋଲିଜିମ୍ ଏବଂ ରୋଗ ପ୍ରତିରୋଧକ ପ୍ରଣାଳୀ ସମେତ ଏହାର ଅଙ୍ଗଗୁଡ଼ିକୁ ସୁଗମ ଭାବରେ ପରିଚାଳନା କରିଥାଏ । ରାତି ସମୟରେ ଡିମ୍ ଆଲୋକର ସଂସ୍ପର୍ଶରେ ଆସିବା ଦ୍ୱାରା ମେଲାଟୋନିନ୍ ଉତ୍ପାଦନ ହ୍ରାସ ପାଏ, ଯାହା ଫଳରେ ହୃଦସ୍ପନ୍ଦନ ବୃଦ୍ଧି ପାଏ ଏବଂ ରକ୍ତରେ ଶର୍କରା ସ୍ତର ପରିବର୍ତ୍ତନ ହୁଏ ।

**ସମ୍ପୂର୍ଣ୍ଣ ଅନ୍ଧାରରେ ଲାଭ:** ଆପଣଙ୍କ ଶୟନ କକ୍ଷରେ ଲାଇଟ୍ ଅଫ ନପଡିବା ଆପଣଙ୍କୁ ଅଧିକ ସମୟ ପାଇଁ ନିଦ୍ରା ବଜାୟ ରଖିବା ସହିତ ଶୀଘ୍ର ଶୋଇବାକୁ ସକ୍ଷମ କରିଥାଏ । ଉତ୍ତମ ନିଦ୍ରା ଗୁଣବତ୍ତା ଉନ୍ନତ ମନୋଭାବ, ଚାପ ହ୍ରାସ କରିଥାଏ, ଆପଣଙ୍କ ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରିଥାଏ ଏବଂ ଆପଣଙ୍କ ଭୋକ ଏବଂ ହରମୋନକୁ ନିୟନ୍ତ୍ରଣ କରିଥାଏ । ବ୍ଲାକଆଉଟ୍ ପରଦା, ଆଖି ମାସ୍କ ଏବଂ ଇଲେକ୍ଟ୍ରୋନିକ୍ ଆଲୋକ ଉତ୍ସ ଅପସାରଣର ମିଶ୍ରଣ ଏକ ଉପଯୁକ୍ତ ନିଦ୍ରା ପରିବେଶ ସୃଷ୍ଟି କରିଥାଏ । ଲାଇଟ୍ ଅଫ୍ କରି ଅନ୍ଧାରରେ ଶୋଇବା ଦ୍ୱାରା ହୃଦୟକୁ ଲାଭ ମିଳିଥାଏ । ଗବେଷଣାରୁ ଜଣାପଡିଛି କି, ଶୋଇବା ସମୟରେ ଯେକୌଣସି ଆଲୋକ ଉପସ୍ଥିତି ମସ୍ତିଷ୍କ ଚାପ ସୃଷ୍ଟି କରେ । ମସ୍ତିଷ୍କ ଚାପ ପ୍ରତିକ୍ରିୟା ଧମନୀ ପ୍ରବାହ ସୃଷ୍ଟି କରେ, ଯାହା ଦୀର୍ଘ ସମୟ ମଧ୍ୟରେ ହୃଦଘାତ ଏବଂ ଷ୍ଟ୍ରୋକର ବିପଦ ବୃଦ୍ଧି କରେ। ୧୦ ବର୍ଷର ଗବେଷଣା ଅଧ୍ୟୟନରୁ ଜଣାପଡିଛି ଯେ, ଯେଉଁମାନେ ଶୋଇବା ସମୟରେ ଆଲୋକ ସଂସ୍ପର୍ଶରେ ଆସିଥାନ୍ତି, ସେମାନଙ୍କର ହୃଦୟ ଉପରେ ପ୍ରଭାବ ପଡିବା ସମ୍ଭାବନା ଅଧିକ ଥାଏ । ହୃଦୟ ମସ୍ତିଷ୍କ ସହିତ ସିଧାସଳଖ ସମ୍ପର୍କ ବଜାୟ ରଖେ, ତେଣୁ ଧମନୀ କ୍ଷତି ବ୍ୟାପକ ସ୍ୱାସ୍ଥ୍ୟ ପରିଣାମ ସୃଷ୍ଟି କରେ । ଅନ୍ଧାରରେ ଶରୀରରେ ମେଲାଟୋନିନ୍ ସୃଷ୍ଟି ହୁଏ, ଯାହା ରକ୍ତଚାପକୁ କମ୍ କରିବାରେ ସାହାଯ୍ୟ କରେ।



## ବନ୍ୟାରେ କଳାହାଣ୍ଡି ଚାଷୀଙ୍କ ୪୩୬୮.୭୦ ହେକ୍ଟର ଧାନ ଚାଷ କ୍ଷତିଗ୍ରସ୍ତ



**ଧର୍ମଗଡ଼,୮।୧୦ (ସଂଚାର ବ୍ୟୁରୋ)ଃ** କଳାହାଣ୍ଡି ଜିଲାରେ ଗତ ସେପ୍ଟେମ୍ବର ଶେଷ ସପ୍ତାହରେ ହାତୀ ଓ ତେଲ ନଦୀରେ ବନ୍ୟା ଆସିଥିଲା। ଏଥିଯୋଗୁଁ ଜିଲାର ଜୁନାଗଡ଼, ଗୋଲାମୁଣ୍ଡା, ଧର୍ମଗଡ଼, ଭବାନୀପାଟଣା ଓ କେସିଙ୍ଗା ବ୍ଲକ୍‌ର ନଦୀ କୂଳରେ ଥିବା ଶତାଧିକ ଏକର ଧାନଚାଷ ନଷ୍ଟ ହୋଇଯାଇଛି। ଏହାକୁ ନେଇ ଚାଷୀମାନେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ଓ ରାଜସ୍ୱ ବିଭାଗର ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୨୨ ରୁ ୨୫ ମଧ୍ୟରେ ହୋଇଥିବା ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ଉପରୋକ୍ତ ବ୍ଲକ୍ ଅଞ୍ଚଳରେ ୪୩୬୮.୭୦ ହେକ୍ଟର ଚାଷ ଜମିର ଧାନ ଫସଲ କ୍ଷତି ହୋଇଛି। ଏଥିରେ ଗୋଲାମୁଣ୍ଡା ବ୍ଲକ୍‌ରେ ସର୍ବାଧିକ ୧୨୭୦ ହେକ୍ଟର, ଜୁନାଗଡ଼ରେ ୧୧୬୬ ହେକ୍ଟର, ଧର୍ମଗଡ଼ରେ ୧୦୪୬ ହେକ୍ଟର, ଭବାନୀପାଟଣାରେ ୬୩୪୭୦ ହେକ୍ଟର, କେସିଙ୍ଗାରେ ୨୨୭ ଓ କୋକସରା ବ୍ଲକ୍‌ରେ ୨୪.୪୦ ହେକ୍ଟର ଜମିର ଫସଲ ନଷ୍ଟ ହୋଇଛି। ବିଶେଷ କରି ହାତୀ ଓ ତେଲ ନଦୀରେ ବନ୍ୟା ଯୋଗୁଁ କୁନାଗଡ଼ ବ୍ଲକ ତଳମଲା ପଞ୍ଚାୟତର ସାହାଜକନା, ମସିଗାଁ, ତଳମଲା ସମେତ ମୂର୍ଲାପଦର, ପରିଆ ଗାଁ, ଚିଙ୍ଗୁଡ଼ିସର, ପାଣିଗାଁ, ଝାରବନ୍ଧ, ପରି ପରିଆଗଡ଼ ପ୍ରଭୃତି ଗ୍ରାମର ପ୍ରାୟ ହଜାରେ ଏକର ଧାନଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ବନ୍ୟା ଛାଡିବା ପରେ ବର୍ତ୍ତମାନ ଜମିର ଧାନ ଫସଲ ପଚି ନଷ୍ଟ ହେବା ସହ ବାଲିଚର ହୋଇଯାଇଛି। କିଛି ଜମିରେ ବନ୍ୟାପାଣି ଏବେ ମଧ୍ୟ ଲହଡ଼ି ମାରୁଥିବା ଦେଖିବାକୁ ମିଳିଛି। ଏହି ଗ୍ରାମଗୁଡ଼ିକର ଚାଷୀମାନେ ଗରିବ ଶ୍ରେଣୀର ହୋଇଥିବାବେଳେ ଧାର କରଜ କରି ଚାଷ କରିଥିଲେ। ଧାନ ଫସଲ ଭଲ ହୋଇଥିଲେ ସେମାନେ ଦୁଇପଇସା ପାଇବା ପାଇଁ ସ୍ୱପ୍ନ ଦେଖିଥିଲେ। ହେଲେ ହଠାତ୍ ବନ୍ୟା ଆସି ସେମାନଙ୍କ ସ୍ୱପ୍ନକୁ ଭାଙ୍ଗି ଦେଇଛି। ଏହି ବନ୍ୟା କେବଳ ଚାଷଜମି ନୁହେଁ, ସାହାଜ କନାଠାରୁ ଚିଙ୍ଗୁଡ଼ିସର ଗ୍ରାମକୁ ଯାଇଥିବା ରାସ୍ତା ମଧ୍ୟ ଧୋଇନେଇଛି। ୧୯୭୭ ପରେ ଚଳିତବର୍ଷ ଏପରି ଭୟଙ୍କର ବନ୍ୟା ଆସିଥିବା ଚାଷୀ ମାନେ କହିଛନ୍ତି। ଏ ନେଇ ଚାଷୀମାନେ କ୍ଷତିପୂରଣ ପାଇଁ ଜୁନାଗଡ଼ ତହସିଲଦାର ଓ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସରକାର ଶୀଘ୍ର କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ନ ଦିଅନ୍ତି ତା 'ହେଲେ ସେମାନେ ରାଜ୍ୟ ବାହାରକୁ ଦାଦନ ଖଟିଯିବୁ ବୋଲି ସ୍ଥାନୀୟ ଚାଷୀ ମାର୍କଣ୍ଡ ବାଣୁଆ, କୃଷ୍ଣଚନ୍ଦ୍ର ନାଗ, ବ୍ରଜ ମନହୀରା, ଦୟା ହଂସ, ଶିବ ରାମ ସୁନାନୀ ଓ ମନ୍ମଥ ପ୍ରମୁଖ କ୍ଷୋଭର ସହ କହିଛନ୍ତି। ଏ ନେଇ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବୈଠାରୁ ଦୀପଙ୍କୁ ପଚାରିବାରୁ ଗ୍ରାଉଣ୍ଡ ଜିରୋରୁ କ୍ଷୟକ୍ଷତି ରିପୋର୍ଟ ଆସିଯାଇଛି। ଏହି ରିପୋର୍ଟ ଉପରିସ୍ଥ ଅଧିକାରୀ, ସରକାରଙ୍କୁ ପଠାଯାଇଛି।

## ଓଡ଼ିଶା ବନ୍ଦଃ ବିଭିନ୍ନ ଦାବି ନେଇ କଂଗ୍ରେସ କର୍ମୀଙ୍କ ଧାରଣା

**କେସିଙ୍ଗା,୮।୧୦ (ସଂଚାର ବ୍ୟୁରୋ)ଃ** ସାରା ଓଡ଼ିଶାରେ ବନ୍ଦ ଡାକରା ପାଳନ କରାଯାଉଥିବା ବେଳେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ପାଷ୍ଟିକୁଡ଼ି ଚାରିଛକଠାରେ ମଧ୍ୟ ବନ୍ଦ ପାଳନ କରାଯାଇଥିଲା। ଏହି ଅବସରରେ ଶତାଧିକ କଂଗ୍ରେସ କର୍ମୀଙ୍କ ସହ କିଛି ସ୍ଥାନୀୟ ଲୋକେ ଏକତ୍ରିତ ହୋଇ ବନ୍ଦ ଡାକରାକୁ ସମର୍ଥନ ଜଣାଇଥିଲେ। ପାଷ୍ଟିକୁଡ଼ି ଚାରିଛକରେ କର୍ମୀମାନେ ଏକାଠି ହୋଇ ବିଭିନ୍ନ ପ୍ରସଙ୍ଗରେ ସ୍ଲୋଗାନ ଦେଇଥିଲେ। ଆନ୍ଦୋଳନକାରୀଙ୍କ ପକ୍ଷରୁ 'ଭୋଟ ବଞ୍ଚାଅ, ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ', 'ଏମ୍‌ଏମ୍‌ଡିଆର୍ ଆଇନ ରଦ୍ଦ କର', 'ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅ', 'ଜ୍ଞାନେଶ କୁମାର ଇସ୍ତଫା ଦିଅ' ଏବଂ 'ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ଦିଅ' ଭଳି ସ୍ଲୋଗାନ ଦିଆଯାଇଥିଲା। ବନ୍ଦ ପାଳନକାରୀମାନେ ବିଭିନ୍ନ ସରକାରୀ ନୀତି ଓ ପ୍ରସଙ୍ଗକୁ ନେଇ ନିଜର ଦାବି ଏବଂ ଅସନ୍ତୋଷ




ପ୍ରକାଶ କରିଥିଲେ। ବିଶେଷକରି ଭୋଟ ବ୍ୟବସ୍ଥା, ସମ୍ବିଧାନର ସୁରକ୍ଷା, ଏମ୍‌ଏମ୍‌ଡିଆର୍ ଆଇନ ଏବଂ ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ପ୍ରଦାନ ଭଳି ପ୍ରସଙ୍ଗ ନେଇ ସେମାନେ ସ୍ୱର ଉଠାଇଥିଲେ। ବନ୍ଦ ପାଳନ ସମୟରେ ଉପସ୍ଥିତ କର୍ମୀମାନେ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିଥିବା କୁହାଯାଇଛି। ପାଷ୍ଟିକୁଡ଼ି ଚାରିଛକରେ କିଛି ସମୟ ଧରି ଏକତ୍ରିତ ହୋଇ ସେମାନେ ନିଜ ଦାବି ସପକ୍ଷରେ ସ୍ଲୋଗାନ ଦେବା ସହ ବନ୍ଦ ଡାକରାକୁ ସଫଳ କରିବା ପାଇଁ ଲୋକଙ୍କ ସମର୍ଥନ ଲୋଡ଼ିଥିଲେ। ଏହି ବନ୍ଦ ପାଳନ କାର୍ଯ୍ୟକ୍ରମରେ ସଦର ବିଧାୟକଙ୍କ ପ୍ରତିନିଧି ଶେଷଦେବ ମାଝୀଙ୍କ ସମେତ ପର୍ଶୁରାମ ବାଗ, ବିଷ୍ଣୁଚରଣ ବାଗ, ମିନିକେତନ ବାଗ, କୁଳମଣି ଟାକ୍ରୀ, ପ୍ରଦୀପ ସାହୁ, ତ୍ରିଲୋଚନ କୁମ୍ଭାର, କୁମରମଣି ହରପାଲ, ଚିନ୍ତାମଣି ମାଝୀ, ଶଶୀଧର ନାଏକ, ରାଘବ ନାଏକ ଓ ଯୁଧିଷ୍ଠିର ଭଗତଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ବନ୍ଦ ଡାକରାର ପ୍ରଭାବ ପାଷ୍ଟିକୁଡ଼ି ଚାରିଛକ ଅଞ୍ଚଳର ଦୋକାନବଜାର, ଯାତାୟାତ ଓ ସାଧାରଣ ଜୀବନ ଉପରେ କେତେ ପଡ଼ିଥିଲା, ତାହା ସମ୍ପର୍କରେ ସ୍ଥାନୀୟ ସ୍ତରରେ ବିଭିନ୍ନ ମତ ରହିଛି। ତଥାପି ବନ୍ଦ ପାଳନ ସମୟରେ ଆନ୍ଦୋଳନକାରୀମାନେ ଶାନ୍ତିଶୃଙ୍ଖଳା ରକ୍ଷା କରି କାର୍ଯ୍ୟକ୍ରମ କରିଥିବା ଜଣାପଡ଼ିଛି। ସାରା ରାଜ୍ୟରେ ଦିଆଯାଇଥିବା ବନ୍ଦ ଡାକର ପ୍ରଭାବ ପାଷ୍ଟିକୁଡ଼ି ଭଳି ଗ୍ରାମାଞ୍ଚଳରେ ମଧ୍ୟ ପରିଲକ୍ଷିତ ହୋଇଥିବା ବେଳେ ସ୍ଥାନୀୟ କଂଗ୍ରେସ କର୍ମୀମାନେ ବିଭିନ୍ନ ଦାବିକୁ ନେଇ ନିଜର ମତ ରଖିଥିଲେ। ଆଗାମୀ ଦିନରେ ସମ୍ପୃକ୍ତ ପ୍ରସଙ୍ଗଗୁଡ଼ିକ ଉପରେ ସରକାର ଓ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଉଛି, ତାହା ଉପରେ ଏବେ ନଜର ରହିଛି।

## କଲେଜ ଛାତ୍ର ସଂସଦ ନିର୍ବାଚନ ବାତିଲ ସରକାରୀ ଷଡ଼ଯନ୍ତ୍ର



**ଯାଜପୁର ରୋଡ଼, ୮।୧୦ (ସଂଚାର ବ୍ୟୁରୋ)ଃ** ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ବାତିଲକୁ ନେଇ ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ଆଲୁମନି ସଭାପତି ବିଦ୍ୟାଧର ମହାନ୍ତି ତୀବ୍ର ନିନ୍ଦା କରିଛନ୍ତି। ଏହା ସରକାରୀ ଦଳର ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରି ଶ୍ରୀ ମହାନ୍ତି କହିଛନ୍ତି, ବିଜେପି ସରକାର କ୍ଷମତାକୁ ଆସିବା ପରେ ୨ ବର୍ଷ ଧରି ନିର୍ବାଚନ କରାଯାଇନାହିଁ। ପ୍ରଶାସନିକ ପ୍ରସ୍ତୁତି ବିନା ତରବରିଆ ଭାବେ ନିର୍ବାଚନ ଘୋଷଣା କରି ପ୍ରାର୍ଥୀପତ୍ର ଦାଖଲ ପୂର୍ବ ଦିନ ବାତିଲ କରିବା ଛାତ୍ରଙ୍କ ଗଣତାନ୍ତ୍ରିକ ଅଧିକାରକୁ ସଙ୍କୁଚିତ କରୁଛି। ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଦୁର୍ନୀତି, ଅର୍ଥ ହେରଫେର ଓ ଖାଲି ପଡ଼ିଥିବା ଅଧ୍ୟାପକ ପଦ ପୂରଣ ନ କରିବା ଘଟଣାକୁ ଚାପି ଦେବା ପାଇଁ ଏପରି କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଜିଲ୍ଲାର ବହୁ କଲେଜରେ ନିର୍ବାଚନ ବାତିଲ ଘଟଣା ତଦନ୍ତ ସାପେକ୍ଷ ବୋଲି ସେ ଦାବି କରିଛନ୍ତି।

## ସୁବର୍ଣ୍ଣପୁରରେ ଇଣ୍ଡି ମେଣ୍ଟର ବନ୍ଦ ଶାନ୍ତିପୂର୍ଣ୍ଣ



**ସୁବର୍ଣ୍ଣପୁର,୮।୧୦(ସଂଚାର ବ୍ୟୁରୋ)ଃ** ଇଣ୍ଡି ମେଣ୍ଟ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାର ସୁବର୍ଣ୍ଣପୁର ଜିଲ୍ଲାରେ ଶାନ୍ତିପୂର୍ଣ୍ଣ ବନ୍ଦ ରହିଛି। ଏମଏମଡିଆର୍ ଆଇନ ରଦ୍ଦ, ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ବରଖାସ୍ତ, ପାଠ୍ୟପୁସ୍ତକ ମୁଦ୍ରଣରେ ତ୍ରୁଟି ପାଇଁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ପ୍ରଭାବିତଙ୍କୁ ତୁରନ୍ତ ସହାୟତା ପ୍ରମୁଖ ୪ ଦଫା ଦାବିରେ ଇଣ୍ଡି ମେଣ୍ଟ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରା ସୁବର୍ଣ୍ଣପୁର ଜିଲ୍ଲାରେ ସଫଳ ହୋଇଛି। ବନ୍ଦ ପ୍ରଭାବରେ ସୋନପୁର ସହର ସମେତ ଜିଲ୍ଲାର ବିନିକା, ଡୁଙ୍ଗୁରିପାଲି, ଉଲ୍ଲୁଣ୍ଡା, ବୀରମହାରାଜପୁର ଓ ତରଭା ବ୍ଲକ୍ ଅଞ୍ଚଳରେ ଜନଜୀବନ ଠପ ହୋଇପଡ଼ିଥିଲା। ବନ୍ଦକୁ ସମର୍ଥନ କରି କଂଗ୍ରେସ ଓ ସହଯୋଗୀ ଦଳର କର୍ମୀମାନେ ସକାଳୁ ବିଭିନ୍ନ ପ୍ରମୁଖ ଛକ ଓ ରାସ୍ତାରେ ପିକେଟିଂ କରିଥିଲେ। ଆନ୍ଦୋଳନକାରୀମାନେ ଏମଏମଡିଆର୍ ବିଲ୍ ବିରୋଧରେ ନାରାବାଜି କରିବା ସହ ନିର୍ବାଚନ କମିଶନଙ୍କ ବହିଷ୍କାର ଦାବୀ କରିଥିଲେ। ବନ୍ଦର ପ୍ରଭାବରେ ସହରରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ବସ୍ ଚଳାଚଳ ବନ୍ଦ ରହିବା ସହ ଅନେକ ଯାନବାହନ ବିଭିନ୍ନ ସ୍ଥାନରେ ଅଟକି ରହିଥିଲେ। ଦୋକାନ, ବଜାର ଓ ବିଭିନ୍ନ ବାଣିଜ୍ୟିକ ପ୍ରତିଷ୍ଠାନ ମଧ୍ୟ ବନ୍ଦ ରହିଥିଲା। ସାଧାରଣ ଯାତାୟାତ ବ୍ୟାହତ ହେବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜିଲ୍ଲାପାଳ କାର୍ଯ୍ୟାଳୟ, ଜିଲ୍ଲା କୋର୍ଟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ମଧ୍ୟ ବନ୍ଦର ପ୍ରଭାବ ପଡ଼ିଥିଲା। ସହରର ସମସ୍ତ ସ୍କୁଲ, କଲେଜ, ବ୍ୟାଙ୍କ ଭଳି ଅନୁଷ୍ଠାନ ମଧ୍ୟ ପ୍ରଭାବିତ ହୋଇଥିଲା।

## ଇଣ୍ଡିଆ ବ୍ଲକ ଡାକରାରେ ବନ୍ଦ ସଫଳ




**ଯାଜପୁର ରୋଡ଼,୮।୧୦(ସଂଚାର ବ୍ୟୁରୋ)ଃ** ଇଣ୍ଡିଆ ମେଂଟର ମିଳିତ ଆହ୍ୱାନକ୍ରମେ କଂଗ୍ରେସ, ସିପିଆଇ(ଏମ୍) ଓ ସିପିଆଇ ପକ୍ଷରୁ ବ୍ୟାସନଗର ସହରରେ ଡାକରା ଦିଆଯାଇଥିବା ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଛି। ଏମଏମଡିଆର ସଂଶୋଧିତ ଆଇନ-୨୦୨୬ ରଦ୍ଦ, ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କ ବରଖାସ୍ତ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ବିପନ୍ନଙ୍କୁ ତୁରନ୍ତ କ୍ଷତିପୂରଣ ଦାବିରେ ଏହି ବନ୍ଦ ପାଳନ କରାଯାଇଥିଲା। ସିପିଆଇ(ଏମ୍) ଓ ସିଆଇଟିୟୁ ପକ୍ଷରୁ ସକାଳ ୬ଟାରେ ଶୋଭାଯାତ୍ରା ବାହାରି ଯାଜପୁର ରୋଡ଼ ରେଳ ଷ୍ଟେସନ ନିକଟରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସିଆଇଟିୟୁ ଜିଲ୍ଲା ସଭାପତି ତଥା ସିପିଆଇ(ଏମ୍) ନେତା ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ପନି କିସ୍କୁ, ଜୟରାମ ମୁର୍ମୁ, ମାଳତୀ ହାଁସଦା, ଲାଲମଣି ମୁଣ୍ଡା, ରଶ୍ମିରେଖା ନାଏକ, ରବୀନ୍ଦ୍ର ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପରେ ଆନ୍ଦୋଳନକାରୀ ମାନେ ଗୋପବନ୍ଧୁ ଛକରୁ ଚୋରଦା ବାଇପାସ୍ ପର୍ଯ୍ୟନ୍ତ ଶୋଭାଯାତ୍ରା କରି ଦୋକାନ ବଜାର ଓ ସରକାରୀ-ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିବାକୁ ଅନୁରୋଧ କରିଥିଲେ।

### ବାଲିଆପାଳରେ ସ୍ୱଚ୍ଛ ଭାରତ ମିଶନ ଫେଲ୍

## ବର୍ଜ୍ୟ ଘରେ ଝୁଲୁଛି ତାଲା, ଖତ ଖାଉଛି ୩ ଚକିଆ ଗାଡ଼ି

**ବାଲିଆପାଳ,୮।୧୦ (ସଂଚାର ବ୍ୟୁରୋ)ଃ** ଯେଉଁ ମହାତ୍ମା ଗାନ୍ଧୀ ସ୍ୱଚ୍ଛତାକୁ ସ୍ୱାଧୀନତା ଠାରୁ ବଡ ବୋଲି କହିଥିଲେ, ତାଙ୍କ ଜୟନ୍ତୀରେ ସାରା ଦେଶ ସ୍ୱଚ୍ଛ ଭାରତ ଦିବସ ପାଳନ କରୁଛି। ସରକାରୀ ଅଫିସରେ ବାପୁଙ୍କ ଫଟୋରେ ମାଳ, ଭାଷଣରେ ସ୍ୱଚ୍ଛତାର ଗୁଣଗାନ ହେଲେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ଗାନ୍ଧୀଙ୍କ ସ୍ୱଚ୍ଛତା ସ୍ୱପ୍ନର ଖୋଲା ହତ୍ୟା ହେଉଛି। ଏଠି ସ୍ୱଚ୍ଛ ଭାରତ ମିଶନ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଏହା ପଛର ଏକମାତ୍ର କାରଣ ହେଉଛି ବାଲିଆପାଳ ବ୍ଲକ ପ୍ରଶାସନର ଘୋର ଅବହେଳା ଓ ବିଡିଓଙ୍କ ତଦାରଖର ଅଭାବ ସ୍ୱଚ୍ଛ



ଭାରତ ମିଶନ ଆରମ୍ଭ ହୋଇଥିଲା ୨ ଅକ୍ଟୋବର ୨୦୧୪ ମସିହା ଗାନ୍ଧୀ ଜୟନ୍ତୀରେ। ପ୍ରଥମ ପର୍ଯ୍ୟାୟରେ ଖୋଲାରେ ଶୌଚ ମୁକ୍ତ ଭାରତ ପାଇଁ ଶୌଚାଳୟ ନିର୍ମାଣ ହେଲା। ପରେ କେନ୍ଦ୍ର ସରକାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କଲେ ୪ ମାର୍ଚ୍ଚ ୨୦୨୦ରେ ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ପ୍ରତି ଗ୍ରାମ ପଞ୍ଚାୟତରେ କଠିନ ଓ ତରଳ ବର୍ଜ୍ୟ ପରିଚାଳନା ବ୍ୟବସ୍ଥା କରିବା। ଏହି ଯୋଜନା ଓଡିଶାରେ ୨୦୨୦-୨୧ ଆର୍ଥିକ ବର୍ଷରୁ ଲାଗୁ ହେଲା ଏବଂ ୨୦୨୪-୨୫ ପର୍ଯ୍ୟନ୍ତ ମିଶନ ମୋଡରେ ଚାଲିଲା। ଏହି ସମୟରେ ପ୍ରତି ପଞ୍ଚାୟତକୁ କେନ୍ଦ୍ର ଓ ରାଜ୍ୟ ଅନୁଦାନରୁ ଲକ୍ଷ ଲକ୍ଷ ଟଙ୍କା ଆସିଲା। ଏହି ଯୋଜନାରେ ପ୍ରତି ପଞ୍ଚାୟତକୁ ୮ରୁ ୧୨ ଲକ୍ଷ ଟଙ୍କା ଖର୍ଚ୍ଚରେ ତିନି ଚକିଆ ଅଳିଆ ଗାଡି, ନୀଳ ଓ ସବୁଜ ରଙ୍ଗର ଅଳିଆ ଡବା, ଅଳିଆ ଅଲଗା କରିବା କୁଣ୍ଡ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଘର ତିଆରି କରାଗଲା। ସହର ଭଳି ଗାଁକୁ ସରସ ସୁନ୍ଦର କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଲା। ପ୍ରତି ଘରୁ ଅଳିଆ ସଂଗ୍ରହ, ଅଲଗା କରିବା ଏବଂ ଜୈବ ସାର ତିଆରି କରିବା ଯୋଜନା ଥିଲା। ହେଲେ ଆଜି ୫ ବର୍ଷ ପରେ ବାଲିଆପାଳ ବ୍ଲକର ବିଭିନ୍ନ ଗାଁ ସହ ମିଳିଥିବା ଗାଡିର ବାସ୍ତବ ଚିତ୍ର ଦେଖିଲେ ଆପଣ ଆଶ୍ଚର୍ଯ୍ୟ ହେବେ। ଗାଁ ଠାରୁ ବଜାର ଯାଏଁ ରାସ୍ତା କଡରେ ପଡ଼ି ରହିଛି କୁଢ କୁଢ ଅଳିଆ ଆବର୍ଜନା।

## କଂଗ୍ରେସର ୧୨ ଘଣ୍ଟା ବନ୍ଦ ଡାକରା, ସମ୍ପୂର୍ଣ୍ଣ ଜିଲ୍ଲା ପ୍ରଭାବିତ

**ଫୁଲବାଣୀ,୮।୧୦(ସଂଚାର ବ୍ୟୁରୋ)ଃ** କଂଗ୍ରେସ ନେତୃତ୍ୱ ଇଣ୍ଡିଆ ବ୍ଲକ ର ୧୨ ଘଣ୍ଟିଆ ବନ୍ଦ ଡାକରାରେ ଆଜି ଓଡିଶା ବନ୍ଦ ଅବସରରେ କନ୍ଧମାଳ ଜିଲ୍ଲା ରେ ଦୋକାନ ବଜାର, ସ୍କୁଲ କଲେଜ ଏବଂ ଜାନ ବାହାନ ଚଳା ଚଳ ସମ୍ପୂର୍ଣ୍ଣ ବନ୍ଦ। କନ୍ଧମାଳ ଜିଲ୍ଲା ସମ୍ପୂର୍ଣ୍ଣ ପ୍ରଭାବିତ। ୪ ଦଫା

**ଦୋକାନ ବଜାର, ଜାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ**

ଦାବି ନେଇ କନ୍ଧମାଳ ଜିଲ୍ଲାର ସଦର ମହକୁମା ରେ କର୍ମୀ ମାନେ ବସ ଷ୍ଟାଣ୍ଡ, ମାଦିକୁନ୍ଦା ଛକ, ଗାନ୍ଧୀ ଛକ ଆଦି ବିଭିନ୍ନ ସ୍ଥାନରେ ପିକେଟିଙ୍ଗ କରାଯାଉଥିଲା, ଭୋଟ ବଞ୍ଚାଓ, ସମ୍ବିଧାନ ବଞ୍ଚାଓ, ଦେଶ ବଞ୍ଚାଓ ନାରା ଦିଆଯାଉଥିଲା। ମୁଖ୍ୟ ଦାବି ଗୁଡିକ ମଧ୍ୟ ରୁ ଏମ ଏମ ଡି ଆର ବିଲ ରଦ୍ଧ କରାଯାଉ, ଜ୍ଞାନେସ କୁମାର ଙ୍କ ଇସ୍ତଫା, ଗଣ ଶିକ୍ଷମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ଇସ୍ତଫା, ବନ୍ୟା ବିପନ୍ନ ଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯାଉ ଏହି ଦାବି ଗୁଡିକ ନେଇ କଂଗ୍ରେସ



ରାଜରାସ୍ତାରେ ଓହ୍ଲାଇଛି ବୋଲି ଜିଲ୍ଲା ସଭାପତି ଚନ୍ଦ୍ର ଶେଖର ପରିଡ଼ା, ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ଜିଲ୍ଲାରୁ ସଂଯୋଗ କରୁଥିବା ବ୍ରହ୍ମପୁର, ବଲାଙ୍ଗୀର ସମସ୍ତ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ହୋଟେଲ, ଦୋକାନ ବଜାର ସ୍କୁଲ, କଲେଜ ସମ୍ପୂର୍ଣ୍ଣ ବନ୍ଦ ବ୍ୟାଙ୍କ, ପୋଷ୍ଟ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିଥିବାର ଦେଖିବାକୁ ମିଳିଛି। ବନ୍ଦ ଡାକରାରେ ଜିଲ୍ଲା ଠପ ହୋଇପଡ଼ିଛି। ଏହି ଅବସରରେ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ପୂର୍ବତନ ସାଂସଦ ରାଧାକାନ୍ତ ଦିଗାଲ, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ଜିଲ୍ଲା କଂଗ୍ରେସ କମିଟି ଉପ ସଭାପତି ବିଜୟ କୁମାର ମହାନ୍ତି, ହେମନ୍ତ କୁମାର କର, ନାଗର କଂଗ୍ରେସ କମିଟି ସଭାପତି ସୁବାଷ ଚନ୍ଦ୍ର ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ବସନ୍ତ କୁମାର ପାଢ଼ୀ, ନନ୍ଦ କିଶୋର ଦାସ, ଦୁର୍ଯ୍ୟୋଧନ ପଟ୍ଟନାୟକ, କୋଷାଧକ୍ଷ ସରୋଜ କୁମାର ପ୍ରଧାନ, ଜିଲ୍ଲା ଛାତ୍ର କଂଗ୍ରେସ କମିଟି ସଂଯୋଜକ ଅନୁପମ କହଁର, ରାଷ୍ଟ୍ରୀୟ ମଜଦୂର କଂଗ୍ରେସ କମିଟି ଜିଲ୍ଲା ସଭାପତି ଘନ ଶବର, ପୂର୍ବତନ ଜିଲ୍ଲା ସଭାପତି ଅନାମ ନାୟକ, ଫୁଲବାଣୀ ସହର ପରିକ୍ରମା କରି ପିକେଟିଙ୍ଗ କରି ଶାନ୍ତି ଶୃଙ୍ଖଳାରେ ବନ୍ଦକୁ ସଫଳ କରିଥିଲେ।

## ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ଏବିଭିପି ପକ୍ଷରୁ ପ୍ରାର୍ଥୀ ଘୋଷଣା

**ଧର୍ମଶାଳା,୮।୧୦(ସଂଚାର ବ୍ୟୁରୋ)ଃ** ଧର୍ମଶାଳା ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ପାଇଁ ଆଜି ଏବିଭିପି ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଏନେଇ ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଆସନ୍ତା ୧୫ ତାରିଖ ଦିନ ହେବାକୁ ଥିବା ନିର୍ବାଚନକୁ ଆଖି ଆଗରେ ରଖି ଧର୍ମଶାଳା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ଲାଗି ଏବିଭିପି ପକ୍ଷରୁ ସଭାପତି ଭାବେ ଦିବ୍ୟରଞ୍ଜନ ନାୟକ, ଉପସଭାପତି ଭାବେ ସ୍ୱାଧୀନ ସ୍ୱାଇଁ, ସାଧାରଣ ସମ୍ପାଦକ ଭାବେ ସ୍ୱୟଂଶ୍ରୀ ଖଟୁଆ, ସହ ସମ୍ପାଦକ ଭାବେ ରାଜଶ୍ରୀ ସାମଲ, କ୍ଲାସ ରିପେଣ୍ଟିଭ ଭାବେ ପ୍ରଭାତ କୁମାର ରାଉତ, ନାଟ୍ୟ ସମ୍ପାଦକ ଭାବେ ଶୁଭଦର୍ଶିନୀ ବଳ, ନାଟ୍ୟ ସହ ସମ୍ପାଦକ ଭାବେ ଓମପ୍ରକାଶ ରାଉତ, ନାଟ୍ୟ ସଂସଦ କ୍ଲାସ ରିପେଣ୍ଟିଭ ଭାବେ ଋତୁରାଣୀ କର, କ୍ରୀଡା ସମ୍ପାଦକ ଭାବେ ଗୌତମ ବେହେରା, କ୍ରୀଡା ସହ ସମ୍ପାଦକ ଭାବେ ପ୍ରଗତିକା ମୁଦୁଲି, କ୍ଲାସ ରିପେଣ୍ଟିଭ ଭାବେ ଦୀପାଂଶୁ ପଲେଇ, ବିଜ୍ଞାନ ସଂସଦ ସମ୍ପାଦକ ଭାବେ ଅର୍ଘ୍ୟରୁପା ପାଣିଗ୍ରାହୀ, ବିଜ୍ଞାନ ସଂସଦ ସହ ସମ୍ପାଦକ ଭାବେ ମୃତ୍ୟୁଞ୍ଜୟ ପୂଜା ସମ୍ପାଦକ ଭାବେ ଶୁଭମ ପ୍ରକାଶ ପାଢ଼ୀ, ପୂଜା ସହ ସମ୍ପାଦକ ଭାବେ ସୋମ୍ୟରଞ୍ଜନ ରାଉତ, ପୂଜା କ୍ଲାସ ରିପରେଣ୍ଟିଭ ରଞ୍ଜିତ ମହାନ୍ତି, ପ୍ରମୁଖ ପ୍ରାର୍ଥୀଙ୍କ ନାମ ଆଜି ଘୋଷଣା କରାଯାଇଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ଯୁବ ସଂଗଠକ ରାଜେଶ ପାଳ, ଅଭିଷେକ ସବ୍ୟସାଚୀ ସୁନ୍ଦରରାୟ, ପୂର୍ବତନ ଛାତ୍ର ସୁନୀଲ ରାଉତ ଓ ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସୂଚନା ପ୍ରଦାନ କରିଥିଲେ।

## ଦେବେନ୍ଦ୍ର ପାଇଲେ 'ଉପଖଣ୍ଡ ସ୍ତରୀୟ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର'



**ବୈଶିଙ୍ଗା,୮।୧୦(ସଂଚାର ବ୍ୟୁରୋ)ଃ** ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ୍ ଆମ୍ବଗଡ଼ିଆ ପଞ୍ଚାୟତ ଭଗବାନପୁର ଗ୍ରାମର ପିତା- ଚକ୍ରଧର ଆଚାର୍ଯ୍ୟ ଓ ମାତା - ଗୀତାଞ୍ଜଳି ଆଚାର୍ଯ୍ୟଙ୍କ ଏକ ମାତ୍ର ପୁତ୍ର ଦେବେନ୍ଦ୍ର। ପିଲାଟି ଦିନରୁ ବିଦ୍ୟାଳୟରେ ପଢିବା ସମୟରେ ସମାଜ ପାଇଁ କିଛି କରିବାର ଇଚ୍ଛା ନେଇ ଆଗକୁ ବଢ଼ିଛନ୍ତି। ନୀଳମଣି ମହାବିଦ୍ୟାଳୟ, ରୂପ୍ସା ରେ ଉଚ୍ଚଶିକ୍ଷାରେ ଅଧ୍ୟୟନ କରିବା ସମୟରେ ଜାତୀୟ ସେବା ଯୋଜନାରେ ଅଂଶଗ୍ରହଣ କରି ସମାଜସେବା, ନିଶା ନିବାରଣ, ପରିବେଶ ସୁରକ୍ଷା, ରକ୍ତଦାନ ଏମିତି ଅନେକ କିଛି କାର୍ଯ୍ୟକୁ ନିଜ ଜୀବନର ବ୍ରତଭାବରେ ଗ୍ରହଣ କରିଥିଲେ, ପରିବେଶ ସୁରକ୍ଷା, ବନ୍ୟପ୍ରାଣୀ ସଂରକ୍ଷଣ ତଥା ସମାଜସେବା ପାଇଁ ନିକଟରେ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଠାରୁ ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭାବନର ଗଣତନ୍ତ୍ର ମଣ୍ଡପରେ ପୁରସ୍କାର ପ୍ରାପ୍ତ ହୋଇଥିଲେ। ମାତ୍ର ୨୪ ବର୍ଷ ବୟସରେ ଏହିପରି ପରିବେଶ ସୁରକ୍ଷା, ପାଞ୍ଚ ଶହରୁ ଅଧିକ ବୃକ୍ଷ ରୋପଣ ସହ ତାକୁ ବଞ୍ଚେଇ ରଖିଛନ୍ତି, ଏଥି ସହ ସ୍ୱାସ୍ଥ୍ୟ ସେବା, ବନାଗ୍ନି ସଚେତନତା , ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ, ଗଜସୁରକ୍ଷା ସଚେତନତା, ଖଇରୀ ବ୍ୟାଘ୍ର ସୁରକ୍ଷା ଅଭିଯାନ,ସ୍ୱଚ୍ଛ ଭାରତ ଅଭିଯାନ ଭଳି ଅନେକ ଜନସଚେତନତା କାର୍ଯ୍ୟକ୍ରମ ମାନକରି ଅକ୍ଟୋବର ୦୭ ତାରିଖ ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ଅବସରରେ ମୟୂରଭଞ୍ଜ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟର ସଂକଳ୍ପ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହରେ ମୁଖ୍ୟ ଅତିଥି ଓଡ଼ିଶା ସରକାରଙ୍କ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ ଶ୍ରୀଯୁକ୍ତ ଗଣେଶ ରାମ୍ ସିଂ ଖୁଣ୍ଟିଆଙ୍କ ଙ୍କ ସହ ଶିମିଳିପାଳ ବନ୍ୟପ୍ରାଣୀ ବିଭାଗର ଉପ ନିର୍ଦ୍ଦେଶକ ଏବଂ ମୟୂରଭଞ୍ଜ ଜିଲ୍ଲାର ପାଞ୍ଚଜଣ ବନଖଣ୍ଡ ଅଧିକାରୀ ଓ ବାଲେଶ୍ୱର ଜିଲ୍ଲାର ବନଖଣ୍ଡ ଅଧିକାରୀଙ୍କ ଇତ୍ୟାଦି ଅତିଥିଙ୍କ ଗହଣରୁ ଦେବେନ୍ଦ୍ର ବନ୍ୟପ୍ରାଣୀ ସଂରକ୍ଷଣ ଓ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ" ଉପଖଣ୍ଡ ସ୍ତରୀୟ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର - ୨୦୨୬ ସମ୍ମାନରେ ପ୍ରମାଣପତ୍ର ସହ ଅର୍ଥରାଶିରେ ସମ୍ମାନିତ ହୋଇଛନ୍ତି ।

## ଇଣ୍ଡିଆ ମେଣ୍ଟର ଓଡ଼ିଶା ବନ୍ଦ ଆହ୍ୱାନ, ମୟୂରଭଞ୍ଜ ଜିଲ୍ଲାରେ ପ୍ରଭାବ

**ବାରିପଦା,୮।୧୦(ସଂଚାର ବ୍ୟୁରୋ)ଃ** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଏମ୍ ଏମ୍ ଡି ଆର୍ ସଂଶୋଧନ ଆଇନ୍, ୨୦୨୬କୁ ରଦ୍ଦ, ଅଗଣତାନ୍ତ୍ରିକ ଓ ଏକଛତ୍ରବାଦୀ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ପଦରୁ ବରଖାସ୍ତ ସହିତ ତାଙ୍କ ବିରୋଧରେ ଉଠିଥିବା ସମସ୍ତ ଅଭିଯୋଗର ସ୍ୱତନ୍ତ୍ର ତଦନ୍ତ ନିର୍ଦ୍ଦେଶ, ରାଜ୍ୟର ଅବନତିଶୀଳ ଶିକ୍ଷା ବ୍ୟବସ୍ଥା ପାଇଁ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଓ ବନ୍ୟା ପ୍ରଭାବିତ ଜନଗଣଙ୍କୁ ତୁରନ୍ତ ସଠିକ୍ କ୍ଷତି ପୂରଣ ଓ ସହାୟତା ପ୍ରଦାନ ପ୍ରମୁଖ ୪ ଟି ଦାବିରେ ୧୨ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ମୟୂରଭଞ୍ଜ ବନ୍ଦ ବାରିପଦା ସମେତ ଜିଲ୍ଲାର ଅନ୍ୟ ସ୍ଥାନମାନଙ୍କରେ ପ୍ରଭାବ ଦେଖିବାକୁ ମିଳିଅଛି। ଜିଲ୍ଲାବାସୀ ସମର୍ଥନ ଜଣାଇଥିବାରୁ ଇଣ୍ଡି ବ୍ଲକର ସହଯୋଗୀ ଦଳ ସିପିଆଇ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ସିପିଏମ ର ସାଥୀ ରବି ଗୋସ୍ୱାମୀ ଜିଲ୍ଲାର ଜନଗଣଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଜିର ବନ୍ଦରେ କଂଗ୍ରେସ ର ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଆଇନଜୀବୀ ଶାନ୍ତନୁ ପାଲ, ଯୋଗେଶ ଓଗ୍ରୱାଲ, ସିପିଆଇ ପକ୍ଷରୁ ଶ୍ରୀକାନ୍ତ ସାମଲ, ଉତ୍ତମ ବେହେରା, ତରୁଣ ମହାନ୍ତ, ମହେଶ୍ୱର ବେହେରା ପ୍ରମୁଖଙ୍କ ସମେତ କଂଗ୍ରେସ ଓ ସିପିଆଇ ର କର୍ମୀମାନେ ସାମିଲ ଥିଲେ।

### ● ଧର୍ମଗଡ଼ରେ ଓଡିଶା ବନ୍ଦର ପ୍ରଭାବ

## ଗାଡି ମୋଟର ଚଳାଚଳ ବନ୍ଦସହ ଦୋକାନ ବଜାର ବନ୍ଦ, ସାଧାରଣ ଜୀବନ ଯାତ୍ରା ପ୍ରଭାବିତ



**କଳାହାଣ୍ଡି,୮।୧୦(ସଂଚାର ବ୍ୟୁରୋ)ଃ** ଇଣ୍ଡି ମେଣ୍ଟ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଆହ୍ୱାନର ପ୍ରଭାବ କେବଳ ସହରାଞ୍ଚଳରେ ଦେଖିବାକୁ ମିଳିଥିବା ବେଳେ ଗ୍ରାମାଞ୍ଚଳରେ ଏହାର ପ୍ରଭାବ ପ୍ରାୟ ଶୂନ ରହିଥିଲା। ବନ୍ଦ ଯୋଗୁଁ ଧର୍ମଗଡ଼ ସହରର ବିଭିନ୍ନ ଦୋକାନବଜାର, ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ବନ୍ଦ ସମର୍ଥନରେ କଂଗ୍ରେସ, ସିପିଆଇ, ସମାଜବାଦୀ ପାର୍ଟି ଓ ସମର୍ଥକମାନେ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରି ଦୋକାନବଜାର ବନ୍ଦ ରଖିବା ସହ ବନ୍ଦକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଧର୍ମଗଡ଼ ଚାରିଛକ ଠାରେ ଆନ୍ଦୋଳନକାରୀମାନେ ଜାତୀୟ ରାଜପଥ ୧୩୦ସି ରାସ୍ତା ଅବରୋଧ କରିଥିବାରୁ ସକାଳ ୬ ଟା ରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଯାତାୟାତ ଠପ୍ ହୋଇଯାଇଥିଲା। ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ-୨୦୨୬ ପ୍ରତ୍ୟାହାର, ଏସ୍‌ଆଇଆର୍ ପ୍ରସଙ୍ଗରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ପାଠ୍ୟପୁସ୍ତକରେ ତ୍ରୁଟିକୁ ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରି ଆନ୍ଦୋଳନକାରୀ ମାନେ ନାରାବାଜି ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ବନ୍ୟା ପ୍ରଭାବିତ ଲୋକଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ମଧ୍ୟ ଦାବି କରାଯାଇଥିଲା। ଅନ୍ୟପକ୍ଷରେ ଧର୍ମଗଡ଼ ବ୍ଲକ ର ଗ୍ରାମାଞ୍ଚଳରେ ବନ୍ଦର ସେଭଳି ପ୍ରଭାବ ପରିଲକ୍ଷିତ ହୋଇନଥିଲା।

## ଲୋକଙ୍କ ଅଭିଯୋଗ ଶୁଣିଲେ ବିଧାୟକ

**ପାଟଣା,୮।୧୦(ସଂଚାର ବ୍ୟୁରୋ)ଃ** କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତରେ ଗୁରୁବାର 'ସେବା ସେତୁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଡିଓ ମାନସ କୁମାର ଦଣ୍ଡପାଟ ଓ ତହସିଲଦାର ଅଶ୍ୱିନୀ କୁମାର ନାଏକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣି ଥିଲେ। ଏଥିରେ ତୁରୁମୁଙ୍ଗା, ଚେମଣା ଓ ବୁଢ଼ୀକାପୁଡ଼ି ପଞ୍ଚାୟତର ଲୋକେ ଯୋଗଦେଇ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ଆବାସ ଯୋଜନା, ଆଧାର କାର୍ଡ ଓ ଜମିଜମା ସମ୍ପର୍କିତ ବିଭିନ୍ନ ସମସ୍ୟା ଜଣାଇଥିଲେ। ଏହି ଅବସରରେ ଅତିରିକ୍ତ ତହସିଲଦାର ରବିଶଙ୍କର ହେମ୍ବ୍ରମ, ବ୍ଲକ ଶ୍ରମ ଅଧିକାରୀ ଅମରେଶ କର, ଏପିଓ ମଧୁସୂଦନ ପ୍ରଧାନ, ଯୋଗାଣ ଅଧିକାରୀ ଦେବରାଜ ଭୋଇ, ବିପିସି ସୁରେନ୍ଦ୍ର ନାଥ ଖଣ୍ଡା, ବିଆର୍‌ସି ଜମାଲୁଦ୍ଦିନ ଖାନ୍‌ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

### ସହର ମଧ୍ୟରେ ଡ୍ରେନ୍ ନିର୍ମାଣ

## ସଙ୍କୁଚିତ ହେଉଛି ରାସ୍ତା

**ସୁବର୍ଣ୍ଣପୁର,୮।୧୦(ସଂଚାର ବ୍ୟୁରୋ)ଃ** ସୋନପୁର ସହର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥ ୫୭ କଡ଼ରେ ଚାଲିଥିବା ଡ୍ରେନ୍ ନିର୍ମାଣ କାମକୁ ନେଇ ଏବେ ବୁଦ୍ଧିଜୀବୀ ମହଲ ଓ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସହର ର ତହସିଲ ଅଫିସ ଛକ ଠାରୁ ଏସଡିପିଓ ଅଫିସ ସାମନା ଦେଇ ପୁରୁଣା ହସ୍ପିଟାଲ ଛକ ପଟକୁ ବର୍ତ୍ତମାନ ନିର୍ମାଣ ହେଉଥିବା ଡ୍ରେନ କାମକୁ ବିରୋଧ କଲେଣି ଜନସାଧାରଣ ତଥା ବୁଦ୍ଧିଜୀବୀ। ଦିନକୁ ଦିନ ସୋନପୁର ସହରର ଜନସଂଖ୍ୟା ଓ ଯାନବାହାନ ଚଳାଚଳ ବୃଦ୍ଧି ପାଉଥିବା ବେଳେ ରାସ୍ତା ଚଉଡ଼ା କରିବା ନିହାତି ଆବଶ୍ୟକ। ହେଲେ ଏଠାରେ ଓଲଟା



ଚିତ୍ର ଦେଖିବାକୁ ମିଳିଛି। ରାସ୍ତା କଡ଼କୁ ଖୋଳି ଡ୍ରେନ୍ ନିର୍ମାଣ କରାଯିବା ଫଳରେ ମୁଖ୍ୟ ରାସ୍ତା ଆହୁରି ସଙ୍କୁଚିତ ହୋଇଯାଇଛି। ଫଳରେ ନିତିଦିନ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି ଓ ଦୁର୍ଘଟଣା ଆଶଙ୍କା ବଢ଼ିଛି। ରାସ୍ତା ଚଉଡ଼ା କରାଯିବା ସହ ଡ୍ରେନ ନିର୍ମାଣ ହୋଇଥିଲେ ସହର ବାସୀ ଉପକୃତ ହୋଇଥାନ୍ତେ ବରଂ ଏହା କେବଳ କାମ ପାଇଁ ଆସିଥିବା ଟଙ୍କା ଖାଇବା ପାଇଁ କାମ ହେଉଥିବା ବୁଦ୍ଧିଜୀବୀ ଅଭିଯୋଗ କଲେଣି। ସହରରେ ନୂତନ ଭାବରେ ନଳିନୀ ଛକ ଠାରୁ ମାଣିକେଶ୍ୱରୀ ମନ୍ଦିର ଛକ ଏବଂ ବଲାଙ୍ଗୀର ରାସ୍ତାରେ ବ୍ଲକ ଛକ ଠାରୁ ଝିଙ୍କୀ ଛକ ପଟକୁ ନିର୍ମାଣ ଡ୍ରେନ ଯୋଗୁଁ ରାସ୍ତା ସଙ୍କୁଚିତ ହୋଇଯାଇଛି। ଏହା ସହିତ ନିର୍ମାଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ ମଧ୍ୟ ଆସିଛି। ରାସ୍ତା ଚଉଡ଼ା ନ କରି ବରଂ ସଙ୍କୁଚିତ ହୋଇଥିବା ବେଳେ ଡ୍ରେନ ନିର୍ମାଣ ରେ ସମାନ ଚଉଡ଼ା ରାସ୍ତା ନ କରି ଯେଉଁଠି ଟ୍ରାନସଫର୍ମର କିମ୍ବା ଦୋକାନ ଗୃହ ଅଛି ସେହି ସ୍ଥାନରେ ରାସ୍ତା ଉପରକୁ ୫ ରୁ ୭ ଫୁଟ୍ ଉପରକୁ ମାଡ଼ି ଆସିଛି ଡ୍ରେନ।